ନୀଳ ଆଖିର ମାୟା

ସୁରେଶ ଝୋଟରାୟ

Source: Author, Digitized by PPRACHIN, SOA

ନୀଳ ଆଖିର ମାୟା



ସୁରେଶ ଛୋଟରାୟ

Source: Author, Digitized by PPRACHIN, SOA

ନୀଳ ଆଖିର ମାୟା

କଥାକୃତି

କଥାକାର : ସୁରେଶ ଛୋଟରାୟ

ପ୍ରକାଶକ : କାହାଣୀ, କଲ୍ୟାଣୀ ନଗର, କଟକ-୧୩ ■ ପ୍ରଚ୍ଛଦପଟ : ବିଜୟ ପ୍ରଧାନ ■ ମୁଦ୍ରଣ : ଟେକ୍‌ନୋ ଆର୍ଟସ ଅଫ୍‌ସେଟ୍, କଲ୍ୟାଣୀନଗର, କଟକ-୧୩ ■ ମୂଲ୍ୟ : ଟ. ୬୫/-

ପ୍ରଥମ ସଂସ୍କରଣ : ଦୋଳପୂର୍ଣ୍ଣିମା ■ ୨୦୦୩

NILA AAKHIRA MAYA

A collection of short stories

by **Suresh Chhotray**

Publisher : **Kahani**, Kalyani Nagar, Cuttack-13 ■ Cover design : **Bijaya Pradhan** ■ Printed at **Techno Arts Offset**, Kalyani Nagar, Cuttack-13 ■ Price : **Rs. 65/-**

First edition : **Dolapurnima** ■ **2003**

Source: Author, Digitized by PPRACHIN, SOA

ଉତ୍ସର୍ଗ :

ପପୂ ଓ ସାନୁ ହାତରେ...

ଶ୍ରଦ୍ଧାର ସହ

ବାପା

Source: Author, Digitized by PPRACHIN, SOA

ସୃଷ୍ଟି ସମ୍ଭାର

ଗଳ୍ପ ସଂକଳନ :

ମୋ ଶବ ଓ ଅନ୍ୟାନ୍ୟ ଗଳ୍ପ

ସମୟ ସ୍ୱପ୍ନ

ନିଜେ ନିଜ ସାମ୍ନାରେ

ନୀଳ ଆଖିର ମାୟା

ନିବଂଧ :

ବୀଣାପାଣି ଗଳ୍ପମାନସ

କିଛି ଅଛପା କଥା

ଯୋଗାଯୋଗ :

ଡକ୍ଟର ସୁରେଶ ଛୋଟରାୟ

ପାଟବଂଧ, ଖୋର୍ଦ୍ଧା-୭୫୨୦୬୫

Source: Author, Digitized by PPRACHIN, SOA

ସାଧନାର ସାବରମତୀରେ

ସେଇ ମୋ ଗାଁ–

ଖୋରଧା ଖାସମାହାଲ ପାଞ୍ଚଗଡ଼ର ଶେଷସୀମା ଏବଂ ଖଣ୍ଡପଡ଼ା ରାଜ୍ୟ ଯେଉଁଠୁ ଆରମ୍ଭ ହୋଇଛି ସେଇ ଦୋସମାଳିରେ ମୋ ପ୍ରିୟ ଗାଁ ପାଟବଂଧ । ଦୂରରୁ ଦେଖିଲେ ଦେଖିହେବ ଋମ୍‌ଝୁମ କିଶୋରୀଟିଏ ବୁଢ଼ୀମା କୋଳରେ ବସି ଗଳ୍ପ ଯେମିତି ଶୁଣୁଛି । ତିନିପଟୁ କୋଳେଇ ନେଇଛି ସବୁଜିମାଭରା ପାହାଡ଼ ଏବଂ ପାହାଡରୁ ବୋହି ଆସି ଆସିଥିବା କୁନି କୁନି ଝରଣାର ସମାହାର ନଈଟିଏ । ଗେହ୍ଲେଇ ଝିଅଟିଏ ପରି ସାରାବର୍ଷ ଏଇଠି ଥିବ ଏଇଠି ନାହିଁର ଲୁଚକାଳି ଖେଳରେ ମାତିଥାଏ ଏବଂ ମୁଣ୍ଡରେ ଆବୁରୁଜାବୁରୁ ମେଞ୍ଚାଏ ଅଯତ୍ନ ଚୂଳ ପରି ଗାଁର ଦୁଇ ମୁଣ୍ଡରେ ଗହଳ ଆମ୍ବତୋଟାରୁ ପତ୍ରଟିଏ ପଡ଼ି ସୃଷ୍ଟି ହେଉଥିବ ଶବ୍ଦଟିଏ... ବଉଳ ଫୁଲର ମହମହ ବାସ୍ନା ମହକି ଯାଉଥିବ କାହିଁ କେତେ ଦୂରକୁ । ମଂଦିର ପାଖ କିଆକେତକୀର ବାସ୍ନା ମତୁଆଲା କରି ପକାଉଥିବ କୁଆଁରୀ ମନକୁ । ବାଡ଼ିପଟ ବାଉଁଶ ବୁଦାକୁ ଛୁଇଁ ଯାଉଥିବ ସେଇ ନଈର ସରୁଧାର ଏବଂ ତାରି ଭିତରୁ ଶୁଭୁଥିବ କୁମ୍ଭାଟୁଆର ଡାକ । ସଂଜ ହେଲେ ବିଲୁଆ ନନାର ହୁକେ ହୋ ରଡ଼ି । ଗଉଡ଼ ପୁଅର ଘର ଲେଉଟାଣି ବଂଶୀର ସ୍ୱର । ଓଲେଇ ଗାଈ ବେକରେ ଝୁଲୁଥିବା ଟୀପାର ଅଜବ ଶବ୍ଦ ଖେଦିଯାଉଥିବ କାହିଁ କେତେ ଦୂରକୁ । ପାଖ ପାଖ ଗାଁକୁ । ମଂଦିରରୁ ଶୁଭୁଥିବ ଘଣ୍ଟ । ସଂଜ ନଇଁ ଆସୁଥିବ । ନଡ଼ା ଛପର ଘର ଉପରେ ପେଟେଇ ପଡ଼ିଥିବା ନାଉ କଖାରୁ ଡଙ୍କ ସିଧାରେ ସଂଜୁଆ ଚୂଲିରୁ ଉଠୁଥିବା ଧୂଆଁ ଭସାମେଘର ବାଦଲ ପରି ଉଡ଼ିଯାଉଥିବ ଚାଳକୁ ଚାଳ ଅଥବା ନଡ଼ିଆ ଗଛ ଉପରକୁ । ଜହ୍ନିଫୁଲ ଠୋ ଠା । ଭାଗବତ ପାଠ ସାଂଗକୁ ଖଂଜଣିରେ ଶୁଭିଯାଉଥିବ ମନବୋଧ ଚଉତିଶା ପଧାନଘର ଖଂଜାରୁ ।

ପ୍ରହରାଜ ଘର ପିଣ୍ଡାରେ ତାଳପତ୍ର ପୋଥିରୁ ନୃସିଂହ ପୁରାଣ ନ ହେଲେ ଅନଂଗ ନରେଂଦ୍ରଙ୍କ ରାମଲୀଳା ବୋଲା ହେଉଥିବ । କେବେ କେବେ ଗାଁ ମଝି ଦାଣ୍ଡରେ ନ୍ୟାୟ ନିଶାପ ବସି ଖାଁ ଖାଁ ସଂଚରି ଯାଉଥିବ ଗାଁର ଏମୁଣ୍ଡରୁ ସେ ମୁଣ୍ଡଯାଏ । ରାତିବେଶା ହେଲେ ଭୈରବୀ ଡାକିବ କହି ପିଲାଙ୍କୁ ଶୁଆଇ ଦେବାବେଳକୁ ଅଫିମିଆ ରାତି କୋଳେଇ ନେବ ଗାଁକୁ । ସୁନା ପିଲାଟି ପରି ଶୋଇପଡ଼ିବ ମୋ ଗାଁ ।

ମଶା ଡାଆଁସ ତଡ଼ିବାକୁ ଓଦା ନଡ଼ାରେ ନିଆଁ କୁହୁଳେଇବା ବେଳକୁ ଗାଁ ଚଉକିଆ ହାଡୁ ବେହେରାକୁ ପଚାରିବ, "କଣ ଏ ଯାଏ ଶୋଇ ନାହାଁନ୍ତି କି ବେହେରାପୁଅ ।" ଆଜ୍ଞା

Source: Author, Digitized by PPRACHIN, SOA

ଡରିବେନି । ମୁଁ ଆଗକୁ ଯାଉଛି । ଆଗକୁ ଦୁଇପାଦ ଯାଇ ଗାଁ ଚଉକିଆ ଇଂଦର ନାହାକ ଡାକଟାଏ ମାରିବ, ହୁସିଆର... ହୁସିଆର । ମଣିଷଉଚ୍ଚା ଠେଙ୍ଗା ଉଚେଇଁ ଘଉଡ଼େଇ ଦେବ ବୁଲା କୁକୁର ଦଳକୁ । ଅଦଉତି କରୁଥିବା ମହାଦେବଙ୍କ ଷଣ୍ଢକୁ ଖେଦିଆଣି ବାଂଧି ଦେବ ନୂଆ କ୍ଲବଘର ପାଖରେ । ତାପରେ ସବୁ ଚୁପ୍ ଚାପ, ନୀରବତା ଛାଇଯିବ ଚାରିଆଡ଼େ ।

ଦୋଳାମେଳଣଘରୁ ଝୁଲଣାଯାତ । ବୁଢ଼ୀ ଠାକୁରାଣୀଙ୍କ ପାଖେ ଯନ୍ତାଳ ଭୋଗରୁ ଦେବସ୍ନାନ ପୂର୍ଣ୍ଣିମା । ଭାଦ୍ରବର ଓଷେଇରତିମାନଙ୍କ ଖୁଦୁରୁକୁଣୀ ପାଇଁ ରାତି ଅଧରୁ ମାଳତୀଫୁଲ ତୋଳା । କୁମାର ପୂର୍ଣ୍ଣିମାର ଫୁଲ ବଉଳ ବେଣୀ, ଅଳଣା ଓଷାର ଅଟକାଳି । ଗୟସ ଫୁଲରେ କାର୍ତ୍ତିକର ନାମସଂକୀର୍ତ୍ତନ ଝାଂଜ ମୃଦଙ୍ଗ ସାଂଗକୁ ମାଣବସା ଝୋଟି ପଡୁଥିବ ମଗୁଶିରରେ । ଗଦେଇ ହୋଇ ପଡୁଥିବ ଖୋଲାମେଲା ମାଟିଲିପା ଖଳାରେ ମେଞ୍ଚା ମେଞ୍ଚା ସୁନାଫୁଲ । ମାଘର ଶୀତ ବାଘ ପରି ମାଡ଼ି ଆସିବା ବେଳକୁ ବଉଳଫୁଲର ବାସ୍ନା ମହକି ଯାଉଥିବ ଗାଁ ଗୋହିରୀ ।

ଏମିତି ଲେଖିଲେ ସରିବନି । ତେବେ ମୋ ଗାଁ ଏମିତି ଏକ ଗାଁ ଯେଉଁଠି ଏତେ ଛୋଟ ଗାଁଟିରେ ବି ଗୋଟେ ଗାଁରୁ ଯାହା ମିଳିବା କଥା ସହଜରେ ଅନୁଭବ କରିହେବ । ସତ କହିବାକୁ ଗଲେ ମୋର ଏ ଛୋଟ ଗାଁଟିରେ ଯାହା ନାହିଁ, ତାହା ନାହିଁ ଅନ୍ୟ କେଉଁ ଗାଁରେ । ଯାହାଙ୍କ ପାଇଁ ଏଇ ଅଖ୍ୟାତ ପଲ୍ଲୀ ଗାଁ ବିଖ୍ୟାତ ଥିଲା ସେ ହେଉଛନ୍ତି ଗାଁ ମହାଦେବ ପଣ୍ଡିମେଶ୍ୱର । କାହିଁ କେତେ ଦୂରରୁ ଲୋକଙ୍କ ସୁଅ ଛୁଟେ । ସତ୍ୟ ନ୍ୟାୟ ପାଇଁ ସମସ୍ତେ ନିୟମ କରିବାକୁ ଏଠାକୁ ଆସନ୍ତି । କୋର୍ଟ କଚେରୀ, ଥାନାର ଆବଶ୍ୟକତା ପଡ଼େ ନାହିଁ । ସବୁ ଆପଣାଛାଏଁ ପଣ୍ଡିମେଶ୍ୱରଙ୍କ କରୁଣାରୁ ହୋଇଯାଏ । ଦୋଷୀ ଦୋଷ ସ୍ୱୀକାର କରେ । ଏବଂ ସେଇଠି ସବୁ ରଫାନାମା ହୋଇଯାଏ । ଏତେ ଲୋକଙ୍କ ସ୍ପର୍ଶରେ ଧନ୍ୟ ହୋଇଯାଏ ମୋ ଗାଁ ଓ ବିଖ୍ୟାତ ହୋଇଯାଏ ଦିନକୁ ଦିନ ।

ସବୁଠୁ ମଜା କଥାଟି ହେଲା, ଯେଉଁ ଗାଁକୁ ମୋ ପିଲାଦିନେ ଭଲ ରାସ୍ତାଟିଏ ନଥିଲା, ସେ ଗାଁରେ ଆଜକୁ ତିରିଶବର୍ଷ ତଳେ କେହି ଟିପ ଦେବା ଲୋକ ନଥିଲେ । ସମସ୍ତେ ଥିଲେ ସାକ୍ଷର । ଏବେ ଗାଁରୁ ପିଚୁ ରାସ୍ତା ଲଂବିଯାଇଛି ରାଜଧାନୀ ଭୁବନେଶ୍ୱର । ଆଉ ସକାଳ ସଂଜରେ ଗାଡ଼ି ।

ଏନ୍ତୁଡ଼ି ଶାଳର କଥା :

ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରାର ବାହୁଡ଼ା ଏକାଦଶୀ, ବାପା ସଂଜ ଗଡ଼େଇ ଶେଷ ପୂଜା ସାରି ଉଜେଇ ଦେବାକୁ ପ୍ରସ୍ତୁତ ହେଉଥିଲେ । ସେଇବେଳେ କୁଆଁ କୁଆଁ ଶବ୍ଦ ଶୁଭିଲା । ଭଣ୍ଡାରୀଘର ମାଆ ଯିଏ ଆମ ଭାଇ ଭଉଣୀଙ୍କ ଯତ୍ନ ନିଏ ଓ ବୋଉକୁ ସାହାଯ୍ୟ କରେ ବାପାଙ୍କୁ କହିଲା- "ମାଳବୋଉର ପୁଅ ହୋଇଛି ।" ବାପା ଖୁସିରେ ଫାଟି ପଡ଼ିଲେ । କହିଲେ, "ଏ ପିଲା ଜଗନ୍ନାଥଙ୍କ ଆଶୀର୍ବାଦ ନେଇ ଆସିଛି ।"

ନୁଟୁଖୁଟୁ ଖରାବେଳା :

ଧୂ ଧୂ ଖରାବେଳେ ବି ମୁଁ କେବେ ଶୁଏନା । କିଛି ନା କିଛି ନୁଟୁଖୁଟୁ ଚାଲିଥାଏ । ବଡ଼ ଅପା ଜବରଦସ୍ତ ମାଡ଼ିବସି ଶୁଆଇ ଦେବାକୁ ଚେଷ୍ଟା କରେ । ସେ ଜାଣିପାରେନା । ମଉକାଦେଖି ମୁଁ ଛୁ । ବେଳେ ବେଳେ ଭଣ୍ଡାରୀଘର ମାଆ ଦ୍ୱାରା ମାଗୁଣିବାଡ଼ିରୁ ପିଜୁଳି ଆତ ମଗେଇ

Source: Author, Digitized by PPRACHIN, SOA

ଲାଈଦିଏ ଅନ୍ତତଃ ଦ୍ୱିପ୍ରହରଟା ଶୋଇଯିବାକୁ- ବୋଉ ପାଖେ ଅଝଟ ହୁଏ ବୋଲି ଦିନେ ଳଂଗଳା ପିଲାଟାକୁ କାଖେଇ ନେଇଗଲା ସ୍କୁଲକୁ । ସେଇଠୁ ଆରମ୍ଭ ହେଲା ଖଡ଼ିଛୁଆଁ ।

ବିଦ୍ୟା ମଂଦିରର ବିଦ୍ୟାର୍ଥୀ:

ଗାଁ ସ୍କୁଲର ଛୋଟା ଗୁରୁଜୀ, ସମସ୍ତଙ୍କର ପ୍ରିୟ; କଥାରେ କହନ୍ତି- ଯାହାଠି ତାଙ୍କ ଛାଟ ବାଜିଛି ସେ ମଣିଷ । ନ ବାଜିଥିବା ପିଲା ଏବେ ହଳ କରୁଛି ନ ହେଲେ ସୁରଟରେ କାମ କରୁଛି । କଥାଟା ଏକଦମ୍ ସତ । ଛୋଟା ଗୁରୁଜୀଙ୍କର ଶାରୀରିକ ଅକ୍ଷମତା ଯୋଗୁ ସ୍କୁଲରେ ରହନ୍ତି । ବିନା ପାରିଶ୍ରମିକରେ ମଣିଷ ଗଢ଼ନ୍ତି । ତେଣୁ ଗାଁରେ ତାଂକର ଖାତିର ବେଶୀ ଏବଂ ତାଙ୍କର ଅଖଣ୍ଡ କ୍ଷମତା । ସେ ପିଲାଙ୍କୁ ଯେମିତି ଶାସନ କଲେ ବି କେହି କହିବାର 'ଯୁ' ନଥାଏ । ଛୋଟା ଗୁରୁଜୀଙ୍କ ଠାରୁ ପାଠ ପଢ଼ି ସାରି ଅନ୍ୟ ସ୍କୁଲରେ ଉପର ଶ୍ରେଣୀରେ ପଢୁଥିଲେ ବି ତାଙ୍କ ଶାସନ କୋହଳ ହୁଏନି । ସାମ୍ନାରେ କେବେ କେମିତି ଭେଟ ହୋଇଗଲେ, ପଚାରି ନିଅନ୍ତି ପଢ଼ା ଖବର ଏବଂ ଠିକ୍ ଜାଣିପାରନ୍ତି କାହାର ଦୌଡ଼ କେତେ । ବେଳେ ବେଳେ ଭଲ ପଢୁଥିବା ପିଲାମାନଙ୍କୁ ଘରୁ ଡକେଇ ପଢ଼ା ଖବର ବୁଝନ୍ତି । ଉପଦେଶ ଦିଅନ୍ତି । ଆମ୍ଭେମାନେ ଏତେ ଭୟଙ୍କର ଯେ, ଏବେ ଯଦି କେହି ପଛରେ ତାଳି ମାରି ଚମକେଇ ଦିଏ 'ହେଇ ଛୋଟା ଗୁରୁଜୀ ଆସିଲେ', ତେବେ କଲମଟା ଆପେ ଖସିପଡ଼ିବ । କେବଳ ତାଂକର ଆତ୍ମୀୟତା, ଶ୍ରଦ୍ଧା ଏବଂ ଆମ୍ଭମାନଙ୍କର ସମ୍ମାନ, ଭକ୍ତି, ଆଜ୍ଞାଧୀନତା ଯୋଗୁ । ଆମ୍ଭମାନଙ୍କ ଉପରେ ଏପରି ଏକ ଛାପ ପଡ଼ିଯାଇଛି ଏବଂ ହୃଦୟରେ ଏପରି ଏକ ସମ୍ମାନ ଜନକ ସ୍ଥାନରେ ସେ ଅଛନ୍ତି ଯେ, ଗୁରୁ ବା ଶିକ୍ଷକ କହିଲେ ପ୍ରଥମେ ଆସିବେ ଛୋଟା ଗୁରୁଜୀ । ତାଂକର ଉତ୍ସର୍ଗୀକୃତ ମନୋଭାବର ମଧ୍ୟ ତୁଳନା ନାହିଁ । ଶାସନ କରନ୍ତି ଯେମିତି ସ୍ନେହ ଓ ଆଦର କରନ୍ତି ସେମିତି । ଚିର ନମସ୍ୟ ମୋ ଗୁରୁଜୀ ।

ତୃତୀୟ ଶ୍ରେଣୀ ପଢ଼ିବା ବେଳକୁ ମୁଁ ଶ୍ରୁତଲିଖନ ଓ ଗଦ୍ୟ ଆବୃତ୍ତି ପ୍ରାୟତଃ ନିର୍ଭୁଲ ଏବଂ ଠିକ୍ ଲେଖିପଢ଼ି ପାରୁଥିବାରୁ ଛୋଟା ଗୁରୁଜୀ ଭଲ ପାଆନ୍ତି ଏବଂ ସେ କିପରି ଧାନଚାଷ ବିଷୟରେ ସାତଫାଳର ରଚନା ଲେଖି ପାରୁଛନ୍ତି କହନ୍ତି । କ୍ରମେ ଅନ୍ୟ ବହି ପଢ଼ିବା ଏକ ପ୍ରକାର ନିଶାରେ ପରିଣତ ହୋଇଗଲା । ପଞ୍ଚମ ଶ୍ରେଣୀ ବେଳକୁ ନନାଙ୍କ କାଠ ଆଲମାରିରେ ତାଂକ ପଢ଼ାବହି 'ସାହିତ୍ୟ କୁସୁମ' ଠାରୁ ଅପାଙ୍କରେ ଶାଶୁଘର ନେବାକୁ ସାଇତି ଥିବା 'ଟୀକା ଗୋବିନ୍ଦଚନ୍ଦ୍ର' ପର୍ଯ୍ୟନ୍ତ ପଢ଼ିସାରି ଥାଏ ।

ଖରା ଛୁଟି କିଂବା ଅନ୍ୟ ଛୁଟି ଗାଁରେ କଟେ । ଖରାବେଳା ଗଡ଼େଇ ଦେବାକୁ ବୁଢ଼ା/ ବୟସ୍କ ଲୋକମାନେ କେତେଜଣ ଗାଁ ଶେଷମୁଣ୍ଡ ମାଳିଘର ପିଣ୍ଡାରେ ବସିପଡ଼ନ୍ତି । ଏଇଠି ପିଲାଙ୍କ ପାଠପଢ଼ା ଠାରୁ ପ୍ରଧାନମନ୍ତ୍ରୀ ପର୍ଯ୍ୟନ୍ତ ଆଲୋଚନା ହୁଏ । ଏବଂ ଆରମ୍ଭ ହୁଏ ତାଙ୍କ ଅଙ୍ଗେଲିଭା କାହାଣୀ । ତାହା ଚାଷ ସଂପର୍କୀୟ ହେଉ କିଂବା ଶଗଡ଼ ଗାଡ଼ିରେ ରାତ୍ରିକାଳୀନ ଚମତ୍କାର ଅନୁଭୂତି ହେଉ । ଏ ସବୁ ଆମ ପିଲାମାନଙ୍କୁ ଗପ ପରି ଲାଗେ । ଏଣୁ ଖରାବେଳ ଏଇଠି କଟେ । ସେ ସବୁ ଶୁଣି ଶୁଣି ବୋଧହୁଏ ପରୋକ୍ଷରେ ମୋ ମନ ଭିତରେ ଗଳ୍ପର ଛାଞ୍ଚ ପଡ଼ିଯାଇଥିଲା ସେବେଠୁ ।

Source: Author, Digitized by PPRACHIN, SOA

ଦୂର ଗାଁ : ମାମୁଁ ଘର ଗାଁ :

ଗାଁ ପାଠ ଦିନେ ସରିଗଲା ଏବଂ ମୋ ବସ୍ତାନି ବଂଧା ହୋଇଗଲା । ନନା ମୋତେ ନେଇ ଆସିଲେ ମାମୁଁଘର ଗାଁକୁ ଯେଉଁଠି ସେ ଥିଲେ ପ୍ରଧାନ ଶିକ୍ଷକ ।

ତେବେ ମୋ ଗାଁଠୁ ମାମୁଁଘର ଗାଁ ଥିଲା ସଂପୂର୍ଣ୍ଣ ଅଲଗା । ଯଦିଓ ମାମୁଁ ଘରର ବାସ୍ନା ନିଆରା । ଏ ଗାଁରେ ଦେଖିଲି ଥୋକାଏ ଭୋକିଲା ମଣିଷଙ୍କ ଛବି । ଗରିବ ମଣିଷଙ୍କୁ ବହୁତ ନିକଟରୁ ଦେଖିଲି । ବଞ୍ଚିବାକୁ ଦିନରାତି ଅହରହ ସଂଗ୍ରାମ ଚଳେଇଛନ୍ତି । ସ୍କୁଲ ସାମ୍ନା ହତାରେ ପଥୁରିଆର ପଥର ଚକି, ପେଷା ସହିତ ସକାଳୁ ସଂଜଯାଏ ପେଶି ହୋଇ ଯାଉଥିବା ଦୃଶ୍ୟ ମୋମନରେ ମାମୁଁଘର ଗାଁ ପ୍ରତି ସେତିକି ମମତା ଆଣିପାରୁନଥିଲା । ଏବଂ ବେଳକୁ ବେଳ ଏଇ ପଥୁରିଆଙ୍କ ପଥର ସହିତ ସଂଗ୍ରାମ, ଠକ୍ ଠକ୍ ଶବ୍ଦ ମୋତେ ଆନମନା କରିପକାଉଥିଲା । ସେଥିପାଇଁ ଅଧିକାଂଶ ସମୟ ପାଠ ନ ପଢ଼ି ଝରକାରେ ସେଇ ଶବ୍ଦକୁ ଓସ୍ତଗଛର ପତ୍ର ହଲିବାର ଦୃଶ୍ୟରେ ହଜି ଯାଉଥିଲି । ଗଛରୁ ପତ୍ରଟିଏ ପଡ଼ିବାର ଦୃଶ୍ୟକୁ ନିରୀକ୍ଷଣ କରୁଥିଲି । ସକାଳୁ ସଂଜ ଯାଏ ସ୍କୁଲ ପାଖ ମେହନତି ମଣିଷଙ୍କୁ ଆସ୍ତେ ଆସ୍ତେ ବୁଝୁ ବୁଝୁ ମାମୁଁଘର ଗାଁର ଝୁଲଣ ଯାତରେ ହଜିଗଲି । ଆସ୍ତେ ଆସ୍ତେ ଭଲ ଲାଗିଲା ନେଳିଆ ପୋଖରୀ, ଶିବ ମଂଦିର, ବଉଳ ଗଛ, କଦମ୍ବଫୁଲ । ଅନ୍ତରଙ୍ଗ ଜହ୍ନରାତି ।

ଷଷ୍ଠଶ୍ରେଣୀ ପଢ଼ିବା ବେଳକୁ ନନା ଘରୋଇଭାବେ ବି.ଏ. ପରୀକ୍ଷା ଦେଉଥାଆନ୍ତି । ଏଣୁ କ୍ଲାସରେ ସମୟ ପାଇଲେ ତାଙ୍କ ପଢ଼ାବହି 'ପ୍ରଣୟ ବଲ୍ଲରୀ' ଠାରୁ 'ରେଳ ଉପରେ ଚିଲିକା ଦର୍ଶନ' ଇତ୍ୟାଦି ପଢ଼ି ଆମ୍ଭମାନଙ୍କୁ ବୁଝାଇ ଦେଉଥିଲେ । ଏବଂ ଆମେ ଆସ୍ତେ ନୂଆ ନୂଆ ବହି ସହିତ ପରିଚିତ ହୋଇଯାଉଥିଲୁ । ନାନା ବେଳେ ବେଳେ ଛଂଦ କବିତା ଲେଖନ୍ତି ଏବଂ ଅନ୍ୟକୁ ଶୁଣାନ୍ତି । ସେଥିରୁ କିଛି କବିତା ପ୍ରକାଶ ମଧ୍ୟ କରନ୍ତି । ସେତେବେଳେ ମୋର ଜଣେ ମାମୁଁ (ଗେଣ୍ଡୁଆ ମାମୁଁ) କବିତା ଲେଖି ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ କରୁଥାଆନ୍ତି । ଏ ସବୁ ଦେଖିବା ପରେ ପଦକୁ ପଦ ଯୋଡ଼ି କବିତା ଲେଖିବାକୁ ଇଚ୍ଛା ହେଲା । ହେଲେ ବାହାରକୁ ପଠେଇ ପାରିଲି ନାହିଁ- କାରଣ କବିତା ଲେଖୁଛି ବୋଲି ଧରାପଡ଼ିଲେ ଅସୁବିଧା । ସମସ୍ତଙ୍କ ଧାରଣା ଥାଏ, ପାଠ ପଢ଼ା ଛାଡ଼ି ଏସବୁ କରିବା କିଂବା ଉପନ୍ୟାସ ଇତ୍ୟାଦି ପଢ଼ିବା ଅର୍ଥ ଏଇଟା ତିନି ପାଞ୍ଚିରୁ ଗଲା । ଏହା ହାତରେ ପାଠ ହେବନି । ଭୟରେ କବିତା ପତ୍ର ପତ୍ରିକୁ ପଠେଇବାକୁ ସାହସ କୁଳଉ ନଥାଏ । ହେଲେ ଲୁଚେଇ ଲୁଚେଇ କବିତା ଡାଳ ମେଲି ଚାଲେ । ଆଗକୁ ଆଗକୁ । ଶୂନ୍ ଶାନ୍ ନିଛାଟିଆ ଖରାବେଳେ ଅଥବା ରଣିଫୁଲିଆ ଜହ୍ନ ରାତିରେ ।

କବିତାରେ ବ୍ଲାକ୍‌ମେଲ :

କବିତା ଲେଖୁଛି ବୋଲି ଧରାପଡ଼ି ଯିବାର ଭୟ ସାଂଗକୁ କବିତାଟି କିପରି ହୋଇଛି ଏବଂ କାଳେ ଖରାପ ହୋଇଥିବ ଭୟରେ ସମସ୍ତଙ୍କୁ ଲୁଚେଇ ନ ରଖିଲେ ଅସୁବିଧା । ହେଲେ ସବୁଠୁ ମଜା କଥାଟି ହେଲା ମୋଠୁ ବୟସ୍କ କେତେଜଣଙ୍କ ହାବୁଡ଼େ ଏ କବିତା ପଡ଼ିଯିବାର ଭୟ । ବିଶେଷ କରି ମାମୁଁ ଏବଂ ମୋ ମାଉସୀ ପୁଅ ଭାଇଙ୍କ ହାତରେ ଧରାପଡ଼ିଯିବାର ଅହେତୁକ ଭୟରୁ ମୁଁ ମୁକୁଳି ପାରେନା । କେତେଥର ଧରାପଡ଼ିଛି । ଯେତେ କାକୁତି ମିନତି ହେଲେ ବି ତାଙ୍କର ଧମକ ଥାଏ- "ଆବେ ଦେ ପୋଡ଼ ଅଢ଼େଇଶ" । ନ ହେଲେ ଯାକୁ

Source: Author, Digitized by PPRACHIN, SOA

ନନାଙ୍କୁ ଦେଇଦେବୁ । ନନାଙ୍କ ଡରରେ ମୋର ଆଉ ଉପାୟ ନଥାଏ । ରାଜି ହୋଇଯାଏ । ଥରକୁ ଥର ଏମିତି ଧରାପଡ଼ି ବ୍ଲାକମେଲ ହେଉଥିବା ଯୋଗୁ କବିତା କେବଳ ଚିଠିରେ ଲେଖିଲି । ହେଲେ ପତ୍ର ପତ୍ରିକାରେ ଛପାଇବା ନିଶା ମୁଣ୍ଡରୁ ଓହ୍ଲେଇ ନଥାଏ ।

ଫୁଲ ଫୁଟେ କେତକୀ :

ଦିନେ ଆକାଶବାଣୀର ଶିଶୁ ସଂସାର ବିଭାଗରେ ମୋ କବିତା 'ହୋଲି'ର ଆବୃତ୍ତିଟି ଶୁଣିଲି । ସେତେବେଳକୁ ମୁଁ ଟା ଟା ନେହୁର ଶିଶୁ ସଂସାର ଟିଏ ଗଢ଼ିଥାଏ । ଖୁସିର ସୀମା ରହିଲାନି । ହେଲେ ଏଇ ଖୁସି ମୋ ହାତରେ ବେଶୀ ସମୟ ରହିଲାନି । କାରଣ କାହାକୁ ଦେଖେଇ ହେବ ? କେବଳ ସେଇ ସମୟରେ ଯିଏ ଶୁଣିଥିବ ସିନା । ତେଣୁ ବେଶୀ ସମୟ ଖୁସି ନ ରହି ଆସ୍ତେ ଆସ୍ତେ ବରଫ ଭଳି ତରଳି ଗଲା । ମୋ ହାତମୁଠା ଶୂନ୍ୟ ହୋଇଗଲା । ତେବେ ଏଇ ନିଶା ମନରେ ଅଧିକରୁ ଅଧିକ ଜାଗା ମାଡ଼ି ବସିଲା, ଲୁଚେଇ ଲୁଚେଇ ଦୁଇ ତିନୋଟି କବିତା 'କଳିଂଗ'ର କିଶୋର ବିଭାଗକୁ ପଠେଇଦେଲି ଏବଂ ଦୁଇ ସପ୍ତାହ ପରେ 'କଳିଂଗ'ରୁ ମୋ ଲେଖାର ପ୍ରାପ୍ତି ସ୍ୱୀକାର ଓ ପ୍ରକାଶ ପାଇବ ବୋଲି ଚିଠିଟିଏ ପାଇଲି । ଖୁବ୍ ଖୁସି ଲାଗିଲା । ହେଲେ ଏମିତି ଏକ ମଫସଲ ଗାଁରେ ମୋ କବିତା ଛାପା ଅକ୍ଷରରେ ଦେଖିବି କେମିତି ? ଏ ଗାଁକୁ 'ସମାଜ' ଛଡ଼ା ଅନ୍ୟ ପତ୍ରପତ୍ରିକା ଆସେନି । ବହୁତ ଚିନ୍ତାକରି ବୋଉଠୁ ଘରୁ ଆସିଲା ବେଳେ ଆଣିଥିବା ପଇସାକୁ ଏକାଠି କରି ମାସକ ପାଇଁ 'କଳିଙ୍ଗ' ଡାକରେ ମଗେଇ ଦେଲି । ନନା ବିରକ୍ତ ହେଲେ । ଛାପା ଅକ୍ଷରରେ ମୋ କବିତା ଦେଖିବାର ନିଶାରେ ଏତେ ମଶଗୁଲ ଥିଲି ଯେ, ନନାଙ୍କ ବିରକ୍ତି ଭାବ ମୋତେ ଛୁଇଁଲାନି । ମୁଁ ସପ୍ତାହସାରା ଅପେକ୍ଷା କରିଥାଏ ସେଇ ଦିନକୁ । ରବିବାର । କେବେ ପ୍ରକାଶିତ ହେବ ମୋ କବିତା । ଯେମିତି ବୋଉଠୁ ଆଣିଥିବା ପାଞ୍ଚ ଦଶ ମିଶେଇ କୋଡ଼ିଏ ଟଙ୍କା ମୋ ପାଇଁ ପୃଥିବୀର ସବୁ ଖୁସି ନେଇ ଆସିବ । ହେଲେ ସବୁ ଖୁସି ଆସ୍ତେ ଆସ୍ତେ ମଉଳିଯାଏ । ମାସ ସରିଯାଏ । କବିତା ଛପା ହୁଏନି । ବାରଂବାର ଶ୍ରୀ ଜ୍ଞାନୀନ୍ଦ୍ର ବର୍ମାଙ୍କ ଚିଠିଟି ପଢୁଥାଏ । ଚାହୁଁ ଚାହୁଁ ପୁଷମାସର ଖରାପରି ଚାରୋଟି ସପ୍ତାହ ସରିଯାଏ ଆଉ ମୋ ଟଙ୍କା ବି । ପରେ କେବେ ଛପା ହୋଇଥିବ ମୋର ଦେଖିବାର ସୁଯୋଗ ନଥିଲା । ଏମିତି ରହିଗଲା ମୋଠୁ ଦୂରେଇ ସବୁତକ ଖୁସି ।

ସେସମୟକୁ ଆସ୍ତେ ଆସ୍ତେ ବିଭିନ୍ନ ପତ୍ର ପତ୍ରିକା ସଂସ୍ପର୍ଶରେ ଆସିଲିଣି। ଛନ୍ଦ କବିତା ଛାଡ଼ି ଅମିତ୍ରାକ୍ଷର ଛଂଦର କବିତାରେ ମୋର ଦଖଲ ନଥିଲେ ହେଁ ଲେଖିବା କସରତ ଚାଲିଥାଏ । ଚଢ଼ା ଉତୁରା ଅଂକପରି ଉପରୁ ଚଢ଼ି ପୁଣି ଖସି ପଡୁଥାଏ । ବହୁ କସରତ କରିବା ପରେ ଚାରି / ପାଞ୍ଚଟି କବିତା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇଲା । କିଛି ପାଠକ/ ପାଠିକାଙ୍କଠୁ ପ୍ରଶଂସା ପତ୍ର ପାଇଲି । ହେଲେ ମୋତେ ଆଦୌ ଖୁସି ଲାଗିଲାନି । କାରଣ ମୋର କାହିଁକି ମନେହେଲା ସେଇ କବିତାରେ ଥିବା ପ୍ରତିଟି ଶବ୍ଦ ମୋର ନୁହେଁ । ଅନ୍ୟ କବିତାରୁ ଶବ୍ଦ ସବୁ ଚୋରି ହୋଇ ଆସିଛି । ତା'ଛଡ଼ା ମୁଁ ଯାହା କହିବାକୁ ଚାହୁଁଛି, ଏଭଳି କବିତାରେ ମୁଁ କ୍ଷେତ୍ର ପାଉନି । ମୋ ଭିତରେ ଉବୁଟୁବୁ ହେଉଥିବା ଶବ୍ଦକୁ ମୁଁ ପ୍ରକାଶ କରିପାରୁନି । ଠିକ୍ ଏଇ ସମୟରେ ନାଟ୍ୟକାର ରମେଶ ପାଣିଗ୍ରାହୀଙ୍କ ସାନଭାଇ ସୁରେଶ ପାଣିଗ୍ରାହୀଙ୍କ ଠାରୁ ଏକ ଅନୁରୋଧ ପତ୍ର ପାଇଲି । ସେ ଲେଖିଥିଲେ ତାଂକ ପତ୍ରିକା 'ଋତୁ' ପାଇଁ ଗଳ୍ପଟିଏ ଦେବାକୁ । ବହୁ ପୂର୍ବରୁ ଗଳ୍ପଟିଏ

Source: Author, Digitized by PPRACHIN, SOA

ଲେଖିଥିଲି । ଯାହାରେ ନାଆ ମନେ ନାହିଁ । ହଠାତ୍ ଗଳ୍ପ ପାଇଁ ଆସିଥିବା ଅନୁରୋଧ ମୋତେ ବ୍ୟସ୍ତ ବିବ୍ରତ କରି ପକାଇଲା ଏବଂ ଗଳ୍ପ ଲେଖା ଆରମ୍ଭ କରୁ କରୁ ମୋର କାହିଁକି ମନେ ହେଲା ଗଳ୍ପ ହିଁ ପ୍ରକୃତ କ୍ଷେତ୍ର, ଯେଁଠି ମୁଁ ମୋ କଥା କହିପାରିବି । ମୋ ବୋଉର ଭାଷା ପ୍ରୟୋଗ କରିପାରିବି । ଗଳ୍ପଟିଏ ପ୍ରସ୍ତୁତ ହୋଇଗଲା । ଗଳ୍ପଟି ପଠାଇବାର ମାସକ ପରେ ଦିନେ ଡାକରେ ହଳାଦିଆ ରଂଗର ପତ୍ରିକାଟିଏ ଆସିଲା । ଯେଉଁଥିଲେ ପ୍ରକାଶିତ ହୋଇଥିଲା ମୋର ପ୍ରଥମ ଗଳ୍ପ । 'ମୃତ ଶିଶୁ ଓ ବିଗତ ସ୍ମୃତି' ପତ୍ରିକାଟିର ନାଁଟି ଦେଖୁ ଦେଖୁ ଖୁସିର ସୀମା ରହିଲାନି । ଲୁଚେଇ ଲୁଚେଇ ଅନେକ ଥର ପଢ଼ିଲି । ସାଂଗମାନଙ୍କୁ ଦେଖେଇଲି । ରାତିରେ ତକିଆ ତଳେ ଥୋଇ ଶୋଇଲି । ସେତିକିବେଳକୁ କୌଣସି ଏକ କାମରେ ପ୍ରଥମଥର ପାଇଁ ବ୍ରହ୍ମପୁର ଯାଉଥାଏ । ବାଟରେ ଛତ୍ରପୁରରେ ଦୁଇ ତିନୋଟି କ୍ୟାବିନ୍‌ରେ ଦେଖିଲି, ମୋ ଗଳ୍ପ ବାହାରିଥିବା ପତ୍ରିକାଟି ବିକ୍ରି ପାଇଁ ଟଙ୍ଗା ଯାଇଛି । ଏଇଠି ମୋ ଖୁସି ଦ୍ୱିଗୁଣିତ ହୋଇଗଲା ଓ ସେଇଠୁ ଗଳ୍ପ କଲୋନୀରେ ହଜିଯିବାକୁ ଇଚ୍ଛା ହେଲା ବାରଂବାର । ପରେ ପରେ 'ଅକ୍ଟୋପସ୍', 'ଝରାପତ୍ର' ପ୍ରଭୃତି ଗଳ୍ପ 'ଧରିତ୍ରୀ'ରେ ପ୍ରକାଶ ପାଇଲା । ଗଳ୍ପ ଲେଖା ମୋର ନିଶାରେ ପରିଣତ ହୋଇଗଲା । କବିତା ରହିଗଲା ମାମୁଁ ଘର ଗାଁ ବଉଳଗଛ ଏକଲା ଜହ୍ନରାତିରେ ଏକା ହୋଇ । ଏବେ ଖାଲି ଗଳ୍ପ ଆଉ ଗଳ୍ପ ।

ପୁରସ୍କାର ପ୍ରାପ୍ତି

ଗଳ୍ପ ଲେଖା ଚାଲିଥିଲା ଏମିତି, ହଠାତ୍ 'ମୋ ଶବ' ଗଳ୍ପ ଭୁବନେଶ୍ୱର ପୁସ୍ତକ ମେଳାରେ ୰ରବି ପଟ୍ଟନାୟକ ସ୍ମୃତି ପୁରସ୍କାର ମୋତେ ସଭିଙ୍କ ସହିତ ପରିଚିତ କରେଇ ଦେଲା ଓ ଚିହ୍ନା କରେଇ ଦେଲା ଗାଳ୍ପିକ ଭାବେ । ପରେ ପରେ ଗଳ୍ପ 'ଭଉଁରୀ' ବାରିପଦା ବହିମେଳା ପୁରସ୍କାର ମୋ ଚଲାପଥକୁ ଆହୁରି ଦୃଢ଼ୀଭୂତ କରିଦେବା ବେଳକୁ ଗଳ୍ପ ପାଇଁ 'ପ୍ରଜାତଂତ୍ର ସାହିତ୍ୟ ପୁରସ୍କାର' ମୋ ସାଧନାର ମନୋବଳକୁ ବଢ଼େଇ ଦେଲା । ଏ ସବୁର ସାମ୍ନାରେ କବିତା ପାଇଁ ପାଇ ଥିବା ରାଜ୍ୟସ୍ତରୀୟ କଲେଜ ସ୍ତରୀୟ ପୁରସ୍କାର ମୁଁ ଆସ୍ତେ ଆସ୍ତେ ଭୁଲି ଗଲିଣି ପ୍ରାୟ ।

ପ୍ରଥମ ଗଳ୍ପ ପ୍ରକାଶନ ମୋତେ ଯଥେଷ୍ଟ ଖୁସି ଦେଇଥିବା ବେଳେ ଗଳ୍ପ 'ମୋ ଶବ' ମୋ ପାଇଁ ଗାଳ୍ପିକର ସମ୍ମାନ ଆଣିଦେଇଥିଲା । ଗଳ୍ପ 'ବୁଡୁବୁ' ପାଇଁ ଅଜସ୍ର ପାଠକୀୟ ମତାମତ ପାଇଛି ।

ପାଠପଢ଼ା କେତେବେଳେ ସରିଗଲା ! ମାଟ୍ରିକ ପରେ ପରେ ଯେ ବିଦ୍ୟାର୍ଥୀ ହୋଇ ରହିଗଲି ପଦ୍ମ ବିଭୂଷଣ ଉପାଧି ପାଇବାଯାଏ ଓ ସରକାରୀ କର୍ମଚାରୀରୁ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗଦେବା ପର୍ଯ୍ୟଂତ । ଆଉ ଆପଣମାନଙ୍କୁ ନିମନ୍ତ୍ରଣ ନ ଦେଇ ଯେଉଁମାନେ ଆସିଲେ ସେମାନେ ହେଲେ ପୁଅ ପପୁ ଓ ଝିଅ ସାନୁ । ଏତେ ସବୁ ଲେଖିବା ପରେ ବି ସବୁକିଛି ବାକି ରହିଗଲା । ଜୀବନ ସାଧନାର ଅଧିକ ସିଦ୍ଧି ଅପେକ୍ଷାରେ ଏବେ ଶ୍ରାବଣର ଗଳ୍ପରେ ମୁଁ ଉବୁଟୁବୁ ଡକ୍ଟର ସୁରେଶ ଛୋଟରାୟ ।

Source: Author, Digitized by PPRACHIN, SOA

ସୂଚୀ

ନୀଳ ଆଖିର ମାୟା ■ ୧
ହାତବାକ୍ସ ■ ୮
ସମୟର ସିଢ଼ି ■ ୧୫
ଭଗବାନ ବିକ୍ରି ହେବେ ■ ୨୫
ଏ ଗଳ୍ପର ପ୍ରାୟୋଜକ ■ ୩୧
ସାଥୀ ହୋଇ ସବୁଦିନ ■ ୩୫
ଦୁର୍ଗପତନର ଦୃଶ୍ୟ ■ ୪୨
ସନାତନ ଏବେ ଗାଁକୁ ଫେରିଛି ■ ୪୮
ପଣତ କାନି ■ ୫୪
ସ୍ୱପ୍ନ ଭାଂଗିବାର ବେଳ ■ ୫୯
ର୍‌ୟାଲି ■ ୬୫
କୌଣସି ଏକ ଘଟଣାର ପୁନରାବୃତ୍ତି ■ ୭୦
ହରିବୋଲ ■ ୭୭
ଚପା ଚପା ଚରଖା ଚଲେ ■ ୮୧
ସବୁଜ ପତ୍ର ଓ ସବୁଜ ସ୍ୱପ୍ନ ■ ୯୦

■ ■ ■

Source: Author, Digitized by PPRACHIN, SOA

ନୀଳ ଆଖିର ମାୟା



ଘଟଣାସବୁ ଘଟେ ଆକସ୍ମିକ ଭାବେ । ସେଇ ଘଟଣା ବେଳେ ବେଳେ ଜୀବନର ମୋଡ଼ ବଦଳାଇ ଦିଏ, ତ ପୁଣି କେତେବେଳେ ଜୀବନସାରା ସନ୍ତୁଳି ହେବାକୁ ପଡ଼େ । ହେଲେ ସବୁ ଘଟଣା ହୃଦୟ ଭିତରେ ଅଲିଭା ଦାଗଟିଏ ଆଙ୍କିଦିଏ କାଳ କାଳକୁ । ଝୁଲନ୍ତ ବାଦୁଡ଼ି ପରି ସ୍ମୃତି ହୋଇ ଝୁଲି ପଡ଼ନ୍ତି ମନର ଶାଖାପ୍ରଶାଖାରେ ସାରା ଜୀବନ ।

ଆକାଶରେ ଆକାଶେ ବାଦଲ ଆକାଶ ସାରା ଛାଇ ଯାଇଥିଲା । ଏପ୍ରିଲ ମଧ୍ୟାହ୍ନର ଛାଇଛାଇଆ ଖରାକୁ ସାଇଁ ସାଇଁ ପବନ ଏମିତି ଛୁଟି ଯାଉଥିଲା ଯେ, ଅନୁଭବ କରି ହେଉ ନଥିଲା ଖରା କିମ୍ବା ଖରାର ସ୍ପର୍ଶ । ଦୂରରୁ ସବୁ କୁହୁଡ଼ିଆ ଦେଖାଯାଉଥିଲା । ନଡ଼ିଆ ଗଛ ବାହୁଙ୍ଗାର ମର୍ମର ଶବ୍ଦ ଲୋକମାନଙ୍କ କୋଳାହଳରେ ମିଶିଯାଉଥିଲା । କୋବଲମ୍ ଦେଖିଲା ପରେ କ୍ୟାଲେଣ୍ଡରରେ ଅଙ୍କିତ ଏହାର ଚିତ୍ରକୁ ଅନୁମାନ କରି ଓ ଶିଳ୍ପୀର ତୂଳିକୁ ମନେ ମନେ ତାରିଫ୍ କଲି । ହେଲେ କୋବଲମ୍ କିମ୍ବା ତ୍ରିଭେନ୍ଦ୍ରମର ସମୁଦ୍ରକୂଳ କେହି ମୋତେ ଆକୃଷ୍ଟ କରି ପାରିଲାନି- ଏଇଥିପାଇଁ ଯେ, ପୁରୀ ସମୁଦ୍ରବେଳର ବୟସୀ ରୂପରେ ଯିଏ ଥରେ ମତୁଆଲା ହୋଇଛି, ସେ କେବେ ଭୁଲି ପାରିବନି ତାର ଦେହର ଭୂଗୋଳକୁ । ତେବେ ପ୍ରଥମ ଦୁଃଖ ବେଳାଭୂମିର ଯେଉଁ ଅନନ୍ୟତା ଥିଲା, ତାହା ମଧ୍ୟ ଭାବୁକର ହୃଦୟକୁ ଅବଶ୍ୟ କ୍ଷଣକ ପାଇଁ ଅନ୍ୟମନସ୍କ କରିବାରେ ସଫଳ ହେବ, ଏକଥା ଅସ୍ୱୀକାର କରିହେବନି ।

Source: Author, Digitized by PPRACHIN, SOA

ଏତେ ନିକଟରେ ବି ଜଣାପଡୁ ନଥିଲା ତାର ଉପସ୍ଥିତି । ନିକଟକୁ ଗଲା ପରେ ଲାଗିଲା, ଖୁବ୍ ଶାନ୍ତ, ସରଳ ଶୈଶବ ଶେଷର ଝିଅଟିଏ ପରି ବେଶ୍ ଚୁଲ୍‌ବୁଲୀ । ଅମାନିଆ, ଅଝଟିଆ, ଖିଲିଖିଲି ହସ ପରି ଛୋଟ ଛୋଟ ଲହଡ଼ି ବେଳାକୁ ଛୁଇଁ ଯାଉଥିଲା । କୁଆଡ଼କୁ ନଜର ନଦେଇ ଫୁରକଟେ ଧାଇଁ ବୁଲୁଛି କିମ୍ବା ବାଲି ଉପରେ ବାଲିଗରଡ଼ା ଓ ପବନ ସାଥିରେ ବୋହୂ ବୋହୂକା ଖେଳ ଖେଳୁଛି । ତାକୁ ଦେଖିବା ପରେ ମନେହେଲା ଯେମିତି ଝିଅଟି ଶୈଶବରୁ କୈଶୋରକୁ ରୂପାନ୍ତରିତ ହେବାକୁ ଯାଉଛି । ଆଉ କୋବଲମ୍ । କ୍ୟାଲେଣ୍ଡରରେ ଅଙ୍କା ବେଶ୍ ଲୋଭନୀୟ ସ୍କେଚଟିଏ । ଶାନ୍ତ ପରିବେଶ । ଆକାରରେ ଖୁବ୍ ଛୋଟ । ଏ ମୁଣ୍ଡରୁ ସେ ମୁଣ୍ଡ କେଇ ପାହୁଣ୍ଡ ମାତ୍ର । ହେଲେ ସେ ଦେଖିବାକୁ ଥିଲା ଖୁବ୍ ସୁନ୍ଦରୀ । ଯାକୁ ଦେଖିଲା ପରେ ମୋର ମନେ ହେଲା ତ୍ରିଭେନ୍ଦ୍ରମର ସେଇ ଚୁଲବୁଲୀ ଝିଅଟିଏ କିଶୋରୀଟିଏ ପାଲିଟି ଯାଇଛି । ତାର ନୀଳ ଚୁନୀରେ ପବନର ଢେଉ ବେଳେବେଳେ ଦୁଷ୍ଟାମୀକରି ଛାତି ଉପରୁ ଖସେଇ ଦେଉଛି । ହସହସ ମୁହଁରେ ଲାଜ ଲାଜ ଚୋରା ଚାହାଣୀ ବାଟୋଇକୁ ବାଟବଣା କରି ପକାଉଛି । ସତେ ଯେମିତି ଏଇ ଏବେ ତା ଦେହରେ ଫଗୁଣ ଆସିଛି । ସମୁଦ୍ର ବେଳାର ନାରିକେଳ ଗଛରେ ମଧ୍ୟାହ୍ନ ସୂର୍ଯ୍ୟର ଚିକ୍ ଚିକ୍ ଖରା ତାକୁ ଆନମନା କରିପକାଉଛି । ଠାଏ ଠାଏ କେଉଁଠି ଶିଳ୍ପୀର କାନ୍‌ଭାସକୁ ଡେଇଁପଡ଼ିଛି, ତା ପୁଣି କେଉଁଠି ନୋଳିଆ ଜାଲରେ ନିଜକୁ ଛନ୍ଦି ଆକ୍ତାମାକ୍ତା ହୋଇ ଯାଉଛି । ଅଥବା ସମୁଦ୍ର କୋଳେଇ ନେଇଥିବା ଛୋଟ ପାହାଡ଼ ଉପରେ ବସିଥିବା ଯୁଗଳ ପ୍ରେମୀଙ୍କୁ ଛୁଇଁ ତାଙ୍କର ଏକାନ୍ତ ଗୋପନୀୟତାକୁ ଇତଃସ୍ତତ କରିପକାଉଛି ।

ଯାଠୁ ପୁରୀ ବେଳାଭୂମି ସଂପୂର୍ଣ୍ଣ ନିଆରା । ବେଶ୍ ବୟସୀ ଯୁବତୀ, ମତୁଆଲା କରିନେବ କ୍ଷଣିକ ଛୁଆଁରେ । ତା ଶାଢ଼ିର ନୀଳ ପଣତରେ ହଜେଇ ଦେବ । ଧୂ ଧୂ ଖରାରେ, ଝରା ଶ୍ରାବଣରେ, କନ କନ ଶୀତରେ ଅଥବା ଫୁଲ ଫଗୁଣରେ, କିନ୍ତୁ କେତେବେଳେ ସେ ଉଦାସ ନଥିବ । ଆଉ ଜ୍ୟୋସ୍ନାଭରା ରାତିରେ ସେ ଏତେ ନିବିଡ଼ତା ଭରି ଦେବ ଯେ, ଭାରି ଅଶ୍ଳୀଳ ଅଶ୍ଳୀଳ ଲାଗିବ । ଆଉ ଜୀବନର ସବୁ ଦୁଃଖ ଭୁଲେଇ ଦେବ କ୍ଷଣିକେ, କେଉଁ କାଉଁରୀ ମନ୍ତର ତାକୁ ଜଣା କେଜାଣି ?

ସେ ଦିନ କିଶୋରୀ କୋବଲମ୍‌ର ସମୁଦ୍ର ବେଳାରେ ପହଞ୍ଚିବା ପରେ ମନେ ହେଲା ଯେମିତି ପ୍ରେମ କଣ ବୁଝୁ ନଥିବା ବୋକୀ ଝିଅଟେ । ତଥାପି ତାର ମନଛୁଆଁ ହସରେ ଖସେଇ ଦେଲି ପାଦ । କେଇ ପାହୁଣ୍ଡ ଯିବା ପରେ ଅନ୍ୟାନ୍ୟ ଦୃଶ୍ୟ ଆଡ଼କୁ ମୁଁ ଆଗେଇ ଗଲି, ଏବଂ ଯେଉଁ ଘଟଣାଟି ଘଟିବାକୁ ଅପେକ୍ଷା କରିଥିଲା, ସେଇଟି ଥିଲା ବାଲୁକାଶଯ୍ୟା ଉପରେ ଶୋଇଥିବା ଜଣେ ଅନୂଢ଼ା କିଶୋରୀ ବିଦେଶିନୀର ନଗ୍ନତାକୁ ଉପଭୋଗ କରିବାକୁ ତା ଚାରିକଡ଼େ ପେଟେଇ ପଡ଼ିଥିବା ଦଳେ କଳା ମଣିଷ । ଝିଅଟି ଆକାଶକୁ ମୁହଁ କରି ଚିତ୍ ହୋଇ ସୂର୍ଯ୍ୟସ୍ନାନ କରୁଥିଲା, ତା ଦେହରେ ଆବଶ୍ୟକତା ଠାରୁ ଢେର୍ କମ କପଡ଼ା ଥିଲା । ଆକାଶପରି ତା ଖୋଲା ଦେହର ନାଭି ନିମ୍ନାଂଶରେ ଏମିତି ଏକ ପତଳା ପ୍ୟାଣ୍ଟି ପିନ୍ଧିଥିଲା, ଯେଉଁଠି ଦେହ ପ୍ରସାରିଣୀ ଝିଅଙ୍କ ଦେହରେ ଗଳୁରିବାକୁ ଉପକ୍ରମ କରୁଥିବା ହେୟାର ସ୍ପଷ୍ଟ

Source: Author, Digitized by PPRACHIN, SOA

ଜଣାପଡୁଥିଲା । ସୁସ୍ଥ ବକ୍ଷୋଜବିହୀନ ଛାତିରେ ଛୋଟ ବ୍ରା, ବାସ୍ । ଆଉ କୌଣସି କପଡ଼ା ତା'ଠି ନଥିଲା ଓ ସେ ମୁହଁ ଉପରେ ମୁଣ୍ଡର ଟୋପିକୁ ଢାଙ୍କି ଦେଇଥିଲା । ସମସ୍ତେ ତାକୁ ଦେଖୁ ଥିଲେ ହେଁ, ସେ କାହାକୁ ଦେଖୁନଥିଲା, କି କାହା ନଜର ପ୍ରତି ତାର ନିଘା ନଥିଲା । ଏକ କାଠ ତିଆରି କଣ୍ଢେଇ ପରି ତାର ଶରୀର ବାଲି ଉପରେ ପଡ଼ିଥିଲା । ମୁଁ ହଠାତ୍ ବୁଝି ପାରିଲିନି ଏଇ ଅନୂଢ଼ା କିଶୋରୀଟିର କେଉଁ ଆକର୍ଷଣରେ ଏମାନେ ଆକର୍ଷିତ ହୋଇ ଲହ ଲହ କୁକୁର ଜିଭ କାଢ଼ି ପଡ଼ିଛନ୍ତି । ଅଥଚ ସେମିତି କୌଣସି ନୂତନତ୍ୱ ନଥିଲା । କାହିଁକି କେଜାଣି ହଠାତ୍ ତା ମୁହଁ ଉପରୁ ଟୋପି ବାହାର କରି ସମସ୍ତଙ୍କ ଉପରେ ଥରେ ଆଖି ବୁଲେଇ ଆଣିବା ପରେ ମୋତେ ଦେଖି ଧଡ଼ପଡ଼ ହୋଇ ଉଠି ବସିଲା ଓ କହିଲା... ଓଃ ଆପଣ ! ମୁଁ ତାର ସେଇ କଥାକୁହା ନୀଳ ଆଖି ଦୁଇଟି ଦେଖିବା ପରେ ମୋର ମନେପଡ଼ିଗଲା ଗତକାଲି ତ୍ରିଭେନ୍ଦ୍ରମ ସମୁଦ୍ର ବେଳାର ଅନତି ଦୂରରେ କେରଳର ପ୍ରଖ୍ୟାତ ଶିଳ୍ପୀଙ୍କ ଦ୍ୱାରା ସିମେଣ୍ଟ ଓ ବାଲି ନିର୍ମିତ ଏକ ବିରାଟ ନାରୀମୂର୍ତ୍ତି ନିକଟରେ ଏ ଝିଅଟି ସହିତ ଦେଖା ହୋଇଥିଲା । ସେତେବେଳେ ତା ଦେହରେ ଥିବା ଜିନ୍ ପ୍ୟାଣ୍ଟ ଓ ଟି ସାର୍ଟ ଭିତରେ ସେ ବେଶ୍ ଭଲ ଲାଗୁଥିଲା । ପ୍ରଥମ ଦେଖାରେ ତାର ଟଣା ଟଣା ନୀଳ ଆଖି ମୋତେ ଖୁବ୍ ଆକୃଷ୍ଟ କରିଥିଲା । ଅନ୍ୟ ପର୍ଯ୍ୟଟକଙ୍କ ସହିତ ସେଇ ମୃଣ୍ମୟୀ ମୂର୍ତ୍ତିଟିକୁ ଦେଖୁ ଦେଖୁ ମୋର ମନେ ପଡ଼ିଲା ଶେଫାଳୀ । ତାରି ଭାବନାରେ ହଜିଯିବା ବେଳକୁ ଦେଖିଲି ଝିଅଟି ମୂର୍ତ୍ତିର ବିଭିନ୍ନ ଆଙ୍ଗଲରୁ ଫଟୋ ଉଠାଉଛି । ମୋ ପାଖକୁ ଚାଲି ଆସି କହିଲା : ଏଠି ଗୋଟେ ଲେଡ଼ିଜ ଷ୍ଟାଚ୍ୟୁ ପାଖରେ ଏମାନଙ୍କର ଏତେ ଭିଡ଼ କାହିଁକି ? ଏହା ଏମିତି କିଛି ଦର୍ଶନୀୟ ତ ନୁହେଁ ।

ମୋ ପାଟିରୁ ହଠାତ୍ ବାହାରି ପଡ଼ିଲା :

– ''ନାରୀର ନଗ୍ନତା ପାଇଁ ।''

ମୋ ଉତ୍ତର ତାକୁ କେତେ ସନ୍ତୁଷ୍ଟ କରି ପାରିଲା ମୁଁ ବୁଝିବା ପୂର୍ବରୁ ପୁନଃ ଝିଅଟି କହିଲା, ''ଏଠି ଭାରତରେ ଏଇ ନଗ୍ନତାକୁ ଏତେ ଗୁରୁତ୍ୱ କାହିଁକି ?''

ମୋ ଉତ୍ତରକୁ ଅପେକ୍ଷା ନକରି ସେ ଗାଡ଼ିରେ ସେତେବେଳକୁ ବସିଯାଇଥିଲା । ତେବେ ଏଇ ନୀଳନୟନା ପରଦେଶୀ ପାଖରେ ଏ ମୂର୍ତ୍ତି ମୋତେ ଆଦୌ ସନ୍ତୁଷ୍ଟ କରି ପାରିଲାନି ।

ଆଜି ହଠାତ୍ ଏମିତି ଭାବେ ଦେଖି ସେ ଆଶ୍ଚର୍ଯ୍ୟ ହେଲା ଓ ବାଲୁକା ଶଯ୍ୟାରୁ ଉଠି ଡ୍ରେସ ପିନ୍ଧିଲା । ଗତକାଲି ତା ପ୍ରଶ୍ନର ସଠିକ ଉତ୍ତର ଏଠି ତାକୁ ମିଳି ଯାଇଛି ବୋଲି ମୋତେ ଅଭିନନ୍ଦନ ଜଣେଇ ସ୍ୱଳ୍ପ ସମୟ ପାଇଁ ସମୁଦ୍ରକୂଳରେ ଭଡ଼ାନେଇଥିବା ଛୋଟ ଘରଟିକୁ ନିମନ୍ତ୍ରଣ କଲା । ଅନ୍ୟମାନଙ୍କ ସହିତ ପରିଚୟ କରିବା ବେଳେ ଯେତେବେଳେ ସେ ଜାଣିଲା ମୁଁ ଜଣେ କବି, ସେତେବେଳେ ସେ ଖୁବ୍ ଖୁସି ହେଲା । ଆମେ କଫି ପିଇଲୁ । ସେମାନଙ୍କୁ ମୁଁ ଭାରତର ଭୂଗୋଳ ସଂପର୍କରେ କିଛି ଧାରଣା ଦେଲି । ପରେ ଆମେ ନିଜ ନିଜ ହୋଟେଲକୁ ଫେରିଲୁ ।

Source: Author, Digitized by PPRACHIN, SOA

ଝିଅଟିର ନାଁ ଥିଲା ରୋମେୟା । ଏଣିକି ରୋମେୟା ମୁଁ ରହୁଥିବା ହୋଟେଲ 'ଜାକବ୍'କୁ ଫୋନ୍ କରି ଚାଲି ଆସୁଥିଲା । ଏବଂ ପରବର୍ତ୍ତୀ ଦିନର ପ୍ରୋଗ୍ରାମ ଠିକ୍ କରି ଆମେ ଆୟାପାନ ଠାରୁ କନ୍ୟାକୁମାରୀ, କୋବଲମ୍‌ରୁ କୋଚିନ୍, ଏମିତି ଅନେକ ସ୍ଥାନ ବୁଲିଲୁ । ପରୋକ୍ଷରେ ମୁଁ ତାର ଗାଇଡ୍ ହୋଇ ଯାଇଥିଲି । ମନ୍ଦିରରେ ଥିବା ନାରୀ ମୂର୍ତ୍ତି ସଂପର୍କରେ ସେ ବାରମ୍ବାର ପ୍ରଶ୍ନ କରୁଥିଲା । ମୁଁ ଅନୁମାନ କରୁଥିଲି, ଏଠି ଭାରତୀୟ ନାରୀର ସ୍ନେହ, ପ୍ରେମ, ଏକାଗ୍ରତା ଏବଂ ତାର ଜାୟା, ଜନନୀ, ଭଗିନୀ ରୂପର ଏକ ସ୍ପଷ୍ଟ ଚିତ୍ର ମୋ ଠାରୁ ସେ ଗ୍ରହଣ କରି ପାରୁନଥିଲା । ଏବଂ ତାର ଅବୁଝାପଣ ମୋତେ ସଂଦେହର ଘନ କୁହୁଡ଼ି ଭିତରକୁ ଟାଣି ନେଉଥିଲା । ମନରେ ସ୍ୱତଃ ପ୍ରଶ୍ନ ଉଙ୍କି ମାରୁଥିଲା, ରୋମେୟା ପ୍ରେମ କଣ ବୁଝିବାର ବୟସକୁ ଅତିକ୍ରମ କରି ଜାଣି ନଜାଣିବାର ଅଭିନୟ କରୁ ନାହିଁ ତ ?

କିଏ କାହା ଜାଲରେ ? ସେ ମୋ ଜାଲରେ, ନା, ମୁଁ ତା ଜାଲରେ, ଅଥବା ମୋ ନିଜ ବୁଣାଜାଲରେ ପଡ଼ିଯାଇଛି ମୁଁ ବୁଝି ପାରୁନି ? ସବୁ ଦର୍ଶନୀୟ ସ୍ଥାନ ଆମେ ବୁଲିଲୁ, ପ୍ରକୃତିର ପ୍ରାକୃତିକ ଦୃଶ୍ୟ, ଭାରତୀୟଙ୍କ ଆପଣାର ଭାବ ତାକୁ ମୁଗ୍ଧ କରୁଥିଲା । ବେଳେ ବେଳେ ଭାରତରେ ରହିଗଲେ କେମିତି ହୁଅନ୍ତା ବୋଲି ପଚାରୁଥିଲା ।

ହୋଟେଲର ନିରୋଳା ମୁହୂର୍ତ୍ତରେ ଖୁବ୍ ଆପଣାର ଲାଗୁଥିଲା ରୋମେୟା । ବେଳେ ବେଳେ ମୋ ଦେହରେ ଲଟେଇ ଯିବାବେଳେ ମୁଁ ତାକୁ ଚିତ୍‌କରି ଶୁଆଇ ଦେଉଥିଲି ଶେଯରେ । ଏବଂ ନାଭିଠୁ ଚିବୁକ ଯାଏ ଅଗଣିତ ଚୁମା ଦେଉଥିଲି, ଟିକିଏ ବି ଆପତ୍ତି ତାର ନଥିଲେ ହେଁ, କୌଣସି ପ୍ରତିକ୍ରିୟା ନଥିଲା । ନ ଥିଲା ତା ଦେହରେ ଶିହରଣ, ଉତ୍ତେଜନା, ଉଦ୍ଦିପନା କିମ୍ବା ଉଲଗ୍ନ ହେବାର ଆମନ୍ତ୍ରଣ । ସେତେବେଳେ ମୋର ସମସ୍ତ ସ୍ନାୟୁ ଉତ୍ତେଜିତ ହୋଇ ଜଣେ କାମୁକ ପୁରୁଷର ଆସନ୍ନ - ପଞ୍ଚାଶର ବିବର୍ଣ୍ଣ ସ୍ୱାକ୍ଷର କ୍ରମେ ଶିଥିଳ ହୋଇ ନପୁଂସକ ପାଲଟି ଯାଉଥିଲା । ସେ ସେମିତି ରତିକ୍ଳାନ୍ତା ନାରୀ ପରି ବିଛଣା ସହିତ ମିଶି ଯାଇଥାଏ ଗୋଟାଏ ତୁଳା ପିଣ୍ଡ ପରି, ମୋ କାମାତୁର ଚୁମ୍ବନରେ ସେ ହସୁଥାଏ ଖିଲି ଖିଲି, କେବଳ କହୁଥାଏ - ''ହ୍ୱାଟ ଟାଇପ ଅଫ ନଟି ଇଜ୍ ଦିସ୍ ? ମାଇଁ ଫ୍ରେଣ୍ଡ । - ହ୍ୱାଟ ଇଉ ଆର ଡୁଇଙ୍ଗ-ହ୍ୱାଟ ?''

ଏଇଠି ମୁଁ ବୁଝି ପାରେନି ରୋମେୟାକୁ । ଆଶ୍ଚର୍ଯ୍ୟ ଲଗେ । ଅପୁରୁଷ ପରି ଅନାରୀ, ବନ୍ଧ୍ୟା, ନପୁଂସକ, ଶକ୍ତିହୀନ, ନହେଲେ ନାରୀଟିଏ ବୁଝିପାରନ୍ତାନି ଯୌନକ୍ଷୁଧାକୁ ଏବଂ ପ୍ରତିଥର ସେ ତାକୁ ପରିଣତ କରି ଦିଅନ୍ତାନି ଯୌନ ବିତୃଷ୍ଣାରେ ।

ତଥାପି ତା ବିନା ମୋତେ କିଛି ଭଲ ଲାଗୁନଥିଲା । ଏବଂ ତା ଭିତରେ ମୁଁ ଶେଫାଳୀକୁ ପାଇଯାଇଥିଲି ଓ ମୁଁ ଏମିତି ହଜି ଯାଇଥିଲି ଯେ, ମୋ ଫେରିବା ସମୟ ଆଖର ହୋଇଯାଇ ଥିଲେ ହେଁ ମୁଁ ସଂପୂର୍ଣ୍ଣ ଭୁଲି ଯାଇଥିଲି । ଯଦିଓ ଆମେ ଜାଣିଥିଲୁ ସ୍ୱଳ୍ପ ସମୟ ପାଇଁ ଆମର ସଂପର୍କ । ତଥାପି, ପ୍ରେମଟା ଏମିତି ଯେ, ସେଠି ସମୟ, ଉଚ୍ଚ, ନୀଚ ବର୍ଣ୍ଣର ଅଙ୍କ କଷା ହୁଏନି । କାରଣ ପ୍ରେମ ତ ପ୍ରେମ କେବଳ ।

Source: Author, Digitized by PPRACHIN, SOA

ସେ ଦିନ ସକାଳୁ ସକାଳୁ ସରକାରଙ୍କଠୁ ଏକ ଜରୁରୀ ଫାକ୍ସ ପାଇ ମୋତେ ନାଗରକୋଇଲି ଆସିବାକୁ ପଡ଼ିଲା । ହଠାତ୍ ଯିବା ଖବରଟି ରୋମେୟାକୁ ଦେବାପାଇଁ ଚେଷ୍ଟା କରି ବିଫଳ ହେଲି । ସେ ରହୁଥିବା ହୋଟେଲକୁ ଗଲି । ବୁଝିଲି ସେମାନେ ସକାଳୁ ସକାଳୁ ବୁଲିବାକୁ ବାହାରି ଯାଇଛନ୍ତି । ବାଧ୍ୟହୋଇ ଛୋଟ ଚିଠିଟିଏ ରଖି ଦେଇ ଚାଲି ଆସିଲି ସିନା, କିନ୍ତୁ ଭାରି ଦୁଃଖ ଲାଗିଲା । ଶେଷ ମୁହୂର୍ତ୍ତରେ ଦେଖାହୋଇ ପାରିଲାନି । କଣ ଭାବିଥିବ ସେ । କି ଧାରଣା ନେଇଥିବ ସେ ଭାରତୀୟ ପୁରୁଷଙ୍କ ଉପରେ । ସେଇଠୁ ଫେରିଲଲି ବାଧ ବାଧକତାରେ ।

ମୋତେ ଲାଗିଲା, ରୋମେୟା ବିନା ସାରା ପୃଥିବୀଟା ଯେମିତି ବୈଧବ୍ୟ ଯନ୍ତ୍ରଣାରେ ସଢୁଛି । ରାସ୍ତା ଦୁଇ ପାଖରେ ନଡ଼ିଆ, ଗୁଆ, ରବର କଦଳୀ ଗଛର ନୀଳ ସବୁଜିମା ଭିତରେ ମୋ ଗାଡ଼ି ଚାଲିଥିଲା ଓ ତୁହାକୁ ତୁହା ମନେ ପଡୁଥିଲା ତାର ସେଇ ଆଖି ଦୁଇଟି, ଆଉ ବୋଧେ ଦେଖା ହେବନି ଏଇ ଦୁଃଖରେ । କେତେ ବିଚିତ୍ର ସତେ ଏ ସଂଯୋଗ । ନିଜକୁ ଅପରାଧୀଟିଏ ମନେ କଲି, ହେଲେ ଉପାୟ କଣ ?

ନାଗରକୋଇଲି ପହଞ୍ଚିଲା ବେଳକୁ ସଂଜ ନଇଁ ଆସିଲାଣି । ଚଳଚଞ୍ଚଳ ସହରଟିରେ ମେଞ୍ଚା, ମେଞ୍ଚା ମଣିଷ, ଏବଂ ତାର ଅପରିଷ୍କାର ପରିବେଶ ହିଁ ସୂଚେଇ ଦେଉଥିଲା ଦୁଇ ପ୍ରଦେଶ ମଧ୍ୟରେ ପ୍ରଭେଦ । ଏଠାକୁ ଆସିବା ପରେ ପରେ ରୋମେୟା ରହୁଥିବା ହୋଟେଲକୁ ମୁଁ ବାରମ୍ବାର ଫୋନ୍ କରି ବିଫଳ ହେଉଥିଲି । ରୋମେୟା ଜାଣି ଜାଣି ଫୋନ୍ ଧରିନଥିଲା । ରାଗ ଓ ଅଭିମାନରେ ଫାଟି ପଡୁଥିବ ନିଶ୍ଚୟ ।

ରୋମେୟାର ସ୍ମୃତି ପ୍ରତି ମୁହୂର୍ତ୍ତରେ ମୋତେ ରୋମନ୍ଥନ କରୁଥିଲା ଓ ମୁଁ ରୋମାଞ୍ଚିତ ହୋଇ ପଡୁଥିଲି । ଯା ଭିତରେ ସପ୍ତାହଟିଏ ବିତିଗଲାଣି । ସେମାନେ ଖୁବ୍ ଶୀଘ୍ର ଫେରିଯିବା କଥା ଶୁଣିଥିଲି, ମୋର କାହିଁକି ମନେ ହୁଏ ପ୍ଲେନଟିଏ ଆକାଶରେ ଦେଖିଲେ ରୋମେୟା ତା ଦେଶକୁ ଫେରୁଥିବ ।

ଦୁଃଖଟା ଏମିତି ଯେ, ଲମ୍ବିଯାଉଥିବ ରବର ପରି, ଚାହିଁଲେ ଲିଭିଯିବନି କି ଛିଣ୍ଡିବନି । କିଛି ସମୟ ନିଜକୁ ଓ ରୋମେୟାକୁ ଭୁଲି ଯିବାକୁ ସମସ୍ତ କାର୍ଯ୍ୟକ୍ରମ ବାତିଲ କରି ମୁଁ କନ୍ୟାକୁମାରୀ ଚାଲିଗଲି । ଏଇ ଆଶାରେ ଯେ, ମନର କିଛି ପରିବର୍ତ୍ତନ ଅନ୍ତତଃ ହୋଇଯିବ । ଏଠି ସମୁଦ୍ର ନଥିଲା ଅଶାନ୍ତ । କିନ୍ତୁ ହୃଦୟବାନ ବ୍ୟକ୍ତି ପରି ଥିଲା ଖୁବ୍ ଶାନ୍ତ,ଗମ୍ଭୀର, କିମ୍ବା କାହାକୁ କିଛି ନ କହି ଚୁପ୍ ଚାପ୍ ବସିଥିଲା ଅଭିମାନିନୀ ଝିଅଟିଏ ପରି । ବେଳେ ବେଳେ ହାତଗୋଡ଼ ଛାଟି ପିଟି ହେଉଥିଲା ପାହାଡ଼ରେ । ଏଠି ତିନିଗୋଟି ସମୁଦ୍ରର ମିଳନ ସ୍ଥଳୀ, କେହି-ଜଣେ ମୋତେ ହାତଠାରି ଦେଖାଇ ଦେଉଥିଲା ତିନି ରଂଗର ପାଣି । ଏବଂ ପୁରାଣର କନ୍ୟାକୁମାରୀଙ୍କ ଆତ୍ମଉତ୍ସର୍ଗର ଇତିହାସ । ନୀଳ ଜଳରାଶି ଭିତରେ ଦେଖାଯାଉଥିଲା ବିବେକାନନ୍ଦ ରକ୍ । ଯେଉଁଠି ସ୍ୱାମୀ ବିବେକାନନ୍ଦ ଧ୍ୟାନ କରି ଶକ୍ତି ପ୍ରାପ୍ତ ହୋଇଥିଲେ । ଧାଡ଼ି ବାନ୍ଧିଥିବା ଲୋକଙ୍କ ସହିତ ମୁଁ ବି ବସିଗଲି ମୋଟର ବୋଟ୍‌ରେ ।

Source: Author, Digitized by PPRACHIN, SOA

ଟାଇଁ ଟାଇଁଆ ଖରା ଛିଣ୍ଡି ପଡୁଥିଲା ଆକାଶରୁ । ତତଲା ଖରାରେ ରକ୍‌ର କଳା ମୁଗୁନି ପଥର ଏମିତି ତାତିଯାଇ ଥିଲା ଯେ, ଖାଲି ଗୋଡ଼ ରଖିଲେ ଫୋଟକା ହୋଇଯିବ । ପାହାଚ ଉଠୁ ଉଠୁ ଦୂରରୁ ଦେଖାଗଲା, ଏକାକୀ ସୁନ୍ଦରୀ ଅନୂଢ଼ା କିଶୋରୀଟିଏ ଲଂଗଳା ପାଦରେ ଠିଆ ହୋଇଛି ! ତାର ଦୁଧ ଅଳତା ରଂଗର ଫ୍ରକ ଭିତରେ ଲାଗୁଛି, ଯେମିତି ଫଗୁଣ ଗଲାବେଳେ ଫୁଲଟିଏ ଛାଡ଼ି ଚାଲିଯାଇଛି ଏଇ ରକ୍‌ରେ । ଟିକିଏ ପାଖେଇ ଆସି ଆଶ୍ଚର୍ଯ୍ୟ ହେଲି, ସେ ଝିଅଟି କେହି ନୁହେଁ, ରୋମେୟା । ଖୁସିରେ ମୁଁ ଫାଟି ପଡୁଥିଲି ଓ ଖୁବ୍ ବଡ଼ ପାଟିରେ ଡାକିଲି ରୋ... ମେ... ୟା, ହେଲେ ମୋ ପାଟିର ସମସ୍ତ ଶକ୍ତିର ଶବ୍ଦକୁ ସମୁଦ୍ର ଉଡ଼େଇ ନେଉଥିଲା ମୋ ପଛକୁ । ତାକୁ କିନ୍ତୁ ଛୁଇଁ ପାରୁନଥିଲା । ଅତଏବ ମୁଁ ଦୌଡ଼ି ଦୌଡ଼ି ତା ପାଖ ପହଞ୍ଚିଲା ବେଳକୁ ସେ ବିବେକାନନ୍ଦଙ୍କ ଧ୍ୟାନ ଗୃହରେ ପ୍ରବେଶ କରିସାରିଲାଣି । ଭିତରେ ଦେଖିଲି, ଆଖି ବନ୍ଦ କରି ରୋମେୟା ବସିଛି ଧ୍ୟାନରେ, ଲାଗୁଛି ମନ୍ଦିର ଭିତରେ ଯେମିତି ସୁନାରଂଗର ପ୍ରତିମୂର୍ତ୍ତିଟିଏ । ମୁଁ ପାଖକୁ ଲାଗି ବସିଗଲି । କିଛି ସମୟ ପରେ ଆଖି ଖୋଲିଲା ରୋମେୟା, ପ୍ରଚଣ୍ଡ ରାଗ, ଅଭିମାନରେ ମୋତେ ଘୃଣା କରିବା ପରିବର୍ତ୍ତେ ମୋ ବେକରେ ଝୁଲି ପଡ଼ିଲା, ପିଲା ଦିନେ ସାନଭଉଣୀ ଗେଲ ହେବାପରି, ତାକୁ ଦେଖିବା ପରେ କିଛି ଗୋଟାଏ ଘଟିବାର ଆଶଙ୍କାରେ ପୂର୍ଣ୍ଣଚ୍ଛେଦ ପଡ଼ିଲା ଓ ତାର ଅଭିମାନଭରା ମୁହଁକୁ ଦେଖୁ ଦେଖୁ ମୋ ପାଟିରୁ ବାହାରି ଆସିଲା- ''ଆଇ ଆମ୍ ସରି ରୋମେୟା ।''

ଦୁଇଦିନ କଟିଗଲା ରୋମେୟା ସହିତ କନ୍ୟାକୁମାରୀ ଓ ନାଗରକୋଇଲିରେ, ସେମାନଙ୍କର ରିଟର୍ଣ୍ଣ ଟିକେଟ୍ ହୋଇ ଯାଇଥିଲା । ରୋମେୟାକୁ ବିଦାୟ ଦେବାକୁ ଏରୋଡ୍ରମ ଗଲି । ଫୁଲ ତୋଡ଼ାଟି ହାତରେ ଧରେଇ ତା କପାଳରେ ଚୁମାଟିଏ ଦେବା ବେଳକୁ ଆମ ଦୁହିଁଙ୍କ ଆଖି ଲୁହ ଛଳ ଛଳ । ମୁଁ କିଛି ନ କହିବା ପୂର୍ବରୁ ସେ କହିଲା, ''ଖୁବ୍ ଶୀଘ୍ର ଆମର ଦେଖା ହେବ ।''

ଆକାଶରେ ରୋମେୟାର ପ୍ଲେନ ଉଡୁଥିଲା, କେତେ ଆଶା ଦେଇ ଯାଇଛି, ପୁଣି ଦେଖାହେବ, ଯଦିଓ ଏହା ସମ୍ଭବ ନୁହେଁ, ତଥାପି କେତେ ଆଶାନେଇ ବଂଚିଛି ମଣିଷ !

ରୋମେୟା ଯିବା ପରେ ଚିଠି ଦେଇଛି, ଏବଂ ମୋର କେତୋଟି ଲେଖା ତାଙ୍କ ଦେଶର ପତ୍ରପତ୍ରିକାରେ ପ୍ରକାଶ ପାଇବା ପରେ ଭଲ ପାଠକୀୟ ଆଦର ଲାଭ କରିଛି ବୋଲି ଲେଖିଛି, ଏବଂ ଆଉ କିଛି ଲେଖା ପଠାଇବାକୁ ଅନୁରୋଧ କରିଛି ।

ସବୁ ଚିଠିଠୁ ସଂପୂର୍ଣ୍ଣ ପୃଥକ ଆଜିର ଚିଠିଟି, ଯେଉଁ ଚିଠିଟି ପଢ଼ି ମୁଁ ବେଶ୍ ରୋମାଞ୍ଚିତ ହୋଇ ପଡୁଛି ଯେତିକି ସେତିକି ରୋମେୟାକୁ ବୁଝିବାରେ ମୋର ବୋକାମି ତା ପାଖରେ ଧରାପଡ଼ି ନିଜେ ନିଜ ପ୍ରଶ୍ନରେ ବୁଡ଼ିଯାଉଛି । ସେ ଲେଖିଛି – ଏ ପତ୍ରଟି ତୁମକୁ ଏମିତି ଗୋଟିଏ ସମ୍ବାଦ ଦେବ, ଯାହା ତୁମକୁ ଆନନ୍ଦ ଦେବା ସଂଗେ ସଂଗେ ଆଶ୍ଚର୍ଯ୍ୟ ଲାଗିବ, ସବୁଠୁ ବିସ୍ମୟ ଏହି ଯେ, ସମୟର ଯଥେଷ୍ଟ ପୂର୍ବରୁ ତୁମେ ସେଇ ଯେଉଁ ତୁମ ଈପ୍‌ସିତ ବସ୍ତୁଟି ଖୋଜୁଥିଲ, ତାହା ଏବେ ମିଳିଛି, ସେଇ ସମୟରେ ସମୟକୁ କିଭଳି ଭାବେ

Source: Author, Digitized by PPRACHIN, SOA

ବୁଝିଥିବ, ଏବଂ ତୁମ ମନର ଅବସ୍ଥା କଣ ଥିବ, ଏବେ ଅନୁମାନ କରିପାରୁଛି । ହେଲେ ବଂଧୁ ! ଜାଣିଛ, ଏବେ ଫଗୁଣ ଆସିଛି, ତୁମ ଦେଶର ବସଂତ ଋତୁରେ ଆମ୍ବ ବଉଳ ପରି ଏଠି ଓକିଓତାନର ଫୁଲର ସମ୍ଭାର । କ୍ଲାଲଶିଏଣ୍ଟସ ପାହାଡ଼ ତଳ ନଈରେ ଉଚ୍ଛୁଳାପାଣି, ଶୀଘ୍ର ଆସନ୍ତନି ? ଫୁଲଙ୍କ ସଙ୍ଗେ ମିଶନ୍ତ । ସାଥି ହୋଇ ନଈରେ ଠିଆ ପହଁରା ଖେଳ ଖେଳନ୍ତେ, ଏଠି ବି ମୋତେ ଶୁଣା ଯାଉଛି ତୁମ ଦେଶର କୋଇଲିର କୁହୁ, ମୋ ଟେବୁଲରେ ତୁମ ଫଟୋ ଶୋଭା ପାଉଛି । ଫଟୋ ଦେଖିବାକୁ ବାରମ୍ବାର ଇଚ୍ଛା ହେଉଛି । ମୋ ଅଜାଣତରେ ଅଗଣିତ ଚୁମା ଦେଇ ଚାଲିଛି ତୁମ ଫଟୋ ଉପରେ । ଆନମନା କରି ପକାଉଛି ତୁମ ସ୍ମୃତି । ତୁମକୁ ଅପେକ୍ଷା କରିଛି ।

ସେତେବେଳେ ବିନା ନାରୀତ୍ୱରେ ତୁମ ପୌରୁଷକୁ କେମିତି ବୁଝି ହୋଇ ଥାଆନ୍ତା ? ଏବେ ମୁଁ ସ୍ୱୟଂସଂପୂର୍ଣ୍ଣ ନାରୀଟିଏ। ଟୋଣ୍ଟି ଟୁ ପ୍ଲସ । (ଆମ ଦେଶରେ ଏହା ଡେରିରେ ପ୍ରାପ୍ତ ହୁଏ) ମୁଁ ଏବେ ପୁରୁଷର ମନକଥା ବୁଝିବାକୁ ସମର୍ଥ । ତୁମର ଅନେକ ଆଶା ନିରାଶାର ଫୁଲ ଫୁଟେଇବାର ଦକ୍ଷତା ଆସିଛି । ଏ ପତ୍ର ପାଇ ତୁମେ ଆସୁଛ ତ ? ଫୋନଟିଏ କରିବ । ଏରୋଡ୍ରମରେ ବସିଥିବି ତୁମ ବାଟକୁ ଚାହିଁ । ଆସିବ, ଆସିଲେ ବୁଝିବ, ଶେଷରେ ଫ୍ଲାଇଙ୍ଗ କିସ୍‌ଟିଏ ପଠାଇଲି ।

ଚିଠିଟି ପଢ଼ିସାରିବା ବେଳକୁ ଲାଇନ୍ ଚାଲିଗଲାଣି । ସେଇ ଅଂଧାର ଭିତରେ ମୋ ଆଖିରେ ନାଚିଯାଉଥିଲା, ରୋମେୟାର ଆଖି ଯୋଡ଼ିକ । ତା ସହିତ କଟେଇ ଥିବା ସମୟ । କ୍ୟାଣ୍ଡେଲ ଲଗେଇ ରୋମୋୟାର ଫଟୋଟି ଖୋଜୁଥିଲି । ହେଲେ କେଉଁଠି ରହିଯାଇଛି ଯେ ମନେ ପକେଇବାକୁ ଚେଷ୍ଟାକରି ଘଡ଼ିଏ ଛିଡ଼ା ହୋଇ ଗଲି ଅଂଧାରକୁ ସାମ୍ନା କରି ।

■ ■ ■

Source: Author, Digitized by PPRACHIN, SOA

ହାତବାକ୍ସ



ସହସା ଜାନକୀ ଆମ୍ମା ଏମିତି ଚାଲିଯିବ, ଏ କଥା ପୁଅ ବୋହୂ ସ୍ୱଚକ୍ଷୁରେ ଦେଖି ମଧ୍ୟ ବିଶ୍ୱାସ କରି ପାରିଲେନି । ଭଲ ମଣିଷଟା । ରୋଗ, ବଇରାଗ ନାହିଁ, ଏଇନା ଖାଇପିଇ ଅଗଣା ମଝିରେ ଆସି ବସୁ ବସୁ ଚିଙ୍ଗୁଡ଼ି ଡେଇଁଲା ପରି ଠକ୍ ଠାକ୍ ଏମିତି ମରିଯିବ କିଏ ବା ଭାବି ଥାଆନ୍ତା ? ମଝିଆ ବୋହୂ ଲୋକ ଦେଖାଣିଆ "ଆରେ ହେ ଆମ୍ମା ଏମିତି ତୁମର କଣ ହୋଇ ଯାଉଛି" କହି କୋଳେଇ ନେଲାବେଳକୁ ବୁଢ଼ୀର ଜୀବନ ନାହିଁ ।

ବୁଢ଼ୀର ଏ ଅସ୍ୱାଭାବିକ ମରଣ ସବୁ ପୁଅମାନଙ୍କ ପାଖରେ ପହଞ୍ଚିବା ବେଳକୁ ପାଖ ପଡ଼ୋଶୀମାନଙ୍କର ଏକ ଚର୍ଚ୍ଚାର ବିଷୟ ହୋଇ ସାରିଥିଲା । ଏକ ଅଜବ ଗୁଜବର ଗୁଂଜରଣ ଚାରିଆଡ଼କୁ ମେଲି ହୋଇଗଲା । ସମସ୍ତଙ୍କର ବିଶ୍ୱାସ ବୁଢ଼ୀ ବୋଧେ କିଛି ଖାଇ ଦେଇଛି

Source: Author, Digitized by PPRACHIN, SOA

କିଂବା ମଝିଆଁ ବୋହୂ ବୁଢ଼ୀପାଖରେ ଥିବା ଚିତ୍ରିତ ହାତ ବାକ୍ସକୁ ହାତ ପଇଠ କରିବାକୁ ଲୋଭରେ ହୁଏତ ଖାଇବାରେ କିଛି ମିଶେଇ ଦେଇଥାଉ । ତେବେ ଏ କଥା ସବୁ ଲୋକମାନଙ୍କ ମଧ୍ୟରେ ଆଉ ଏକ ସଂଦେହର ମୋଡ଼ ନେଲା, ଯେତେବେଳେ ମଝିଆଁ ବୋହୂ ଘୋଷଣା କଲା, ''ହସ, ବୁଢ଼ୀର ଶୁଦ୍ଧିକ୍ରିୟା ପାଇଁ ସବୁ ପୁଅ ମିଶି ଲକ୍ଷେ ଟଙ୍କା ଜମା କରିଦେଇଛୁ, କିଛି ଅସୁବିଧା ହେବନି ।''

ବୁଢ଼ୀ ପାଖରେ ଥିବା ଛୋଟ ହାତବାକ୍ସଟି କ୍ରମେ ସମସ୍ତ ପୁଅ ବୋହୂଙ୍କ ପାଖରେ ଏକ କୁହୁକ ପେଡ଼ିରେ ପରିଣତ ହେଇଗଲା ଓ ଶୁଦ୍ଧିକ୍ରିୟା ପୂର୍ବରୁ ବୋହୂମାନଙ୍କ ଭିତରେ ଏକ ହାଙ୍ଗାମା ହୋଇଗଲା ଏଇ ବାକ୍ସଟି ପାଇଁ । ଶେଷରେ ସର୍ବସମ୍ମତି କ୍ରମେ ଗୃହୀତ ହେଲା ଯେ, ଆତ୍ମାର ବାକ୍ସରେ ଥିବା ସଂପତ୍ତି ସମପରିମାଣରେ ସବୁ ପୁଅମାନଙ୍କ ମଧ୍ୟରେ ବାଣ୍ଟି ଦିଆଯିବ ଶୁଦ୍ଧକ୍ରିୟାକର୍ମ ସରିବା ପରେ ।

ବୁଢ଼ା ଏସବୁ ଶୁଣିବା ପରେ ନୀରବ ହୋଇ ଯାଇଥିଲା । କାରଣ ସେ ବି କେବେ ବୁଢ଼ୀ ବଞ୍ଚିଥିବା ବେଳେ ପଚାରି ନାହିଁ, ଏ ବାକ୍ସରେ ସେ କଣ ରଖିଛି ? ବୁଢ଼ୀ କିନ୍ତୁ ସମସ୍ତଙ୍କ ଅନୁପସ୍ଥିତିରେ ବାକ୍ସ ଖୋଲେ ଏବଂ ବଂଦ କରି ଚାବିକାଠି ଅଣ୍ଟାରେ ଖୋସେ । ଚାବିକାଠି କେବେହେଲେ ହାତଛଡ଼ା କରେ ନାହିଁ । ତେବେ ବୁଢ଼ୀ ପାଖରେ ଯାହା ବା ପୁଂଜି ଥିଲା ଆଗରୁ ସମସ୍ତଙ୍କ ଭିତରେ ଭାଗ ହୋଇଯିବା ପରେ ଆଉ ଯେ କିଛି ନା ଥିବ ଏ କଥା ବୁଢ଼ା ଜାଣେ, ତଥାପି ପୁଅମାନଙ୍କର କାହାରି କୌଣସିରେ ଅଭାବ ନଥାଇ ମଧ୍ୟ, ଆଉ କିଛି ପାଇବା ପାଇଁ ଏ ଯେଉଁ ଦୌଡ଼ ନିଜକୁ ଭାରି ଅସହ୍ୟ ଲାଗୁଥିଲା । ସେ ମୁହଁ ଖୋଲି ପଦେ କହିପାରୁ ନଥିଲା । କାରଣ ବୁଢ଼ୀ ଥାଉ ଥାଉ ସେ ଏକାହୋଇ ଯାଇଥିଲା ସିନା କିନ୍ତୁ ଏବେ ସଂପୂର୍ଣ୍ଣ ଅସହାୟ ହୋଇଯାଇଛି । ଗୋଟେ ଅଦରକାରୀ ଛୁଟୁଉଠା କାଠଗଣ୍ଡିରେ ପରିଣତ ହୋଇଯାଇଛି । ବୁଢ଼ା ଆକାଶକୁ ଚାହିଁଲା । ତାକୁ ପୁଣି କେବେ ଯିବାକୁ ପଡ଼ିବ ଏଇମିତି-ଖାଲି ଅପେକ୍ଷା ।

ଆଜିକାଲି ସହରରେ ଘରଭଡ଼ା ମିଳିବା ଯେତିକି କଷ୍ଟକର ହେଲାଣି, ଭଲ ପଡୋଶୀଟେ ପାଇବା ତାଠୁ ବଳି କଷ୍ଟ । ତା ଛଡ଼ା ଘର ମାଲିକ ସବୁ ଏଇ ଭଡ଼ାଟିଆମାନଙ୍କୁ ଏମିତି ହୀନ ଦୃଷ୍ଟିରେ ଦେଖନ୍ତି, ଯେମିତି ଏଗୁଡ଼ାଙ୍କର ଘରଦ୍ୱାର କସ୍ମିନ୍ କାଳେ ନ ଥିଲା ବା ନାହିଁ । ଗୁଡ଼ାଏ ଯାଯାବର ଏବଂ ତାଙ୍କରି କୃପାରେ ସେମାନେ ଅଛନ୍ତି । ଏଣୁ ଅଧିକାଂଶ ଘର ପାରାଭାଡ଼ି ପରି ତିଆରି କରି କେବଳ ମାସିକ ଆୟକୁ ବଢ଼ାଇ ଥାଆନ୍ତି । ଏମାନେ ଭାବନ୍ତି ଚାରିପଟ କାନ୍ଥରେ ଗୋଟେ କବାଟ ଲାଗିଗଲେ ଘର ବନିଗଲା । ବାସ୍ ଏସବୁ ଦେଖିଲେ ମନେ ହୁଏ, ଟମକକାଙ୍କ କୁଟୀରର ସେଇ କଳା ନିଗ୍ରୋମାନଙ୍କଠୁ ଏମାନେ କୌଣସି ଗୁଣରେ କମ୍ ନୁହଁନ୍ତି । ତଥାପି ସେ ଯାହାହେଲେ ବି ଭଡ଼ାଟିଆକୁ ସବୁକିଛି ସହି ନେବାକୁ, ସବୁକୁ ନିଜର କରିନେବାକୁ ହୁଏ । ଘର ମାଲିକର ଦୌରାତ୍ମ୍ୟଠାରୁ ଆରମ୍ଭ କରି ପାଖ ପଡୋଶୀ ପୁଣି ସାହି ଦାଦାମାନଙ୍କର ବି ! କାରଣ କୌଣସି ପ୍ରକାରେ ଘରଖଣ୍ଡିଏ ମିଳିଗଲେ

Source: Author, Digitized by PPRACHIN, SOA

ଚିନ୍ତାରୁ ମୁକ୍ତି । କେମିତି ହେଲେ ମୁଣ୍ଡ ଗୁଂଜି ଦେବା କଥା । ଆଉ ଉତ୍ତମ ପଡୋଶୀ ଭାଗ୍ୟରେ ଥିଲେ ମିଳେ ।

ବହୁ କଷ୍ଟରେ ସେମିତି ଏକ ପାରାଖୋପ ପରି ଘରଟିଏ ଯୋଗାଡ଼ ହୋଇଗଲା ସିନା, ତା'ର ଅବସ୍ଥିତି କିନ୍ତୁ ଥିଲା ଅଜବ ଧରଣର । ପଡୋଶୀଙ୍କ ପାଇଖାନାକୁ ଏପଟ ରୋଷେଇ ଘର । ଏ ପଟର ଶୋଇବା ଘରକୁ ସେ ପଟର ପାଇଖାନା । ଆଉ ପଡ଼ୋଶୀ ବୋଲି ଯିଏ ମିଳିଲେ ସିଏ ହେଲେ ମିସେସ୍ ନାଏକ । ଭଅଁରା ପରି ଥୁକୁଲ ଥାକୁଲ ବାଙ୍ଗରା ମଣିଷ । ଲୋମଶ ଦେହରେ ସତେ ଯେମିତି କିଏ କଞ୍ଚା ମାଂସ ମେଞ୍ଚାଏ ମେଞ୍ଚାଏ ନେସି ଦେଇଛି ଦେହସାରା । ଠିକ୍ ଗୋଟେ ଗୁଣ୍ଡୁଣୀ ହାତୀ କିଂବା ନଂଦନକାନନର ଛୋଟ ବର୍ଷକିଆ ଗଣ୍ଡାଟେ । ତାଙ୍କର ଗମ୍ଭୀର ଘାଗଡ଼ା ଗଳାରେ ଯାହା କହିଲେ ବି ପ୍ରାୟ ଏକ ପ୍ରକାରର ଜଣାପଡ଼େ । ସ୍ତ୍ରୀ ଲୋକଟାକୁ ଦେଖିବା ପରେ ମନେ ହେଉଥିଲା, ଯେମିତି ନାରୀ ସୁଲଭତା ବୋଲି କିଛି ନାହିଁ । ତାଙ୍କର ଗୋଟେ ଯେ ନିଜସ୍ୱ ମନ, ହୃଦୟ ଥିବ କେଜାଣି ବିଶ୍ୱାସ ହେଉ ନଥିଲା । ସେଇ ହୃଦୟରେ ପ୍ରେମ ଥିବ କିଂବା କୌଣସି ପୁରୁଷକୁ କେବେ ଆକର୍ଷିତ କଲାପରି ତାଙ୍କର ଦେହରେ ଯେମିତି ମାଦକତାର ବାସ୍ନା ଥିବ, ମୋତେ ସେମିତି ଲାଗୁନଥିଲା । ତାଙ୍କ ପାଖରେ ସ୍ନେହ ପ୍ରେମ ଥିବ ଏକଥା ବି କହିବା ମୁସ୍କିଲ । ଗୋଟାଏ ଫମ୍ପା ଢୋଲ ଯାହାକୁ ବେଶୀ କିନ୍ତୁ ମାଧୁର୍ଯ୍ୟ ନାହିଁ ନାରୀଟିଏ ହେଲେ ବି ସେ ପୁରୁଷ ପୁରୁଷ ଲାଗୁଥିଲେ ।

ନୂଆ ଘରକୁ ଯିବାର କେଇଟି ମୁହୂର୍ତ୍ତ ପରେ ସର୍କସରେ ଖେଳ ଦେଖାଉଥିବା ପୁରୁଣା ବାଘ ଯନ୍ତା ଭିତରେ ଥିବା ନୂଆ ବାଘ ଉପରକୁ ଝାମ୍ପି ପଡ଼ିବା ପରି ସ୍ତ୍ରୀ ଲୋକଟି ବେଶ୍ ଶୁଣେଇ ଦେଲା କେଇପଦ । ରହିବାର ଅସୁବିଧାକୁ ବର୍ଣ୍ଣନା କରି ଘର ମାଲିକର ଅନୁପସ୍ଥିତିରେ ତା'ର ସପ୍ତପୁରୁଷ ଉଧାର କରିପକେଇଲା । ହଠାତ୍ ଘରେ ପଶିବା ବେଳକୁ ଏଭଳି ବ୍ୟବହାରରେ ଆମ ସମସ୍ତଙ୍କର ମନ ପାଣିଚିଆ ହୋଇଗଲା । ଜୀବନର ପ୍ରଥମଥର ପ୍ରଥମ ଭଡ଼ାଘର; ପୁଣି ଏ ଭଳି ପଡ଼ୋଶୀଙ୍କୁ ନେଇ କେମିତି କଟିବ ସମୟ, ଏ ନେଇ ସମସ୍ତେ କାନ୍ଦୁଣ ମାନ୍ଦୁଣ ହୋଇଗଲେଣି । ମୁଁ ସେମାନଙ୍କୁ ଯେତେ ବୁଝେଇଲେ ବୁଝିବାକୁ ନାରାଜ ।

ହେଲେ ସମୟ ଆସ୍ତେ ଆସ୍ତେ ବଦଳିଗଲା । ପଡୋଶିନୀ ସ୍ନେହ ମମତାର ହାତ ବଢ଼େଇଲେ । ସବୁ ଠିକ୍ ଚାଲିଲା ଆଶାତୀତ ଭାବେ । ସବୁ ସୁଖ ଦୁଃଖ ବାଣ୍ଟି ହୋଇ ଗଲା ଦୁଇ ପରିବାର ଭିତରେ ।

ଦିନେ ସଂଧ୍ୟାରେ ଖବର କାଗଜ ପଢୁଥିବା ବେଳେ ଦେଖିଲି ବୁଢ଼ୀଟିଏ ହାତରେ ଦୁଇଟି ପଲିଥିନ୍ ପାକେଟ୍ ଓ ଗୋଟେ ଛୋଟ ଟିଣ ବାକ୍ସ ଧରି ରିକ୍ସାରୁ ଓହ୍ଲେଇଲେ । ତାଙ୍କୁ ଦେଖିବା ପରେ ମୋର ମନେ ପଡ଼ିଗଲା 'ହାତ ବାକ୍ସ' କଥା ଯାହାକି ଶହେରୁ ଅଧିକ ଥର ମିସେସ୍ ନାୟକ କହିଥିବେ ଏବଂ କହୁ କହୁ ବାକ୍ସ ହାତ ପଇଠ କରିବା ସ୍ୱପ୍ନରେ ହଜି ଯାଉଥିବେ । ଏଣୁ ଠିକ୍ ଅନୁମାନ କରିନେଲି, ଇଏ ତାଙ୍କର ଶାଶୁ ନିଶ୍ଚୟ ।

ବୁଢ଼ୀ ଭାରୀ ସ୍ନେହୀ ଓ ମେଳାପି, ଦିନ କେଇଟା ନ ଯାଉଣୁ ବୁଢ଼ୀ ଏମିତି ଯାଦୁ କରି ଦେଲା ଯେ, ଆମେ ସମସ୍ତେ ବାନ୍ଧି ହୋଇ ଗଲୁ ତାଙ୍କ ସ୍ନେହରେ । ସତରେ ମାଆଟିଏ

Source: Author, Digitized by PPRACHIN, SOA

ପାଖରେ ଏତେ ସ୍ନେହ ମମତା କେଉଁଠି ଥାଏ କେଜାଣି ମନେ ହୁଏ ସେଇ ସ୍ନେହ ମମତାରେ ସରିଯାଏ ସଂସାରର ସବୁ ସୁଖ । ମାଆଟିଏ ସବୁବେଳେ ମାଆ । ସ୍ନେହ, ମମତାର ମଂଦିର । ସେଇଥି ପାଇଁ ଜାନକୀ ଆମ୍ମା ପାଖ ପଡ଼ୋଶୀଙ୍କର ଅତି ଆପଣାର । ବୁଢ଼ୀ କିନ୍ତୁ ସବୁବେଳେ ଭାରି ଖୁସି ଲାଗୁଥିଲେ ହେଁ, ଭିତରେ ଭିତରେ କେଉଁ ଏକ ଅଜଣା ଅସହାୟତାରେ ସେ ଭାଙ୍ଗି ପଡୁଥିଲା ପରି ମୋତେ ଲାଗେ । ତେବେ ପ୍ରକୃତ ଖିଅଟି ଜଣାପଡ଼ିଲା- ବୁଢ଼ୀ ଯେତେବେଳେ କହିଲା, ‘‘କାଲି ବାପା ସାନ ମଝିଆଁ ପୁଅ ପାଖକୁ ଚାଲିଯିବି ।”

ମୁଁ କହିଲି- କାହିଁକି ମାଉସୀ ଆଉ କିଛି ଦିନ ରହୁନ । ଏବେ ତ ଆସିଛ । ମାସଟେ ହେଇନି ।

‘ନାରେ ବାପ, ପୁଣି ଆସିବି ଛଅ ମାସ ପରେ । ଏ ପୁଅର ପାଳି ପଡ଼ିଲେ ଯାଇ’, ଏତକ କହିବା ବେଳକୁ ବୁଢ଼ୀ ଆଖିରୁ ଦୁଇଟୋପା ଲୁହ ନିଗିଡ଼ି ଆସିଲା । ଏଇ ଦିନ କେଇଟାରେ ଆମକୁ ଯିଏ ଏତେ ସ୍ନେହ ମମତାରେ ବାନ୍ଧି ଏତେ ଖୁସିରେ ପୋତି ପକେଇଥିଲା, ତା ମନରେ ଯେ ଅସରନ୍ତି ଦୁଃଖ ଚାପି ହୋଇଯାଇଛି, ଏ କଥା ଅବୁଝା ରହିଲାନି ।

ଆଖି ନାକ ପୋଛି ବୁଢ଼ୀ ଆରମ୍ଭ କଲା, ‘‘ଗୋଟାଏ ନୁହଁ ସାତ ପୁଅ, ସାତ ବୋହୂ ମୋର । ଏତେ ଗୁଡ଼ାଏ ପିଲାଙ୍କୁ ଅଧିକ ପାଠ ପଢ଼େଇ ପାରି ନଥିଲେ ବି ଅଳ୍ପ ପୁଂଜିରେ ବେପାର ବଣିଜ କରି ସମସ୍ତେ ବେଶ୍ ଆରାମରେ ଅଛନ୍ତି । କାହାରି କୌଣସିଥିରେ ଅଭାବ ନାହିଁ । ଏମାନଙ୍କୁ ମଣିଷ କରିବାକୁ ଆମ ଦୁହିଁଙ୍କର ସାରାଜୀବନ କଟିଗଲା । ସୁଖରେ ବାକି ଜୀବନ କଟିଯିବ । ସେଇ ଆଶାରେ ଏବେ ଆମେ ବୁଢ଼ାବୁଢ଼ୀ ଦିଟା ଘାଣ୍ଟି ହେଉଛୁ । ଆଉ ଇଚ୍ଛା ନାହିଁ ବେଶୀଦିନ ବଞ୍ଚିବାକୁ । ଏ ବୟସରେ ବୁଢ଼ାଟା ବି ନାରଖାର ହେଉଛି । ଦିହ ସହୁନି ।”

ଆମ୍ମାର ଏ ସବୁକଥାର କୂଳକିନାରା ମୁଁ ପାଉ ନଥିଲି । ଅସଲ କଥାଟା କଣ ବୁଝି ନ ପାରି କହିଲି- ‘‘ମାଉସୀ, ସାତପୁଅ ଜନ୍ମ କରିଛ । ରୋଜଗାର କରୁଛନ୍ତି । ସମସ୍ତେ ରୋଜଗାରିଆ, ଭଲରେ ଅଛ । ଆଉ ଅସୁବିଧା କଣ ? ତୁମଠୁ ବଳି ସୁଖୀ କେହି ନାହାନ୍ତି । ତୁମର ଆଉ ଦୁଃଖ କଣ ?”

ବୁଢ଼ୀକୁ କିଂତୁ କଥାଟା ଆଦୌ ଛୁଇଁଲାନି । ଏସବୁ କଥା, କହିବାକୁ ଯାହା ସୁନ୍ଦର । କିନ୍ତୁ କାର୍ଯ୍ୟରେ ନୁହେଁ । ବୁଢ଼ୀ ଏଥର ଆଉଜି ବସି ପଡ଼ିଲା ଏବଂ କହିଲା ‘‘ପୁଅ ! କୋଉ ସୁଖରେ ଅଛି ? ସେଇ ଠାକୁରଙ୍କୁ ଜଣା । ସାତପୁଅଙ୍କୁ କେତେ ଦୁଃଖ କଷ୍ଟରେ ବଢ଼େଇଥିଲି । କେତେ ଆଶା କରିଥିଲୁ ଆମେ ହେଲେ ଏ ପଡ଼ନ୍ତ କାଳରେ ବୁଢ଼ା ମୁହଁ ଥରେ ବି ଦେଖିପାରୁନି । କେତେ କଷ୍ଟରେ ବୁଢ଼ାଟା ଥିବ ଏଇ ଚିନ୍ତା ମୋତେ ଖାଇଯାଉଛି । ବୁଢ଼ା ବି ସେଇମିତି-ପଦେ ମୁହଁ ଖୋଲି କହିଲାନି, କି ଆକଟ କଲାନି । ଏବେ କିଏ ଭୋଗିବ ଆଉ । ପୁଅମାନେ ଯିଏ ଯେମିତି ବାହାତୋଳା ହୋଇଯିବା ପରେ ଆସ୍ତେ ଆସ୍ତେ ଆମ ପାଖରୁ ଅଲଗା ହୋଇଗଲେ । ଶେଷକୁ ଘରର ସବୁ ଜିନିଷପତ୍ର ବାଣ୍ଟ ହୋଇଯିବା ଭଳି ଆମେ ବୁଢ଼ା ବୁଢ଼ୀ ଦିଟା ଘରର କଂସା ବାସନ ପରି ବାଣ୍ଟ ହୋଇଗଲୁ । ସବୁ ପୁଅଙ୍କ

Source: Author, Digitized by PPRACHIN, SOA

ପାଖରେ ଏବେ ମାସେ ଲେଖାଏଁ ଜଣକର ଖାଇବା ପିଇବା ବୁଝିବେ । ଏକକାଳୀନ ଜଣକ ପାଖରେ ବୁଢ଼ା ବୁଢ଼ୀ ରହି ପାରିବେନି । ଆଉ ଦୁଇ ଦିନ ପରେ ସାନ ମଝିଆ ପୁଅ ପାଖକୁ ଯିବି । ପୁଣି ଯା ପାଳି ପଡ଼ିଲେ ଯାଇ ଆସିବି । ଏମିତି ଭାଗୁଆ ଗୋରୁ ପରି ବିତୁଛି ଆମମାନଙ୍କର ଜୀବନ, ନା'ଅଛି ନିଜର ମନ, ନା, ଅଛି ଇଚ୍ଛା । ପୁଅ ବୋହୂଙ୍କ ଦୟାରେ ଆମେ ଦିଟା ବଞ୍ଚିଛୁ ଆମ ଦୁହିଁଙ୍କର କେତେ ଆଶା ନଥିଲା । ପିଲାମାନେ ବଡ଼ ହେବେ ରୋଜଗାର କରିବେ । ବୋହୂ ନାତି ନାତୁଣୀଙ୍କ ଗହଣରେ ବିତିଯିବ ବାକି ଜୀବନ । ହେଲେ ସବୁ ସ୍ୱପ୍ନ ସ୍ୱପ୍ନରେ ରହିଗଲା । କୋଉ ଦୁଃଖ କହିବି ପୁଅ ?- କାଲିଠୁ ଦାନ୍ତ ଘଷା ପାଉଡ଼ର ସରିଯାଇଛି ଯେ ବୋହୂକୁ କହିଲା- 'କାହିଁକି ତମେ ତ ଦିନେ ଛାଡ଼ି ଦୀନେଶ ଘରକୁ ଯିବ । ସେ କିଣି ଦେବନି କି ? ଏଇ ଗୋଟେ ଦିଟା ଦିନ ପାଇଁ କାହିଁକି କୋଡ଼ିଏ ପଚିଶ ଖର୍ଚ୍ଚ କରିବୁ ଯେ । ଏଇ ଦି'ଟା ଦିନ ଅଙ୍ଗାରରେ ଦାନ୍ତ ମାଜି ଦେଉନ ।' ଆଉ ଦୀନେଶ ବୋହୂ ? ସବୁଠୁ ବେଶୀ ମୁହଁ ଖୋରୀ । କହିବ, 'କଣ ହେଲା ? ସେଠି ଯାହା ସଇଲା, ଏଠି କଣ ଥୁଆ ହେଇଚି ଯେ କିଣା ହେବ । ଫି ଥର କାହାର ଚପଲ ଛିଣ୍ଡିଲାଣି, କାହାର ଦାନ୍ତଘଷା ପାଉଡ଼ର ନାହିଁ । କାହାର ଶ୍ୱାସ ବେମାର ଡାକ୍ତର ଡାକ ଏମିତି ଗୁଡ଼ାଏ ବାଜେ ଖର୍ଚ୍ଚରେ ଆମକୁ ମାରି ଦେଲେଣି । କାହିଁକି ? ଆମେ କଣ ଠିକା ନେଇଛୁ କି ଗଲା ଅଇଲା ସବୁ ବୁଝିବୁ । ଆସିବାବେଳେ ଅନ୍ୟ ପୁଅମାନଙ୍କଠୁ ଆଣିକରି ଆସୁନ । ମାସେ କାଳ ଏଇନେ ହାତୀପରି ମଣିଷଟେ ପୋଷିବା କଷ୍ଟ । ସେଥିରେ ପୁଣି ବୋଝ ଉପରେ ନଳିତା ବିଡ଼ା ।' ଏମିତି କେତେ କଣ । ସବୁ ମୁଁ ସହି ଯାଉଛି ବୁଢ଼ାଟା ସକାଶେ । ପାଟିତୁଣ୍ଡ କଲେ ତା ପାଳିରେ ବୁଢ଼ା ଉପରେ ଦାଉ ସାଧିବ ।

"ଏମିତି ତ ଘଡ଼ିଏ ବସେଇ ଦେବନି ସେ ବୋହୂ । ଘର ଓଳା, ପାଣିବୁହା, ପିଲାମାନଙ୍କୁ ସ୍କୁଲ ନେବା ଆଣିବା, ବଜାର କରିବା, ଅଟା ଦଳାଠାରୁ ଲୁଗାକଚା ଓଗେର ବୁଢ଼ାଦ୍ୱାରା କରେଇବ । ଏସବୁ ଶୁଣିବାବେଳକୁ ଦେହ ସହୁନି । ବୁଢ଼ାଟା ଏମିତି ନଥର ଯେ, ଥରେ ହେଲେ ମୋ ପାଖକୁ ଆସେନି । ତିନି ମାସ ତଳେ ବଡ଼ ପୁଅର ଝିଅ ବାହାଘର ବେଳେ ଦୁହିଁଙ୍କର ଭେଟ ହୋଇଥିଲା । କାନ୍ଦି ପକେଇଲା ବୁଢ଼ା । ତଥାପି କିଛି କହିଲାନି, ଖାଲି କହିଲା : ତୁ କାହିଁକି ଚିନ୍ତା କରୁଛୁ । ମୁଁ ବେଶ୍ ଭଲରେ ଅଛି । ସମସ୍ତେ ଭଲ ପାଉଛନ୍ତି ମୋତେ । ତୁ ବୋଧେ ବୋହୂମାନଙ୍କ ସହିତ କଳିତକରାଳ କରୁଥିବୁ । ସେଥିପାଇଁ ତୋତେ କେହି ବୋଧେ ଭଲ ପାଉନାହାନ୍ତି । ଏବକୁ ବୁଢ଼ାର ଅଣ୍ଟା ଭାଙ୍ଗି ପଡ଼ିଲାଣି । ସହଜେ ପୁଣି ଆଖିକୁ ଦେଖାଯାଉନି ।

ତହିଁଆର ଦିନ ବଡ଼ପୁଅ ଘରୁ ଚାଲି ଆସିଲି । ଆସିଲାବେଳକୁ ବୁଢ଼ା ଦାଣ୍ଡଘର ଗୋଟେ କୋଣକୁ ମୋଡ଼ିମାଡ଼ି ହୋଇ ଶୋଇଛି । ଇଚ୍ଛା ହେଲା, ବୁଢ଼ା ଦେହରେ ଟିକେ ହାତ ବୁଲେଇ ଆଣିବାକୁ । ଛୁଉଁ ଛୁଉଁକା ଉଠି ପଡ଼ିଲା – କହିଲା, 'ଯାଉନୁ ଏ ଯାଏ', ଏଥର ସାନ ପୁଅ ପାଳି ବେଳାକୁ କହିବି ତୋତେ ପନ୍ଦର ଦିନ ପାଇଁ ଘେନି ଆସିବ । ଆଉ ମନ ଦୁଃଖ କରନା । ପିଲାଙ୍କ ଉପରେ ପଡ଼ିବ ।' ବୁଢ଼ାରୁ କଥା ନ ସରୁଣୁ ବଡ଼ବୋହୂ ଦେଖି

Source: Author, Digitized by PPRACHIN, SOA

କହିଲା, ମଲା ଏ କି ସୁଆଗ ଚାଲିଛି ବା ? ରେକେସା ଛିଡ଼ା ହେଇଛି ଯେ ଆସି ଘଣ୍ଟେ କାନ୍ତର ହେବ । ପେରମ ହଉଥା । ପଛରେ ଚାଲିକି ଯିବ । ଏବେ ପିଲା ଦିଟାକୁ ନେଇ ସେ ଯାଉ ।

ଏମିତି କେତେ ଅସରନ୍ତି ଦୁଃଖ କାହାଣୀ, କହିଲେ ରାତି ପାହିଯିବ, କିନ୍ତୁ କଥା ସରିବନି ।

ହେଲେ ପୁଅ, ମୁଁ ବୁଝି ପାରୁନି, ସବୁ ମାଆମାନେ କାହିଁକି ପୁଅଟିଏ ପାଇଁ ପାଗଳ ? ଏତେ ଓପାସ ବ୍ରତ, ପୂଜା କରି ପୁଅ ଜନ୍ମ କରିବାରେ କି ସାର୍ଥକତା କହିଲ, ବରଂ ଭଲ ଝିଅଟିଏ ଯିଏ ପ୍ରକୃତରେ ବୁଝି ପାରିବ ମାଆର କଷ୍ଟ, ମାଆର ବେଦନା । କାରଣ ସେ'ତ ପୁଣି ମାଆଟିଏ ହେବ । ସେ ଅନୁଭବ କରିପାରିବ ଦଶମାସ ଗର୍ଭରେ ଧରି ନିଜ ରକ୍ତରେ ବଢ଼େଇ ଅନେକ ଯନ୍ତ୍ରଣା ସହି ଜନ୍ମ କରିଥିବା ସନ୍ତାନ କଥା । ସେଇଥି ପାଇଁ ଭାବୁଛି, ଝିଅଟିଏ ଥିଲେ ବାପ ମାଆଙ୍କର ଲୁହ ପୋଛି ଦିଅନ୍ତା । ଠାକୁରେ ଝିଅଟିଏ ନଦେଲେ କାହିଁକି କେଜାଣି ।"

ଦୀର୍ଘ ସମୟ ବୁଢ଼ୀର ଆତ୍ମଲିପିରେ ହଜିଯାଇ ମୁଁ ଓଜନ କରୁଥିଲି ପୁଅ ଓ ଝିଅକୁ । ଅଥଚ ଅସଲ ଏଇ କଥାଟି ସ୍ୱୀକାର କରିବାକୁ ନାରାଜ ଏ ସମାଜ ।

ବୁଢ଼ୀ ଚାଲିଯିବା ପରେ ବି ମୋତେ ଲାଗୁଥିଲା, ବୁଢ଼ୀ ଯେମିତି ମୋ କାନରେ ସେଇ ମାଆଟିଏ ହେବାର ଦୁଃଖ କାହାଣୀ କହି ଚାଲିଛି ।

ଯା ଭିତରେ ବୁଢ଼ୀର ଶୁଦ୍ଧି କାର୍ଯ୍ୟ ସରିଗଲାଣି । ଆଜି ହାତବାକ୍ସ ସମସ୍ତଙ୍କ ଉପସ୍ଥିତିରେ ଖୋଲାହେବା କଥା । ସମସ୍ତେ ଥାଇ ବୁଢ଼ାକୁ କୁହାଗଲା ବାକ୍ସ ଖୋଲିବାକୁ । ବୋହୂମାନଙ୍କ ଆଖି ପହଁରି ଆସୁଥିଲା କୋଲପ ଉପରେ ଥରକୁ ଥର । କାହିଁ ଆଗରୁ ମଝିଆଣୀ କିଛି ହଡ଼ପ କରି ଦେଇନି ତ ? ସମସ୍ତଙ୍କ ସଂଦେହରେ ପୂର୍ଣ୍ଣଚ୍ଛେଦ ପକେଇ ଗୋଟେ ଛୋଟ ହାତୁଡ଼ିରେ ଛୋଟ ବାକ୍ସର କୋଲପ ଭାଙ୍ଗିଦିଆଗଲା । ପୁଅ, ବୋହୂ ସମସ୍ତଙ୍କ ଆଖି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସ୍ଥିର । କାହା ମୁହଁରେ ଭାଷା ନାହିଁ । ଯେତିକି ବିଳମ୍ବ ହେଉଛି ସମସ୍ତଙ୍କର ଉତ୍‌କଣ୍ଠା ସେତିକି ବଢ଼ିବାରେ ଲାଗିଛି । ଖୁବ୍ ଧୀରେ ସତର୍କତା ସହ ବୁଢ଼ା ଖୋଲିଦେଲା ଏଥର ବାକ୍ସ । ଦେଖାଗଲା ଭିତରେ ଥିବା ଏକ ପ୍ଲାଷ୍ଟିକ୍‌ରେ ବୁଢ଼ା ବୁଢ଼ୀଙ୍କର ବାହା ବେଳର ଏକ ବନ୍ଧେଇ ଫଟୋ । ଗୋଟେ ଲକ୍ଷ୍ମୀ ଠାକୁରାଣୀଙ୍କ ମୂର୍ତ୍ତି । ଆଉ ଘୂରି ଯାଇଥିବା ପିତଳର ଏକ ହାତମୁଦି ।

ମୁଦିଟି ହାତରେ ଧରି ବୁଢ଼ା କାନ୍ଦି ପକେଇଲା । ଅକାଳ ପଡ଼ିବା ବର୍ଷ ଅଭାବ ଯୋଗୁ ସେ କାମ କରିବାକୁ ସୁରାଟ ଚାଲିଯାଇଥିଲା ଏବଂ ଫେରିବା ବେଳେ ଏଇ ମୁଦିଟି ମିଛରେ ସୁନା-ବୋଲି କହି ବୁଢ଼ୀ ହାତରେ ପିନ୍ଧେଇ ଦେଇଥିଲା । ଜାଣି ବି ପ୍ରତିବାଦ କରି ନଥିଲା ବୁଢ଼ୀ । ବରଂ ଅନେକ ଦିନଯାଏ ପିନ୍ଧିଥିଲା ମୁଦିଟି ।

Source: Author, Digitized by PPRACHIN, SOA

ବୁଢ଼ୀ ସବୁବେଳେ ଗଣ୍ଠିଧନ କରିଥିବା ବାକ୍ସରେ ଏମିତି କିଛି ନଥିବ ସମସ୍ତଙ୍କୁ ହତାଶ ହେବାକୁ ପଡ଼ିବ ଜାଣିଥିଲେ ବୁଢ଼ୀର କ୍ରିୟାକର୍ମରେ ଏତେଗୁଡ଼ାଏ ଟଙ୍କା ଖରଚ କରିବା ଉଚିତ ନଥିଲା କହି ବଡ଼ ଓ ମଝିଆଁ ବୋହୂ ଚାଲିଯିବା ପରେ ସାନ ମଝିଆଣୀ କହିଲା : ବୁଢ଼ୀ ସଙ୍ଗେ ବୁଢ଼ାର କାମଟା ଏକାବେଳକେ ସାରି ଦେଇଥିଲେ କିଛି ଟଙ୍କାହେଲେ ବଞ୍ଚିଯାଇ ଥାଆନ୍ତା ।

ବୁଢ଼ା ମୁହିଁଟି ଧରି ଚାରିଆଡ଼କୁ ଚାହିଁଲା - ପାଖରେ କେହି ନଥିଲେ । ସମସ୍ତେ ଚାଲି ଗଲେଣି । ଏକା ସାନ ନାତୁଣୀଟା ପାଖରେ ବସିଥିଲା । କେହି ନଥିବା ଦେଖି କହିଲା : ଜେଜେ, ଆମ୍ମା କହୁଥିଲା ତମେ ଯେଉଁ ଦିନ ମରିବ ନା ଆମପାଇଁ ପୁଣି ଏମିତି ନୂଆ ଜାମା ହେବ । ଭୋଜି ହେବ । କହୁନ କେବେ ମରିବ ତମେ ?

ବୁଢ଼ା କିଛି ଶୁଣିପାରୁ ନଥିଲା - ଝରକାରେ ଚାହିଁରହିଥିଲା ଦୂର ଆକାଶକୁ ।

■ ■ ■

Source: Author, Digitized by PPRACHIN, SOA

ସମୟର ସିଡ଼ି

ସୁର ପ୍ରତାପ ଗୁମ୍ ମାରି ବସିଗଲେ । ଟେବୁଲ ଉପରେ କହୁଣୀଭରା ଦେଇ ହାତମୁଠା ଉପରେ ଗାଲ ରଖି ଅତୀତ ଓ ବର୍ତ୍ତମାନର ପଦାଧିକାରୀଙ୍କ ନାମ ବହନ କରି କାନ୍ଥରେ ସଗୌରବେ ଝୁଲୁଥିବା ଚାରି ବାଇ ତିନି ଫୁଟର ଚାର୍ଟକୁ ଚାହିଁ ରହିଲେ । କ୍ରମିକ ସଂଖାନୁସାରେ ଉପରୁ ତଳ ଆଡ଼କୁ ପଢ଼ି ଆସି ନିଜ ନାମ ପାଖରେ ଅଟକି ଗଲେ । ତାଙ୍କ ନାମରେ ଡାହାଣକୁ କେବଳ 'ଫ୍ରମ'ରେ ତାରିଖ ଲେଖା ହୋଇ ପରବର୍ତ୍ତୀ ତାରିଖ ଲେଖା ହେବା ପାଇଁ 'ଟୁ' ତଳେ ଥିବା ଶୂନ୍ୟସ୍ଥାନକୁ ନିରୀକ୍ଷଣ କଲେ । ଏବଂ ମନେ ମନେ ଗୁଣୁ ଗୁଣେଇଲେ କେମିତି ବଦଳି ଯାଉଛି ସମୟ । କାହାକୁ ଅପେକ୍ଷା ନ କରି । ଚାଲିଛି ଅବିରାମ ଗତିରେ । ପୁନଃ କ୍ରମିକ ସଂଖ୍ୟାରେ ପ୍ରଥମ ନାମ ପାଖରେ ସେ ଅଟକି ଗଲେ ଏବଂ ଏକ ଅଦ୍ଭୁତ ଖିଆଲ ତାଙ୍କ ମୁଣ୍ଡରେ ଢୁକିଲା । ମନେ ମନେ ଭାବିଲେ ଯଦି ସମୟ ସ୍ଥିର ହୋଇଯାଆନ୍ତା କିଛି କ୍ଷଣ । ତେବେ ? ପାଣି, ପବନ, ସୂର୍ଯ୍ୟ, ପୃଥିବୀ ସବୁ କଣ ଅଟକି ଯାଆନ୍ତା ? ଗୋଟିଏ ବିନ୍ଦୁରେ ? ଏ ବି ସମ୍ଭବ ନୁହେଁ । ସମୟ ଅଟକି ଯାଇଥିଲେ ସେ କେବେ ଏଠି ପହଞ୍ଚି ପାରିନଥାନ୍ତେ ନିଶ୍ଚୟ । ସମୟ ସହିତ ସେ ବି ଆଜି ଏଇଠି ।

ଘରୁ ଅଫିସ ଆସିବା ବେଳକୁ ଚୁପ୍‌ଚାପ୍ । ନିରୁପମା ହଠାତ୍ ସୃଷ୍ଟି କରିଥିବା ଏକ ଅସ୍ୱାଭାବିକ ପରିସ୍ଥିତି ତାଙ୍କୁ ବିବ୍ରତ କରି ପକାଉଛି । ଟେବୁଲ ଉପରେ ଗଦାଏ ଫାଇଲ୍ ଚାହିଁ ରହିଥିଲେ ହେଁ ସେ ସବୁ ଛୁଇଁବାକୁ ସେ ଇଚ୍ଛା କରୁନଥିଲେ । ପଙ୍ଖା ପବନରେ କେଇ ପୃଷ୍ଠା ଓଲଟି ଫାଇଲ କେତୋଟି ଟେବୁଲ ତଳକୁ ଖସିପଡ଼ିବା ବେଳକୁ ସୁରପ୍ରତାପଙ୍କ କଲିଂ

Source: Author, Digitized by PPRACHIN, SOA

ବେଲ୍ ଥରେ କ୍ରିଂ... ହୋଇ ବାଜିଗଲା ପରେ ବାହାରେ ଢୁଳୋଉଥିବା ପିଅନ୍ ରଘୁ ଝପ୍‌କିନା ଚାଲିଆସି ଫାଇଲ୍ ସବୁକୁ ଉଠାଇବାରେ ଲାଗିପଡ଼ିଲା । ସୁରପ୍ରତାପ ଗର୍ଜି ଉଠିଲେ, ରଘୁ ! ଫାଇଲ୍ ଏଠି କିଏ ରଖିଲା ? ବାରବାଂର, ମୁଁ କହିଛି - ଫାଇଲ ଦସ୍ତଖତ ହେବାକୁ ଆସିଲେ ନିର୍ଦ୍ଦିଷ୍ଟ ୟାକରେ ରହିବ । ଏବଂ ଫାଇଲ୍ କାମ କରୁଥିବା ସଂପୃକ୍ତ କର୍ମଚାରୀ ଆସି ଫାଇଲ୍ କରାଇ ନେବେ । ଏସବୁ ଜାଣିବା ସତ୍ତ୍ୱେ ଟେବୁଲ ଉପରେ କିଏ ରଖିଲା ?

ରଘୁ ଭେଲକା ହୋଇ ଚାହିଁ ରହିଲା । ଶବ୍ଦଟିଏ ଫିଟୁ ନ ଥିଲା ତା ପାଟିରୁ । ଅଫିସରଙ୍କ ଗର୍ଜ୍ଜନ ଶୁଣି ଅଫିସ ବଡ଼ବାବୁ ଚଷମାଟାକୁ ହାତରେ ଧରି ଧାଇଁ ଆସିଲେ । ଯେମିତି ତାଙ୍କର ଏଥିରେ ଦୋଷ କିଛି ନାହିଁ । ସେଇ ଢଙ୍ଗରେ କହିଲେ, 'ରଘୁ, ମୁଁ ପରା କହିଥିଲି, ଫାଇଲସବୁ ର୍ୟାକରେ ଦେବାକୁ । ସାର୍‌ଙ୍କ ଟେବୁଲ ଅସନା କରୁଛ ?' ଏତକ କହୁ କହୁ ବଡ଼ବାବୁ ଟେବୁଲ ଗ୍ଲାସ ଉପରେ ହାତ ପାପୁଲିକୁ ପୋଛିବା ଆଳରେ ବୁଲେଇ ଆଣିଲେ ।

ସୁରପ୍ରତାପ ଟିକିଏ ରହିଯାଇ କହିଲେ- 'ବୁଝିଲେ ବଡ଼ବାବୁ, ଏଠି ଏମାନଙ୍କର କାହାର କାମ କରିବାକୁ ଇଚ୍ଛା ନାହିଁ ।'

ବଡ଼ବାବୁ ତରବରରେ ଚଷମାଟିକୁ ଲଗେଇ କହିଲେ - 'ହଁ ସାର' ।

ବଡ଼ବାବୁ ଯେମିତି ଆସିଥିଲେ ସେମିତି ସୁଧାର ପିଲାଟିଏ ପରି ଚାଲିଗଲେ । ରଘୁ କାନ୍ଥ ପାଖକୁ ଠିଆ ହୋଇଥିଲା କିଛି ଆଦେଶ ପାଇବା ଭଙ୍ଗୀରେ । ଅଫିସ ସାରା ନୀରବତା । ଆଲେକିଆ ମାଛ ପରି ସମସ୍ତେ ଚୁପ୍‌ଚାପ୍ । ଆଉ କିଛି ହୋଇଯିବ ଆଶଙ୍କାରେ ସମସ୍ତ କର୍ମଚାରୀ ତଟସ୍ଥ । ଏବେ ନୂଆ ହୋଇ ଜୁନିୟର କ୍ଲର୍କ ଭାବେ ଯୋଗ ଦେଇଥିବା ଟୋକାଟି ଉପସ୍ଥାନ ରେଜିଷ୍ଟରଟି ଟେବୁଲ ଉପରେ ରଖିଦେଇଗଲା । ଭୋକିଲା ବାଘକୁ ଖାଦ୍ୟ ମିଳିଗଲା ପରି ସେ ଉପସ୍ଥାନ ଖାତାଟିରେ ମନୋନିବେଶ କଲେ । ଏବଂ ରଘୁଆକୁ ଆଦେଶ ଦେଲେ- 'ଚା ଆଣ (ଟିକିଏ ରହି) ନା... ନା... କଫି ଆଣ ।' ରଘୁ ଏଥିରେ ଜେଲ୍‌ରୁ ମୁକ୍ତ ହେବା ପରି ମହା ଆନଂଦରେ ଚାଲିଗଲା ।

ସୁରପ୍ରତାପ କାଳ ବିଳମ୍ବ ନ କରି ଆଜି ଦିନର ଉପସ୍ଥାନ ଉପରେ ନଜର ପକେଇଲେ । ଏବଂ ମାସର ଅଧିକାଂଶ ଦିନ ଡେରିରେ ଆସୁଥିବା ଲେଡ଼ି ଷ୍ଟେନୋ ଶ୍ୟାମଳୀ ମିଶ୍ର ଏଯାଏ ଅର୍ଥାତ୍ ଦିନ ଏଗାର ବାଜିଥିଲେ ମଧ୍ୟ ସେ ଅଫିସ ଆସିନଥିବା ଯୋଗୁ ସେଇଠି ସେ ଛୋଟ ମୁଣ୍ଡଳାଟିଏ ବୁଲେଇ ଦସ୍ତଖତ କରି ରେଜିଷ୍ଟର ବଂଦ କରିଦେଲେ । ସେ ଭଲଭାବେ ଜାଣନ୍ତି, ଡେରିରେ ଆସୁଥିବା ଶ୍ୟାମଳୀ କୈଫିୟତ ଦେବାକୁ କୌଣସି ନା କୌଣସି ମନଗଢ଼ା କାହାଣୀର ଅବତାରଣା କରିବ । ଏବଂ ସେ ସବୁ କାଟୁ ନ କଲେ ଗତାନୁଗତିକ ଫର୍ମୁଲାରେ 'ଏକ୍ସକିଉଜ ମି ସାର୍', ଭଳି ଶବ୍ଦ କେତୋଟି କହିବ । ଏବଂ କହିବାର ଭାବଭଙ୍ଗୀରେ ଏତେ ଅଶ୍ଳୀଳତା ଭରି ରହିଥିବ ଯେ ସୁରପ୍ରତାପଙ୍କୁ 'ଦିସ୍ ଇଜ୍ ଇୟୋର୍ ଲାଷ୍ଟ ଚାନ୍‌ସ' କହିବାକୁ ବାଧ୍ୟ କରି ପକେଇବ ଓ ପରେ ପରେ 'ଥ୍ୟାଙ୍କ ଇଉ ସାର୍' କହି ଏମିତି ଆପଣାର ହସଟିଏ ହସି ଦେବ, ଯେମିତି ତା ଆଖିର ଇସାରାରୁ ବୁଝିହେବ ଥାଙ୍କ୍ ଇଉ ବଦଳରେ କହୁଛି 'ଆଇ ଲଭ୍ ଇଉ ସାର୍' ।

Source: Author, Digitized by PPRACHIN, SOA

ବାହାରୁ ହଠାତ୍ ମହ ମହ ବାସ୍ନା ଘର ଭିତରକୁ ପେଲିହୋଇ ଚାଲି ଆସୁଥିଲା ଏବଂ ସେ ନିଶ୍ଚିତ ହୋଇ ଯାଇଥିଲେ ଯେ, ଇଏ ଶ୍ୟାମଳୀ ମିଶ୍ର ଆସୁଛି । ସେ ଏତେ କଡ଼ା ପରଫ୍ୟୁମ୍ ବ୍ୟବହାର କରେ ଯେ ଅଫିସରେ ଅନେକ ଶ୍ୟାମଳୀର ବାସ୍ନା ତରଙ୍ଗାୟିତ ହେଉଥାଏ । ସବୁଠି ସେଇ ଶ୍ୟାମଳୀର ବାସ୍ନା । ସେ କିନ୍ତୁ ଏସବୁ ସହ୍ୟ କରି ପାରନ୍ତିନି । ହାଲ୍‌କା ଫରଫ୍ୟୁମ୍ ତାଙ୍କର ପସନ୍ଦ । ଯେବେ ତାଙ୍କର ମନେହୁଏ ଯେଉଁମାନଙ୍କ ଦେହରେ କିଛି ଗନ୍ଧଥାଏ, ତାକୁ ଲୁଚାଇବାକୁ କିମ୍ବା ଅନ୍ୟକୁ ଆକୃଷ୍ଟ କରିବାକୁ ହିଁ ସେମାନେ ଏହା ବ୍ୟବହାର କରିବାକୁ ପସନ୍ଦ କରନ୍ତି ।

ଶ୍ୟାମଳୀ ମିଶ୍ର ଏମିତି ଦେଖିବାକୁ ଖୁବ୍ ସୁନ୍ଦରୀ । ତା ଯୌବନର ସୋରିଷ କ୍ଷେତରେ ଫଗୁଣର ମହମହ ବାସ୍ନା । ଖଜୁରାହୋ କିଂବା କୋଣାର୍କର ଚିତ୍ରପଟ୍ଟ ପରି ତା ଶରୀର । ଦେହରେ କାଶତଣ୍ଡୀର ସଫେଦ ରଂଗ । ତା ବବ୍‌କରା ହେୟାର ଷ୍ଟାଇଲ୍ ସାଙ୍ଗକୁ ଦୁଇଟି କଥାକୁହା ଢଳ ଢଳ ସଜଳ ଆଖି । ସବୁରି ହୃଦୟକୁ ଛୁଇଁ ଦେବାପରି କନ କନ ଚାହାଣି । ଆପୋଷ ବୁଝାମଣାରେ ପରସ୍ପର ଆଡ଼କୁ ଢଳିପଡ଼ିଥିବା ଦୁଇଟି ଫୁଲପରି ଗୋଲାପୀ ଓଠର ପାଖୁଡ଼ା । ସରୁ ଓଠର ତୀରରୁ ତୀର ଖସିଆସି ବିଦ୍ଧକରି ଦେଉଥିବା ଧୀର ଲାଜ ଲାଜ ହସ । କାରୁଣ୍ୟରେ ଭିଜା ଭିଜା କଅଁଳା ଚିବୁକ । ରଙ୍ଗିନ ପ୍ରଜାପତି ପରି ଚିତ୍ରିତ ଡେଣା । କେବେ ପୁଣି ଶୂନ୍ୟ ଆକାଶ ପରି ଉଦାସ । ଭଙ୍ଗାସିଲଟରେ ଅଙ୍କାବଙ୍କା ହସ୍ତାକ୍ଷର ଅଥବା ଏସବୁର ଏକ ସୁଂଦର ଇସ୍ତାହାର ଏଇ ଶ୍ୟାମଳୀ ମିଶ୍ର ।

ବାରଣ୍ଡାରେ ଟପ୍ ଟପ୍ ଘୋଡ଼ାଟାପୁର ଶବ୍ଦରୁ ଜଣାପଡ଼ିଗଲା ସିଏ ଆସୁଛି । ଝଡ଼ ବେଗରେ ‘ସାର୍ ନମସ୍କାର’ କହି ପଶିଆସିଲା ଗୋଟେ ବେପରୁଆ ଢଂଗରେ । ସବୁଦିନ ପରି ଆଜି ବି ପିନ୍ଧିଥିଲା ରୁଚିକର ଅନ୍ୟକୁ ଆକର୍ଷିତ କଲାପରି ପୋଷାକ । ଶୁଆରଂଗର ଶାଢ଼ି ବ୍ଲାଉଜ ସହ ଗୋଡ଼ର ନଖରୁ ମୁଣ୍ଡର ବିନ୍ଦି ପର୍ଯ୍ୟନ୍ତ ସବୁ ଥିଲା ଗୋଟିଏ ରଂଗର । ଏସବୁ ତାକୁ ବେଶ ମାନୁଥିଲା । ତା ଚେହେରା ଯଦିଓ ପୁରୁଷକୁ ଆକର୍ଷିତ କରିବାକୁ ସଂପୂର୍ଣ୍ଣ ସମର୍ଥ ଥିଲା ହେଲେ ତାକୁ ସେ କଳା କୌଶଳ ଟିକକ ଜଣାନଥିଲା । ଉଦ୍ଧତ ଯୌବନର ସୌନ୍ଦର୍ଯ୍ୟରେ ଫାଟି ପଡୁଥିଲା । ସବୁଥର ପରି ଅତି ସହଜରେ ତାର କୈଫିୟତ ଉପସ୍ଥାପନା କଲା ଏବଂ ଏହାର ପୁନରାବୃତ୍ତି ନ ହେବାକୁ ପ୍ରତିଶ୍ରୁତି ଦେଇ ସବୁ ଦିନ ପରି ଟେବୁଲ ଉପରେ ସଦ୍ୟ ଫୁଟିଥିବା ଏକ ରଜନୀଗଂଧାର ସ୍ତବକଟିଏ ଥୋଇଦେଲା । ସୁରପ୍ରତାପଙ୍କ ପାଟିରୁ ଆପେ ଆପେ ବାହାରି ପଡ଼ିଲା, ‘ଦିସ୍ ଇଜ୍ ଲାଷ୍ଟ ଚାନ୍‌ସ ଫର ଇଉ’ ।

ଅଫିସରଙ୍କ କୋଠରି ସଂଲଗ୍ନ ଏକ ମିଡ଼ିୟମ ଅଣଓସାରିଆ ରୁମ୍‌ରେ ବସେ ଶ୍ୟାମଳୀ । ଝରକାରେ ବେଳେ ବେଳେ ଦିଶିଯାଏ ତାର ପାନ ପତ୍ରମୁହଁ । ସୁର ପ୍ରତାପ କେବେ କେମିତି କାମ ନ ଥିଲେ, ତାକୁ ଦେଖି ନ ଦେଖିବା ପରି ରହିଯାଆନ୍ତି । ଅବଶ୍ୟ ବେଳେ ବେଳେ ତାକୁ ଦେଖିବାକୁ ଇଚ୍ଛା ହୁଏ । ଆଜି ଦେଖିଲେ ସେ ରୁମ୍‌ରେ ଥକ୍କାହୋଇ ବସି ପଡ଼ିଲା ତା ଚେୟାରରେ । ଭ୍ୟାନିଟ୍‌ରୁ ବାହାର କଲା ଏକ ପକେଟ ଅଇନା ଏବଂ ଏକ ଛୋଟ ପାନିଆଁ ଧରି ଏବେ ଏବେ ବିଉଟି ପାର୍‌ଲର୍‌ରେ କରିଥିବା ହେୟାର ଷ୍ଟାଇଲ ଉପରେ ସତର୍କତା ସହ

Source: Author, Digitized by PPRACHIN, SOA

ପାନିଆଁ ଚଳେଇଲା । ଝାଳୁଆ ମୁହଁକୁ ରୁମାଲରେ ରେଗେଡ଼ି ସଫା କଲା ଓ ଗୋଟିଏ ଛୋଟ ପାଉଡ଼ର ପଫ୍ ଥରେ ବୁଲେଇ ଆଣି ଓଠରେ ଲିପିଷ୍ଟିକ୍‌ର ଡବଲ କୋଟ ଦେଉ ଦେଉ ଆସ୍ତେ ଡାକିଲା ରଘୁଆକୁ ଚା ଓ ପାଣିର ବରାଦ ଦେଇ ଫାଇଲ ଦେଖିବାର ଏକ ସୁଂଦର ଅଭିନୟ କଲା । ତା ଚେହେରାରେ ଉଦାସ ଉଦାସ ଭାବ ଦେଖି ମନେ ହେଉଥିଲା ଯେମିତି ଏଇ ସଦ୍ୟ ତାର ପ୍ରେମିକ ପାଖରୁ ବିଦାୟ ନେଇ ଆସିଛି ।

ସୁର ପ୍ରତାପ ରାଗରେ ଫାଟି ପଡୁଥିଲେ ବି କିଛି କହିପାରୁ ନଥିଲେ । ଏବଂ ସରକାରଙ୍କ ନାରୀମାନଙ୍କ ପାଇଁ ଶତକଡ଼ା ତିରିଶ ଭାଗ ସଂରକ୍ଷଣ ନୀତି ଉପରେ ଏକମତ ହୋଇପାରୁନଥିଲେ । ତାଙ୍କର ଆଶଙ୍କା ଥିଲା ଯେ ଏହାଦ୍ୱାରା ଉତ୍ପାଦନ ହାର କମିଯିବ ନିଶ୍ଚୟ । କଣ ଏମାନଙ୍କର କାର୍ଯ୍ୟଦକ୍ଷତା ବହୁଗୁଣରେ ପୁରୁଷମାନଙ୍କଠାରୁ କମ୍ ? ହେଲେ ସେଇ ଅଫିସରେ କାମ କରୁଥିବା ମମତା ମହାନ୍ତିକୁ ଦେଖିବା ପରେ ସେ କିଛିଟା ଆଶା ରଖୁଥିଲେ । ମମତା ଥିଲା ସାଦାସିଧା, ନମ୍ର, ବିନୟୀ, ତାର ସ୍ଲିମ୍ ଫିଗରକୁ ଆଦୌ ଚାକଚକ୍ୟ ନଥିବା ପୋଷାକ ଓ ମାପଚୁପ କଥାବାର୍ତ୍ତା ଦେଖି ଯାହାକୁ ହେଲେ ବି ଖୁସି ଖୁସି ଲାଗୁଥିଲା । ତା ଚେହେରାରେ ଗୋଟେ ଆପଣାର ଆପଣାର ଭାବ ଦେଖି ହେଉଥିଲା । ଯେ କେହି ତାକୁ ବିନା ଦ୍ୱିଧାରେ ଆପଣେଇ ନେବାକୁ କୁଣ୍ଠା ପ୍ରକାଶ କରିବନି । ସଜଫୁଟା ଗୋଲାପର ଗଂଧ ପରି ତାକୁ ଦେଖିଲେ ଗୋଟେ ପବିତ୍ରତାରେ ନଇଁ ଯାଉଥିଲା ମନ । ହୃଦୟର କେଉଁ ଅଜଣା କୋଣକୁ ଛୁଇଁ ଯାଉଥିଲା ଏମିତି ନିରୋଳାରେ । ତାକୁ ଦେଖିବା ପରେ ସୁର ପ୍ରତାପଙ୍କ ହଜିଯାଉଥିଲା ମନ । ଉଡ଼ି ଯାଉଥିଲା ମନ କାହିଁ କେତେ ଦୂରକୁ ଓ ଶେଫାଳୀକୁ ସେ ମନେ ପକେଇ ଦେଉଥିଲା ବାରଂବାର । କେଉଁ ଏକ ଦୁର୍ବଳ ମୁହୂର୍ତ୍ତରେ ଦିନେ ନିଜକୁ ହଜେଇ ଦେଇଥିଲେ ଶେଫାଳୀର ନିଟୋଳ ଛାତିରେ । ଏମିତି କେମିତି ସବୁ ହୋଇଗଲା ବୋଲି ଦୁହେଁ ଦୁହିଁଙ୍କୁ ପ୍ରଶ୍ନ କରୁଥିଲେ । ଯାହାର ଉତ୍ତର ଥିଲା- ପ୍ରେମ କରାଯାଏନି । ପ୍ରେମ ହୋଇଯାଏ ଏମିତି ।

ଶେଫାଳୀ କଥା ମନେ ପଡ଼ିଲେ ସେ କୌଣସି କାମ କରିପାରନ୍ତି ନାହିଁ । ସ୍ମୃତିରେ ଭିଜିଯାଏ ମନ । ତୁହାକୁ ତୁହା ଗୋଟେ ସୁନ୍ଦର ମୁହଁର ଗୋଲାପି ଓଠ ତାଂକ ସମଗ୍ର ଶରୀରକୁ ଜାବୁଡ଼ି ଧରେ । ଆକ୍ତାମାକ୍ତା କରିପକାଏ ତାର ଛୁଆଁ । ମମତା ଲାଗେ ଯେମିତି ଶେଫାଳୀର ଆଉ ଏକ ମିନି ସଂସ୍କରଣ । ସେଥିପାଇଁ ସେ କେବେ କୌଣସି କାମରେ ତାକୁ ଡାକି ସାମ୍ନା କରିବାକୁ ଇଚ୍ଛା କରନ୍ତିନି ଖାସ ଶେଫାଳୀ ପାଇଁ ।

ବଡ଼ବାବୁ ଆସିବା ପରେ ସୁରପ୍ରତାପଙ୍କ ସବୁ ଭାବନାରେ ପୂର୍ଣ୍ଣଚ୍ଛେଦ ପଡ଼ିଗଲା । ସେ ମନେ ପକେଇ ଦେଲେ – 'ସାର, ସେକେଣ୍ଡ ରିଭାଇଜିଡ୍ ବଜେଟ୍ ଆସନ୍ତା ତିନିଦିନ ଭିତରେ ପଠାଇବାକୁ ରିମାଇଣ୍ଡର ଟେଲିଗ୍ରାମ ଆସିଛି । ସେଥିପାଇଁ ସାର୍ ବ୍ୟସ୍ତ ଅଛି । ଯେମିତି ହେଲେ କାଲି ସୁଦ୍ଧା ପ୍ରସ୍ତୁତ କଲେ, ତା ପରଦିନ ରିଚେକ୍ କରି ପଠାଇବାକୁ ପଡ଼ିବ ।' ଧୋତି କୁଂଚର ଧଡ଼ିକୁ ସଳଖୁ ସଳଖୁ ପୁଣି କହିଲେ- ମୁଁ କ'ଣ କହୁଥିଲି କି ସାର୍ ? ମୁଁ ଟିକେ ଅବିକା ବଜେଟରେ ବ୍ୟସ୍ତ ଅଛି । ଏ ଫାଇଲ ଗୁଡ଼ିକ ସୋନା ମ୍ୟାଡାମଙ୍କ

Source: Author, Digitized by PPRACHIN, SOA

ପାଖରୁ (ଶ୍ୟାମଳୀ ମିଶ୍ର ଏଇ ଡାକ ନାମରେ ପରିଚିତ) ଟିକେ କରେଇ ନିଅନ୍ତେ । କୌଣସି ଉତ୍ତରକୁ ଅପେକ୍ଷା ନକରି ନିରବତାକୁ ସମ୍ମତି ଭାବି ବଡ଼ବାବୁ ଯିବା ପରେ ସୋନା ଓରଫ୍ ଶ୍ୟାମଳୀ ମିଶ୍ର କ୍ୟାଟ୍ ୱାକ୍ ଷ୍ଟାଇଲରେ ନିଜକୁ ଦୋହଲାଇ ଦୋହଲାଇ ଆସିଲେ । ଆଜି କୌଣସି କାମ କରିବାକୁ ଇଚ୍ଛା ନଥିଲେ ହେଁ ସେ ମନା କରି ପାରିଲେନି ଏଥିପାଇଁ ଯେ, ଫାଇଲ ଭିତରେ ନିଜକୁ କିଛି ସମୟ ବୁଡେଇ ନେଲେ ହୁଏତ ଭାରାକ୍ରାନ୍ତ ମନଟା ହାଲ୍‌କା ଲାଗିପାରେ । ଜୀବନରେ ଏକ ମସ୍ତବଡ଼ ଭୁଲ ଏଇ ନିରୁପମା । ଅପାତ୍ରରେ ଦାନ ଦେଲେ ତାର ମହତ୍ତ୍ୱ କିଏ ବୁଝିବ ।

ଏମିତି ଏକ ଅନ୍ୟମନସ୍କତା ଭିତରେ ଶ୍ୟାମଳୀ ଦୁଇଟି ଫାଇଲ ଦସ୍ତଖତ କରାଇନେବା ପରେ ସେ ଅଫିସରଙ୍କ ମୁଡ୍ ଠିକ୍ ଭାବରେ ପଢ଼ି ନେଇଥିଲା । କାରଣ ସେ ଜାଣେ କିରାଗୁ ଶିରା ବାହାର କରିବା ଭଳି ଟିକି ନିଖି ପଢ଼ି, ଥରକୁ ଥର କ୍ୱାରି କରିବା, ଶେଷକୁ ଫାଇଲ କରୁଥିବା କିରାଣି, ବଡ଼ବାବୁ ଆସି ବୁଝେଇବା ପରେ ବି ଅବ୍‌ଜେକସନ ହେଉଥିବା ଫାଇଲ ଆଜି ଆରାମରେ ପାଶ ହୋଇଯିବା ତାକୁ ଆଶ୍ଚର୍ଯ୍ୟ ଲାଗୁଥିଲା- କିଛି ସମୟ ନୀରବତା ପରେ ଶ୍ୟାମଳୀ କହିଲା, 'ସାର, କଣ ଭାବୁଛନ୍ତି କି ?- ଆପଣ ଆଜି କାହିଁକି ଅନ୍ୟମନସ୍କ ଜଣାପଡୁଛନ୍ତି ?'

ସୁର ପ୍ରତାପ ନୀରବ ।

- ଆପଣଙ୍କ ଦେହ ଭଲ ନାହିଁକି ସାର ?

ତଥାପି ସେ ନୀରବ ।

ଏମିତି କିଛି ସମୟ ନୀରବତା ପରେ ସୁର ପ୍ରତାପ କହିଲେ- 'ଦେଖ ଶ୍ୟାମଳୀ, ଇଫ୍ ଇଉ ଡୋଣ୍ଟ ମାଇଣ୍ଡ'- ମୁଁ ଗୋଟେ କଥା କହିବି ।'

କୁହନ୍ତୁ ସାର୍, ଏଥିରେ ଭାବିବାର କଣ ଅଛି ?

- ଶ୍ୟାମଳୀ, ସୁର ପ୍ରତାପ କହିଲେ- ତୁମେ ଏତେ କଡ଼ା ପରଫ୍ୟୁମ୍ ବ୍ୟବହାର କରୁଛ ଯେ ଆଦୌ ଟଲରେଟ କରି ହେଉନି ।

ହେଲେ ସାର୍, ଆପଣଙ୍କୁ ଖରାପ ତ ଲାଗୁ ନଥିବ ?

ଆରେ ନା-ନା- ସେମିତି କିଛି ନୁହେଁ । ତେବେ ହାଲ୍‌କା ପରଫ୍ୟୁମ୍ ଗୋଟେ ଜେଣ୍ଟିଲ ଜେଣ୍ଟିଲ ଲାଗେ । ସୁର ପ୍ରତାପ ଏଥର ଟାଇର ନଟ୍‌କୁ ଟିକିଏ ଢିଲା କରିଦେଲେ ।

ଏଇ ପ୍ରଥମ ଥର ଏମିତି କେଇପଦ ହାଲକା କଥା ଶୁଣି ଶ୍ୟାମଳୀକୁ ଖୁସି ଖୁସି ଲାଗୁଥିଲା । ଶାଢ଼ିର କ୍ଲିପଟାକୁ ଥରେ ପରଖି ନେଇ ପରବର୍ତ୍ତୀ ଫାଇଲର ପୃଷ୍ଠା ଓଲଟାଇଲା । ସୁର ପ୍ରତାପ ଏପର୍ଯ୍ୟନ୍ତ ଶ୍ୟାମଳୀର ଚଂପାକଢ଼ୀ ଆଙ୍ଗୁଳିରେ ଆମେରିକାନ ଡାଇମଣ୍ଡ ଦିଆ ଛୋଟ ପଥର ବସା ମୁଦି ସାଂଗକୁ ମ୍ୟାଚ୍‌କରା ନେଲ ପଲିସକୁ ଦେଖୁଥିଲେ । କାରଣ ତାଙ୍କର ଏକ ଅଭ୍ୟାସ ଝିଅମାନଙ୍କ ମୁହଁକୁ ନ ଦେଖି ପାଦକୁ ଦେଖିବା । ଏଇବେଳକୁ ଇଲେକ୍‌ଟ୍ରି ଲାଇନର ଲୁଚକାଳି ଖେଳ ନିରୁପମାଙ୍କ କଥାକୁ ଦୋହରାଇ ଦେଲା । ଶ୍ୟାମଳୀର ଉପସ୍ଥିତି ତାଙ୍କୁ କାବୁ କରିପାରୁନଥିଲା । ଏଇ ମଉକାରେ ଶ୍ୟାମଳୀ ଆଉ ଚୁପ ନରହି

Source: Author, Digitized by PPRACHIN, SOA

କହିଲା- ସାର ଆପଣ ସିଗାରେଟ୍ ଟାଣନ୍ତିନି ବୋଧେ । କିଂବା ଆଗରୁ ଟାଣୁଥିଲେ ଏବେ ଛାଡ଼ି ଦେଇଛନ୍ତି ବୋଧେ । କିନ୍ତୁ ସାର । ପୁଅ ପିଲାମାନେ ସିଗାରେଟ ଟାଣିବା ଏକ ଆଭିଜାତ୍ୟକୁ ବୁଝାଏ । ଆପଣ ଟାଣିଲେ ଭାରି ଭଲ ଲାଗନ୍ତା ।

ସୁର ପ୍ରତାପ ଗମ୍ଭୀର ହୋଇଗଲେ ।

ଶ୍ୟାମଳୀ ପୁଣି ଆରମ୍ଭ କଲା, 'ସାର ! ନିଶ କାହିଁକି କାଟି ପକାଉଛନ୍ତି । ନିଶ ରଖିଲେ ବେଶ୍ ମାନନ୍ତା ଆପଣଙ୍କୁ ।'

ସୁର ପ୍ରତାପଙ୍କ କେଉଁ ଏକ ଅଜାଗାକୁ ଚୁଇଁ ଦେଲା ବୋଧେ ଶ୍ୟାମଳୀ । ସେ ରାଗରେ ଥମ୍ ଥମ୍ ହୋଇ ଧୀର ଗଳାରେ କହିଲେ- 'ଇଉ ପ୍ଲିଜ୍ ଗୋ ନାଓଁ ।'

-ସାର୍, ଫାଇଲ...

ପ୍ଲିଜ୍ ଗୋ ।

ଶ୍ୟାମଳୀ କିଛି ବୁଝିପାରିଲାନି କଣ ଘଟଣା, ତାର ଭୁଲ୍ ରହିଲା କେଉଁଠି । ଏମିତି ତାକୁ ତଡ଼ି ଦେବାର ମାନେ କଣ ? ହେଲେ ହେଲା ନ ହେଲେ ନାଇଁ ଢଂଗରେ ସେ ଚାଲିଗଲା ନିଜ କୋଠରିକୁ । ଅଫିସରଙ୍କ ଏତାଦୃଶ ବ୍ୟବହାର ତାକୁ ବ୍ୟତିବ୍ୟସ୍ତ କରି ପକାଇଲା, ସେ ଯେମିତି କାନ୍ଦି ପକେଇବ । ଆଖିରେ ତାର ଲୁହ ଟୁଳୁ ଟୁଳୁ ହୋଇଗଲା । ସେ ଗୁମ୍ ମାରି ବସି ପଡ଼ିଲା, ତାର ମନେ ହେଲା- ସୁର ପ୍ରତାପ ଯେମିତି ତାକୁ, ତାର ଯୌବନକୁ, ତାର ସୌନ୍ଦର୍ଯ୍ୟକୁ, ତାର ନାରୀତ୍ୱକୁ, ସବୁକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ତାକୁ ଭାରି ଅପମାନ ଲାଗିଲା ।.

ସୁର ପ୍ରତାପଙ୍କ ରାଗଟା ଆସ୍ତେ ଆସ୍ତେ ବରଫ ପରି ଜମାଟ ବାଂଧିଗଲା ଓ ପୁନଃ ଶ୍ୟାମଳୀ ମନେ ପକେଇ ଦେଇଥିବା ଶେଫାଳୀର ଭାବନାରେ ହଜିଗଲେ ଏବଂ ଲମ୍ବା ପାହୁଣ୍ଡ ପକେଇ କ୍ୱାଟରକୁ ଚାଲିଗଲେ । ଖାଁ ଖାଁ କ୍ୱାଟରଟା ମାଡ଼ି ପଡୁଥିଲା । ଖାଇବାକୁ ଆଗ୍ରହ ନଥିଲେ ହେଁ ଘଣ୍ଟାଟାଏ ରେଷ୍ଟ ନେଇ ଯିବାକୁ ମନସ୍ଥ କଲେ । ସେତିକି ବେଳକୁ ଫୋନ୍‌ଟା ବାଜି ଉଠିଲା, ଆଜି ସଂଧ୍ୟାରେ ଥିବା ମିଟିଙ୍ଗ୍ କ୍ୟାନସଲ ହୋଇଯାଇଛି ଓ ଆବଶ୍ୟକ କାଗଜପତ୍ର ଗୁଡ଼ିକ ଶୀଘ୍ର ପଠାଇବା ପାଇଁ ଅଫିସ ଫେରି ଆସିଲେ । କାହାକୁ ନ ଡାକି ଚୁପ୍ ଚାପ୍ ଚେୟାରରେ ବସି ପଡ଼ିଲେ, ଖାଇବା ସମୟ ଯୋଗୁ ଅଫିସ୍ ଟିକିଏ ଫାଙ୍କା ଲାଗୁଥିଲା । ତାଙ୍କର କାହିଁକି ମନେ ହେଲା ଶ୍ୟାମଳୀ ଯେମିତି ତାଙ୍କୁ ବେଳେ ବେଳେ ଦୁର୍ବଳ କରି ପକାଉଛି । କାରଣ ନାରୀର ସମ୍ମୋହନ ଶକ୍ତି ହିଁ ଅନେକ ସବଳ ପୁରୁଷକୁ ଦୁର୍ବଳ କରି ପକାଏ । ତେବେ ସେ କଦାଚିତ୍ ହାରି ଯିବେନି ଏହା ନିଶ୍ଚିତ ।

ଅଫିସ ସାରା ଖେଳିବୁଲୁଥିବା ଶ୍ୟାମଳୀର ବାସ୍ନା କ୍ରମେ କ୍ରମେ ପାତଳ ହୋଇଗଲାଣି । ତେବେ ରଘୁଆ ସହିତ ଶ୍ୟାମଳୀର ଏକାନ୍ତରେ କଣ ଗୋଟାଏ ମନ୍ତ୍ରଣା ଚାଲିଥିବା ଭଳି ମନେ ହେଲା । ସେ କାନ ଡେରି ଶୁଣିଲେ, ଶ୍ୟାମଳୀ କହୁଥିଲା, 'ଆଚ୍ଛା ରଘୁ, ଶଳାର କଣ ହୋଇଛି କିରେ ? ସବୁ ବେଳେ ଖାଲି ଫଁ ଫଁ । ନହେଲେ ଶଳା ସବୁବେଳେ ଖାଲି ରଗ୍ ରଗ । ହଇରେ ତୁ ତ ବାବୁଘରେ ରୋଷେଇ କରୁଛୁ, ରହୁଛୁ, ସତ କହିଲୁ- ସେଠିକି- କିଏ ଯିବା ଆସିବା କରୁଛି କି ? ମାନେ କେହି ଝିଅ ?'

Source: Author, Digitized by PPRACHIN, SOA

ନା- କହିଲା ରଘୁଆ ।

-ଆଉ ଫୋନ୍ ଫାନ କିଛି ?

- ନା

- ଆରେ ଚିଠି ଫିଟି କିଛି ଆସୁଥିବରେ

-ନା, ଦିଦି ମୁଁ ଜାଣିନି । ହେଲେ ବାବୁ ରାତ୍ରି ଅନିଦ୍ରା ହୋଇ କଣ ସବୁ ଲେଖନ୍ତି ।

-ତେବେ ଶୁଣ, ରଖ ଏ କୋଡ଼ିଏ ଟଙ୍କା ଆଉ ସବୁ ହିସାବ କରି ମୋତେ କହିବୁ । ବୁଝିଲୁ ?

ରଘୁଆ ଟଙ୍କାଟା ଧରୁ ଧରୁ ଖୁସି ହୋଇଗଲା । କହିଲା ଦିଦି- ପଅରି ଦିନ ସଂଧ୍ୟାରେ ଚା ପିଇବା ବେଳେ ବାବୁ କହୁଥିଲେ- ତୋ ଶ୍ୟାମଳୀ ମ୍ୟାଡାମର ବାପା କଣ କରନ୍ତି ଜାଣିଚୁ ? ମୁଁ କହିଲି ନା ସାର୍ !

- ଏଁ ପଚାରୁ ଥିଲେ ତେବେ ? ନେ-ନେ ଆଉ ଦଶଟଙ୍କା ରଖ । କିରେ ଏଯାଏ କାହିଁକି କହୁ ନ ଥିଲୁ କିରେ ?

- ଆପଣ ମତେ କଥା କହିବାକୁ ସମୟ ଦେଲେ ନାହିଁ, ଖାଲି ପ୍ରଶ୍ନ ପରେ ପ୍ରଶ୍ନ ପଚାରୁଚନ୍ତି ।

- ଛାଡ଼ ସେ କଥା, ଏବେ କଣ ହେଉଛି ସବୁ କହିବୁ- ଏ କଥା ଯେମିତି ଆମ ଦୁହିଁଙ୍କ ଛଡ଼ା ଅନ୍ୟ କେହି ଜାଣିବେନି, ତା ପରେ ଦେଖିବା କଣ ହେବ ।

ହଇରେ ରଘୁ- ମୁଁ ନୂଆ ଜଏନ କଲାବେଳେ ସେଇ ବୁଢ଼ା ଅଫିସରଙ୍କ ମାସ ତିନିଟା ଥିଲା ଚାକେରୀ, ଆଉ ତାପରେ ଆସିଲା ସେଇ ଆଦିବାସୀଟା, ଗୋଟେ ମହା ଅଖବାଟେ, ଯାହା ବୁଝିଥିବ ସେୟା, ଆଡ଼ ଆଖିରେ କାହାକୁ ଚାହିଁବନି । ଶଳାର ଯେଉଁ ଚେହେରା, ସେଥିରେ ପୁଣି ଗୋଟା ତୁଳସୀ, ମୋର ମାସଟେ ଛୁଟି କରି ଦେଇଛି, ସେମିତି ଜଗି ରଖିଗଲା ଦି ବରଷ । ଆଉ ଇଏ ଆସୁ ଆସୁ ଫଁ । ଏଗୁଡ଼ାକ ଅଫିସର ନା ଆଉ କଣ । ତୁ ରଘୁ ଦେଖିବୁ ରହ, ଇଏ ଠିକ୍ ପୋଷା ମାନିବ । ଥରେ ଗଦ ଶୁଙ୍ଘେଇ ଦେଲେ ବାସ । ଆଚ୍ଛା, ରଘୁ ତୋ ସାହେବ ପରା କୁଆଡ଼େ ଜଣେ ଭଲ କବି ? ତେବେ ତ ବାଟ ସଫା । କବିଟିଏ ମାନେ ନୁତୁପୁତିଆ ହୃଦୟଟିଏ । ଏଣୁ କାନିରେ ବାଂଧିବା ସହଜ । ତାଙ୍କର ଦରକାର ଜହ୍ନ, ସୁଂଦରୀ ନାୟିକା, ନଈ ପଠା ଆଉ ନିଛାଟିଆ ନିରୋଳା ମୁହୂର୍ତ୍ତ ।

ରଘୁ କହିଲା- ନାଇଁମ ଦିଦି, କବି ନୁହେଁ ଗାଞ୍ଜିକ ।

- ଶଳା ମାଇଲା ତେବେ । ଯୋଉ ଝିଅକୁ ଭଲ ପାଉଥିବ ମାନେ ଆଉ ମୁହଁ ଉଠେଇ କୁଆଡ଼େ ଚାହିଁବନି । ଭାରି ଆଜ୍ଞାଧୀନ, ତେବେ ଦେଖିବା, ଖାଲି ଅପେକ୍ଷା କର । ସମୟ ଆସିଲେ ଆପେ ଯନ୍ତାରେ ରହିଯିବ ।

ସୁର ପ୍ରତାପ ଏ ହିସାବନିକାଶ ନ ଶୁଣିବା ପରି କଲିଂ ବେଲଟା ଚିପିଦେଲେ, ରଘୁହାତ ମଳି ମଳି ଧାଇଁ ଆସିଲା । ମୁହଁ ସାରା ବିନ୍ଦୁ ବିନ୍ଦୁ ଝାଳ । ସେ କାଳେ ଧରା ପଡ଼ି

Source: Author, Digitized by PPRACHIN, SOA

ଯାଇଛି କି ? ଏଇ ଭାବନାରେ ତା ପାଟି ଆପେ ଆପେ ଖନି ବାଜି ଯାଉଥିଲା- କହିଲା- ସାର, ଚା, କଫି ଆଣିବି କି ?

ସୁର ପ୍ରତାପ ଟିକିଏ ଗମ୍ଭୀର ହୋଇ କହିଲେ- ବଡ଼ ବାବୁ ଓ ମଲିଆ ବାବୁଙ୍କୁ ଡାକ ।

କିଛି ସମୟ ପରେ ମମତା ଆସି କହିଲା- ସାର୍ ମୋତେ ଡାକୁଥିଲେ କି ?

-ତୁମକୁ ? ନାଁ -ତ ?

- ରଘୁ କହିଲା ।

ଏଥର ରାଗରେ ସେ ପାଟିଗଲେ । କଲିଂବେଲ ମାରିବା କ୍ଷଣି ରଘୁ ହାଜର, ଆସାମୀକୁ ଜେରା କରିବା ପରି ସେ ପଚାରିଲେ- 'ରଘୁ କାହାକୁ ଡାକିଲ ?'

- ସାର୍ ମମତା ଦିଦିଙ୍କୁ, କାହିଁକି ?

- ମୁଁ ପରା କହିଲି ବଡ଼ବାବୁ ଓ ମଲିଆ ବାବୁଙ୍କୁ ଡାକିବାକୁ, ମମତାକୁ ନୁହେଁ । ମନେ ମନେ ବିରକ୍ତ ହେଲେ । ଯେତେ ସବୁ ମାଇଚିଆ କାମଠକ ଏଇ ଅଫିସରେ । କି କାମ ହେବ । ଖୁବ୍ ଧୀର ଗଳାରେ ଏଥର ସୁର ପ୍ରତାପ କହିଲେ- ତୁମେ ଯାଅ ମମତା, ତୁମକୁ ସେ ଭୁଲ୍‌ରେ ଡାକି ଦେଇଛି । ହଁ, ଯିବା ବାଟରେ ମଲିଆ ବାବୁଙ୍କୁ କୁହ- ମୁଁ ଡାକୁଛି, ଏଣୁ ପି.ଆର. ଫାଇଲ୍ ଧରି ଆସିବେ ।

ସେ ଏଥର ଅଫିସ ବାରଣ୍ଡାକୁ ଆସିଲେ ଏବଂ ସେକ୍‌ସନ ଭିତରକୁ ପଶିଗଲେ । ବଡ଼ବାବୁଙ୍କ ଚେୟାର ଖାଲି ପଡ଼ିଥିଲା ଓ ଅନ୍ୟମାନେ ଧଡ଼ ଧାଡ଼ ଚେୟାର ଛାଡ଼ି ଛିଡ଼ା ହୋଇଗଲେ । ସୁର ପ୍ରତାପଙ୍କ ମନେ ପଡ଼ିଗଲା ପୁରୁଣା କଥା । ଏମିତି ସେ ଦିନେ ଛିଡ଼ା ହୋଇ ପଡୁଥିଲେ । ଗୋଟେ ଦଶବାର ବାର ଫୁଟ ସାଇଜର କୋଠରିରେ ସାତ ଆଠଟି ଖୁନ୍ଦାଖୁନ୍ଦି ସାନ ଟେବୁଲ, ଗୋଟେ ଦୁଇଟି ର୍ୟାକ । କେତୋଟି ଆଲମାରୀ, କିଛି ସରକାରୀ ନଥି, ଏ ସବୁର ଭିଡ଼ ଭିତରେ ମୁହଁକୁ ମୁହଁ ଦେଇ ଅଫିସ କାମ ସାଙ୍ଗକୁ ଗୁଲିଗପ, ଆଲୋଚନା, ହୋ ହୋ ହସ, ବଡ଼ ପାଟିର କଥା, ବାଜି ମରାମରି ଇତ୍ୟାଦି ଖୁବ୍ ଆରାମରେ ଚାଲିଥିଲା, ଅଫିସ କାମ ଅଧାରୁ ଉଠି ଗୋଠମେଳିଆ ଦୋକାନରେ ହାଫ୍ ଚା ପିଇବା, ଦରକଷି ମାର୍କେଟରେ ପରିବା କିଣିବା ଇତ୍ୟାଦି ତାଙ୍କର ମନେ ପଡ଼ିଲା । ସେ ସବୁଦିନ ଥିଲା ଅଲଗା, ମନେ ହେଉଥିଲା ଥରେ ସେଇଠି ବସି ପଡ଼ନ୍ତେ କି ? ନା ଅଛି ସେଠି ଗୁରୁ ଦାୟିତ୍ୱ ନା ଅଛି ଅନ୍ୟକୁ ସାମ୍ନା କରିବାର ଆଶଙ୍କା । ଏକ ରକମ ଲଗାମଛଡ଼ା ଜୀବନ । ଓଡ଼ିଶା ପ୍ରଶାସନିକ ସେବାର ଷ୍ଟାମ୍ପଟିଏ ତାଙ୍କଠି ଲାଗିଯିବା ପରେ ସେ ଏସବୁ ପ୍ରତି ବାଧ୍ୟ ବାଧ୍ୟକତାରେ ସତର୍କ ହୋଇଯାଉଥିଲେ ।

ସାମାନ୍ୟ ବିଳମ୍ବ ହେଲେ ବି ଜୁନିୟରମାନେ ତାଙ୍କୁ ଅତିକ୍ରମ କରି ଚାଲିଯିବାର ମନସ୍ତାପ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗ ଦେବା ପରେ ଆସ୍ତେ ଆସ୍ତେ ମିଳେଇ ଯାଇଥିଲା । ସମସ୍ତେ ଖୁସିହୋଇ ଯାଇଥିଲେ ହେଁ ସୁର ପ୍ରତାପ ଲକ୍ଷ୍ୟ କରିଥିଲେ ଯେ ନିରୁପମା କାହିଁକି ଖୁସିହେବା ସେ ଦେଖିପାରୁ ନଥିଲେ । ଅଥଚ ଶତ୍ରୁଟିଏ ବି ଗର୍ବ ଅନୁଭବ କରୁଥିଲା ତାଙ୍କ କୃତିତ୍ୱରେ । ସୁର ପ୍ରତାପ ଅନେକ ଚେଷ୍ଟା କରି ମଧ୍ୟ ଏହାର ଗୁରୁତ୍ୱଟିକୁ

Source: Author, Digitized by PPRACHIN, SOA

ଖୋଜି ପାଉନଥିଲେ । ଯିଏ ଏ ପ୍ରାପ୍ତି ପାଇଁ ଯୋଗ୍ୟ ନୁହେଁ, ଜଣେ ଅଯୋଗ୍ୟ ବ୍ୟକ୍ତିକୁ ଯୋଗ୍ୟତାର ତାଲିକାରେ ନେଲେ, ସେ ତାର ପ୍ରକୃତ ମର୍ମ ବୁଝିବାକୁ ଅକ୍ଷମ ହେବାଭଳି ଜଣା ପଡୁଥିଲା । ତେବେ ଏସବୁ ପଛରେ ଗୋଟିଏ ସ୍ୱାର୍ଥପରତାର ସଂକୀର୍ଣ୍ଣତା ତାଙ୍କୁ ସଂକୁଚିତ କରି ପକାଇବା ବେଳେ ବେଳେ ସେ ଲକ୍ଷ୍ୟ କରୁଥିଲେ । ତେବେ ସେ ଜାଣନ୍ତି, ତାଙ୍କୁ ଏକଲା ଚଲୋ ନୀତିରେ ଯିବାକୁ ପଡ଼ିବ । କୌଣସି କଥାକୁ ଭ୍ରୂକ୍ଷେପ ନକରି ଅନେକ ଦିନର ସ୍ୱପ୍ନର ସତ୍ୟତାକୁ ନେଇ ଖୁସିରେ ସେ ମସଗୁଲ ଥିଲେ ।

ଆଉ ଏକ ନୂଆ ଜୀବନର ଆରମ୍ଭ । ଏକ ନୂଆ ଆଦବ କାଇଦାରେ ସଜାଡ଼ି ନେଲେ ନିଜକୁ । ନିଜ ମନ ଭିତରେ ତୃତୀୟ ଶ୍ରେଣୀୟ କର୍ମଚାରୀର ମନୋଭାବକୁ ସେ ବାହାର କରିଦେଲେ । ତଥାପି ତାଙ୍କୁ ମିଳିଥିବା ନିଜସ୍ୱ ଅଫିସ, ଗାଡ଼ି ଫୋନ୍, ପିଅନ ସବୁ ଥାଇ ମଧ୍ୟ ବେଳେ ବେଳେ ତୃତୀୟ ଶ୍ରେଣୀର କର୍ମଚାରୀଙ୍କ ପରି ଗୋଠମେଳିଆରେ ଚା ପିଇବାକୁ କ୍ୟାଣ୍ଟିନ ଆଡ଼କୁ ଯିବାବେଳେ ସମସ୍ତଙ୍କ ଦୃଷ୍ଟି ତାଙ୍କରି ଆଡ଼କୁ ଚାଲି ଆସିବା ବେଳକୁ ସେ ସତର୍କ ହୋଇ ଯାଉଥିଲେ ଓ ନିଜ ଚ୍ୟାମ୍ବରରେ ପିଅନ ହାତରେ ଚା ମଗେଇ ଥରକୁ ଥର ପିଉଥିଲେ । ଅନ୍ୟମାନଙ୍କ ସହ ଖୁବ୍ କମ୍ କଥା କହି ତାଙ୍କୁ ଗମ୍ଭୀର ରହିବାକୁ ପଡୁଥିଲା । ସବୁ କଥାରେ, ଫାଇଲରେ ଖୋଳ ତାଡ଼ କରିବା, କୈଫିୟତ ମାଗିବା ଇତ୍ୟାଦି ଯୋଗୁ ସେ ଜଣେ କଡ଼ା ମିଜାଜର ଅଫିସର ବୋଲି ପ୍ରଚାରିତ ହୋଇଯାଇଥିଲା ।

ପ୍ରଥମେ ତୃତୀୟ ଶ୍ରେଣୀ ଚାକେରୀରେ ମୁକରିର ହେବା ବେଳେ ଅଫିସର ନିଜର ପୈତୃକ ନାମଟି କୁଆଡ଼େ ହଜିଯାଇ କେବଳ ସାଙ୍ଗିଆରେ ପରିଚିତ ହେବାକୁ ପଡ଼ିଥିଲା । ଏବେ କିଂତୁ ସେତିକ ନାହିଁ, ତାଂକ ନାମ, ପଦବୀ ଗୋଟେ କାଠ ଫଳକରେ ଅଫିସ ବାହାରେ ଇଂରାଜୀ ଓ ଓଡ଼ିଆରେ ଲେଖା ହୋଇ ଝୁଲୁଥିଲା । ଏବଂ ଅନ୍ୟମାନଙ୍କୁ ତାଙ୍କ ସହିତ ପରିଚିତ କରାଉଥିଲା, ପରବର୍ତ୍ତୀ ସଂକେତ ପାଇଁ ବେଲ ବାଜିବା ମାତ୍ରେ ଆସି ନିଜ ଉପସ୍ଥିତି ଜଣାଇ ଦେଉଥିଲା ଆଦେଶ ପାଇବା ପାଇଁ । ସେ ସବୁକୁ ଶୁଣୁଥିଲେ, ମାତ୍ର କହୁଥିଲେ କମ୍, ଅଧିକ ଯାହା କହିବା କଥା ଫାଇଲ୍‌ରେ ହିଁ କହୁଥିଲେ । ଅଫିସ କର୍ମଚାରୀଙ୍କ ପାଖରେ ତାଙ୍କ ନାମ, ସାଙ୍ଗିଆ ବଦଳରେ ସାର୍, ଆଜ୍ଞା, ସାହେବ ନାମରେ ପରିଚିତ ହେଉଥିବା ବେଳେ ଗାଉଁଲି ଅପାଠୁଆ ଲୋକମାନଙ୍କ ଭାଷାରେ 'ତୁଇ ତ ଆମର ମାଇ ବାପ' ଭାବେ ପରିଚିତ ଥିଲେ । ଏସବୁ ପଦପଦବୀସବୁ ଲାଗି ଯିବା ପରେ ସମସ୍ତେ ତାଙ୍କୁ ଚିହ୍ନୁଥିଲେ ଅଥଚ ସେ କାହାକୁ ଚିହ୍ନିବା ଦରକାର ପଡୁନଥିଲା । ବଜାର, ମେଳା ମଉଛବକୁ ଗଲେ ଶହ ଶହ ଆଖି ତାଙ୍କ ଉପରେ ପହଁରି ଆସୁଥିଲା ।

ସୁର ପ୍ରତାପ ଏସବୁ ପରିବର୍ତ୍ତନ ସହିତ ଖାପଖୁଆଇ ଚାଲିଥିଲେ । ଏକ ପ୍ରକାରର ମାପଚୁପ ଜୀବନ ବିତେଇବାକୁ ପଡୁଥିଲା । ମୋଟ ଉପରେ ଜଣେ ତୃତୀୟ ଶ୍ରେଣୀୟ କର୍ମଚାରୀର ସମସ୍ତ ଶିକୁଳିକୁ ଛିଣ୍ଡେଇ ପ୍ରଶାସନିକ ପଦବୀରେ ଯୋଗ ଦେବା ପରେ ଅଫିସ ପରି ଘରେ ମଧ୍ୟ ସମାନୁପାତିକ କିଛିର ପରିବର୍ତ୍ତନର ଆବଶ୍ୟକତାକୁ ନିରୁପମା ଗ୍ରହଣ କରିବାକୁ ଏକ ପ୍ରକାରର କୁଣ୍ଠା ପ୍ରକାଶ କରୁଥିଲେ । ସୁର ପ୍ରତାପଙ୍କ ପ୍ରତ୍ୟେକଟି କଥା

Source: Author, Digitized by PPRACHIN, SOA

ନିରୁପମାଙ୍କୁ ଏଣିକି ଠିକ୍ ଲାଗୁ ନଥିଲା । ନିଜକୁ କୌଣସି ପ୍ରକାରେ ସେ ଖାପ ଖୁଆଇ ନପାରି ଅନ୍ୟ କିଛି ଆଶଙ୍କାରେ ବୁଡ଼ି ଯାଉଥିଲେ । ଭଲ କହିଲେ ବି ସେ ଗୋଟିଏ ଅର୍ଥରେ ବୁଝୁଥିଲେ- ତାହା ହେଲା- ସେ କୁଆଡ଼େ ଗର୍ବ ଅହଂକାରରେ ଫାଟି ପଡୁଛନ୍ତି । ଯାହାର ତିଳେ ମାତ୍ର ଚିହ୍ନ ତାଙ୍କ ପାଖରେ ନଥିଲା ।

ଏଣିକି ନିରୁପମା ସବୁକଥାରେ ସଂଦେହ କରୁଥିଲେ । ଅଫିସ କାମରେ ବ୍ୟସ୍ତ ରହି ଡେରିରେ ଘରକୁ ଫେରିଲେ । ଟୁର୍ କିମ୍ୱା ଅନ୍ୟାନ୍ୟ ମିଟିଙ୍ଗ ପାଇଁ ଅନ୍ୟଠି ରାତିରେ ରହିଗଲେ । ବାହାରେ ଲଞ୍ଚ୍ କିଂବା ଡିନର ଖାଇ ଦେଇଥିଲେ କିଂବା ଅଫିସରରେ ଉତ୍ସବ, ପାର୍ଟିର ଆୟୋଜନ ହେଲେ ଏମିତିକି ଘରେ ଖାଇବା ହେଉ ବା ଅନ୍ୟ ଯେକୌଣସି ଜିନିଷକୁ ନା ପସନ୍ଦ କଲେ ନିରୁପମାଙ୍କ ଦେହରେ ନିଆଁ ଲାଗି ଯାଉଥିଲା । ଏବଂ ସେ ସବୁକୁ ଏକାଠି କରି ଶ୍ୟାମଳୀ ମିଶ୍ରଙ୍କୁ ନେଇ ଏକ ସଂଦେହର ଜାଲ ଫିଙ୍ଗି ଦେଉଥିଲେ ଓ କୌଣସି ଉତ୍ତରରେ ସେ ସନ୍ତୁଷ୍ଟ ହୋଇ ପାରୁନଥିଲେ ।

ନିରୁପମାଙ୍କ ଏଭଳି ଏକ ମନୋଭାବ ତାଙ୍କର ସମସ୍ତ ଶକ୍ତିକୁ ଖଣ୍ଡ ଖଣ୍ଡ କରି ପକାଉଥିଲା । ପ୍ରତିଟି ମୁହୂର୍ତ୍ତରେ ଏକ ଆସନ୍ନ ଝଡ଼କୁ ସମ୍ମୁଖୀନ ହେବା ପାଇଁ ନିଜକୁ ସଜାଗ ହେବାକୁ ପଡୁଥିଲା ।

ସୁର ପ୍ରତାପଙ୍କ ଅନ୍ତର ଭିତରେ କିଏ ଯେମିତି କୋରି ପକାଉଥିଲା । ହାତମୁଠାରେ ଅନେକ ସୁଖ ଥାଇ ବି ସୁଖୀ ହୋଇ ପାରୁ ନଥିଲେ । ପଛରୁ କିଏ ଯେମିତି ତାଙ୍କୁ ଟାଣି ଧରୁଥିଲା । କ୍ଷଣିକ ଭାବ ପ୍ରବଣତାରେ ସେ ଯେଉଁ ଭୁଲ କରି ପକାଇଥିଲେ ସାରା ଜୀବନ ତାଙ୍କୁ ନେଇ ପସ୍ତେଇବାକୁ ପଡୁଛି । ଏଯାବତ୍ ଜୀବନରେ ଯେତେ ସଫଳତା ଆସିଛି, କାହିଁରେ ସେ ଖୁସି ହୋଇ ପାରିନାହାଁନ୍ତି । ଯେମିତି ସବୁ ପାଇ ବି ସେ କିଛି ପାଇ ନାହାଁନ୍ତି । ଅନ୍ୟମନସ୍କ ହୋଇ କଣ ଏମିତି ଭାବୁ ଭାବୁ ତାଙ୍କର ମନେ ହେଲା ଲୁଡୋ ବୋର୍ଡରେ ସେ ସିଡ଼ି ପରେ ସିଡ଼ି ଚଢ଼ି ଉପରକୁ ଉଠି ଚାଲିଛନ୍ତି । ଆଉ ଠିକ୍ ଗୃହପ୍ରବେଶ ବେଳକୁ ତାଙ୍କୁ ସିଡ଼ି ପାଖ ସାପ ଗିଳିଦେଇଛି ଓ ସେ ତଳେ ପଡ଼ିଯାଇଛନ୍ତି ।

-ଆଉ -ଏହାପରେ ନିରୁପମା ପଚାରୁଛି- କଣ ହେଲା ?

- ଶ୍ୟାମଳୀ ଦେଖି କହିଲା-ହାଲୋ ସାର୍, ବାଏ !

-ଶେଫାଳୀ ଦେଖି ଧାଇଁ ଆସି ହାତ ଧରି ଉଠେଇ ଦେଇ କହିଲା- ନା; ଏମିତି ତ ହେବାର ନଥିଲା, ତେବେ ପରବାଏ ନାହିଁ, ତୁମକୁ ପୁନଃ ଉଠିବାକୁ ପଡ଼ିବ ଆହୁରି ଉପରକୁ । ସଫଳତାର ଶିଖରକୁ ଛୁଇଁବାକୁ ପଡ଼ିବ । ଆସ । ମୋ କାନ୍ଧରେ ପାଦ ଥାପି ଏଥର ଉଠ । ଆଉ ପଡ଼ିଯିବାର ଭୟ ନଥିବ । (ସୁର ପ୍ରତାପଙ୍କ ଗାଲରେ ଶେଫାଳୀ ଚୁମାଟିଏ ଆଙ୍କିଦେଲା) - ଫୋନ୍ କିଂ କିଂ... ଶବ୍ଦରେ ତାଙ୍କ ଅନ୍ୟ ମନସ୍କତା ଭାଙ୍ଗିଗଲା ଓ ତତ୍କ୍ଷଣାତ୍ ରିସିଭର ଉଠେଇ କହିଲେ ହାଲୋ !!! - ମିଃ ସୁର ପ୍ରତାପ ସ୍ପିକିଙ୍ଗ...

■■■

Source: Author, Digitized by PPRACHIN, SOA

ଭଗବାନ ବିକ୍ରି ହେବେ



ଯେତେବେଳେ ଘଣ୍ଟାରେ ଦିନ ଦଶଟା ବାଜିଯାଏ; ସେତେବେଳେ ଗୁହାଳଫିଟା ଉତଲା ଗୋରୁ ପଲ ଲାଞ୍ଜ ଟେକି ହମ୍ବାରଡ଼ି ଛାଡ଼ି ପଡ଼ିଆ ମଝିକୁ ଦୌଡ଼ିଲା ପରି, ମଣିଷଗୁଡ଼ାକ ନିତିଆଣି ସାଇକେଲ ଗାଡ଼ି ମଟରରେ ପେଁ ପାଁ କରି ଅଣନିଃଶ୍ୱାସୀ ହୋଇ ଦୌଡ଼ୁ ଥାଆନ୍ତି ଠିକ୍ ଏହି ସମୟରେ । ଆଗେ ଆଗେ ସପନି ବୁଝିପାରୁ ନଥିଲା, ଏତେ ଲୋକ ରୋଜ ସେଇ ଉଚ୍ଚା ଉଚ୍ଚା ଘରମାନଙ୍କୁ ଯାଇ କ'ଣ ସବୁ କରନ୍ତି ! ତାକୁ ବେଶୀ ଆଶ୍ଚର୍ଯ୍ୟ ଲାଗୁଥିଲା- ଏତେ ଲୋକ ସବୁ ଦିନ କି କାଗଜ କାମ କରନ୍ତି । ପୁଣି ସଂଧ୍ୟାକୁ ଘରକୁ ଆସନ୍ତି । ଏମାନଙ୍କୁ ଦେଖି ସପନିର ମନେ ପଡ଼ିଯାଏ, ଗାଁର ମଣିଷ । ହକେଇ ଦେଇଥିବା ପୁଅ ଓ ଝିଅମାନଙ୍କ କଥା । ଆପେ ଆପେ ଲୁହ ଭରିଯାଏ ଆଖିରେ । ପେଟ ଭିତରୁ କୋହ

Source: Author, Digitized by PPRACHIN, SOA

ଉଠେଇ ଥାଏସେ, ସେ ଦେଖିଛି ଲକ୍ଷ୍ମୀ କେମିତି ଲୁଚେଇ ଲୁଚେଇ କାନ୍ଦେ । କ'ଣ ଆଉ ସେ କରିଥାଆନ୍ତା ? ପେଟର ଭୋକ ପାଇଁ କିଂବା ଟଙ୍କା କେଇଟା ପାଇଁ ସେ ପିଲାଙ୍କୁ କେବେ ବିକି ଦେଇଥାନ୍ତେ । ଏମିତି ଦିନ ଦିନ ଉପବାସରେ ମରିବା ଅପେକ୍ଷା କେଉଁଠି ହେଲେ ତ ଖାଇପିଇ ବଞ୍ଚିଯିବେ । ଏ ସବୁ ଚିନ୍ତା କରି ଯେଉଁଦିନ ରାତିରେ ସପନି ବଡ଼ଝିଅ ଫୁଲକୁ ଦେଇଦେବାକୁ ସ୍ଥିର କଲା- ଲକ୍ଷ୍ମୀ କେମିତି ମୂକ ପାଲଟି ଯାଇଥିଲା । ରାତିରୁ ଉଠି ଫୁଲର ଦେହ ହାତ ଆଉଁସି ମନକୁ ମନ କଣ ଗୁଡ଼ାଏ କହି ଚାଲିଲା । ହେଲେ ଝିଅ ବୁଝେଇଦେଲା, " ମା' ଗୋ କାହିଁକି ବ୍ୟସ୍ତ ହଉଛୁ । ଏମିତି ଖାଇବା ବିନା ସମସ୍ତେ ମରୁଛେ । ବରଂ ଆମେ ଚାଲିଗଲେ ଯାହା ବି ମିଳିବ, ତୁମେମାନେ ବଞ୍ଚିଯିବ । ଆମେ ବି । ଗାଁ ଦେବତୀ ଭରସା । ଆମେ ପୁଣି ଫେରି ଆସିବୁନି !" ଲକ୍ଷ୍ମୀକୁ ଯେତେ ବୁଝେଇଲେ ବି, ସେ ଠିକ୍ ଜାଣେ- ତା ତେଲଗୁଣୀ ମନ୍ଦା ଥରେ ଭାଂଗିଲେ-ଆଉ ନୁହେଁ ।

ସେଦିନ ଫୁଲ ଚାଲିଗଲା । ଟଙ୍କା କେଇଟା ହାତରେ ଧରି ଲକ୍ଷ୍ମୀ ପଥର ପାଲଟି ଗଲା । ଏମିତି ଜଣକ ପରେ ଜଣେ ଦୁଇ ଝିଅ ଓ ଏକମାତ୍ର ପୁଅ ବିକ୍ରି ହୋଇଯିବା ପରେ ସରକାରୀ ଲୋକ ତାକୁ କାମ ଯୋଗାଇ ଦେବା ଓ ଖାଇବାକୁ ଦେବାର ଅନେକ ପ୍ରତିଶ୍ରୁତି ଦେଇ ନେଇ ଆସିଲେ ଏଇ ଭୁବନେଶ୍ୱରକୁ । ଆସିବା ଦିନ ଭଲ ଖାଇବାକୁ ଦେଇ କହିଲେ, "ଯିଏ ପଚାରିବ, ପିଲା ବିକ୍ରି କଥା ଜମାରୁ କହିବୁନି । କହିବୁ ପିଲାମାନଙ୍କୁ ମାମୁଁ ଘରକୁ ପଠେଇ ଦେଇଛି । ଯଦି ଏହା ବ୍ୟତୀତ ଆଉ କିଛି କହିବୁନା, ଶଳାକୁ ଛତୁ କରିଦେବୁ ବୁଝିଲୁ !"

ସେଇଦିନୁ ସପନି ନର୍ଦ୍ଦମା କଡ଼ରେ ପଲାଟେ ମାରି ରହିଯାଇଛି । ଆସିବା ବେଳକୁ ପାରକୁ ପାଞ୍ଚବର୍ଷ ବୟସ । ଗୁଜୁରାଣ ମେଣ୍ଟେଇବାକୁ ସପନି ନିଜ ହାତରେ ମୂର୍ତ୍ତି ତିଆରି କରୁଛି ।

ବେଳେବେଳେ ସପନି ଅଜଣା କୋହକୁ ଚାପି ରଖିବାକୁ ଛାତିରେ ଜାକିଧରି ମୂର୍ତ୍ତିକୁ, ତୁହାକୁ ତୁହା ଗାଡ଼ି ଶବ୍ଦରେ ତାର ଅନ୍ୟମନସ୍କତା କଟିଯାଏ ଓ ସେ ଅଣ୍ଟାଭିଡ଼ି ଗାମୁଛାକୁ ସି.ଆର.ପି. ଛକର ସେଇ ନିମ ଗଛମୂଳେ ବିଛେଇ ଧାଡ଼ିକରି ବସେଇ ଦିଏ, କାଠ ତିଆରି ତିନି ଠାକୁରଙ୍କୁ ବିକ୍ରି ପାଇଁ ଏବଂ ଅପେକ୍ଷା କରେ ଗ୍ରାହକମାନଙ୍କୁ ।

ରୋଜ ସେଇପଟେ ଅଫିସ୍ ଗଲାବେଳେ ମୋ ଦୃଷ୍ଟି ଆପେ ଆପେ ଚାଲିଯାଏ ସେଇ ନିମଗଛ ମୂଳକୁ । ବେଳେ ବେଳେ ସପନି ବଦଳରେ ଦେଖେ ତାର ଝିଅ ପାରକୁ । ଅଙ୍କାବଙ୍କା ଅକ୍ଷରରେ "ଭଗବାନ ବିକ୍ରି ହେବେ" ଲେଖାହୋଇ ଠାକୁରମାନଙ୍କ ମଝିରେ ଗୋଟେ ବାଉଁଶ କଣି ପୋତା ହୋଇ ଝୁଲୁଥାଏ ଗୋଟେ କାଗଜର ପଟାଟେ । ଠିକ୍ ଚାଷୀର ଫସଲ କିଆରିରେ ବିଚିତ୍ର ପାଳଭୂତ ପରି ।

ସବୁଦିନ ପାର ନାଳ, ନର୍ଦ୍ଦମା କଡୁ ଗୋଟେଇ ଆଣିଥିବା ଛିଣ୍ଡା ଜରି, ଭଂଗା ଟିଣ ଇତ୍ୟାଦିର ଆବୁର ଜାବୁର ଭର୍ତ୍ତି ଅଖାଟାକୁ ମାଆ ଜିମା ଦେଇ ଚାଲିଆସେ ଫଟା ପାଇପ ଦେଇ ବାହାରୁଥିବା ପାଣି ପାଖକୁ । ମନଇଚ୍ଛା ଗାଧୋଇ ପଡ଼େ । ଲକ୍ଷ୍ମୀ ବାଢ଼ିଦିଏ ରସବେଳାରେ

Source: Author, Digitized by PPRACHIN, SOA

ପଖାଳ । ତାପରେ ପାର ଚାଲିଆସେ ବାପ ପାଖକୁ । ସପନି ଘରକୁ ଫେରି ପୁଣି ତିଆରି କରେ ମୂର୍ତ୍ତି । ରାତିରେ ସ୍ୱାମୀ ସ୍ତ୍ରୀ ଲାଗି ରଂଗ ଦେଇ ଦିଅନ୍ତି । ପରଦିନ ବିକ୍ରି ପାଇଁ ।

ରାଜଧାନୀରେ ଖରାଦିନର ଏ ଅସହ୍ୟ ଗୁଳୁଗୁଳି ସାଂଗକୁ ତୁହାକୁ ତୁହା ଝାଂଜି ପବନ ସାଂଗକୁ ଆଜି ଏ ଯାଏ ଆଦୌ ମୂର୍ତ୍ତିଟିଏ ବିକ୍ରି ନ ହେବା ଯୋଗୁ ପାରକୁ ବିରକ୍ତ ଲାଗୁଥିଲା । ତଥାପି ସେ ଗଛ ତଳେ ଅଧେ ଖରା ଅଧେ ଛାଇରେ ବସି ରହିଲା ଗ୍ରାହକଙ୍କ ଅପେକ୍ଷାରେ । ଆଜି କଣ ହୋଇଛି କେଜାଣି, କେହି ଜଣେ ହେଲେ ପଚାରିବାକୁ ଆସୁ ନାହାନ୍ତି । ପାର ଦେଖିଲା- ଖରାବେଳଟାରେ ବି ଟାଉନ୍ ବସ୍‌ରେ ବାଦୁଡ଼ି ପରି ଝୁଲିଛନ୍ତି ଥୋକେ ଲୋକ । ଆଇସ୍‌କ୍ରିମ୍ ବିକୁଥିବା ଟୋକାଟା କେମିତି ଗୋଟାଏ ଅସନା ଚାହାଣିଟେ ପାର ଆଡ଼କୁ ଫିଙ୍ଗିଦେଇ ଚାଲିଗଲାଣି । ପାରର ଭାରି ଇଚ୍ଛା ହେଉଥିଲା- ମଲେଇ ଖାଇବାକୁ । ହେଲେ ପାଖରେ ପଇସା ନାହିଁ । ତେବେ ଏ ଟୋକାଟାର କେମିତି ଗୋଟାଏ ଅସନା ହାବଭାବ ଦେଖି ତାକୁ ବାନ୍ତି ମାଡ଼େ ଓ ତାର ମଲେଇ ଖାଇବାର ଇଚ୍ଛା ଆପେ ଆପେ ମରିଯାଏ ।

ସକାଳର ପରିଶ୍ରମ ଯୋଗୁଁ ଏଇ ଉତ୍ତୁଉତା ଦ୍ୱିପ୍ରହର ବେଳେ ପାରକୁ କେମିତି ଆସକତିଆ ଲାଗେ । ହାଇ ପରେ ହାଇ ଆସେ । ବସୁ ବସୁ ନିଦ ଚାଲିଆସେ, ମୂର୍ତ୍ତିମାନଙ୍କ ଉପରକୁ ଝୁଙ୍କିପଡ଼େ । ଅଳ୍ପ ଦୂରରେ ପାହାଡ଼ ପରି ତରଭୁଜ ବିକୁଥିବା ମଉସା ବଡ଼ ପାଟିରେ ଚିଲ୍ଲେଇଲା, "ଆରେ ହେ ପାର । ତରଭୁଜ ଖାଇବୁ ? ନେ... ନେ... । ଦେଖ ଦେଖ ଭିତରଟା କେତେ ନାଲିଆ । ଠିକ୍ ତୋର ଠାକୁରଙ୍କ ଓଠ ପରି ।"

ପାର ଖୁସିରେ ଖଣ୍ଡେ ତରଭୁଜ ଆଣି ଖାଇଲା । ଭାରି ସୁଆଦିଆ । ଭାବିଲା- ଶଳା ମଲେଇଟା ଆହୁରି ସୁଆଦିଆ ହୋଇଥିବ ନିଶ୍ଚୟ । ପାର ଗୋଟେ ଜଗନ୍ନାଥଙ୍କ ମୂର୍ତ୍ତିକୁ ଉଠେଇ ଆଣି, ତା ଛିଣ୍ଡା ଫ୍ରକ୍‌ରେ ପୋଛିଦେଇ ମନକୁ ମନ କହିଲା- "ଠାକୁରେ ତୁମେ କାହିଁକି ଶୀଘ୍ର ଶୀଘ୍ର ବିକ୍ରି ହୋଇ ଯାଉନ ଯେ ? ଏଇବେଳେ ଯଦି ବିକ୍ରି ହୋଇ ଯାଆନ୍ତ ନା, ଭଲ ହୁଅନ୍ତା । ମୁଁ ଗୋଟେ ମଲେଇ କିଣନ୍ତି, ବାପ ଆସିଲେ କହି ଦିଅନ୍ତି ଯେ, ମୁଁ ମଲେଇ କିଣିଛି । ତୁମେ ଟିକେ ମୋ ପାଇଁ ଚେଷ୍ଟା କରୁନ । ଆଚ୍ଛା, ଠାକୁରେ ତୁମେ ବିକାହେବା ପରେ କୁଆଡ଼େ ଭାରି କଷ୍ଟ ପାଉଛ ବୋଧେ । ସତ କି ମିଛ କହୁନ, ମୁଁ ଜାଣେ ପରା, ତୁମେ କିଛି କହିବନି । କେମିତି ଜାଣିବ କିଏ ? ଏ କଥା କାହିଁକି କହୁଛି କହନି ? ବେଳେ ବେଳେ ରାସ୍ତାରେ ଦେଖୁଛି ତୁମେ ବସ, କାର, ସ୍କୁଟର, ଜିପ୍ ପଛରେ କିଂବା ଆଗରେ ଠିକ୍ ଡ୍ରାଇଭର ପାଖରେ ବସି ବୁଲୁଛ । ଭାରି ମଜା ହେଉଥିବ ନା ? ହେଲେ ଗାଡ଼ି ପଛରେ ତୁମ ଉପରେ ଧୂଳି, ପାଣି, କାଦୁଅ ପଡ଼ି ତୁମ ଦେହ କଇଥା ହୋଇ ଯାଉଥିବ । ତୁମକୁ ଭାରି କଷ୍ଟ ହେଉଥିବ ତ ? ଧେତ୍, ଏ ଲୋକଗୁଡ଼ାକ କେତେ ଇୟେ ଯେ ସତେ । ହେଲେ ଠାକୁରେ ତୁମେ ଗାଡ଼ିରେ ବୁଲିବା ମୋତେ କିଛି ଲାଗୁନି- କିନ୍ତୁ ତୁମେ ସେଇ ବଡ଼ ବଡ଼ ବାବୁମାନଙ୍କର ଘର ଜଗୁଛ, ଏଇଟା ମୋ ଧିଅ ସହୁନି ।

କେଡ଼େ ସୁନ୍ଦର ସୁନ୍ଦର ସେଇ କୋଠାଘର ଆଉ ତାଙ୍କ ଦାଣ୍ଡଦୁଆରେ ଗୁମ୍ ଗୁମିଆ ଧଳା କୁକୁର ବନ୍ଧା ହୋଇଥାଏ ଆଉ ଠିକ୍ ତାରି ଉପରକୁ ତୁମେ ଏକୁଟିଆ । ସାଥିରେ

Source: Author, Digitized by PPRACHIN, SOA

ଭାଇଭଉଣୀ କେହି ନଥିବେ । ଏକୁଟିଆ ତୁମକୁ ଡର ମାଡୁନି ? ହଁ... ଡର କଣ ଯେ ? ଡର ମାଡ଼ିବା ବେଳକୁ କୁକୁର ଭୋ' କରି ଦେବନି । ହଁ ଠାକୁରେ ବୋଉ କହୁଥିଲା, କୁକୁର ପାଇଁ ଶୀତ ଦିନେ ଗରମ ବିଛଣା ଆଉ ଗରମ ଦିନେ ତାକୁ ପଂଖା ତଳେ ଶୋଇବାକୁ ବ୍ୟବସ୍ଥା ଅଛି । ସେତେବେଳେ ଠାକୁରେ ସତରେ ତୁମେ ଏକେଲା ହୋଇଯାଉଥିବ । ଡର ମାଡୁଥିବ । ହେଲେ ତୁମେ ଜମାରୁ ଭୟ କରିବନି । ମୋ ବାପଟା ରାତିସାରା ଶୁଏନା, ଡର ମାଡ଼ିଲେ, ଡାକ ମାରିବ- ଥରକେ ସେ 'ଓ' କରିବ ।

ସେଦିନ ମାଆ ସାଂଗରେ ପଟ୍ଟାହକ ଘରକୁ ଯାଇଥିଲି ତାଙ୍କ ଝିଅ ବାହାଘରକୁ । ଭାରି ବଢ଼ିଆ ଭୋଜି ଖାଇଲି । ସତ ମ ! ଆଃ... କି ବାସ୍ନା, ମୁଁ ତ ଆଗରୁ କେବେ ଏମିତି ଭୋଜି ଖାଇନଥିଲି । ମାଆ କହୁଥିଲା, ତୁମ ବଡ଼ ଦେଉଳରେ କୁଆଡ଼େ ରୋଜ ଏମିତି ଭୋଜି ହୁଏ । ସତ ନା ? କିଛି କହୁନ ଯେ, ମୁଁ ଜାଣେ ପରା ତୁମେ କହିବନି, ହେଲେ ଠାକୁରେ ସେ ଦିନ ତାଙ୍କ ଘରେ ଦେଖିଲି, ତାଙ୍କ ଦୁଆର କାନ୍ଥରେ ତୁମକୁ ଶୂନ୍ୟେ ଶୂନ୍ୟେ ବିନା ଦଉଡ଼ିରେ ବି ସେମାନେ ଟାଙ୍ଗି ଦେଇଛନ୍ତି । ପଟ୍ଟାକ ବାବୁଙ୍କ ଝିଅପରି ବାଳ ରଖିଥିବା ସେଇ ଚଗଲା ମୋଟୁ ସବା ସାନ ପୁଅଟା, ଯିଏ ଏକୁଟିଆ ଦେଖିଲେ, ମୋ ଗାଲ ଚିପିଦିଏ, ତୁମ ଭାଇ ଭଉଣୀ ତିନିହେଁକୁ ଆମ ଘରୁ ଆଣିଥିଲା, ଏବେ ତୁମକୁ ଛାଡ଼ି ତୁମ ବଡ଼ଭାଇ, ଗେହ୍ଲେଇ ଭଉଣୀକୁ କୁଆଡ଼େ ନେଲା ? କାହିଁ ତୁମ ପାଖରେ ନାହାଁନ୍ତି, ତୁମକୁ ଏକଲା ଦେଖି ମୋତେ କାହିଁ ଛନକା ଲାଗିଲା । କାହିଁ ତୁମେ ଆଉ ତୁମ ଭାଇ ଭଉଣୀଙ୍କୁ କୁଆଡ଼େ ଅନ୍ୟତ୍ର ବିକ୍ରି କରି ଦେଇନ ତ ? ତମେ କାହିଁକି ବିକନ୍ତ ଯେ, ମୋତେ ମିଛ ମିଛ ଲାଗୁଛି । ଏ କଥା କାହାକୁ ଆଉ ପଚାରିବି ? ବାଟରେ ଆସୁ ଆସୁ ମାଆକୁ ପଚାରି ଦେଲି, ମାଆ କେମିତି, ଟିକିଏ କାନ୍ଦ କାନ୍ଦ ହୋଇଗଲା, କହିଲା ନା ରେ ବାବୁଘର ତାଙ୍କ ଭାଇ ଭଉଣୀଙ୍କୁ ଘର ଭିତରେ ରଖିଛନ୍ତି । ମାଆ କଥା ଶୁଣି ଟିକେ ଭଲ ଲାଗିଲା, ହେଲେ ଠାକୁରେ ତୁମର ଏ ଦୁଆର ଜଗିବା କାମଟା ମୋତେ ଆଦୌ ଭଲ ଲାଗୁନାହିଁ, ମୁଁ ଏ କଥା କହୁଛି ବୋଲି ତୁମେ ଆଉ ମୋତେ ଖଙ୍ଗୁସ ପାଇବନି ।

ଠାକୁରେ ସେଦିନ ରାତିରେ ମୋତେ ସ୍ୱପ୍ନରେ କଣ କଣ ସବୁ କହିଲ, ମୋର କିଛି ମନେ ନାହିଁ । ହେଲେ କଣ ଗୋଟେ ବର ଦେବା କଥା କହୁଥିଲ ନା, ଆଉ କେବେ ଏମିତି ସ୍ୱପ୍ନରେ ଆସିଲେ ମାଗିବି । ହଁ ବୁଝିଲ, କିନ୍ତୁ ମୋ ପରି ଆଉ ପାଶୋରି ଦେବ ନାହିଁ, ତେବେ କଣ ମାଗିବି ଭାବୁଛି, ଯାହା ହେଉ ପଛେ ମୋ ଭାଇ ଭଉଣୀ ଓ ତୁମ ଭାଇ ଭଉଣୀଙ୍କୁ ଫେରେଇ ଆଣିବା କଥା କହିବି । ଆଚ୍ଛା, ତୁମେ ଯଦି ସମସ୍ତଙ୍କୁ ଖାଇବାକୁ ଦେଇ ଦିଅନ୍ତ ଭଲ ହୁଅନ୍ତା । ଗୋଟେ କଥା କହିବି ଠାକୁରେ, କାହାକୁ କହିବନି, କଥା କଣ କି, ତୁମେ ବିକ୍ରି ନ ହେବା ଯୋଗୁ ବେଳେ ବେଳେ ଆମେ ଦୁଇ ତିନି ଦିନ ଉପାସରେ ରହିଯାଉ, ସେଦିନ ମାନଙ୍କରେ ମାଆ କୁଆଡ଼େ ଚାଲିଯାଏ କେଜାଣି, ଖାଇବା ଜିନିଷ ଟଙ୍କା ଧରି ଆସେ । ତା ଦେହ ଖାଲି ବାସ୍ନା ହେଉଥାଏ । ବାପ ବହୁତ ଗାଳି ଦିଏ, ମାଡ଼ ଦିଏ, ମାଆ ମାଡ଼ ଗାଳି ଖାଇ ମୋତେ କୋଳେଇ ନେଇ ବାପକୁ କାକୁତି ମିନତି ହୁଏ । ସବୁ

Source: Author, Digitized by PPRACHIN, SOA

ପିଲାଙ୍କୁ ଦେଇଦେଲି, ଏଇ ବକଟକ ହେଲେ ବଞ୍ଚୁ ମୋରି ପାଖରେ ଥାଉ । ଦି ଦିନ ହେଲା ଓପାସରେ ପିଲାଟା ଦେଖ କେମିତି କଳା ପଡ଼ିଗଲାଣି, ତାରି ପାଇଁ ସିନା ଏ ଅକର୍ମ କଲି, ସେତେବେଳେ ବାପର କଣ ହୁଏ କେଜାଣି ଡିବିରୁ ତେଲ ସରିବା ପରି ସେ ନିସ୍ତେଜ ହୋଇଯାଏ । ହେଲେ ମାଆ ଏମିତି ମାଡ଼ ଖାଏ, କାହିଁକି କେଜାଣି, ସେ କଥା ମୁଁ ଜମାରୁ ବୁଝି ପାରେନା, ରାତିରେ ଶୋଇବା ବେଳେ ମାଆ ଲୁଚେଇ ଲୁଚେଇ କାନ୍ଦେ । ଅବଶ୍ୟ ଏବେ ଆଉ ସେ କଥା ନାହିଁ । ମାଆ ଏଣିକି ସଂଧ୍ୟାରେ କୁଆଡ଼େ ଯାଏନି ।

ଆଚ୍ଛା, ଠାକୁରେ ତୁମର କୁଆଡ଼େ ଦୁଇଟା ମାଆ, ଭଲ ଯେ, ହେଲେ ତୁମ ବିନା ଆଉ ଜଣେ ମାଆ ଏମିତି ଲୁଚେଇ ଲୁଚେଇ କାନ୍ଦୁଥିବ ନା ? ମୁଁ କୁଆଡ଼େ କେତେ କଥା କହିଗଲିଣି, ତୁମେ ଆଉ ରାଗିବନି । ହଁ, ନହେଲା ନାଇଁ ଥାଉ ପଛକେ ପରେ ବରଟା ମାଗିନେବି, ଏମିତି ତର ତରରେ ନୁହେଁ, ଭାବିଚିନ୍ତି ମାଗିବି ।

ଆଚ୍ଛା ଠାକୁରେ, ତୁମେ ଯଦି ବାପକୁ କିଛି ଟଙ୍କା ଦେଇ ଦିଅନ୍ତ ଆମେ ଆଉ ହଇରାଣ ହୁଅନ୍ତୁନି । ଟଙ୍କା ନାହିଁ ବୋଲି ଦେଖୁନ ମୋର ଫ୍ରକ୍‌ଟେ ନାହିଁ, ଗଲାବର୍ଷ ରଜକୁ ମାଆ କେଉଁଠୁ ପୁରୁଣା ଫ୍ରକ୍‌ଟେ ମାଗି ଆଣିଥିଲା । ନୂଆ ନ ହେଲେ କିଛି ଯାଏ ଆସେନା, ହେଲେ ମୋର କିଂତୁ ଇଛା ଥିଲା, କେତେକି ? ମାତ୍ର ପାଞ୍ଚ ଟଙ୍କା । ମାଆ କେବେଠୁ ପାଞ୍ଚଟଙ୍କା ସାଇତି ରଖିଥିଲା । ହେଲେ ଠାକୁରେ ପହିଲି ରଜରେ ମାଆ ଫେରିବାଲାଠୁ କାନରିଙ୍ଗ ହଳକ ବାଛୁ ବାଛୁ ସେଇ ବାଙ୍ଗରା ମିଛୁଆ ମହାନ୍ତି ପହଞ୍ଚି ମାଆକୁ କଣ ନାହିଁ କଣ କହି ଝିଙ୍ଗାସି ପକେଇଲା । ମାଆ ଏକା ବେଳକେ ପାଞ୍ଚଟଙ୍କା ତା ହାତକୁ ବଢ଼େଇ ଦେଲା, ମୋର କିଂତୁ ମନ ଦୁଃଖ ନାହିଁ ଠାକୁରେ । ସତ କହୁଛି, ରିଙ୍ଗ ମୋର କଣ ହେବ ? ନ ହେଲା ନାଇଁ, ସଂଧ୍ୟାକୁ ବାପ ଆସିବା ପରେ ମାଆ ଟଙ୍କା ମାଗି ରଖିଥିଲା, ତହିଁ ଆରଦିନ ଏ ରିଙ୍ଗ କିଣାହେଲା । ଦେଖିଲ ଭଲ ଦିଶୁନି ?ଲୋକଟା ଠକି ଦେଲାକି ଆଉ । ଏବେ କେମିତି କାଳିଆ ଦିଶୁଛି ?

ଘଣ୍ଟାରେ ଏବେ ଚାରିଟା ବାଜିଲା କି କଣ, ଲୋକଗହଳି ବଢୁଛି । ଠାକୁରେ, ଏଇ ଘଣ୍ଟା ଦେଖି କେତେ ବାଜିଲା ଜାଣିପାରୁନି । କେବେ ନିରୋଳାରେ ଆସିଲେ ମୋତେ ଟିକେ ଶିଖେଇ ଦେବ, ବୁଝିଲ ! ମନେ ରହିବ ତ ? ଟ୍ରାଫିକ ଭିଡ଼ । ଏଇ ବେଳେ ଗରାଖ ଆସିବେ, ତୁମେ ବସି ବସି ଦୂରରୁ ଚୁଙ୍ଗାଯନ୍ତ୍ରରେ ଗୀତ ବାଜୁଛି ଶୁଣ । ଦୂରରୁ ପବନରେ ଭାସି ଆସୁଥିଲା ଗୀତ । ''ଇଟିଲି ଉପରେ ଗୋଲମରିଚ'' । ଧେତ୍, କେଡ଼େ ଅସନା ଗୀତ ମ । ଠାକୁରେ ତୁମେ ସେ ଅସନା ଗୀତଗୁଡ଼ାକ ଶୁଣନି । ଆଛା ଆଛା ଠାକୁରେ, ତୁମର ତ କାନ ନାହିଁ । ତୁମେ ଶୁଣିବ କେମିତି ? ଭଲ ହୋଇଛି ତୁମର କାନ ନାହିଁ, ଏମିତି ଅସନା କଥା, ଗୀତ ନ ଶୁଣିବା ଭଲ ।

ହଠାତ୍ ଯନ୍ତ୍ରଚୁଙ୍ଗାର ଗୀତ ବଂଦ ହୋଇଯିବା ବେଳକୁ ଦିଟା ଟୋକା ହୁଇସିଲ ମାରି ''ଗୁଚିକି ଗାଲି'' ଗୀତ ଦୋହରାଇ ପାର ଆଡ଼କୁ ଆସୁଥିବାର ଦେଖି ସେ ଟିକେ **ସଂଯତ**

Source: Author, Digitized by PPRACHIN, SOA

ହୋଇଗଲା । ମନେ ମନେ ଠାକୁରଙ୍କୁ ଡାକିଲା- ଯେମିତି ହେଲେ ଏ ଦି ଜଣ ତୁମ ମୂର୍ତ୍ତିକୁ କିଣି ନିଅନ୍ତୁ । ଆଜି ଏ ଯାଏ ଆଦୌ ବିକ୍ରି ନାହିଁ ।

ଧାଡ଼ି ଧାଡ଼ି ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ମୂର୍ତ୍ତିରୁ ପ୍ରଥମ ଟୋକାଟା ଗୋଟେ ଉଠେଇ ନେଇ ପଚାରିଲା, ''ଆଲୋ ବିକ୍ରି କରିବୁ ତ ? ତୋ ଦର କେତେ କହିଲୁ ? ପାର ମନେ ମନେ ଖୁସି ହୋଇଗଲା- କହିଲା, ''ଦେଖୁନ ବାବୁ । କେତେ ସୁନ୍ଦର ଦିଶୁଛି । ଦେଖିକି ଦାମ୍ ଦେଇ ଦଉନ । କହିବି କଣ ?''

ଦ୍ୱିତୀୟ ଟୋକାଟା ଏଥର କହିଲା, ''କିଲୋ ଭାରି କାଇଦାରେ ତ କଥା କହୁଛୁ ! ତୋ ଚେହେରାରୁ ଜଣାପଡୁଛି- ତୁ ଏଠି ଭଲ ଜମେଇକି ବେପାର କରିବୁଣି । ଆମ ନଜରରେ ଏ ଯାଏଁ ପଡ଼ିନୁ । ନହେଲେ କେବେଠୁ କାମରେ ଲାଗିଯାଆନ୍ତୁଣି । ହଉ ଦେଖା ହେଲାଣି ଯେତେବେଳେ ଜାଣ ଭାଗ୍ୟ ବଦଳିଲା ! ହଉ ସଂଧ୍ୟାକୁ ଆସିବା ।''

ପାର କିଛି ବୁଝିପାରିଲାନି । ବଲ ବଲ କରି ଚାହିଁ ରହିଲା ସେମାନଙ୍କୁ । ଜିନ୍ ପ୍ୟାଣ୍ଟ ଟୋକାଟା ପକେଟରୁ ପାଞ୍ଚଟଙ୍କିଆ ନୋଟଟେ ବାହାର କରି ପାର ହାତରେ ଗୁଂଜି ଦେଲା । ପାର ଟଙ୍କାଟାକୁ ତା ଉପରକୁ ପକେଇ ଦେଇ କହିଲା, - ''ନାଁ, ପାଞ୍ଚ ଟଙ୍କାରେ ହେବନି ।''

ଦ୍ୱିତୀୟ ଟୋକାଟା ତାକୁ ଏଥର ଟାଣିନେଇ କହିଲା, ''ଚାଲ ମେରେ ଯାହର ଫେର୍ ମିଲେଙ୍ଗେ ।''

ପାର ମନେ ମନେ ଗାଳିଦେଲା ଟୋକାଦିଟାଙ୍କୁ । କେତେ ଖୁସି ହୋଇଥିଲା ନିହାତି ଗୋଟେ ହେଲେ ମୂର୍ତ୍ତି ବିକ୍ରି ହେବ ବୋଲି ! ହେଲେ ଶଳାମାନେ କୋଉଠୁ ଆସି ସବୁ ବିଗାଡ଼ି ଦେଲେ । ମନ ଦୁଃଖରେ ବସି ପଡ଼ିଲା ପାର ।

ସବୁଦିନ ପରି ସିଆରପି ଛକରେ ଟାଉନ୍ ବସ୍‌ଟା ରହୁ ରହୁ ମୋ ଦୃଷ୍ଟି ଆପେ ଆପେ ପହଁରିଗଲା ସେଇ ଆଡ଼କୁ । ହେଲେ ସବୁ ଦିନ ପରି ଝିଅଟି ସେଠି ବସି ନଥିଲା । ''ଭଗବାନ ବିକ୍ରିହେବେ'' ଲେଖାଟି ବାଉଁଶ କଣିରେ ପାଳଭୂତ ପରି ଠିଆ ହୋଇଛି । କିଂତୁ ମୂର୍ତ୍ତିସବୁ ସେଠି ନଥିଲା, ଚାରି ଆଡ଼େ ଗୋଟେ ନିସ୍ତବ୍ଧତା ଖେଳି ବୁଲୁଥିଲା, ଖଣ୍ଡେ ଦୂରରେ ଲୋକ ଗହଳି ନିକଟରେ ହଠାତ୍ ପୋଲିସ ଗାଡ଼ିଟା ଅଟକି ଯିବା ପରେ ଖବରଟା କଣ ହୋଇପାରେ ଜାଣିବାକୁ ଓହ୍ଲେଇ ପଡ଼ିଲି, କାରଣ ପଛରେ ଆଉ ଗୋଟିଏ ବସ ନ ଲାଗିବା ଯାଏ, ଏ ବସ ଯିବନି । ଭିଡ଼ ଠେଲି ଦେଖିଲି ଗୋଟାଏ ଟ୍ରଲି ଉପରେ ପାରର ଅର୍ଦ୍ଧଉଲଗ୍ନ ଶରୀର । କିଶୋରୀ ବୟସକୁ ଉତ୍ତୀର୍ଣ୍ଣ ହେବା ବେଳକୁ କିଏ ତାକୁ ଛିନ୍‌ଭିନ୍ କରିପକେଇଛି ଅତି ନୃଶଂସ ଭାବେ । ବୁଝି ପାରିଲିନି କେମିତି ପରିବର୍ତ୍ତିତ ହୋଇ ଚାଲିଛି ମଣିଷର ଚରିତ୍ର । ଅଫିସ୍ ସମୟ ହୋଇଗଲାଣି, ବସ ଚାଲିଗଲାଣି । ମୁଁ କିଂତୁ ସେଇଠି ଠିଆ ହୋଇଗଲି, ଗୋଡ଼ ଚଳୁ ନଥିଲା, ଆଗକୁ । ପଛରୁ କିଏଜଣେ କହିଲା, ''ଶାଳୀ କେତେ କମ୍ ବୟସରୁ ଧନ୍ଦା ଆରମ୍ଭ କରି ଦେଇଥିଲା କିଓ ।''

■ ■ ■

Source: Author, Digitized by PPRACHIN, SOA

ଏ ଗଳ୍ପର ପ୍ରାୟୋଜକ



ସହର ଛୁଉଁ ଛୁଉଁ ଆଶିଷ ହଜିଗଲା ଅଣଲେଉଟା କୈଶୋରର ଶ୍ୟାମଳ ସବୁଜିମାରେ । ସୋରିଷ କ୍ଷେତରେ ପବନର ଚଗଲାପଣ ଆହୁରି ମତୁଆଲା କରିପକାଇଲା ତାକୁ । ସ୍ମୃତିର ଫର୍ଦ୍ଦକୁ ଲେଉଟାଇ ଦେଖିଲା ସବୁ ସେମିତି ଅଛି ଠିକ୍ ଠାକ୍ । ସେମିତି କିଛି ବଳିଯାଇନି ଯାହା ବି ବାରି ହୋଇ ପଡ଼ିବ ସଭିଁଙ୍କ ସାମ୍ନାରେ- ଚିହ୍ନେଇ ଦେବ, ଦେଖ ସମୟ ସାଥିରେ ମୁଁ ବି ! ହେଲେ ସେ ସବୁ କିଛି ହେଇନି । ବହୁବର୍ଷ ପରେ ଦେଖା ହେଲେ ବି ଯେମିତି ସେ ପ୍ରସ୍ତୁତ ହୋଇଥିଲା ଏବଂ ଆଖିଠାରି ଡାକି ଦେଲା, ‘‘ଆସୁନ ଆସ । ମୁଁ ତୁମକୁ ଫେରେଇ ଦେବି ତୁମ ହଜିଲା ଦିନ, ହଜିଲା କୈଶୋର ।” ଆଶିଷ ଏ କଥା ବିଶ୍ୱାସ କରିପାରିଲାନି । ଏମିତି କି ନିଜକୁ ।

ଆଶିଷ ଆଗକୁ ଚାଲିଲା କୌଣସି ଏକ ପୁରୁଣା ରୋମାଣ୍ଟିକ୍ ଗୀତର ପ୍ରଥମ ପଦକୁ ଦୋହରେଇ । ସାମ୍ନାରେ କ୍ରିକେଟ୍ ପଡ଼ିଆ । ଗଣ୍ଡେ ଛଅଟା ପିଲାଙ୍କ ଧାଁ ଦଉଡ଼ । ସେଇଠୁ ସିଧା ଫାଙ୍କାରେ ଫାଙ୍କାରେ ଆଖି ପାଇବା ଯାଏ ଚାହିଁଲେ ଖଣ୍ଡେ ଦୂରରେ ଦିଶୁଥିଲା ବୁଦା ବୁଦା କାଶତଣ୍ଡୀର ମହୋତ୍ସବ । ଆଉ ଶେଷ ଆଶିଣର ଆକାଶ । ସବୁ ଆଡ଼କୁ ଥରେ ନିଘା

Source: Author, Digitized by PPRACHIN, SOA

କରି ଦେଲା ଆଶିଷ । ନୂଆ ଘର କେଇଟା ମୁଣ୍ଡ ଟେକିଛି ଫୁଲେଇ ଝିଅଙ୍କ ପରି । ଆଉ ପୁରୁଣା ଘର ସବୁଙ୍କର ନୂଆ ନୂଆ ସଜବାଜ । ଏକ ପ୍ରକାର ପ୍ରତିଯୋଗିତା କଲା ପରି ମନେହେଲା । ସବୁ ସତ୍ତ୍ୱେ ପୁରୁଣା ବରଗଛଟା ସେମିତି ଛିଡ଼ା ହୋଇଚି ଆଗପରି । ଯାର ଟିକେ ବି ପରିବର୍ତ୍ତନ ହୋଇନି । ତେବେ ପାଖକୁ ଲାଗି ଦୋମହଲା ଘରଟିଏ ଯେଉଁଠି ଆଗରୁ ଥିଲା, ଫୁଲ ବଗିଚା ତାରି ଉପରେ ଠିଆ ହୋଇଛି । ପରିଚିତ ସେଇ ବରଗଛ ତଳେ ବସୁ ବସୁ ଆଶିଷର ମନେ ପଡ଼ିଲା- କେମିତି ଚୋରେଇ ଚୋରେଇ ବଗିଚାର ଫୁଲଙ୍କ ଗହଣରେ ହଜି ଯାଇଥିଲା ସମୟ । ଦିନେ ସେ ଏଇଠି ଦେଖିଥିଲା ଗୋଟେ ସଂବାଲୁଆ ନିଜ ଅସନା ଦେହକୁ ଠେଲି ଠେଲି ଆଗକୁ ଚାଲିଛି । ଆଶିଷକୁ ଭାରି କଉତୁକ ଲାଗିଲା ତା' ସହିତ ଖେଳିବାକୁ । କୁନିପିଲାର ହାତ ଧରି ଚଲେଇବା ପରି ଗୋଟେ କାଠି ଉପରେ ତାକୁ ଚଲେଇଲା ଏବଂ ଥରକୁ ଥର ତଳକୁ ଖସିପଡ଼ିବା, ପୁନଃ ତାକୁ ଉଠାଇବାରେ ସାହାଯ୍ୟ କରି କାଠି ଉପରେ ଚଲେଇବା ଭଳି ଏକ ଲୁଚକାଳି ଖେଳରେ ସେ ମାତିଗଲା । ଏମିତି ଚାଲିଥିଲା କେତେଦିନ ।

ହଠାତ୍ ଦିନେ ଅଦିନମେଘ ଝଡ଼ବର୍ଷାରେ ଅନେକ ଫୁଲ ଆଉ ଦେଖିବାକୁ ମିଳିଲାନି । ବଗିଚାଟା ସଂପୂର୍ଣ୍ଣ ଉଜୁଡ଼ିଗଲା । ଆଶିଷ କିନ୍ତୁ ସେଇ ସଂବାଲୁଆକୁ ଖୋଜିବାରେ ଲାଗିପଡ଼ିଲା । ହେଲେ ଖୋଜି ଖୋଜି ନୟାନ୍ତ ହେଲା ସିନା କେଉଁଠି ମିଳିଲାନି ଏବଂ ଦିନେ ଅପେକ୍ଷା କଲା ଅନେକ ଆଶା ନେଇ । ହୁଏତ ତାକୁ ମିଳିଯିବ । କିନ୍ତୁ ମିଳିଲାନି ଏବଂ କିଛି ଦିନ ଉତ୍ତାରୁ ଏ ସହର ଛାଡ଼ି ପଳେଇଲା ଅନେକ ଦୂରକୁ । ଘର, ଫୁଲ, ବରଗଛ ଓ ସଂବାଲୁଆ ସବୁ ସ୍ମୃତି ହୋଇଗଲେ ।

ପୁନଃ, ଆଜି ଏଇଠିକୁ ଫେରି ଆସିବା ପରେ ହଜିଲା କୈଶୋରରେ ହଜି ଯାଇଥିବା ସଂବାଲୁଆର ସଂଧାନ କଲା । ଦିନେ ଦେଖିଲା ସୁନ୍ଦର ପ୍ରଜାପତିଟିଏ ଫୁଲକୁଣ୍ଡ ଭର୍ତ୍ତି ଅଗଣାରେ ଦୌଡ଼ି ବୁଲୁଛି । ଆଶିଷକୁ ଆଉ ଅବୁଝା ରହିଲାନି । ସେଇ ଅସନା ସଂବାଲୁଆଟା ଏବେ ରୂପାନ୍ତର ହୋଇଯାଇଛି ଏକ ସୁନ୍ଦର ପ୍ରଜାପତିରେ । ଆଶିଷ ଘଡ଼ିଏ ଚାହିଁଲା- ଏବଂ ହାତ ବଢ଼େଇଲା ଧରିବାକୁ । ପ୍ରଜାପତି ଟିକେ ଲାଜେଇଲା ଓ ପାଖକୁ ଆସିଲା । ଆଶିଷ ତା'ର ପୂରିଲା ଦେହ, ମୁଣ୍ଡ ଆଉଁସି ଦେଇ କହିଲା, "ଆରେ ବାଃ, ତୁ ଏତେ ବଡ଼ ହୋଇଗଲୁଣି, ଅଥଚ ମୁଁ ଜାଣିନି । ତୋତେ ଦେଖିବାକୁ ଚାହିଁଛି ଯେ ଚାହିଁଛି । ଯା'ଭିତରେ ଦିନ, ମାସ, ବର୍ଷ କେତେ ଗତ ହୋଇଗଲାଣି ।"

ପ୍ରଜାପତି କହିଲା- ମୁଁ ବି ଖୋଜୁଥିଲି ସେଦିନୁ ଆଜିଯାଏଁ । ମିଳନର ସାହାନାଇ ପରି ତା' କଣ୍ଠରେ ଏତେ ମଧୁରତା ଭରି ରହିଥିଲା ଯେ ଆଶିଷ ଘରକୁ ଫେରିଆସି ସେଇ କଥାର ମାଦକତାରେ ବୁଡ଼ିଗଲା ଏବଂ ପୁନଃ ପୁନଃ ତା' ନିକଟକୁ ଫେରି ଯିବାକୁ ଇଚ୍ଛା କଲା । ହେଲେ ଜଂଜାଳରୁ ଜମାରୁ ମୁକୁଳି ପାରୁନଥିଲା ।

ମାଇସଂଜ ମହଳଣ ପଡ଼ି ଆସିବା ବେଳକୁ ଅଦିନିଆ ବର୍ଷା ଅସରାଏ ହୋଇଯିବା ଭଳି ମନେ ହେଲା, ହେଲେ ବର୍ଷା ଚାଲିଗଲା ତା ବାଟରେ । ଧିମେଇ ଗଲା ତା'ର ଗତି ।

Source: Author, Digitized by PPRACHIN, SOA

ଫୁର୍‌ଫୁର୍ କୁଣ୍ଡାଝଡ଼ା ବର୍ଷାରେ ଭିଜୁଥିଲା ସହର । ଝର୍କା ବାହାରେ ଦେବଦାରୁ ପତ୍ରରୁ ରହି ରହି ପଡୁଥିଲା ଟୋପା ଟୋପା ବର୍ଷା । ଘଡ଼ିମାରି ଆସୁଥିବା ଜହ୍ନକିରଣ ବିଛେଇ ହୋଇ ପଡ଼ିଥିଲା ଘରସାରା । ଆଶିଷ ଝର୍କା ପାଖରେ ପରଦା ଟେକି ବସିପଡ଼ି ନିରୋଳାରେ ବୁଡ଼ିଯାଉଥିଲା ରହି ରହି ଦେବଦାରୁ ପତ୍ରରୁ ପଡୁଥିବା ବର୍ଷା ଶବ୍ଦରେ । ଏଇ ନିର୍ଜନତା ହିଁ ଏଇ ସମୟରେ ଅନେକ ଦୂରକୁ ନେଇଯାଏ । ଆଉ ହଜିଯିବାକୁ ପ୍ରବଳ ଇଚ୍ଛା ବି ହୁଏ । କିଏ ଜଣେ କବାଟ ଠକ୍ ଠକ୍ କଲା ଏବଂ ପୁନଃ କଲିଂ ବେଲ୍ ବାଜି ଉଠିଲା- 'ଜୟ ଶ୍ରୀରାମ' । ଆଶିଷ ଆଳସ ଭାଙ୍ଗି ଏଥର ଉଠିଲା । କବାଟ ଖୋଲିଲା ଏବଂ ଯାହାକୁ ଦେଖିଲା ନିଜକୁ ବିଶ୍ୱାସ କରିପାରିଲାନି । ସେ ଥିଲା ପ୍ରଜାପତି । ତା' ବୟସୀ ଡେଣାରେ ଚିତ୍ରିତ ଭୂଗୋଳ । ଆଶିଷ ଖୁସି ହୋଇଗଲା । ଖୁସିର ଲହରୀ ଖେଳିଗଲା ଘରସାରା । ରାତ୍ରି ଯେତିକି ଘନେଇ ଆସିଲା ହଜିଲା ଗପର ଖିଅ ସେତିକି ଯୋଡ଼ି ହୋଇଗଲା । ଆମେ ଗପିଲୁ ନୂଆ ପୁରୁଣା ଗପ । ପିଲାଦିନ, ହଜିଲା କୈଶୋର । ତାଙ୍କ ଗାଁ, ବଉଳଗଛ, ମାଈଁଙ୍କ ପଛେ ପଛେ କୂଅରୁ ପାଣିକଢ଼ା ପାଇଁ ଦଉଡ଼ି, ଡରି ଯାଉଥିବା ପିଲାପୁଅ କଥା । ଝୁଲଣଯାତ, ଜହ୍ନରାତି, ପୁଣି ଝୁମ୍ ଝୁମ୍ ପାଉଁଜିର କଥା । ଏସବୁ ଅସରନ୍ତି ଗପ ଯେତିକି ଜମି ଆସୁଥିଲା ଆମେ ସେତିକି ନିବିଡ଼ତାର ଖେଳରେ ବାନ୍ଧି ହୋଇପଡୁଥିଲୁ । କଥା ଏଇଠି ରଖି ଶୋଇ ପଡ଼ିବାକୁ କହିଲା ଆଶିଷ ।

ନିଦଟା ଏମିତି ଯେ ଠିକ୍ ସମୟରେ ଧରା ଦିଏନି । ଟିକିଏ ଖୁଜୁବୁଜୁ ହେଲା ସେ । ନିଦ ଆସିଲାନି । ପ୍ରଜାପତି କହିଲା, "ଚୁପ୍‌ଚାପ୍ ଶୋଇପଡ଼ ମୋ କୋଳରେ ।"

ଆଶିଷ କହିଲା- "କେମିତି ଶୋଇବି ଯେ, ନିଦ ଜମାରୁ ଆସୁନି ।"

ସେତେବେଳକୁ ପ୍ରଜାପତି ଆଖିରେ ନିଦ ଘୋଟେଇ ଆସିଥିଲା ଓ ସେ ଶୋଇଗଲା ଗହମ ନିଦରେ । ଏକା ହୋଇଗଲା ଆଶିଷ । ଚେଷ୍ଟା କଲା କିନ୍ତୁ ପାରିଲାନି । ଚିତ୍ ଶୋଇଥିବା ପ୍ରଜାପତିକୁ ବେଡ୍‌ଲାଇଟ୍‌ର କ୍ଷୀଣ ଆଲୋକରେ ନିରୀକ୍ଷଣ କଲା । ସୁନ୍ଦର ମୁହଁ ଉପରକୁ ଝୁଙ୍କି ପଡ଼ିଥିଲା କେରାଏ ବବ୍‌କରା ହେୟାର୍ । ଆଖିପତା ବନ୍ଦ ଥିଲେ ବି ବାରିହୋଇ ପଡୁଥିଲା ତା'ର ସବୁ ସ୍ୱପ୍ନ । ମୁହଁରୁ ଓହ୍ଲେଇ ଆସିଲା ଛାତିକୁ ବାରଣ ସତ୍ତ୍ୱେ । ଦୁଇ କଡ଼କୁ ରତିକ୍ଳାନ୍ତ ନାରୀ ପରି ଢଳି ପଡ଼ିଥିଲା ସ୍ତନଯୁଗଳ ଏବଂ ମୁକୁଳା ନାଭିକୁ ଦେଖୁ ଦେଖୁ ଆଶିଷ ଆଖି ପକେଇ ଦେଲା ଗୋଡ଼ର ଆଙ୍ଗୁଳିକୁ । ପାଦର ପାଉଁଜି ଖସି ଆସିଥିଲା ବଳାଗଣ୍ଠି ଉପରକୁ । କେଉଁ ଶିଳ୍ପୀର ସମୁଦ୍ରକୂଳ ସମୁଦ୍ର ବାଲିରେ ତିଆରି ବାସ୍ତୁକଳାର ନାୟିକା ପରି ବେଶ ମନଛୁଆଁ ଥିଲା । ଭଞ୍ଜ ନାୟିକାର ରୂପ ବର୍ଣ୍ଣନା ଆଉ ଆବଶ୍ୟକ ନଥିଲା । ଆଶିଷ ପ୍ରଜାପତିର ପେଟ ଉପରେ ହାତ ରଖି ଶୋଇବାକୁ ଚେଷ୍ଟା କଲା । ହେଲେ ପ୍ରଜାପତି ନିଦରେ ବି ଆଶିଷର ହାତକୁ ବାହାର କରିଦେଲା ଓ ଆଶିଷ ପୁଣିଥରେ ହାତ ରଖିଲା ସେଇଠି । ପୁନଃ ପ୍ରଜାପତି ବାହାର କରିଦେଲା । କୁତେଇ ହୋଇ ଲାଗୁଥିବା ଚଗଲା ପିଲାକୁ ବନ୍ଦ କରିବାକୁ ଆଶିଷର ହାତକୁ ଆଶିଷର ପେଟ ଉପରେ ଥାପି ଦେଲା । ହାତ ପକେଇବା ବାହାର କରିବାର ଏକ ଖେଳ ଚାଲିଲା । ସେ ଯାଏଁ ବୋଧେ ପ୍ରଜାପତି

Source: Author, Digitized by PPRACHIN, SOA

ଶୋଇନଥିଲା । କିମ୍ବା ଶୋଇବାର ବାହାନା କରୁଥିଲା । ଏଇ ଖେଳରେ ରାତି ପାହି ସକାଳ ହୋଇଗଲା କେତେବେଳେ ଦୁହିଁଙ୍କୁ ଜଣାନଥିଲା ।

ସଂପର୍କଟା କାଚକାନ୍ଥର ପାଚେରୀ ପରି ଦୁହିଙ୍କ ଭିତରେ ଥିଲା ଏମିତି ସ୍ୱଚ୍ଛ, ନିର୍ମଳ ଓ ସତ୍ୟ ଯେ ଭାଙ୍ଗି ପଡ଼ିଲେ ଖଣ୍ଡ ଖଣ୍ଡ ହୋଇଯିବ । ଯାହା ଯୋଡ଼ି ହୋଇପାରିବନି ପୁନଃ କିମ୍ବା ଦାଗ ଲାଗିଗଲେ ଲିଭିବନି । ହେଲେ ସତ ସଂପର୍କ ଭିତରେ ଆଉ ଏକ ସଂପର୍କ ଘୁଣଖିଆ କାଠ ପରି ତାକୁ ଏପରି ଖାଇଯାଉଥିଲା ଯେ ଆଶିଷ ତା'ର ହିସାବ ନିକାଶ କରି ବି ଠିକ୍ କରି ପାରୁନଥିଲା । କିମ୍ବା ବିଚ୍ଛିନ୍ନ ହୋଇ ପାରୁନଥିଲା । କାଠ କୁମ୍ଭା ଚଢ଼େଇ ପରି ଖୁମ୍ପି ଚାଲିଥିଲା । ଭାବନାରେ ବୁଡ଼ି ଯାଉଥିଲା ସଂପର୍କର ବୈତରଣୀରେ । ସମାଜର ଲକ୍ଷ୍ମଣରେଖା ଡେଇଁ ପାରିବ ନା ଭାଙ୍ଗିଦେବ କାଚର ପାଚେରୀକୁ । ଏକ ଅଜଣା ଆତଙ୍କରେ ସାଙ୍କୋରି ଯାଉଥିଲା ସେ ।

ଦିନର ସୂର୍ଯ୍ୟାଲୋକର ସେଇ ସଂପର୍କ ରାତିର ଅନ୍ଧାର ଭିତରେ ଆସ୍ତେ ଆସ୍ତେ ହଜିଗଲା ଏବଂ ଆଉ ଏକ ସଂପର୍କରେ ପରିଣତ ହୋଇଗଲା । ତାହା ଥିଲା ଗୋଟେ ନାରୀ ଆଉ ପୁରୁଷର । ଗୋଟେ ସିଙ୍ଗଲ ଖଟରେ ପ୍ରଜାପତି ପାଖରେ ଶୋଇପଡ଼ିଲା ଆଶିଷ ଓ ପ୍ରଜାପତିକୁ କହିଲା 'ସେକ୍ସ କରିବା - ପ୍ରଜାପତି କହିଲା- ନା' ବାବା ନା' । ଦୁଷ୍ଟ ହୁଅନା- ଶୋଇ ପଡ଼ ଚୁପ୍‌ଚାପ୍ । ଆଶିଷ ଜାଣେ ସକାଳର ଆଲୋକରେ ଏ ସଂପର୍କ ରୂପାନ୍ତର ହୋଇଯିବ ନିଷ୍ଠୁର ସତ୍ୟକୁ ।

ରାତି ବଢୁଥିଲା ଅନ୍ଧାରର ସଂପର୍କ ସାଥିରେ । ନିଜ ନିଜର ଅଜାଣତରେ ଖୋଲିଯାଉଥିଲା ଆସ୍ତେ ଆସ୍ତେ ଅନ୍ଧାର ଭିତରେ ଗୋଟେ ନାରୀ ଆଉ ପୁରୁଷ ସଂପର୍କର ଝର୍କା । ଝଡ଼ ପରର ସ୍ଥିରତା ଆସିଯାଇଥିଲା କିଛିକ୍ଷଣ ପରେ । ଏଥର ପ୍ରଜାପତି କହିଲା- ପୃଥିବୀ ସୃଷ୍ଟିର ପ୍ରାରମ୍ଭରେ ପ୍ରଥମେ ଆଦାମ୍ ଆଉ ଇଭ୍ ଥିଲେ ନା ସଂପର୍କ ? ଆଶିଷ କହିଲା - ହଁ, ଉଭୟ ।

ଆଶିଷର ମନେହେଲା, ସକାଳର ସୂର୍ଯ୍ୟପରି ଛାତିର ଅନ୍ଧାର ପରି ତାକୁ ସେ ଭଲ ପାଉଛି । ଗୋଟେ ପ୍ରେମରେ ପଡ଼ିଯାଇଛି । ଏବଂ ଦୁହେଁ କୈଶୋର ସମୟ ଆଡ଼କୁ ଲେଉଟି ଆସୁଛନ୍ତି ।

ରାତି ପାହି ସକାଳ ହେଲା । ପ୍ରଜାପତି ସିଧା ଚାଲିଗଲା ବାଥ୍‌ରୁମ୍ । ଆଶିଷ ମୁହଁକୁ ଚାହିଁଲାନି । ଧୋଇଦେଲା ଅନ୍ଧାରରେ ଗଢ଼ି ଉଠିଥିବା ଗୋଟେ ସଂପର୍କକୁ ଏବଂ ବାଥ୍‌ରୁମ୍‌ରୁ ବାହାରି ସଜଫୁଟା ଫୁଲର ଲାଜମିଶା ହସ ପାଖୁଡ଼ାଏ ଫିଙ୍ଗିଦେଲା ଆଶିଷ ଆଡ଼କୁ । ଆଶିଷ କୋଳେଇ ଆଣି ଚୁମାଟିଏ ଦେଲା ତା କପାଳରେ । ଗେଲ କଲା ଏବଂ ବସେଇ ଦେଲା ଖାଇବା ଟେବୁଲ୍ ପାଖରେ ବ୍ରେକ୍‌ଫାଷ୍ଟ ନେବାକୁ ସମୟ ହେଲାଣି ।

ତେବେ ପାଠକେ, ଏ ଗଳ୍ପର ପ୍ରାୟୋଜକ ସେଇ ସୁନ୍ଦରୀ ପ୍ରଜାପତିକୁ ଶ୍ରଦ୍ଧା, ଶ୍ରାବଣୀ, ପ୍ରୀତି ଭଳି କୌଣସି ଏକ ନାମରେ ଡାକିଲେ କେମିତି ହୁଅନ୍ତା ? ଏଥର ଚିଠିରେ ଲେଖିବେ ଗାଳ୍ପିକଙ୍କୁ ।

■ ■ ■

Source: Author, Digitized by PPRACHIN, SOA

ସାଥୀ ହୋଇ ସବୁଦିନ

ଝର୍କା ଖୋଲିଲେ ଦେଖାଯାଏ ଦୂର ପାହାଡ଼ର ନୀଳ ସବୁଜିମା, ମାଇଲ ମାଇଲ ଧାନ କ୍ଷେତ, ଶୁଖିଲା ନଈର ପିଠି, ଗୋରୁପଲ୍ଲ, ଧାଡ଼ି ଧାଡ଼ି ନୁଆଁଣିଆ ଛଣ ଛପର ଘର, ହେଭି ଇଲେକ୍ଟ୍ରିଲାଇନ ତାର ଉପରେ ଧାଡ଼ିଏ କାନ୍ତର ଚଢ଼େଇ... ଏମିତି କେତେ କ'ଣ । ଆଉ ଏତେ ଦୂରର ମଣିଷ ସବୁ କଣ୍ଢେଇଟିଏ ପରି ଲାଗନ୍ତି । ପାଞ୍ଚ ମହଲା କୋଠା ଉପରୁ ଏଇ ଦୃଶ୍ୟ ବଂଦନା ଆସିବା ଦିନଠୁ ହିଁ ଦେଖି ଆସୁଛି । ନିଃସଂଗତା ଓ ସବୁ କ୍ଲାନ୍ତି ନିମିଷକେ ଏଇ ଦୃଶ୍ୟରେ ଅଦୃଶ୍ୟ ହୋଇଯାଏ ଓ ତାକୁ ସେହି ସମୟତକ ହିଁ କୁଆଁରୀ କୁଆଁରୀ ଲାଗେ । ମନେ ହୁଏ ତଳକୁ ପାହାଚରୁ ପାହାଚ ଧାଇଁ ଯାଇ ପ୍ରଜାପତି ସବୁ ଧରିନିଅନ୍ତା । ବଗିଚାରୁ ସବୁ ଫୁଲ ଛିଣ୍ଡେଇ ପକାନ୍ତା କିମ୍ବା ଧାଇଁ ବୁଲନ୍ତା ପଡ଼ିଆସାରା । ଲୁଡୁ, ବୋହୂଚୋରି, ଟାକୁଆ ଖେଳରେ ହଜିଯାଆନ୍ତା । ବଂଦନା ସବୁଦିନେ ଏମିତି ଏକ ଭାବନାରେ ବୁଡ଼ିଯିବା ବେଳକୁ ପାଖରେ ଝର୍କାଟି ନ ଖୋଲିବାର ଏକ ନିର୍ଦ୍ଦିଷ୍ଟ ଶବ୍ଦରେ ତାର ସ୍ୱପ୍ନ ଭାଂଗିଯାଏ ଓ ସେ ପ୍ରକୃତିସ୍ଥ ହୋଇଯାଏ । ନିଜକୁ ଦେଖେ । ମଥାରେ ସିନ୍ଦୂର, ହାତରେ ଶଙ୍ଖା ଦେଖିବା ପରେ ତାକୁ ଏ ସବୁ ଓଜନିଆ ଓଜନିଆ ଲାଗେ । ଦଲକାଏ ହେମାଳିଆ ପବନ ତାକୁ ଛୁଇଁ ଦେବା ବେଳେ ସେ ପୁଣି ଆଖି ପାଇବା ଯାଏ ଅନେକ ଦୂରକୁ ଚାହେଁ । ଦଳଦଳ ପକ୍ଷୀଙ୍କ ଘର ବାହୁଡ଼ାର କିଚିରି ମିଚିରି ଶବ୍ଦ ଶୁଣି ସେ ଦୀର୍ଘଶ୍ୱାସ ପକାଏ ଓ ନଥିକିନା ଝର୍କା ଆଡ଼ାକୁ

Source: Author, Digitized by PPRACHIN, SOA

ମାଂଚିଆଟେ ଟାଣି ବସିପଡ଼େ । ଠିକ ସେଇ ବେଳକୁ ପଡୋଶୀ ଘରର ଝର୍କା ପାଖକୁ ଟୁଲଟେ ଟାଣିବା ଶବ୍ଦ ବଂଦନା ଶୁଣେ । ଅନୁମାନ କରିନିଏ ଯେ କେହି ଜଣେ ତାରି ପରି ଦୀର୍ଘ ନିଃଶ୍ୱାସଟିଏ ପକାଇ ବସିପଡ଼ିଲା ବୋଧେ ।

ନିତିଦିନର ଏଇ ଶବ୍ଦ ସହିତ ପରିଚିତ ହୋଇ ଗଲାଣି ବଂଦନା । ନିଜେ ଝର୍କା ଖୋଲିବା ବେଳେ ସେପଟେ ଆଉ ଗୋଟିଏ ଝର୍କା ଠିକ୍ ଏଇ ସମୟରେ ଖୋଲେ । ପୁଣି ସେ ବଂଦ କରିବାବେଳକୁ ସେ ପାଖ ଝରକାଟି ବଂଦ ହୋଇଯାଏ । ପ୍ରଥମେ ପ୍ରଥମେ ସେ ବୁଝି ପାରିନଥିଲା, କାହିଁକି କିଏ ଏମିତି କରୁଛି ? କିଂବା ସେ ନୂଆହୋଇ ଆସିଛି ବୋଲି, କେହି ତାକୁ କେତେଦିନ ହେଲା ପିଛା କରୁଛି । ଏକା ଏକା ଘରଟା ଭିତରେ ସେ ଭୟ କରି ଯାଇଥିଲା । କାରଣ ଫ୍ଲାଟଘରର ଅଢ଼େଇ ଫୁଟ ମାତ୍ର ବ୍ୟବଧାନ ସେପଟ ଘରେ କିଏ ସବୁ ରୁହନ୍ତି । କେତେବେଳେ ଆସନ୍ତି କ'ଣ କାମ କରନ୍ତି, ଏ ସବୁ ଜାଣିବା ମୁସ୍କିଲ, ଏତେ କମ ବ୍ୟବଧାନରେ ରହି ବି କାହା ସହିତ କାହାର ସଂପର୍କ ନଥାଏ । ବଂଦନାକୁ ପ୍ରଥମେ ଲାଗୁଥିଲା, ସେ ଏକ ନୂଆ ପୃଥିବୀରେ ଅଛି । ବଂଦୀଟିଏ ପରି ଜୀବନ ବିତୁଛି । ଯେଉଁଠି ମଣିଷର ସଂପର୍କ ମଣିଷ ବି ନୁହେଁ, ଆଉକିଛି । ସାରାଦିନ ଘରଟା ଭିତରେ ସେ ଅଣଃନିଶ୍ୱାସୀ ହୋଇଯାଏ । ଇଏ କି ଭଳି ଜୀବନ ବୋଲି ବେଳେ ବେଳେ ସେ କାଂଦି ପକାଏ । ପୁନଃ କୋଠରୀର ନିଃସଗତା ଭିତରେ ବୁଡ଼ିଯାଏ ।

ଏବେ ବିତିଯାଇ ଥିବା ଦିନମାନଙ୍କ କଥା ମନେ ପଡ଼ିଲେ ହସ ମାନେ ବଂଦନାକୁ । ଯେଉଁଦିନ ଶାନ୍ତନୁକୁ ଲିଫ୍ଟରେ ସେ ପ୍ରଥମେ ଦେଖିଥିଲା । ଶାନ୍ତନୁ ଲିଫଟର ବଟମ ଟିପି ଉପରକୁ ଉଠିଯିବା ବେଳକୁ ଅତି ସନ୍ତର୍ପଣରେ ସେ ପଶିଗଲା ଓ ଦେଖିଲା, ବେଶ ଶାନ୍ତ, ଗମ୍ଭୀର ବ୍ୟକ୍ତି ଜଣେ ଠିଆ ହୋଇଛନ୍ତି ଏକା । ତାକୁ ଡର ଡର ଲାଗିଲା । ବଂଦନା ଭିତରକୁ ଚାଲିଗଲା ସିନା ହେଲେ କେମିତି ପାଞ୍ଚ ନଂବର ଫ୍ଲାଟରେ ଓହ୍ଲେଇବାକୁ ପଡ଼ିବ – କେଉଁ ମଫସଲ କଲେଜରେ ପ୍ଲସଥ୍ରୀ ଯାଏ ପଢ଼ିଥିବା ବଂଦନାକୁ ମାଲୁମ ନଥିଲା ଲିଫଟ୍‌ର ସୂତ୍ର । ଏଇ ପ୍ରଥମଥର ସେ ଲିଫଟରେ ଯାଉଛି । ଲିଫଟରେ ସେଇ ଛୋଟ କୋଠରି ଭିତରେ ଠେଲି କାହାକୁ କିଛି କହୁନଥିଲେ ହେଁ ଶାନ୍ତନୁ ବୋଧେ ଅନୁମାନ କରି ନେଇଥିଲେ ତାର ଅସହାୟତାକୁ । ଏମିତି ଏକ ନିଛାଟିଆ ରୁଦ୍ଧକୋଠରି ଭିତରେ ଏକା ଏକା ଖୁବ୍ ଭୟ ଲାଗୁଥିଲେ ହେଁ ନୀରବ ହୋଇ ଠିଆ ହେବା ବ୍ୟତୀତ ଅନ୍ୟ ଉପାୟ କିଛି ନଥିଲା । ହଠାତ୍ ଭଦ୍ରବ୍ୟକ୍ତି କହିଲେ- ''ଆପଣ ପାଞ୍ଚରେ ଓହ୍ଲେଇବେ ବୋଧେ ?''

ବଂଦନା ହଁ କି ନା' କିଛି କହିଲାନି । ଏଥର ଶାନ୍ତନୁ କହିଲେ- ଏଇ ତ ପାଞ୍ଚ ହୋଇଗଲା । 'ଆସନ୍ତୁ' । ବଂଦନା ଆଶ୍ୱସ୍ତ ହେଲା ଯେମିତି ଏକ ଆଶୁବିପଦରୁ ତାକୁ ରକ୍ଷା ମିଳିଗଲା । କିଛି ନ କହି ପିଞ୍ଜରା ଭିତରୁ ସର୍କସର ବାଘ ବାହାରି ଆସିବା ପରି ଚଂଚଳ ବାହାରି ଆସିଲା । ଏବଂ ଦେଖିଲା ନିଜ ଫ୍ଲାଟରେ ପହଞ୍ଚି ଯାଉଛି ନିରାପଦରେ । ବଂଦନା ନିଜ ଘରର ତାଲା ଖୋଲିବା ବେଳେ କଣେଇ ଚାହିଁଲା ପଛକୁ - ଦେଖିଲା ଶାନ୍ତନୁ ପିଠିକରି ସାମ୍ନାଘରର ତାଲା ଖୋଲୁଛନ୍ତି । ଭଦ୍ରଲୋକ ଯେ ପଡୋଶୀ ଏଥିରେ ତାର ଆଉ ସଂଦେହ

Source: Author, Digitized by PPRACHIN, SOA

ନଥିଲା । ବଂଦନା କଣ କହିବ କହିବ ହୋଇ କିଛି ନ କହି ଭିତର ପଟୁ କବାଟ ବଂଦ କରିଦେଲା । ମନକୁ ମନ ଭାରି ବ୍ୟସ୍ତ ହେଲା । ଭଦ୍ର ବ୍ୟକ୍ତିଙ୍କୁ ଧନ୍ୟବାଦ ଜଣାଇବା ଏକ ସାଧାରଣ ଭଦ୍ରାମୀ ସେ ଦେଖେଇ ପାରିଲାନି ବୋଲି ।

ବଂଦନା ମନେ ମନେ ସ୍ଥିର କଲା, ପଡୋଶୀ ଯେହେତୁ କୌଣସି ସମୟରେ ସେ ଏକଥାଟି ଦୋହରାଇ ଦେବ । ଏବଂ ଉତ୍ତମ ପଡୋଶୀଟିଏ ପାଇ ମନେ ମନେ ଖୁସି ହେଲା ।

ସେଇଠୁ ଶାନ୍ତନୁଙ୍କୁ ପୁନଃ ଦେଖିବାକୁ ପାଇଲାନି ଯଦିଓ କେତେଥର କବାଟ ଫିଟେଇ ଦେଖିବାକୁ ଚେଷ୍ଟା କରିଛି । ପଡୋଶୀଟି ସଂପର୍କରେ କିଛି ଜାଣିବାର ଆଗ୍ରହ ପ୍ରକାଶ କରି ବିଫଳ ହୋଇଛି ବାରଂବାର । ଏବଂ କୌଣସି ସୂତ୍ର ଖୋଜି ବି ପାଇନି । କେବେ ପ୍ରତ୍ୟହ ସେଇ ନର୍ଦ୍ଦିଷ୍ଟ ସମୟରେ ବଂଦନା ଝର୍କା ଖୋଲିବା ବେଳକୁ ଶାନ୍ତନୁଙ୍କ ଝର୍କା ଖୋଲିବାର ଶବ୍ଦକୁ କାନ ପାରିଥାଏ । ଏବଂ ଅଦୃଶ୍ୟରେ ଅନୁଭବ କରିନିଏ ଶାନ୍ତନୁଙ୍କ ଉପସ୍ଥିତିକୁ । ମନେ ମନେ ସେ ଏ କଥା ବି ସେ ଅନୁମାନ କରି ନେଉଥିଲା - ଅନ୍ୟ ପୁରୁଷମାନଙ୍କ ପରି ସେ ନୁହଁନ୍ତି । ନିହାତି ଭଦ୍ର, ଶାନ୍ତ, ମାର୍ଜିତ ବ୍ୟକ୍ତିଟିଏ । ଆଉ ବା କ'ଣ ସେ ତାଙ୍କୁ ନେଇ ଭାବି ପାରନ୍ତା ?

ପ୍ରାୟତଃ ସବୁଦିନ ସକାଳୁ ଶାନ୍ତନୁଙ୍କ ଘରର ଝଣ ଝଣ ଶବ୍ଦରେ ବଂଦନାର ନିଦ ଭାଂଗେ । ଏବଂ ମନେ ମନେ ଭାବେ, ଶାନ୍ତନୁ ପିଲାମାନଙ୍କର ଏ ଦୁଷ୍ଟାମୀ । ଆଜି ସକାଳୁ ସେ ସବୁରି ବ୍ୟତିକ୍ରମ ହୋଇଯାଇଛି । ବଂଦନା ଉଠିଲା ବେଳକୁ ଶୋଇବା ଘର ସାରା ବାନ୍ତିର ଉତ୍କଟ ଗଂଧରେ ନାକ ଫାଟି ପଡୁଛି । ଗତ ରାତିରେ ଏତେ ଗୁଡ଼ାଏ ପିଇଦେଇ ଆସିଥିଲେ ଯେ, କ୍ୟାସିୟର କ୍ୟାସ ତକ ବଂଦନା ୬ ବଢ଼ାଇ ଦେବାପରେ ଡ୍ରାଇଭର ସହ ମିଶି ଶେଯରେ ଶୁଆଇବାକୁ ପଡ଼ିଥିଲା । ପୁଣି ରାତିରେ ଏମିତି କାଣ୍ଡ । ପ୍ରଥମେ ପ୍ରଥମେ ବଂଦନାକୁ ଏଇ ମଦୁଆ ଲୋକଙ୍କୁ ଦେଖିଲେ ଭୀଷଣ ଡର ମାଡୁଥିଲା । କ୍ରମେ ଦେହଶୁହା ହୋଇଗଲାଣି । ସେ ଆସିବା ଠାରୁ ଦେଖୁଛି । ଏଇ ଅଜବ ପୁରୁଷଟି ସବୁରାତି ଆକଣ୍ଠ ପାନକରି ନିଘୋଡ଼ ନିଦରେ ଶୋଇ ଯାଉଛି । କେବେ ବି ପଚାରି ନାହିଁ ବଂଦନା ବୋଲି କେହି ଜଣେ ତାର ସ୍ତ୍ରୀ ଏ ଘରେ ଅଛି । ସବୁ ଭୋକ ମରିଯାଇ ଥିବା ଦେହରେ ଭୋକ ଆସିବ କେଉଁଠୁ ? ଘର ସମ୍ଭାଳିବା, ଘରଦାୟିତ୍ୱ ନେବା ଭଳି ଦାୟିତ୍ୱ ତା ଉପରେ ପକେଇ ସେ ବେଶ୍ ତାଂକ ବ୍ୟବସାୟରେ ମଶଗୁଲ । ବାସ ଏଇ ତ ଜୀବନ । ସପ୍ତାହେ ହେବ ଚାକରାଣୀଟା ଆସୁନି । ଆସିଲେ ବି ଏ କାମକୁ ମନା କରିଦେବ । କାଲେ ଚାକରାଣୀଟା ଚାଲିଆସିବ ଓ ଘର ଭିତରେ ଏପରି ଏକ ଭୌତିକ କାଣ୍ଡ ଦେଖି ଗୁଡ଼ାଏ ନୀତିବାକ୍ୟ କାନ୍ଥବାଡ଼କୁ ଦେଖେଇ କହିବ । ଯାହା ବଂଦନା ବାଧ୍ୟବାଧ୍ୟକତାରେ ଶୁଣିବ । କିଂତୁ କିଛି କହିପାରିବନି । ପଣତ କାନିଟା ମୁହଁରେ ଗୁଡ଼େଇ ବଂଦନା ବାନ୍ତିତକ ସଫାକରି ଫିନାଇଲ ପକେଇଲା । ଦୁଇ, ଚାରିଟା ଅଗରବତୀ ଲଗେଇ ପଙ୍ଖା ଛାଡ଼ି ଦେବା ବେଳକୁ ଦାଣ୍ଡ କବାଟ ଦୁମ୍ ଦୁମ୍ ବାଡ଼େଇ କିଏ ଡାକିଛି, ଯେମିତି ଟିକିଏ ଡେରି କଲେ କବାଟ ଭାଂଗିଦେବ ।

Source: Author, Digitized by PPRACHIN, SOA

ବଂଦନା ବିରକ୍ତ ହୋଇ କବାଟ ଖୋଲୁଖୋଲୁ ଶାନ୍ତନୁ ଘର ଭିତରକୁ ଚାଲି ଆସି କହିଲେ – ''ମ୍ୟାଡାମ, ଆପଣଙ୍କ ଘରେ ଗ୍ୟାସ ଲିକ୍ ହୋଇଯାଇଛି ନିଶ୍ଚୟ । ବାହାରକୁ ଭୀଷଣ ଗଂଧ ଅର୍ଥାତ୍ ଆପଣ ଜାଣିପାରୁ ନାହାଁନ୍ତି ।''

ବଂଦନା ତରତରରେ ଲୁଗାଟା ସଜାଡ଼ି ଧାଇଁ ଗଲା ରୋଷେଇ ଘରକୁ । ପଛେ ପଛେ ଶାନ୍ତନୁ । ବଡ଼ ପାଟିରେ ହୁସିଆର କରିଦେଲେ । ଡିଆସିଲି କିବା ଲାଇଟର ଲଗାନ୍ତୁନି । ଏବଂ ନିଜେ ମଧ୍ୟ ଗ୍ୟାସକୁ ବଂଦ କରି ଦେଲେ । ଝର୍କା ସବୁ ଖୋଲି ଦେବା ପରେ ଗ୍ୟାସ ଗଂଧ ଯାଇ କେବଳ ଫିନାଇଲର ଉତ୍କଟ ଗଂଧ ରହିଗଲା । ବଂଦନା ଶାନ୍ତନୁଙ୍କ ଉପରେ ଅନ୍ୟ କୌଣସି ଖରାପ ଧାରଣା ଆଣି ପାରିଲା ନାହିଁ । ବହୁଦିନ ପରେ ଜଣେ ନିଜର ଆତ୍ମୀୟ ଲୋକପରି ତାକୁ ଲାଗିଲା – ଶାନ୍ତନୁଙ୍କୁ କହିଲା – ଏ ଗ୍ୟାସର ବ୍ୟବହାର ମୋତେ ଜଣାନାହିଁ ବୋଲି ମୁଁ ହିଟର ବ୍ୟବହାର କରେ । ସକାଳୁ ସେ ଚା' ପିଇ ଯାଇଛନ୍ତି । ବୋଧେ ବଂଦ କରିବାକୁ ଭୁଲି ଯାଇଛନ୍ତି ।

ଶାନ୍ତନୁ ଏଥର ଫେରିଆସିଲେ । ଏଥର ବି ବଂଦନା କିଛି କହିପାରିଲାନି – ଏମିତିକି ବସିବାକୁ ବି ! ସାହାଯ୍ୟ କରିବାକୁ ହାତ ବଢ଼େଇ ଆସିଥିବା ଭଦ୍ରଲୋକଙ୍କୁ ଆଜି ବି ଧନ୍ୟବାଦ ଜଣେଇ ପାରିଲାନି । କ'ଣ ମନେ କରୁଥିବେ ସେ ? ଆସନ୍ନ ବିପଦରୁ ରକ୍ଷା କରିଥିବା ଶାନ୍ତନୁଙ୍କ ପ୍ରତି ମନରେ କୌଣସି ଦ୍ୱିଧା ନ ରଖି ବଂଦନା ପଛେ ପଛେ ଶାନ୍ତନୁଙ୍କ କବାଟ ପେଲି ତାଙ୍କ ଘର ଭିତରକୁ ପଶିଗଲା ।

ଘରସାରା ନିସ୍ତବ୍ଧତା ଖେଳିଯାଇଥିଲା । ଘରର ସାଜସଜ୍ଜା ବେଶ୍ ଆଧୁନିକ ଓ ରୁଚିକର । ଗୋଟେ ଛୋଟ ପରିବାର ରହୁଥିବା ପରି ମନେ ହେଲା । ଶାନ୍ତନୁ ରୋଷେଇ ଘରେ କ'ଣ କରୁଥିଲେ ବୋଧେ । ପାଦଶବ୍ଦ ଶୁଣି ଚାଲି ଆସିଲେ – ବ୍ୟସ୍ତ ହୋଇ କହିଲେ : ଆରେ ମ୍ୟାଡାମ ଆପଣ ? ଆଉ କ'ଣ କିଛି ଅସୁବିଧା ହେଲା କି ?

ବଂଦନା କଣ କହିବାକୁ ଆସି କିଛି ନ କହି ଠିଆ ହୋଇ ରହିଲା । ମନେ ମନେ ଭାବିଲା – କହିଦେବ କି ଆପଣଙ୍କୁ ଧନ୍ୟବାଦ ଜଣାଇବାକୁ ଆସିଛି । ହେଲେ ତାକୁ କେମିତି ଅଡୁଆ ଅଡୁଆ ଲାଗିଲା । କିଛି କହିପାରିଲାନି । ସବୁ ଭୁଲି ଗଲା । ଶାନ୍ତନୁ ବସିବାକୁ ଅନୁରୋଧ କରି କହିଲେ ।

''ଆପଣ ବସନ୍ତୁ । ମୁଁ ଚା' କରି ଆଣୁଛି ।''

ବଂଦନା କିଛି ବୁଝି ପାରିଲାନି । ଘରେ ଅନ୍ୟ କେହି ଥିବାପରି ମନେ ହେଉନଥିଲା । ତେବେ କ'ଣ ଶାନ୍ତନୁ ଏକା ? ସଂସାର କରି ନାହାଁନ୍ତି ? ପୁରୁଷ ଲୋକଟିଏ ଚା' କରି ଆଣି ଅତିଥି ସେବା କରିବ ସ୍ତ୍ରୀ ଲୋକଟିଏ ଥାଉ ଥାଉ, ଏ କଥା ତାକୁ ପସନ୍ଦ ହେଲାନି ଓ ସେ ରୋଷେଇ ଘରକୁ ଯାଇ କହିଲା– ''ଉଠନ୍ତୁ, ମୁଁ ଚା' କରି ଦେଉଛି ।''

ବଂଦନା ରୋଷେଇ ଘର ଦେଖିବା ପରେ ନିଶ୍ଚିତା ହୋଇଗଲା ଯେ, ସ୍ତ୍ରୀ ଲୋକଟିଏ ଏ ଘରେ ରୁହନ୍ତି । ବଂଦନା ଚା' କପଟି ଶାନ୍ତନୁଙ୍କ ହାତକୁ ବଢ଼େଇ ଦେଇ କହିଲା – ''ଆପଣଙ୍କ ମ୍ୟାଡମ କାହିଁ ଦେଖା ଯାଉ ନାହାଁନ୍ତି ?''

Source: Author, Digitized by PPRACHIN, SOA

- ଅଫିସ ଚାଲିଗଲେଣି । ମୁଁ ବେକାର ତ, ଏଣୁ ଘରେ ବସିଛି ।

ବଂଦନାକୁ କଥାଟା ଭଲ ଲାଗିଲାନି । ତଥାପି ପିଲାମାନଙ୍କ କଥା ପଚାରିବାକୁ ଏପଟ ସେପଟ ଚାହିଁଲା । ବଂଦନାର ହାବଭାବରୁ ଶାନ୍ତନୁ କଥାଟା ଠିକ୍ ବୁଝି ଗଲେ ଏବଂ କହିଲେ - ନା' ଆମେ କେବଳ ଦୁଇ । ଦଶବର୍ଷ ବିତିଗଲାଣି । ଅନିମା ପିଲା ଚାହାଁନ୍ତିନି । ବଂଦନା ଏଥର ଉଠି ଆସିଲା । ହୁଏତ ଶାନ୍ତନୁ ଅନ୍ୟକିଛି ଭାବି ପାରନ୍ତି ।

ଶାନ୍ତନୁଙ୍କ ଅମାୟିକ ବ୍ୟବହାର ଆତ୍ମୀୟତା ଭଦ୍ରତା ବଂଦନା ହୃଦୟରେ କେଉଁଠି ଏମିତି ଗୋଟାଏ ଖଟକା ସୃଷ୍ଟି କରିଛି ଯେ, ତା ଜୀବନ ଖାଁ ଖାଁ ଶୂନ୍ୟତା ଭିତରେ ପୂର୍ଣ୍ଣତା ଭରିଯିବା ପରି ମନେ ହେଲା । କେବଳ ଟିକେ ପଡୋଶୀର ପରିଚୟ, କେଇପଦ କଥାରେ ଶାନ୍ତନୁ ଯେମିତି ତାର ସମଗ୍ର ସତ୍ତାକୁ ଯା ଭିତରେ ଗ୍ରାସ କରିଦେଲେଣି । ସେ ନିଜକୁ ଶାନ୍ତନୁଙ୍କୁ ନେଇ ଅନେକ ସ୍ୱପ୍ନରେ ହଜେଇ ଦେଲାଣି । କେଉଁଠୁ ଟିକେ ଶବ୍ଦ ଆସିଲେ ସେ ମନେ କରୁଥିଲା ଯେମିତି ଶାନ୍ତନୁ ହିଁ ଏ ଶବ୍ଦ ସୃଷ୍ଟି କରୁଛନ୍ତି । ସେ ବାରଂବାର ଚମକି ଉଠୁଥିଲା ଓ ବେଳେ ବେଳେ କବାଟ ଖୋଲି ନିଜର ଭ୍ରମ ସଂଶୋଧନ କରୁଥିଲା ।

ବଂଦନା ଏଯାଏ କେବେ ବି ଅନୁଭବ କରିନଥିଲା ଜଣେ ପୁରୁଷର ଆନ୍ତରିକତା । ଯଦିଓ ସେ ଜାଣିଛି ଅନେକ ପୁରୁଷ ଉପରେ ପଡ଼ି ଆନ୍ତରିକତା ଦେଖେଇ ହୁଅନ୍ତି । ହେଲେ ଶାନ୍ତନୁ ସେମାନଙ୍କ ଠାରୁ ସଂପୂର୍ଣ୍ଣ ଭିନ୍ନ । ବାପାଙ୍କର ଆର୍ଥିକ ଅନଟନ ତଥା ତା ତଳିଆ ଭାଇ ଭଉଣୀଙ୍କ ଭବିଷ୍ୟତ ପାଇଁ ତାକୁଇ ଏଇ ବୟସ୍କ ଦୋଭେଇ ପୁରୁଷଟି ପାଖରେ ବଳି ପଡ଼ିବାକୁ ପଡ଼ିଛି । ଏଠୁ ମୁକୁଳି ଯିବାର ଉପାୟ ନାହିଁ । ଏଠି କେବଳ ବ୍ୟବସାୟ ଆଉ ଏଠାକାର ଜୀବନ । ଏଠି ପୁରୁଷ ବୁଝେନା ନାରୀକୁ । କେବଳ ବିବାହ ନାମକ ଏକ ଧରାବନ୍ଧା ନିୟମରେ ବାନ୍ଧିହୋଇ ସାରା ଜୀବନ ସୋକେଶରେ ସାଇତା ହୋଇ ରହିବାରେ ଜୀବନ କିଂବା ଗୋଟେ କ୍ରୀତଦାସୀର ଜୀବନ ବିତେଇବା । ବେଳେ ବେଳେ ତା ନିଜକୁ ନିଜେ ପ୍ରଶ୍ନ କରେ ବଂଦନା । ଇଏ କଣ ନାରୀର ଜୀବନ ? ନାରୀ ଜୀବନର ସାର୍ଥକତା ? ତେବେ ଜଣେ ସ୍ୱୟଂସଂପୂର୍ଣ୍ଣ ନାରୀର ସ୍ୱାଦ ପାଇଁ ଶାନ୍ତନୁଙ୍କ କଥା ଭାବିବାରେ ଭୁଲ୍ ରହିଲା କେଉଁଠି ?

ସକାଳୁ ସକାଳୁ ବଂଦନା ଘର ସଜାଡ଼ିବାରେ ଲାଗିପଡ଼ିଲା । ଆଜି ଶାନ୍ତନୁଙ୍କୁ ଖରାବେଳେ ନିମନ୍ତ୍ରଣ । ଶାନ୍ତନୁ ହଁ, ନାଁ ଭିତରେ ଆସିଲେ । ଖାଇବା ଟେବୁଲରେ ସଜେଇ ଦେଲା ବଂଦନା । ଜଣକୁ ଦେବାରେ କେତେ ଆନଂଦ, ଗ୍ରହୀତା ହୁଏତ ଅନୁଭବ କରି ପାରିବନି । ଯାକୁ ଖାଆନ୍ତୁ । ଆରେ ଏଥିରେ ଆଦୌ ହାତମାରି ନାହାଁନ୍ତି । କେମିତି ଲାଗୁଛି । ବେସର ତ ସେମିତି ଥୁଆ ହୋଇଚି ? କିଛି ଖରାପ ହୋଇନି ତ ? ଅନର୍ଗଳ କହିଚାଲିଥିଲା ବଂଦନା ଶାନ୍ତନୁଙ୍କ ଉତ୍ତରକୁ ଅପେକ୍ଷା ନ କରି । ଶାନ୍ତନୁ ଚାହିଁ ରହିଥିଲେ ବଂଦନାଙ୍କୁ । ସ୍ନେହ, ଶ୍ରଦ୍ଧାପୂର୍ଣ୍ଣ ଆତିଥେୟତାରେ ପେଟ ପୂରି ଯାଉଥିଲା । ତାକୁ ଲାଗୁଥିଲା, ପାଖରେ ଯେମିତି ବୋଉ କଣ କଣ ସବୁ ଖାଇବାକୁ ଦେଇ ପିଠି ଆଉଁସି ଦେଉଛି । ତା ହୃଦୟରେ କେଉଁ ଦିନରୁ ଜମାଟ ବଂଧା ସବୁ ଦୁଃଖ, ନିଃସଂଗତା ଯେମିତି ଏଇ କେଇ ପଦ କଥାରେ ନଈ

Source: Author, Digitized by PPRACHIN, SOA

ହୋଇ ବୋହିଗଲା । ଆଖି ଛଳ ଛଳ ହୋଇ ଗଲା ଆନନ୍ଦରେ ଓ ସଙ୍ଗେ ସଙ୍ଗେ ତା ପାଟିରୁ ବାହାରି ପଡ଼ିଲା, 'ଆପଣ ବସନ୍ତୁନା, ଏକାଠି ଖାଇବା ।'

- ନା, ମୁଁ ପଛେ ଖାଇବି– କହିଲା ବନ୍ଦନା ।

ଶାନ୍ତନୁଙ୍କର କଣ ହେଲା କେଜାଣି ବନ୍ଦନାର ହାତକୁ ଧରି ବସେଇ ଦେଲେ । ଶାନ୍ତନୁଙ୍କ ପାଇଁ ବଂଦନା ଏତେ ଖୁସି ହୋଇ ଯାଇଥିଲା ଯେ, ସେ କଣ କହିବ କିଛି ବୁଝି ପାରୁନଥିଲା । କେବଳ ବୋକୀ ଝିଅଟେ ପରି ଚାହିଁ ରହିଥିଲା ଖାଇବା ଟେବୁଲ୍ ଓ ଶାନ୍ତନୁଙ୍କୁ । ସେ ଯେମିତି ଅତିଖୁସିରେ କାନ୍ଦି ପକାଇବ । ସତକୁ ସତ ତା ଆଖିରୁ କେଇ ଟୋପା ଆନନ୍ଦାଶ୍ରୁ ନିଗିଡ଼ି ପଡ଼ିଲା ।

ଶାନ୍ତନୁ କହିଲେ- ''ଆଇ ଆମ ସରି । ଆପଣଙ୍କୁ କଷ୍ଟ ଦେଲି ।"

ବଂଦନା କହିଲା – ନା' ଦିନ ଦିନ ଦୁଃଖରେ ସଢୁଥିବା ବେଳେ ଏ ଖୁସିର ଅଶ୍ରୁ ।

– 'ମାନେ' !

'କଥାଟି ଅତି ସହଜ'– କହିଲା ବଂଦନା ।

– ଆପଣଙ୍କ ସ୍ୱାମୀ ତ... ।

-ହଁ ଅଛନ୍ତି । ମୋ ହାତର ଶଙ୍ଖା, ମଥାର ସିଂଦୁର ହିଁ ତାର ଯଥେଷ୍ଟ ପ୍ରମାଣ ।

– ଆପଣ କ'ଣ ?

– ହଁ ଦ୍ୱିତୀୟ ସ୍ତ୍ରୀ । ପ୍ରଥମାର ମୃତ୍ୟୁପରେ ମୁଁ ଆସିଛି ଏ ଘରର ସୋ କେଶ୍‌କୁ । ଘରର ଆର୍ଥିକ ପରିସ୍ଥିତି ଯୌତୁକ ଦେଇ ବାହା କରେଇ ଦେବାକୁ ସମର୍ଥ ନଥିଲା । ପିତା ଏବଂ ଅନ୍ୟ ସବୁ ଭାଇ ଭଉଣୀଙ୍କ ଭବିଷ୍ୟତକୁ ଆଖିରେ ରଖି ମୋତେ ଏସବୁକୁ ଆଦରି ନେବାକୁ ବାଧ କରିଛି । ତେବେ ବିବାହ କରିଦେଲେ କ'ଣ ସବୁ କର୍ତ୍ତବ୍ୟ, ଦାୟିତ୍ୱ ସରିଗଲା ? ବଂଦନାର କଥା ଶୁଣି ଶାନ୍ତନୁଙ୍କ ମନ ଓଦା ହୋଇଗଲା । ତାଙ୍କୁ ଲାଗିଲା ସେ ବି ସଢୁଛି ଏମିତି ଏ ଯାବତ୍ । ସତୀର୍ଥ, ସମଧର୍ମା ମଣିଷଟିଏ ନିକଟରେ ପାଇ ଶାନ୍ତନୁର ପୁଞ୍ଜୀଭୂତ କୋହ ଫାଟିପଡ଼ିଲା ଆପେ ଆପେ । ସେ କହିପକେଇଲା – ସ୍ତ୍ରୀଟିଏ ସାରାଜୀବନ ପୁରୁଷ ଠୁ ତାର ଦାବି ହାସଲ କରିନେଇ ଚାଲିଛି । ହେଲେ କେବେ ବୁଝିଛି ପୁରୁଷର ମନ ? ତାର ହୃଦୟକୁ ?

– ''ବୁଝି ପାରିଲିନି'' ? କହିଲା ବଂଦନା ।

ନିଜ କଥା ବ୍ୟତୀତ ଅନ୍ୟର କଥା ପଡ଼ିଲେ ସମସ୍ତେ ଏଭଳି ଅବୁଝା ହୁଅନ୍ତି । ଆପଣଙ୍କର.... ।

ହଁ ସ୍ତ୍ରୀଟିଏ ଅଛି । ସାମାଜିକ ସ୍ୱୀକୃତି ମିଳିଛି ଏକାଠି ରହିବାକୁ । ବାସ୍ । ଆଉ କ'ଣ ? ଆପଣଙ୍କ ପରି ମୁଁ ବି ଅନିମାଙ୍କ ସୋ କେଶ୍‌ରେ ଘରର ଆର୍ଥିକ ଅଭାବରେ ସନ୍ତୁଳି ହେଉଥିବା ବାପାଙ୍କର ଗୁଡ଼ାଏ ଖର୍ଚ୍ଚ କରି ପାଠ ପଢ଼ି ବେକାର ପୁଅ ପାଇଁ ଏବଂ ସାନଭାଇ ଭଉଣୀଙ୍କ ପାଠପଢ଼ା ଇତ୍ୟାଦିକୁ ନଜର ରଖି ରୋଜଗାରକ୍ଷମ ବୋହୂଟିଏ ବାନ୍ଧି ଦେଇଛନ୍ତି ବେକରେ । ସେଇଠୁ ମୁଁ ବନ୍ଧା ହୋଇଛି ଏ ଘରର ଚାରି କାନ୍ଥ ଭିତରେ । ରୋଷେଇ ଠୁ

Source: Author, Digitized by PPRACHIN, SOA

ଅନିମା ଅଫିସ ଯିବାଯାଏଁ ସବୁ ମୋତେ ହିଁ କରିବାକୁ ପଡ଼େ । କାରଣ ତାଙ୍କରି ରୋଜଗାରରେ ଆଉ କେତେ ଜଣଙ୍କର ଭବିଷ୍ୟତ ନିର୍ଭର କରେ । ଏଣୁ ସବୁ ସହିଯିବାକୁ ପଡ଼େ ବିନା ପ୍ରତିବାଦରେ ସେହି ବନ୍ଦ କୋଠରିରେ । ଯେତେ ଆପଣାର କରିବାକୁ ଚେଷ୍ଟା କରିଛି-ସବୁ ବିଫଳ ହୋଇଛି । ରୋଜଗାରିଆ ସ୍ତ୍ରୀର ଗର୍ବ ଅହଂକାରରେ ସବୁ ଓଲଟି ଯାଇଛି । ଅନିମାଙ୍କ ଇଚ୍ଛାରେ ଘର ଚାଲେ । ମୋତେ ଚାଲିବାକୁ ପଡ଼େ । ଏମିତିକି ସେକ୍ସ ବି । ମୁଁ ଏବେ କହିପାରେ କି ବିବାହପରେ ନାରୀର କର୍ତ୍ତବ୍ୟ, ଦାୟିତ୍ୱବୋଧ ଏସବୁ କ'ଣ କିଛି ନାହିଁ ! କେବଳ ଅଛି ପୁରୁଷର ?

ବଂଦନା କେମିତି ସ୍ଥାଣୁ ପାଲଟି ଯାଇଥିଲା । କହିଲା, ''ଆପଣ ଯେ ପୁରୁଷ । ଏତେ ଦୁର୍ବଳ କାହିଁକି ?"

"କାରଣ ସେଇ ଅର୍ଥାଭାବ''– କହିଲା ଶାନ୍ତନୁ ।

ବଂଦନା ଉପଦେଶ ଦେବାପରେ ମୁରବୀ ପଣିଆଁ ଦେଖେଇ କହିଲା - ଚାକିରି ନ ହେଲେ ବ୍ୟବସାୟ କରିପାରିଥାନ୍ତେ ?

''ହେଲେ ପୁଂଜି କାହିଁ ?"

ବଂଦନା ଶାନ୍ତନୁର ହାତ ଖାଇବା ଥାଳିରେ ଧୋଇଦେଇ ସିଧା ବେଡ୍ ରୁମ୍‌କୁ ଟାଣି ନେଲା । ଗଦି ଟେକି ଦେଖେଇ ଦେଲା ଗଦାଏ ନୋଟ । ଏବଂ କହିଲା, ''ଆପଣ ମୁକ୍ତି ଚାହାନ୍ତି ?'' "ମୁକ୍ତି ?"

"ତେବେ ଯେତେ ପାରନ୍ତି ନେଇ ଯାଆନ୍ତୁ ।"

କିନ୍ତୁ ଆପଣ ଯେ କହୁଥିଲେ.... ।

ମୋ କଥା ଯଦିଓ ଆପଣଙ୍କ ପରି ତଥାପି... ।

ଶାନ୍ତନୁ କେଜାଣି କାହିଁକି ସ୍ଥାନ କାଳ ଭୁଲି ବଂଦନାକୁ ନିଜ ଛାତି ଉପରକୁ ଟାଣି ଆଣିଲେ । ବଂଦନା ବିନା ପ୍ରତିବାଦରେ ଶାନ୍ତନୁଙ୍କ ଲୋମଶ ଛାତିରେ ନିସ୍ତେଜ ହୋଇଗଲା, ଯେମିତି ଏକ ବହୁ ଅପେକ୍ଷାରତ ନିରାପଦ ସ୍ଥାନଟିଏ ମିଳିଗଲା । ନୀରବତା ଖେଳିଗଲା ଘର ସାରା । ବଂଦନା ଦେହରେ ପ୍ରଥମେ ଅନୁଭବ କଲା ଜଣେ ପୁରୁଷର ଗନ୍ଧ । ଆଃ... କେତେ ଆପଣାର ! ଖାଇବା ଟେବୁଲ୍ ଉପରେ ବିଲେଇ ଡେଇଁ ବାସନ ତଳେ ପକାଇବା ଶବ୍ଦରେ ଦୁହେଁ ପ୍ରକୃତିସ୍ଥ ହୋଇଗଲେ ।

ଶାନ୍ତନୁ କହିଲେ- ''ନାରୀର ମନ ଓ ପୁରୁଷର ଭାଗ୍ୟ କେତେବେଳେ ବଦଳାଇଯାଏ ତାର କୌଣସି ଗ୍ୟାରେଣ୍ଟି ନାହିଁ । ତେବେ ଆମର ଏ ସଂପର୍କ କେବଳ ପ୍ରେମ ପ୍ରଣୟ କିଂବା ଭାବପ୍ରବଣତାର ନୁହେଁ ବଂଦନା, ବରଂ ଅନେକ ବିଶ୍ୱାସ, ଅନେକ ଆଶ୍ୱାସନା ଏବଂ ଅନେକ ଭରସାର ସଂପର୍କ ।"

ବଂଦନା କହିଲା, ''ଆଉ ଡେରି କାହିଁକି ? ଚାଲ ଆମେ ଚାଲିଯିବା ସାଥୀ ହୋଇ ସବୁଦିନକୁ । ସୁନା ପଞ୍ଜୁରିର ମୋହ, ମାୟା, ବଂଧନ ତୁଟାଇ ଅନେକ ଦୂରକୁ । ଯେଉଁଠି କେବଳ ମଣିଷ ପରି ମଣିଷ ବଂଚି ପାରିବ । ସେଠି ତୁମେ ପୁରୁଷଟିଏ ଆଉ ମୁଁ ନାରୀଟିଏ ।"

■■■

Source: Author, Digitized by PPRACHIN, SOA

ଦୁର୍ଗପତନର ଦୃଶ୍ୟ



ପୁରୁଣା ଘୁଣଖିଆ ଓରା ଉପରୁ ଚେମେଣୀ ଦୁଇଟା ଡେଣା ଫଡ଼ଫଡ଼ କରି ଉଡ଼ିଯିବା ବେଳେ ଅଳଂଧୁ ମେଞ୍ଚାଏ ଖସି ପଡ଼ିଲା ପ୍ରିୟନାଥଙ୍କ ମଶାରୀ ଉପରେ । ବହୁଦିନ ହେଲା ବିଜୁଳି ଲାଇନ କାଟି ଦିଆଯିବା ଯୋଗୁ ପରସ୍ତ ପରସ୍ତ ଅଂଧାରରେ ବୁଡ଼ିଯାଇଛି ଘର । ଲଣ୍ଠନ ତେଜି ପ୍ରିୟନାଥ ଦେଖିଲେ ଚାରିଆଡ଼କୁ ଏବଂ ଅଳନ୍ଧୁ ମେଞ୍ଚାକ ଚାଟି ଦେଲେ କାନ୍ଥ କଡ଼କୁ । ଅଭାବ ଅନଟନ ଏମିତି ଗ୍ରାସି ଯାଇଛି ଯେ, ଚୂନ ଟିକିଏ ଲାଗିନପାରିବା ସୁଯୋଗରେ ଠାଏ ଠାଏ କୁନି କୁନି ବରଗଛ ସବୁ କାଂଥମାନଙ୍କରେ ପ୍ରତିଯୋଗିତା କଲାପରି ଉଠିଛନ୍ତି । ପୁରୁଣା ବୁନିୟାଦ ଘରର ମୂକସାକ୍ଷୀ ରୂପେ ମେଞ୍ଚାଏ ପୋଡ଼ା ଇଟାର କଂକାଳକୁ ଧରି ଠିଆ ହୋଇଛି କୋଠାଟି । କାଲିପରି ମନେ ହେଉଛି ସବୁ । କଣ ନଥିଲା ଏଠି । ଆଉ ଏବେ କେବଳ ନାହିଁ ନାହିଁରେ ଭର୍ତ୍ତି ହୋଇ ଯାଇଛି ସବୁଆଡ଼େ ! ସବୁଆଡ଼େ ଖାଁ ଖାଁ ଶୂନ୍ୟତା ।

ଗ୍ଲାସକୁ ପାଣି ଗଡ଼େଇ ପିଇଲେ ପ୍ରିୟନାଥ । ଲଣ୍ଠନଟା ବାହାରେ ରଖି ଅଗଣାରେ ଥିବା କରମଂଗା ଗଛକୁ ଚାହିଁଲେ । ଅତୀତକୁ ଭୁଲିବାକୁ ଚେଷ୍ଟା କରି ବି ସେ ପାରୁନଥିଲେ ।

Source: Author, Digitized by PPRACHIN, SOA

ପୁରୁଣା କୁକୁର ଜନ୍ ଧାଇଁ ଆସି ଘଷି ହେଲା ଏବଂ ଜଣାଇ ଦେବାକୁ ଚାହୁଁଥିଲା ତାର ଉପସ୍ଥିତି । କିଏ କୁଆଡ଼େ ଚାଲିଗଲେଣି କେବଳ ଜନ୍ ଆଉ ନିଜ ବ୍ୟତୀତ । ନିଜକୁ ନିଜେ ପ୍ରଶ୍ନ କଲେ ସେ । ସତରେ ସେ କ'ଣ ଜୀବନ ଯୁଦ୍ଧରେ ହାରିଯାଇଛନ୍ତି ? ଜୀବନକୁ ସାମ୍ନା କରି ପାରିନାହାନ୍ତି । କିମ୍ବା ସାମ୍ନା କରୁ କରୁ ଥକି ପଡ଼ିଛନ୍ତି ? ଯଦି ନୁହେଁ, ତେବେ କ'ଣ ପାଇଁ ସେ ଫେରିପାରୁ ନାହାନ୍ତି । ନିଜ ଭିତରୁ ନିଜେ ଅଲଗା ହୋଇ ନିଜଠୁ ଦୂରେଇ ଯାଉଛନ୍ତି କାହିଁକି ? ସେ ଏବେ ଦୁର୍ବଳ ମନେ କରୁଛନ୍ତି ନିଜକୁ । ଏମିତି ଏକ ଅସରନ୍ତି ଭାବନାରେ ବୁଡିଗଲେ ପ୍ରିୟନାଥ ଏବଂ ନଥିକିନା ବସିପଡ଼ିଲେ ବାରଣ୍ଡା ଖଟ ଉପରେ । ନିଜ ଅଜାଣତରେ ଲୁହଧାରେ ଗଡ଼ି ଆସିଲା ପାଟି ଭିତରକୁ । ସେ ଚମକି ପଡ଼ିଲେ । ସେ କାନ୍ଦୁ ନାହାନ୍ତି ଅଥଚ ଲୁହ ଗଡ଼ିଆସିଲା କେମିତି ? ସେ କ'ଣ କରିବେ କିଛି ବୁଝି ପାରୁନଥିଲେ ଏବଂ ନିଜେ ନ ଫେରିବା ଜିଦ୍‌ରେ ଅଟଳ ଥିଲେ ।

ତାଙ୍କର ଯୁବାବସ୍ଥା ବେଳକୁ ଘରର ବୁନିୟାଦରେ ସେମିତି କିଛି ଦାଗ ପ୍ରାୟତଃ ଲାଗିନଥିଲେ ହେଁ ସାମାନ୍ୟ ପରିବର୍ତ୍ତନ ସେ ଅନୁଭବ କରିପାରୁଥିଲେ । ବାପା, ଦାଦାଙ୍କର ଏକମାତ୍ର ଉତ୍ତରାଧିକାରୀ ହିସାବରେ ବେଶ୍ ଅୟସରେ ବଢ଼ିଥିଲେ ସେ । ଏତେ ଆନନ୍ଦ ଖୁସି ଭିତରେ ସେ ବଂଚୁଥିଲେ ଯେ, ସେ କେହି ଦେଖିଲେ ହିଂସା କରିବ । ଆଉ ସେଇଥିପାଇଁ ତ ମାନସିଂହଙ୍କ କବିତା ପଢୁ ପଢୁ ସଚ୍ଚା ପ୍ରେମିକଟିଏ ପାଲଟିଗଲେ ଏବଂ ବଂଧା ପଡ଼ିଗଲେ ସେଇ ସୁନା ଇଲିଶି ପାଖରେ । ପ୍ରିୟନାଥ ଭୁଲିଗଲେ ନିଜକୁ, ବଂଶ ବୁନିୟାଦକୁ । ପ୍ରାଚୁର୍ଯ୍ୟର ସୀମା ସରହଦ ଡେଇଁ ସେ ଦିନେ ପାଗଳ ହୋଇଯାଇଥିଲେ ସେଇ ସୁନା ଗୋରୀର ବଂଧନରେ । ଆଉ ସେଇ ବଂଧନରେ ଉବୁଟୁବୁ ହୋଇ ଦିନେ ଘରୁ ଆପେ ଆପେ ଚାଲିଗଲେ । ମହାନଦୀର ପଠାରୁ ସମୁଦ୍ରର ବେଳାଭୂମି ଯାଏ, ଏକମାତ୍ର ସ୍ୱପ୍ନକୁ ସଫଳ କରିବାକୁ ବୋଧହୁଏ ପ୍ରତିଯୋଗିତାରେ ଜିତିବା ଥିଲା ତାଂକର ରକ୍ତଗତ । ଏବଂ ସେ ପ୍ରତିଯୋଗିତାରେ ଜିତି ଗଲେ ନିଜ ଭିତରେ । କୌଣସି ଏକ ଶୁଭ ସକାଳରେ ଏମିତି ଏକ ସଂବାଦ ପ୍ରଚାର ହୋଇଗଲା ଯାହା ଚାରିଆଡ଼େ ହଇଚଇ ସୃଷ୍ଟି କଲା । କେହି କେହି ବିଶ୍ୱାସ କରିପାରୁନଥିଲେ ହେଁ ଅନେକଙ୍କୁ ସ୍ତବ୍ଧ କରିଦେଲା ସଂବାଦଟି, କହୁନଥିଲା ଲୋକ କହିବାକୁ ସାହସ କଲା । ଛୋଟ ଲୋକଗୁଡ଼ାକ ଫୁସୁର ଫାସର ହେଲେ । ଯେମିତି ଏକମାତ୍ର ଆକାଶଟା ଭାଙ୍ଗି ପଡ଼ିବ କିମ୍ବା ସମୁଦ୍ରରୁ ପାଣି ହଠାତ୍ ଉଭାନ ହୋଇଗଲା । ହେଲେ ସେ ସବୁ ସେ ଭ୍ରୂକ୍ଷେପ କରିନଥିଲେ କିମ୍ବା ପ୍ରିୟନାଥ ବିଚଳିତ ହୋଇନଥିଲେ । ତାଙ୍କ ସ୍ୱପ୍ନର ମାନସୀ ସ୍ୱଜାତିର ନଥିଲା ବୋଲି ଘରେ ବାହାରେ ସମସ୍ତଙ୍କୁ ମନେଇବାକୁ ଆପ୍ରାଣ ଚେଷ୍ଟା କଲେ । ଏବଂ ସଫଳ ବି ହେଲେ । ହୁଏତ ଏହା ସମ୍ଭବ ହେଲା- ଏଇଥିପାଇଁ ହୋଇପାରେ ଯେ- ସେ ହିଁ ଥିଲେ ବଂଶର ଏକମାତ୍ର ଉତ୍ତରାଧିକାରୀ । ତାଂକୁ ବାଦ ଦେବା କାହା ପାଖରେ ସମ୍ଭବ ନଥିଲା । ତା ବୋଲି ମାନସିକ ସ୍ତରରେ ସେ କମ୍ ଆଘାତ ପାଇନାହାନ୍ତି । ସମସ୍ତଙ୍କ ଗୋଡ଼ହାତ ଧରି କମ୍ ନେହୁରା ହୋଇ ନାହାଁନ୍ତି ନିଜ ଭାବମୂର୍ତ୍ତିକୁ ନିର୍ମଳ ରଖିବାକୁ । ଘରେ ଅଶାନ୍ତିର ଝଡ଼କୁ ସାମ୍ନା କରି କରି ଶେଷରେ ସେ ଜିତିଗଲେ ଏବଂ ତାଙ୍କ ଜିଦ୍ ପାଖରେ

Source: Author, Digitized by PPRACHIN, SOA

ସମସ୍ତେ ହାର ମାନିଲେ । ସବୁ ମାନ, ଅଭିମାନ, କଟକଣା ଧୀରେ ଧୀରେ କୁଆଡ଼େ ଉଭେଇଗଲା ସକାଳର କୁହୁଡ଼ି ପରି । ଅନ୍ତରଙ୍ଗ ମଣିଷମାନଙ୍କ ଭିତରେ ଆହୁରି ଅନ୍ତରଙ୍ଗ ହେବାକୁ ଚେଷ୍ଟା କଲେ । ହେଲେ ସେତିକି ସଫଳ ବୋଧହୁଏ ହୋଇପାରିନଥିଲେ । ଆସ୍ତେ ଆସ୍ତେ ସବୁ ଯେମିତି ଖାପଛଡ଼ା ତାଙ୍କୁ ଲାଗିଲା ।

ଏଇଠି ସେ ଓହ୍ଲେଇ ଆସିଲେ ନିଷ୍ଠୁର ବାସ୍ତବତାକୁ । ନିଜର ଆତ୍ମସମୀକ୍ଷା କଲେ । ଯେଉଁ ସ୍ୱପ୍ନର ଅଂଧ ଗଳିରେ ସେ ଧାଇଁଛନ୍ତି, ତାର ପରିଣତି କ'ଣ ? ଗୋଟେ ନାରୀକୁ ନେଇ କେବଳ ଶାରୀରିକ ଆବଶ୍ୟକତା ପୂରଣ କରିବା ବ୍ୟତୀତ ଆଉ କେଉଁ ସ୍ୱପ୍ନ ଏଠି ଥିଲା ? ସେକଥା ଥରେ ପଚାରିଥିଲେ ସେ ସୁନୟନାକୁ । ସେତେବେଳେ ବଡ଼ ଝିଅ ଆସିଯାଇଥିଲା କୋଳକୁ । ପ୍ରିୟନାଥ ପଚାରିଲେ-

- ତୁମେ କେବେ ସ୍ୱପ୍ନ ଦେଖିଛ ?

ସୁନୟନା କହିଲେ - 'ନା'-କାହିଁ ମନେପଡୁନି !

ପ୍ରିୟନାଥ ଟିକେ ରସିକତା ଦେଖେଇ କହିଲେ - ତୁମେ କ'ଣ ଆଗରୁ ମୋତେ ନେଇ ସ୍ୱପ୍ନ ଦେଖିନଥିଲ ?

-ମାନେ ? ଏଇ ଯେମିତି ମୋତେ ପାଇବାକୁ, କିମ୍ବା ଆଉ କିଛି ?

ସୁନୟନା କୌଣସି ଆଗ୍ରହ ନ ଦେଖେଇ କହିଲେ - 'ହଁ-ହଁ'-ମନେ ପଡୁଛି- ଆଉ ଏବେ ସବୁ ସ୍ୱପ୍ନମୟ ଲାଗୁଛି ।

ନିଜ ଭିତରେ ନିଜେ ଚମକି ପଡ଼ିଲେ ସୁନୟନା । କାହାକୁ ନେଇ ସ୍ୱପ୍ନ ଦେଖାଯାଏ ? ପ୍ରିୟନାଥକୁ ? ନିଜ ଭିତରେ ନିଜେ ମୁରୁକି ହସିଲେ ସେ । ସ୍ୱପ୍ନ ଦେଖି ବରଂ ଗୋଟେ ମସ୍ତବଡ଼ ଭୁଲ କରି ବସିଛନ୍ତି ସାରା ଜୀବନକୁ । ପ୍ରିୟନାଥ ଭଳି ପୁରୁଷର କେଉଁ ପୌରୁଷରେ ସେ ନିଜକୁ ହଜେଇ ଦେଲେ, ଏବେ ବି ସେ ବୁଝି ପାରୁ ନାହାଁନ୍ତି । କି ସ୍ୱପ୍ନ ଥିଲା ଏଇ ପୁରୁଷଟି ପାଖରେ ଯେ ସେ ସ୍ୱପ୍ନ ଦେଖିଥାନ୍ତେ ? କେବଳ ଶାରୀରିକ ଆବଶ୍ୟକତା ବ୍ୟତୀତ ? କେଉଁ ଚିତ୍ର-ଚରିତ, ବ୍ୟକ୍ତି-ବ୍ୟକ୍ତିତ୍ୱ ସାମର୍ଥ୍ୟ ଭରି ରହିଛି ଏଠି ? କିଛି ତ ନାହିଁ । ଗୋଟେ ନାରୀ ପାଇଁ କେବଳ ଜୈବିକ ପ୍ରକ୍ରିୟା କ'ଣ ଜୀବନ ଧାରଣର ଏକମାତ୍ର ମାନଦଣ୍ଡ ? କେଉଁ ନାରୀ ଚାହେଁନା ଜଣେ ସ୍ୱୟଂସଂପୂର୍ଣ୍ଣ ପୁରୁଷଟିଏ ? ଅଥଚ ସେ କାହିଁକି ଏମିତି ଭୁଲଟାଏ କରିପକେଇଲେ ? କଣ ପାଇଁ ଧାଇଁ ଧାଇଁ ଆସିଲେ ଗୋଟେ ମିଛ ମରୀଚିକା ପଛରେ ? ଏଇଠି ସେ ନିଜକୁ ମଧ୍ୟ ବୁଝିପାରିଲେନି । ଜଣେ ନାରୀର ପୂର୍ଣ୍ଣତାକୁ । ସତକଥା ଟିକକ ପ୍ରିୟନାଥ କହିଦେଇଛନ୍ତି । ମନ ଭିତରେ ଶୋଇଯାଇଥିବା ମନକୁ ଜାଗ୍ରତ କରିଦେଇଛନ୍ତି । ଏଇ କଥାରେ ସୁନୟନାଙ୍କ ଅନ୍ୟମନସ୍କତା ଦେଖି ପ୍ରିୟନାଥ ଟାଣି ଆଣିଲେ ତାଙ୍କୁ ଛାତି ଉପରକୁ । ଘୃଣାରେ ସୁନୟନା ହାତ ଛାଟି ଧାଇଁଗଲେ ଘର ଭିତରକୁ । ଭିତର ପଟୁ କବାଟ ବନ୍ଦକରି କାଂଦିବାକୁ ଲାଗିଲେ । ପ୍ରିୟନାଥ ବୁଝିପାରିଲେନି ଏହାର ଅସଲ ମର୍ମଟି କ'ଣ ? ସେ ବା କାହିଁକି ବୁଝନ୍ତେ ଏହାର ରହସ୍ୟ ?

ଦେଉଳିଆ ପାରା କେତେଟାଙ୍କ ନିର୍ଜ୍ଜନ ରାତିରେ ଫଡ଼ ଫଡ଼ ଶବ୍ଦ ଆହୁରି ଖାଁ ଖାଁ ଭିତରକୁ ଟାଣି ନେଉଥିଲା । ତାଂକୁ ଲାଗୁଥିଲା ଯେମିତି ବୋଉ ସେଇ ଅଂଧାର ଭିତରୁ

Source: Author, Digitized by PPRACHIN, SOA

ତାଂକରି ସାମ୍ନାକୁ ଚାଲି ଆସୁଛି । କହୁଛି- ‘‘ଡରୁଛୁ କିରେ ପୁଅ ? ଡର କାହାକୁ ? ମୁଁ ପରା ତୋ ପାଖେ ପାଖେ ଅଛି । ବୋଉର ଚୁନଦିଆ ଗୁଣ୍ଡିଆ ପାନ ମହକି ଯାଉଛି ସେମିତି ଘରସାରା । ପ୍ରିୟନାଥ ପ୍ରକୃତିସ୍ଥ ହୋଇଗଲେ ସେଇ ବାସ୍ନାରେ । ବେଳେ ବେଳେ ଏମିତି ବି ହୁଏ ମରିଯାଇଥିବା ଲୋକଟିର ବାସ୍ନା ଏମିତି ନିଛାଟିଆରେ ନିଜ ଭିତରେ ଅନୁଭବ କରିହୁଏ । ସତେ ଯେମିତି ଏଇଠି ଅଛି । ବଂଚିଛି । କାହିଁକି କେଜାଣି ବୋଉ କଥା ମନେ ପଡ଼ି ଅସ୍ତବ୍ୟସ୍ତ ଲାଗିଲା । ସେଇ ଅଂଧାରରେ ସେ ବୋଉର ସ୍ପର୍ଶ ଅନୁଭବ କଲେ । କାରଣ ଅତିଶୟ ଦୁଃଖରେ ସେ ଏମିତି ଅନୁଭବ କରନ୍ତି ।

ଗାଁକୁ ଆସିବାର ଦୁଇମାସ ଗତ ହୋଇଗଲାଣି । କେଜାଣି କାହିଁକି ସୁନୟନା ଆସିଥିଲେ ଥରକ ପାଇଁ ତାଳଗଛକୁ ଟେକାଟିଏ ଫିଙ୍ଗିବା ପରି ବୁଲିଗଲେ ଏବଂ ଭୁଲିଗଲେ ବୁଝିବାକୁ ଗୋଟେ ପୁରୁଷର ମନକୁ । ସୁନୟନାଙ୍କ ରୂପ, ଅଂଗ ସୌଷ୍ଠବ ଏବଂ ପୁରୁଷକୁ ଭୁଲେଇବାର କଳା କୌଶଳରେ ଦିନେ ସେ ହଜିଯାଇଥିଲେ । ଅଥଚ ଆଜି ଥରୁଟିଏ ତାଂକୁ ବୁଝିବାକୁ ସେ ନାରାଜ । ଗୋଟେ କ୍ଲୀବ, ଅଥର୍ବ, ପଙ୍ଗୁ ପରି ସେ ପଡ଼ିଛନ୍ତି । ଜଂଦା, ପିମ୍ପୁଡ଼ିଟେ କାମୁଡ଼ିଲେ ବି ସେ ପ୍ରତିବାଦ କରିପାରୁ ନାହାଁନ୍ତି । ଅଥଚ ଏଥିପାଇଁ ସୁନୟନା ଯେ ସଂପୂର୍ଣ୍ଣ ଦାୟୀ, ଏ କଥାକୁ ସ୍ୱୀକାର କରୁନାହାଁନ୍ତି । କାନ୍ଥରୁ ଇଟା, ଛାତରୁ ଛଡ଼ ଖଣ୍ଡ ଖଣ୍ଡ ହୋଇ ଗଳିପଡୁଥିବା ବେଳେ କେମିତି କେଉଁ ନିରାପଦରେ ଘର ଭିତରେ ରହିପାରିଥାନ୍ତେ ।

ଏମିତି ଦିନେ ପାହାଚ ତଳର ମାଟି ଆପେ ଆପେ ଖସିଯିବ ବୋଲି ସେ ଜାଣିନଥିଲେ । କାହିଁକି ଭାଙ୍ଗିପଡୁଛି ସବୁ ମୁହୂର୍ତ୍ତ ? ସବୁ ସୁଖ ପରିଣତ ହୋଇଯାଉଛି ଦୁଃଖରେ ? ଏସବୁ କାହିଁକିର ଉତ୍ତର ସେ ଖୋଜି ପାଉନଥିଲେ । କିମ୍ବା ସବୁକୁ ସହ୍ୟ କରିପାରୁନଥିଲେ । ଅଥଚ ମନେ ମନେ ଦୋହରେଇ ଚାଲିଥିଲେ ଦୁହିଁଙ୍କର ପ୍ରଥମ ସ୍ୱୀକାରୋକ୍ତି, ‘‘ସାଥ ମରେଙ୍ଗେ ସାଥ ଜିଏଙ୍ଗେ ।’’ ଏବେ ଲାଗୁଛି, ଯେମିତି ଏସବୁ ଥିଲା ଏକ କୁହୁଡ଼ିଆ ସ୍ୱପ୍ନ । ସକାଳର ସୂର୍ଯ୍ୟ କିରଣ ଅପସରି ଗଲା । ନଦୀର ଗତି ପରି ବଦଳିଗଲା ନାରୀର ମନ । ନା’ କେଉଁ ଅଜଣା କଥାର ପ୍ରତିଶୋଧ ନେଉଛନ୍ତି ସୁନୟନା, ବୁଝି ହେଉନଥିଲା । ହେଲେ ସବୁ ବୁଝିଥିଲେ ସୁନୟନା । ବୁଝି ଅବୁଝାର ଅଭିନୟ କରୁଥିଲେ । କିନ୍ତୁ କାହିଁକି ? ଯେତେଥର ସେ ଏଇ କାହିଁକିର ଉତ୍ତର ଖୋଜିଛନ୍ତି, ସେତିକିଥର ସେ ଲାଞ୍ଛିତ ହୋଇଛନ୍ତି । ପ୍ରତିବାଦର ଫଳ ସ୍ୱରୂପ ତାଙ୍କୁ ମିଳିଛି ଅପମାନ, ଘୃଣା, ନିର୍ଯାତନା ଏମିତି ଆହୁରି ଅନେକ । ପ୍ରିୟନାଥ ବୁଝିପାରୁନଥିଲେ ବାଡ଼ କେମିତି ଫସଲ ଖାଏ । ମାଆଟିଏ କେମିତି ନୀରବ ରହିଯାଏ । ଅବୁଝା ରହିଯାଏ । ସବୁ ଜାଣିବା, ଦେଖିବା ପରେ ବି । ଏଥିରେ ସୁନୟନାଙ୍କ ପରିବର୍ତ୍ତନ କିଛି ଦେଖୁନଥିଲେ ବରଂ, ହସି ହସି ସବୁ ଗ୍ରହଣ କରିନେଉଥିଲେ । ସେ କ’ଣ କେବେ ଚିନ୍ତା କରି ନାହାଁନ୍ତି, ସେମାନଙ୍କ ଭବିଷ୍ୟତ କ’ଣ ହେବ । କେଉଁ ସତ୍ୟକୁ ପୁଂଜି କରି ସେମାନେ ଗଢ଼ିବେ ତାଂକ ସଂସାର । କ’ଣ ବା ସେମାନେ ଜାଣିଛନ୍ତି, ବୁଝିଛନ୍ତି ଏ ସଂସାରକୁ ? ଏ ପୃଥିବୀକୁ ? ଏ ବୟସରେ । ତେବେ ତାଂକୁ ଠିକ୍ ବାଟରେ ବାଟେଇବା କ’ଣ ଦୋଷ ? ପ୍ରତିବାଦ କରନ୍ତି ବୋଲି ପ୍ରତିଶୋଧ ନିଅନ୍ତି ତା’କ ଉପରେ । ମନେ

Source: Author, Digitized by PPRACHIN, SOA

ପଡ଼ିଲେ ଏବେ ବି ଶିହରି ଉଠନ୍ତି ପ୍ରିୟନାଥ । ଅତୀତଟା ଯେମିତି ଛାଇ ପରି ଲାଗିରହିଛି ତାଙ୍କ ପଛରେ । ସେଥିରୁ ସେ ମୁକୁଳି ପାରୁ ନାହାଁନ୍ତି ।

ସେ ଦିନ ଅଲିଅଳୀ ବଡ଼ ଝିଅ ପି.ଜି. ପରୀକ୍ଷା ଦେଇ ଫେରିଥାଏ ଘରକୁ । ଅନ୍ୟ ଦୁଇ ଭଉଣୀଙ୍କ କାର୍ଯ୍ୟକଳାପ ଦେଖିଲା ଶୁଣିଲା ଏବଂ ପ୍ରତିବାଦ କଲାରୁ ତାକୁ ମଧ୍ୟ ମିଳିଲା ଅପମାନ ଓ ଅନେକ କଥାର ଶରବ୍ୟ ହେବାକୁ ପଡ଼ିଲା ତାକୁ । ବଡ଼ଝିଅ କହିଲା- ‘‘ଦେଖ ବାବା, ଏମିତି କ’ଣ ଚାଲିଥିବ ସବୁଘରେ । ଆମେ ନୀରବରେ ସବୁ ଦେଖି ଚାଲିଥିବା । ସମସ୍ତଙ୍କ ଆଖି ସାମ୍ନାରେ ଗୋଟେ ଅଜଣା ପୁଅ ସଂଗେ ମନଇଚ୍ଛା କାର୍‌ରେ ବୁଲୁଥିବ । ବେଳେ ବେଳେ କାହାକୁ ଖାତିର ନକରି ସୁମିର ବେଡ୍‌ରେ ଶୋଇଯାଇଥିବ ପୁଅଟା । ଆଉ ସାନ ରାଜନୀତିର ଅକ୍ଷର ନ ଶିଖିଥିଲେ ହେଁ ଯେ କୌଣସି ସମୟରେ ଏମିତିକି ରାତି ଅଧରେ ଗୋଟେ ଅଜଣା କାର୍‌ରୁ ନିର୍ଦ୍ଦ୍ୱଂଦରେ ଓହ୍ଲେଇ ଘରକୁ ଆସୁଥିବ । ବୋଉ ସବୁ ଦେଖି ନ ଦେଖିବାର ଅଭିନୟ କରୁଥିବ । ଆଉ ତୁମେ ମୁନି ଋଷି ପରି ଧ୍ୟାନମଗ୍ନ ଥିବ । ଏଇଟା କ’ଣ– ବୈକୁଣ୍ଠ ସମାନ ଆହା ସେହି ଘର ।” ଏତିକି କହି କାନ୍ଦି ପକେଇଲା ବଡ଼ ଝିଅ । ପ୍ରିୟନାଥ ବାଳକୁ ସଜାଡ଼ି ଦେଇ କୁଂଚକାନିରେ ଲୁହ ପୋଛି ଦେଇ କହିଲେ, ‘‘ମାଆ, କେମିତି ଲେଉଟାଇବି ବୋହି ଆସୁଥିବା ଆଖିର ଲୁହକୁ । ବୁଝି ପାରୁନି ।”

ଏଇ କଥା ପଦକରେ ସେ ସେଦିନୁ ନୀରବ ହୋଇଯାଇଛି । ପ୍ରିୟନାଥ କିନ୍ତୁ ହାଡ଼େ ହାଡ଼େ ଜାଣନ୍ତି ବଡ଼ ଝିଅର ଅଭିନୟକୁ । ସେ କ’ଣ ନିଜ ରକ୍ତର ଅଭିନୟକୁ ଚିହ୍ନି ପାରିବେନି । ବଡ଼ ଝିଅ ସାହିତ୍ୟ ନାଁରେ ଓଡ଼ିଶା ସାରା ଏକା ଏକା ସାହିତ୍ୟ ସଭାରେ ଯୋଗ ଦେବା ଏବଂ ଦିନ ଦିନ ଘରକୁ ନ ଫେରିବା ତାଂକୁ କମ୍ ଆଘାତ୍ ଦେଇନି । ଗାଳି ଦେଲେ ବି ଉତ୍ତର ଦିଏନା । ନିଜ ଇଚ୍ଛାର ମାଲିକ ସାଜି ତା ମନ ଇଚ୍ଛା ଯାହା ଚାହେଁ କରେ । କାହାକୁ ଖାତିର ନଥାଏ ତାର । ତେବେ ଭାଷଣ ଦେବାରେ ବେଶ୍ ଓସ୍ତାଦ୍ ।

ପ୍ରିୟନାଥ ସେଦିନ ତାଗିଦ୍ କଲେ ସୁମିକୁ । ସୁମି କିନ୍ତୁ ବାବାଙ୍କ କଥାକୁ ଖାତିର ନ କରି ହାଇହିଲ୍ ଟପ୍‌ଟପ୍ କରି ଚାଲିଗଲା ବେଖାତିର ବେପରୁଆ ଢଂଗରେ । ପ୍ରିୟନାଥଙ୍କ ଛାତିରେ କିଏ ଯେମିତି ହାତୁଡ଼ି ପିଟୁଥିଲା । ନିଜକୁ ସମ୍ଭାଳି ନେଲେ । ପରେ କିନ୍ତୁ ତାର ହାବଭାବ ଅଧିକରୁ ଅଧିକ ବଢ଼ିବାରେ ଲାଗିଲା । ପ୍ରିୟନାଥ ଆଉ ଧୈର୍ଯ୍ୟ ଧରି ରହିପାରିଲେନି । ସେ ରୋକ୍‌ଠୋକ୍ ଶୁଣେଇ ଦେଲେ ‘‘ଦେଖ୍ ସୁମି, ଘଣ୍ଟା ଘଣ୍ଟା ବାହାରେ ବୁଲିବା, ସେଇ କାଳିଆ ଟୋକାଟା ସଙ୍ଗେ ସିନେମା ଦେଖି ରାତି ଅଧରେ ଘରକୁ ଫେରିବା କିଛି ଭଲ ନୁହେଁ । ତୋର ବୁଝିବାର ବୟସ ହେଲାଣି । ତୁମମାନଙ୍କୁ ପାଠ ପଢ଼େଇ ଟିକେ ମାତ୍ର ସ୍ୱାଧୀନତା ଦିଆଯିବାର ଅର୍ଥ ନୁହେଁ ମନଇଚ୍ଛା ଯାହା ଚାହିଁବ କରିବ । ପାଠ ପଢ଼ିବାର ଅର୍ଥ ନୁହେଁ ଗୁରୁଜନଙ୍କୁ ବେଖାତିର କରିବ ।’’

ହଠାତ୍ ଯେମିତି ଗୋଟେ ବିସ୍ଫୋରଣ ଘଟିଲା ପରି ସୁମି ଟିଭି ସୁଇଚଟାକୁ ବଂଦ କରି କହିଲା, ‘‘କାହିଁକି ଗଜ ଗଜ ହେଉଛ କହିଲ୍ । ତୁମର କଣ ଭାସି ଯାଉଛି । ପଇସାଟେ

Source: Author, Digitized by PPRACHIN, SOA

ରୋଜଗାର କରିବାର କ୍ଷମତା ନାହିଁ । ହାକିମାତି କାହିଁକି ? ଘରେ ବସିଛ । ଭଲ ଖାଉଛ, ପିନ୍ଧୁଛ, ଭଲରେ ଅଛ । ଏତିକି କ'ଣ ତୁମ ପାଇଁ ଯଥେଷ୍ଟ ନୁହେଁ ।''

ସେତିକିବେଳେ ସୁନୟନା ଅଫିସ୍‌ରୁ ଫେରି ଶାଢ଼ି ବଦଳଉ ଥିଲେ । ଝିଅ ସହିତ ପାଳି ଧରି କହିଲେ- ''ନିକମା ଲୋକଙ୍କ କାମ ସେୟା । ତୋ କାମ ତୁ କର । ତାଂକ କଥା କିଛି ଶୁଣିବା ଦରକାର ନାହିଁ । ଗୋଟେ ମାଈପି ଲୋକର ଦରମାରେ ଘର କେମିତି ଚଳୁଛି ତାଂକୁ କ'ଣ ଜଣା ?

ଏସବୁ ଶୁଣିବା ପରେ ତାଂକୁ ଚାରିଆଡ଼ ଯେପରି ଅଂଧାର ଦେଖାଗଲା ଓ ସେ ଅନୁଭବ କଲେ ସନ୍ତ୍ରାସବାଦୀଙ୍କ କେତୋଟି ଗୁଳି ଯେମିତି ତାଂକ ଛାତି ଭିତରେ ପଶି ଯାଉଛି । ସେ ଛଟପଟ ହେଉଛନ୍ତି ।

ପରଦିନ ସକାଳୁ ପ୍ରିୟନାଥ ଫେରି ଆସିଲେ ଗାଁକୁ । ପଛରେ ରହିଗଲା ମରୀଚିକା ପରି ଅଦିନରେ ଉଜୁଡ଼ି ଯାଉଥିବା ସଂସାର । ସେବେଠୁ ଏ ଯାଏ ସେ ସେଇ ପୁରୁଣା ଖଂଜା ଘରେ ଅଛନ୍ତି । ଏକ ପ୍ରକାର ଶାନ୍ତି, ସେ ଚାଲି ଆସିବା ପରେ କାହାରି କୌଣସି ଫରକ ପଡ଼ିନାହିଁ । ସବୁ ଠିକ୍ ଠିକ୍ ଚାଲିଛି । ହେଲେ ବେଳେ ବେଳେ ଭାବୁଛନ୍ତି, ସତରେ କଣ ସେ ପଳେଇ ଆସି ଠିକ୍ କରିଛନ୍ତି ? ୟେ କ'ଣ ସମାଧାନର ପନ୍ଥା ? କେବେ ନୁହେଁ, ତେବେ ?

ଆର୍ମ ଚେୟାରରେ ବସି ବସି ସେ ଦେଖୁଥିଲେ ଧୀରେ ଧୀରେ କେମିତି ପୁରୁଣା କାନ୍ଥରୁ ଇଟାସବୁ ଖଣ୍ଡ ଖଣ୍ଡ ହୋଇ ଖସିପଡୁଛି । ସୁଲୁସୁଲିଆ ପବନରେ ଆଖିପତା ଆପେ ଆପେ ଲାଗିଆସିଲା । ସେ ସ୍ୱପ୍ନଟିଏ ଦେଖିଲେ । ଗୋଟାଏ ସିରିଞ୍ଜରେ ଭୟାନକ ଏଡ୍‌ସ ଜୀବାଣୁ ସୁନୟନାଠାରୁ ସୁମି, ସୂଚୀ ଯାଏ ସମସ୍ତଙ୍କ ଦେହରେ ଫୋଡ଼ି ଚାଲିଛନ୍ତି ଏବଂ ଆସନ୍ନ ମୃତ୍ୟୁକୁ ସେମାନେ ଅପେକ୍ଷା କରିବା ଭିତରେ ପ୍ରିୟନାଥ ପୁରୁଣା ହାରମୋନିୟମଟାକୁ ଆଣି ଧୀରେ ଧୀରେ ଗାଇବା ଆରମ୍ଭ କଲେ ମନବୋଧ ଚଉତିଶା, ''ଖଂଡି ଯେ ଖଂଡି ତୋର ପିଞ୍ଜରା କାଠି ।'' ଏମିତି ଗାଉ ଗାଉ ରାତି କେତେବେଳେ ପାହିଲାଣି ତାଙ୍କୁ ଜଣାନାହିଁ । ସକାଳୁ ସକାଳୁ ପ୍ରିୟନାଥଙ୍କ ଗୀତରେ ତନ୍ମୟତା ଦେଖି କେହି ବିଶ୍ୱାସ କରିପାରିଲେନି ଯେ, ପ୍ରିୟନାଥ ଏମିତି ବିହ୍ୱଳ ହୋଇ କାହିଁକି ମନବୋଧ ଚଉତିଶା ଗାଉଛନ୍ତି । ଯେତେ ଡାକିଲେ ବି କିଛି ଶୁଣୁ ନାହାଁନ୍ତି । ପୁରୁଣା ହାରମୋନିୟମଟା ଠିକ୍ ନଥିବାରୁ କୁନ୍ଥେଇ କୁନ୍ଥେଇ କୁଁ କୁଁ ହେଉଥିଲା । ଗାଁର ମୁରବିମାନେ ଆସିଗଲେଣି । ଦାଣ୍ଡଟାରେ ଯାତ୍ରାପରି ଲୋକ । କାହାକୁ ନିଘା ନାହିଁ ତାଂକର । ଯେଉଁ ଜମିଦାର ଦିନେ ଗାଁଟାକୁ ଶାସନ କରୁଥିଲେ, ଗାଁରେ ମାନ୍ୟତା ଥିଲା, ତାଂକର ଏ ଅବସ୍ଥା ଦେଖି କେହି କେହି କହିଲେ ଜମିଦାରଙ୍କ ପୁଅଟା ପାଗଳ ହୋଇଗଲା ଓ ସେବେଠୁ ସେ ନାଥ ବାୟା ରୂପେ ପରିଚିତ ହେବାକୁ ଲାଗିଲେ ।

■ ■ ■

Source: Author, Digitized by PPRACHIN, SOA

ସନାତନ ଏବେ ଗାଁକୁ ଫେରିଛି

ଶେଷରେ ତୁ ଛତରରେ ପଶିଲୁ ।

ଏ କଥା କାହାକୁ କହୁ ନ ଥିଲା ସନାତନ । ନିଜ ଭିତରେ ଏଇ ଶବ୍ଦ କେତୋଟି ଆଉଡେଇ ହେଉଥିଲା ତୁହାକୁ ତୁହା । ସନାତନ ଆକାଶକୁ ଚାହିଁଲା ଥରେ ଆଖି ପାଇବା ଯାଏ । ସମୁଦ୍ର ଆଡ଼କୁ । ସମୁଦ୍ର ଆପଣେଇ ନେଇଛି ସବୁକୁ । ଆକାଶ ଆଉ ପୃଥିବୀ ମଝିରେ କାଁ ଭାଁ କେଉଁଠି ଅଟକି ରହିଛି ଶୁଖିଲା ଗଛ ପରି ମଣିଷଟେ । ସବୁଜ ଧାନ କ୍ଷେତ, ଗଛ, ଗାଁ, ନଦୀ ସବୁ ମିଶି ଏକାକାର । ମାଇଲ ମାଇଲ୍ ଧରି ଖାଁ ଖାଁ ନିଛାଟିଆର ରାଜତ୍ୱ । ଚାରିଆଡ଼େ କେବଳ ସମୁଦ୍ର ଆଉ ସମୁଦ୍ର । ସନାତନ ଆଉ ଆଗକୁ ଯାଇପାରିଲାନି । ଗାଁ କେଉଁଠି ଚିହ୍ନଟ କରିବା ମୁସ୍କିଲ । ଖୋଜିବ କାହାକୁ, ପାଇବ କାହାକୁ ? ଚାଲି ଚାଲି ଗୋଡ଼ହାତରୁ ବାକୁଲା ଉଠିଲାଣି । ନିଜ ଭିଟାମାଟି ପ୍ରିୟଜନଙ୍କୁ ଦେଖିବ ବୋଲି ତ ସାତଦିନ ହେଲା ଅଖିଆ ଅପିଆ ଧାଇଁଚି । ହେଲେ କେହି କୁଆଡ଼େ ଦିଶୁ ନାହାନ୍ତି । ଅନ୍ତତଃ ଖବରଟା ବୁଝି ନିଅନ୍ତା ।

ଦୂରରୁ ହେଲିକ୍ୟାପଟରଟା ଆସୁଥିବା ଦେଖି ସନାତନ ଥ' ହୋଇ ଠିଆ ହୋଇଗଲା ଉପରକୁ ମୁହଁକରି । ଗଳିପଡ଼ିଲା ଖାଦ୍ୟପୁଡ଼ିଆ ଦିଟା । ତାରି ଉପରେ । ସନାତନ ଝାମ୍ପି ପଡ଼ିଲା ଗୋଟେ ପୁଡ଼ିଆ ଉପରେ ଏବଂ ସତର୍କ ହୋଇଗଲା ନିଜ ଭିତରେ । ନିକଟରେ କେହି ଦେଖାଯାଉନାହାଁନ୍ତି । ଅଥଚ ସେ ଏମିତି ଝାମ୍ପି ପଡୁଛି କାହିଁକି ? ଏଥର ଅନ୍ୟ ପୁଡ଼ିଆଟିକୁ ଧରିନେଲା ସେ । କାଦୁଅ ପାଣିରେ ସେ ସକାଳ ପ୍ରହରୁ ଚାଲିଛି ଯେ ବେଳ

Source: Author, Digitized by PPRACHIN, SOA

ଗଡ଼ିଲାଣି । ଭୋକରେ ପେଟ ଆଉଣ୍ଠି ହେଲାଣି । ସବୁଆଡ଼େ ଆଣ୍ଠୁଆଣି, କେଉଁଠି ଅଣ୍ଟାଏ ଲୁଣିପାଣି । ବସିପଡ଼ିବ କେଉଁଠି ? ଠିଆରେ ଠିଆରେ ଖାଦ୍ୟ ପୁଡ଼ିଆଟିଏ ଖୋଲିଦେଲା ସନାତନ । ଦେହ ଶୀତେଇ ଉଠିଲା । ରନ୍ଧା ଖାଦ୍ୟ ପୁଡ଼ିଆ ଭିତରେ ପୋକ ସାଲୁବାଲୁ । ସନାତନ ଦୂରକୁ ଫିଙ୍ଗିଦେଲା ପୁଡ଼ିଆକୁ ଓ ଆଗକୁ ଚାଲିଲା ! କୁକୁର ଖାଉଛି ମଣିଷ ଛୁଆଟେ । ସନାତନ ହୁରୁଡେଇଲା । କୁକୁରଟା ମାନିବାକୁ ନାରାଜ । ଟିକେ ବି ଚକ୍କିଲାନି । ବରଂ ସନାତନ କାଳେ ତା'ର ଖାଦ୍ୟ ଛଡ଼େଇ ନେବ ଭାବି ଦାନ୍ତ ଦେଖେଇ ଖ୍ୱାଙ୍କାରି ହେଲା ଏବଂ ସନାତନ ଆଉ ଟିକେ ବଳ ପ୍ରୟୋଗ କଲେ ସେ ବି ଝାମ୍ପିପଡ଼ିବ, ଏଇ ପ୍ରସ୍ତୁତିରେ ଥିଲା । ସନାତନ କହିଲା, 'ଶଳା ବେଇମାନ' ।

ଗତ ନିର୍ବାଚନବେଳେ ଦୁଃଖ, ଅଭିମାନରେ ସେ ଗାଁ ଛାଡ଼ିଦେଇଥିଲେ ସବୁଦିନକୁ । ହେଲେ ପୁନଃ ଘରବାହୁଡ଼ା କେମିତି ହେଲା ସେ ନିଜେ ବୁଝିପାରିଲେନି । ଗାଁର ଦୁଇଦଳ ଭିତରେ ନିର୍ବାଚନ ହାଙ୍ଗାମା ବେଳକୁ ବଡ଼ପୁଅ ହରିଜନ ସାହି ଦନେଇ ଜେନା ଝିଅକୁ ଘରକୁ ନେଇ ଆଣିବା ଭଳି ଅପ୍ରିୟ ସତ୍ୟକୁ ସେ ସାମ୍ନା କରିବାକୁ ସାହସ ଠୁଳ କରିପାରିନଥିଲେ । ସେ ଦୁହେଁ କୁଆଡ଼େ ସାଂଗ ହୋଇ କଲେଜରେ ପଢୁଥିଲେ, ଏଇ ମଉକାରେ ସବର୍ଣ୍ଣ ଅସବର୍ଣ୍ଣ ଭିତରେ ଭେଦ ସୃଷ୍ଟିକରି ମହାଭାରତର ଆଉ ଏକ ଅଧ୍ୟାୟ ଆରଂଭ ହୋଇଗଲା । ଝିଅକୁ ଉସ୍‌କୋଉଥିବା ଦଳେ ସବର୍ଣ୍ଣଙ୍କ ଚକ୍ରାନ୍ତ ଓ ଅସବର୍ଣ୍ଣଙ୍କ ସହିତ ମିଶି ଦୁହିଁଙ୍କୁ ଜବରଦସ୍ତ ବାହା କରେଇ ଦେବାର ଲଜ୍ଜା ଅପମାନରେ ସେ ଘରୁ ପଦାକୁ ବାହାରି ପାରିଲେନି । ସଂସାର ତାଙ୍କର ଭାଙ୍ଗି ପଡ଼ିଲା ତାଙ୍କରି ଉପରେ । ଘରର ଅନ୍ୟମାନେ ମୂକ ପାଲଟିଗଲେ । ଏଭଳି ଏକ ଅପ୍ରତ୍ୟାଶିତ ଅପ୍ରୀତିକର ପରିସ୍ଥିତିକୁ ସାମ୍ନାକରି । ସବୁଠୁ ସେ ଭାଙ୍ଗିପଡ଼ିଲେ ଯେତେବେଳେ ଗାଁ ବୈଠକରେ ଝିଅ ହଲପ୍‌କରି କହିଲା ଓ ସମସ୍ତଙ୍କ ସାମ୍ନାରେ ଖୋଲିଦେଇଥିଲା ସମରେଶର ସମସ୍ତ ଚିଠିକୁ ଏବଂ ପ୍ରମାଣ କରିଦେଲା ତାର ସମସ୍ତ ଦାବୀକୁ । ସେଇଠୁ ସେ ଅଧାପାଗଳ ହୋଇଯାଇଥିଲେ । ସ୍ତ୍ରୀ କମଳା, ଝିଅ ପ୍ରୀତି, ସାନ ପୁଅ ନନ୍ଦୁ ଯେତେ ବୁଝେଇଲେ ବି ସେ କିଛି ବୁଝିପାରୁନଥିଲେ । ନିଜେ ଯେମିତି ଗୋଟାଏ ଶବ୍ଦ ପାଲଟି ଯାଇଥିଲେ । ସେଇବେଳେ ହିଁ ସେ ଠିକ୍ କରି ନେଲେ ଗାଁ ଛାଡ଼ି ଦେବେ ସବୁ ଦିନକୁ । ଏବଂ ଛାଡ଼ି ଦେଇଥିଲେ ମଧ୍ୟ । ସେତେବେଳେ ସନାତନକୁ ଦେଖା ଯାଉନଥିଲା ସ୍ତ୍ରୀର ଲୁହବତୁରା ମୁହଁ, ଝିଅ କିମ୍ବା ପୁଅର କାନ୍ଦୁରା ମୁହଁ । ସେ ଗଲେ ଯେ ଗଲେ । ଯା ଭିତରେ କେତେ ବର୍ଷ ଯେ ବିତିଗଲାଣି ତାର ହିସାବ ନାହିଁ ସନାତନ ପାଖରେ । ଏସବୁ ସତ୍ତ୍ୱେ ବି ସଂପର୍କ କେଉଁ ଛିଣ୍ଡିଗଲା ଯେ ସେ ରହିଯାଇ ଥାଆନ୍ତେ । ଏ ସଂପର୍କ ଜନ୍ମ ଜନ୍ମାନ୍ତରରେ । ସଂପର୍କଟା ଏଇମିତି । ଖବର କାଗଜରୁ ପଢ଼ି ଡାକ୍ତରଖାନା ଖଟରୁ ସେ ଧାଇଁଛନ୍ତି ଗାଁକୁ । ହେଲେ ଗାଁ କାହିଁ ?

ସନାତନ ଅତୀତକୁ ନେଇ ଘାଣ୍ଟି ହେଲାନି ଆଉ, ଆଗକୁ ଚାଲିଲା । ହୁଡ଼ି ଉପରେ କେତେଜଣ ଲୋକ ଏପଟ ସେପଟ ହେଉଥିବାର ଦେଖି ତା ମନରେ ଆନଂଦର ଢେଉଟିଏ

Source: Author, Digitized by PPRACHIN, SOA

ଖେଳିଗଲା । ଏଇଠି କାହାକୁ ହେଲେ ପାଇଯିବ ମନେ କରି । ପାଣିରେ ମଣିଷ, ପଶୁ ସମସ୍ତଙ୍କ ଶବ ପଡ଼ିଛି ଠାକୁ ଠା' । ଫୁଲି ଯାଇ ଗନ୍ଧ ବାହାରୁଛି । ଦୁଇ ଚାରିଟା ଶବ ଡେଇଁ ଚଢ଼ିଗଲା ହୁଡ଼ି ଉପରକୁ । ଅଳ୍ପକିଛି କଞ୍ଚାକାଠ ସାଂଗକୁ କିରୋସିନି ଓ କିଛି ପେଟ୍ରୋଲରେ ପଚା ଶବକୁ ଏକାଠି କରି ଶବ ସତ୍କାର କରୁଛନ୍ତି ସେମାନେ । ସନାତନ ମନେ ମନେ ପ୍ରଶଂସା କଲା ସେମାନଙ୍କ ମହତ କାମକୁ । ଆପେ ଆପେ ତା'ପାଟିରୁ ବାହାରି ପଡ଼ିଲା– 'ରାମନାମ ସତ୍ୟ ହେ' ।

ସନାତନ ମନେ ମନେ ଭାବିଲା, କେତେ ଅସହାୟ ଏ ମଣିଷ । ଗଲାବେଳେ ଚାରିକାନ୍ଧ ବି ମିଳିଲାନି । ଜୁଇ ନିକଟକୁ ଗଲା । ଦୁକ୍ ଦୁକ୍ ଜଳୁଛି କଞ୍ଚାକାଠର ଜୁଇ । କାହାର ହାତ, କାହାର ଗୋଡ଼ ଅଧା ପୋଡ଼ା ହୋଇ ପଡ଼ିଛି । କୁକୁର ଦିଟା ଖଣ୍ଡେ ଖଣ୍ଡେ ଟାଣି ନେଉଛନ୍ତି- ନିଜ ଇଚ୍ଛାରେ । ସନାତନ ଆଉ ଦେଖି ପାରିଲାନି ସେ ଦୃଶ୍ୟକୁ । ଏଥର ଚିନ୍ତା କଲା ଏଠୁ ପଳାଇବ । ନିଜ ଲୋକଙ୍କ ଖବର ପାଇବ କେଉଁଠୁ, କୁଆଡ଼େ ଯିବ । ଆଖି ପାଉନି । ଦୂରରୁ ମଟର ବୋଟଟିଏ ଆସୁଥିବାର ଦେଖି ମନେ ମନେ ଆଶ୍ୱସ୍ତ ହେଲା ସନାତନ । ଏମାନଙ୍କ ସାଥିରେ ଚାଲିଯିବ । ଆଉ ଚାଲିପାରିବ ନାହିଁ । ସହଜେ ନିପାରୁଆ ଦେହ ।

କୂଳରେ ଲାଗିଲା ବୋଟ୍ । ସ୍ୱେଚ୍ଛାସେବୀ ତିନିଜଣ ଓହ୍ଲେଇ ପଡ଼ିଲେ । ମଦ ନିଶାରେ କାହାର ଗୋଡ଼ ଠିକ୍‌ରେ ପଡୁନି । ଜଣେ କହିଲା-

"ଆରେ କେତେ ନମ୍ବର ହେଲା ?"

ସନାତନ କିଛି ବୁଝିପାରିଲାନି । କେବଳ ଚାହିଁ ରହିଲା । ଏଥର ଶବଦାହ କରୁଥିବା ଟୋକାଙ୍କ ଭିତରେ ଜଣେ ବାହାରି ଆସି କହିଲା–

"ସବୁ ମିଶି ଚାରି ।" ଏଠି ଭଲ ସୁବିଧା ହେଉନି ଲୋକଟା ଭାରି ବିରକ୍ତ ହୋଇ କହିଲା–

'ଶଳା ଜମାରୁ ଚାରିଟା ।'

ଏବଂ ପକେଟରୁ ବାହାର କଲା କୋକାକୋଲା ଷ୍ଟାଇଲରେ ମଦ ବୋତଲଟାକୁ ଟେକିଦେଲା । ଏଥର ସନାତନ ଝପଟି ଆସିଲା ସେମାନଙ୍କ ନିକଟକୁ । ସେ କିଛି କହିବା ଆଗରୁ ସେମାନେ ଚୁପ ହୋଇଗଲେ । କିଛି ସମୟ ପରେ ଜଣେ କହିଲା– "କିହୋ କ'ଣ ଖୋଜୁଛ ଏଠି... ।"

'ଗାଁ'... କହିଲା ସନାତନ ।

ସେମାନେ ସନାତନ କଥାରେ ଖୁବ୍ ହସିଲେ । କହିଲେ–

"ଆରେ ଗାଁ ଖୋଜୁଛ ? ତମ ଗାଁଟା ପରା ଏଇ ଦେଖ ମୋ ପକେଟରେ (ମଦ ବୋତଲକୁ ଦେଖେଇ) । ନଉନ ନିଅ... । ଧର... ଆବେ... ଧରନା । ଗୋଟେ ପେଗ ମାର ।"

Source: Author, Digitized by PPRACHIN, SOA

ସନାତନର ରୋଗଣା ଦେହଟା ଶୀତେଇ ଉଠିଲା ଓ ତାଙ୍କୁ ବାନ୍ତି ବାନ୍ତି ଲାଗିଲା । ସେ ଟିକେ ଆଡ଼େଇ ହୋଇଗଲା । ସେମାନଙ୍କ ସାଥିରେ ଶବ ପୋତୁଥିବା ଟୋକା ମିଶିବା ପରେ କାନକୁ କାନ କଥା ହେଲେ ଏବଂ ସନାତନ ପାଖକୁ ଆସିଲେ । ସନାତନ ସେମାନଙ୍କୁ ଦେଖି ଆଶ୍ୱସ୍ତ ହେଲା ଯେ ସେମାନେ ତାକୁ ବୋଟରେ ବୋଝେ ନେଇଯିବେ ।

ସନାତନ ପାଖକୁ ଜଣେ ଚାଲିଆସି କହିଲା, –''ଗାଁ ଖୋଜୁଛ ପରା ?''

ହଁ– ସନାତନ ପାଟିରୁ ବାହାରି ପଡ଼ିଲା ।

କୋଉଠି ତମ ଗାଁ.... ?

ଏଇଠି ଥିଲା - ହାତ ଦେଖେଇ କହିଲା ସନାତନ ।

ଗାଁରେ ତୁମ ଘର ଥିଲା ?

ହଁ କଲା ସନାତନ ।

ଆଉ କିଏ କିଏ ଥିଲେ ??

''ସ୍ତ୍ରୀ କମଳା, ଝିଅ ପ୍ରୀତି, ବଡ଼ପୁଅ ଆଉ ସାନ ପୁଅ ନନ୍ଦୁ ।''

''ତେବେ ତ ଜମିଲା, ଚିନ୍ତା କରନା । ତୁମର ସବୁ ସୁବିଧା କରିଦେବୁ ଆମେ । କେବଳ ଆମ କଥା ମାନିଗଲେ ସବୁ ଠିକ୍ ହୋଇଯିବ ।''

ବୋକାଙ୍କ ପରି ଚାହିଁ ରହିଲା ସନାତନ ସେମାନଙ୍କୁ । ଜଣେ ସେମାନଙ୍କ ମଧ୍ୟରୁ ଆଗକୁ ମାଡ଼ି ଆସି କହିଲା–

''ଆରେ, କଥାଟା ସହଜ । ତୁମେତ ଜାଣ । ତୁମ ଲୋକଙ୍କ ଲାସ୍ କେଉଁଠି ହେଲେ ମିଳିବନି । ଆମେ ଏଠୁ ଚାରିଟା ଲାସ ଭଡ଼ାରେ ଦେବୁ । ଗୋଟାକୁ କୋଡ଼ିଏ ହଜାର, ଭଡ଼ା ବାଦ ସରକାରଙ୍କଠୁ ଯାହା ମିଳିବ ଫିଫ୍‌ଟି ଫିଫ୍‌ଟି କରି ଦେବା । କାମ ସରିଲା ବାଦ୍ ଆମ ଲାସ ନେଇଯିବୁ । କଙ୍କଳଟା ବିକିଲେ ମିଳିବ ମୋଟେ ପଚିଶ ହଜାର । କ'ଣ ସଉଦା ମଂଜୁର ତ ?''

ସନାତନ କିଛି ବୁଝି ନ ପାରି ଭେଲେକା ହୋଇ ଚାହିଁ ରହିଲା । ସେମାନଙ୍କ ଭିତରୁ ଡାହାଣ ହାତରେ ବଳା ପିନ୍ଧିଥିବା ଟୋକାଟା କହିଲା–

''ବୁଝିପାରୁନ କି ଓ । ସରକାର ପରା ବାତ୍ୟାରେ ମୃତ ଲୋକଙ୍କ ପାଇଁ ପଞ୍ଚସ୍ତରୀ ହଜାର ଦେବାକୁ ଘୋଷଣା କରିଛନ୍ତି ।''

ସନାତନ କାହା କଥା ନ ଶୁଣି ପାଣି ଭିତରେ ପଶିଲା । ଭାବିଲା, ମହାପ୍ରଳୟ ପରେ ଆଉ ଏକ ପ୍ରଳୟ ଆସୁଛି । ବହୁ କଷ୍ଟରେ ପହଞ୍ଚିଲା ଏକ ରିଲିଫ କେନ୍ଦ୍ରରେ । ସେଠି ଥୋକେ ଭୋକିଲା ଲୋକଙ୍କ ଗହଳି ଥିଲେ ମଧ୍ୟ ସରକାରୀ ନେତା, ଅଣନେତାମାନଙ୍କ ସଂଖ୍ୟା ଅଧିକ ଥିଲା । ମଝିରେ ମଝିରେ ହୋ, ହଲ୍ଲା ସହିତ ଖାଇବାକୁ ଚିତ୍କାର ଶୁଭୁଛି । ସନାତନ ଦେଖିଲା ଅସ୍ଥାୟୀ କେନ୍ଦ୍ରର କାଠ ଖୁଣ୍ଟକୁ ଧରି ମଧ୍ୟବୟସ୍କା ସ୍ତ୍ରୀ ଲୋକଟିଏ ଗୋଟେ ଛୋଟ ଛୁଆର ଶବ ଧରି କାନ୍ଦୁଛି । ସ୍ତ୍ରୀ ଲୋକଟିର ବଳିଷ୍ଠ ନିଦା ଦେହକୁ ଦେଖିଲେ କେହି

Source: Author, Digitized by PPRACHIN, SOA

ବିଶ୍ୱାସ କରିବେନି ଯେ ସେ ଗୋଟେ ଛୁଆର ମାଆ । ଜଣେ ସରକାରୀ ଅଫିସର ତାକୁ ବୋଧନା ଦେଉଛି ।

"କିଛି ଗୋଟେ ବ୍ୟବସ୍ଥା କରିବା । ଧୈର୍ଯ୍ୟ ଧର ।"

ସ୍ତ୍ରୀ ଲୋକଟାର ହାବଭାବ ଦେଖୁ ଦେଖୁ ସନାତନ ଭାବିଲା କାନ୍ଦିବାର ଏକ ସୁନ୍ଦର ଅଭିନୟ କରୁଛି । ଲୋକ ଗହଳି ଭିତରୁ ଜିନ୍ ପ୍ୟାଣ୍ଟ ପିନ୍ଧା ଟୋକାଟିଏ ସ୍ତ୍ରୀ ଲୋକଟା ନିକଟକୁ ଆସି କହିଲା–

"ଆବେ ହେ ଏମିତି ସକ୍ ସକ୍ କ'ଣ ହେଉଛୁ ବେ । ଶାଳୀ, ଟିକେ ଜମେଇକି କାନ୍ଦ । ମନ୍ତ୍ରୀ ଆସିଯିବେ ପରା । ଟାଇମ ହେଲାଣି ।"

ସ୍ତ୍ରୀ ଲୋକଟା ଶଙ୍କି ନଯାଇ କହିଲା–

"ଆବେ ହେ ଟଙ୍କା ଦିଶହରେ ମୂର୍ଦ୍ଧାର ପିଲାଟା ଧରି ଦିଘଣ୍ଟାକାଳ କାନ୍ଦୁଛି । ଆଉ ନୁହେଁ । ରଖ ଯାକୁ । ମୁଁ ଚାଲିଲି । ନହେଲେ ପକା ଗାନ୍ଧୀମାର୍କା ନୋଟଟେ । ଦେଖିବା । ଏବେ ଆମ କଣ୍ଠାକୁ ସମୟ ଗଲାଣି ।"

ଟୋକାଟାକୁ ଫର୍ମୁଲା ଜଣା । ହାଣ୍ଡବ୍ୟାଗରୁ ବାହାରକରି ସ୍ତ୍ରୀ ଲୋକଟା ହାତରେ ଗୋଟେ ଗିଲାସ ଧରେଇ ଦେଇ ନୋଟ କେଇଟା ଆଉ ଗୋଟେ ହାତରେ ଗୁଂଜି ଦେଲା ଏବଂ ତା ପିଠିରେ ହାତ ବୁଲେଇ ଆଣିଲା । ସ୍ତ୍ରୀ ଲୋକଟା ଢକ୍ ଢକ୍ ସବୁତକ ପିଇ ଦେଇ ଏଥର ସଜାଡ଼ି ହୋଇ ବସିଲା । ବେକ ପାଖରୁ ଲୁଗା ଅଳ୍ପ ଖସେଇ ବ୍ଲାଉଜର ଉପର ବୋତାମ ଗୋଟେ ଖୋଲି ଦେଲା ଓ ପଣତ କାନିଟା ମଲାପିଲା ଉପରେ ଢାଙ୍କିଦେଲା । ଏଥର ଖୁବ୍ ବଡ଼ ପାଟିରେ ବାହୁନିବା ଆରମ୍ଭ କଲା । ସନାତନକୁ ଆଉ ଅବୁଝା ନଥିଲା କିଛି । ଭାବିଲା, ଏଠି ବି ଶବକୁ ନେଇ ସଉଦା ।

ସନାତନ ଥକ୍କା ମାରି ବସିପଡ଼ିଲା ଘଡ଼ିଏ । କେଉଁଠି ପାଇବ ସେମାନଙ୍କୁ କିଂବା ସେମାନଙ୍କ ଶବକୁ ? କିଂବା ଶବକୁ ନେଇ କେହି ବେପାର କରି ଦେଇନି ତ ? ତା ଆଖିରେ ଆଉ ଲୁହ ନଥିଲା । ଚାହିଁ ରହିଥିଲା ଆକାଶକୁ ଓ ସେମାନଙ୍କୁ ନ ପାଇବାର ଆଶଙ୍କାରେ ବୁଡ଼ିଗଲା ।

ରିଲିଫ କେନ୍ଦ୍ରରେ ଘେରାଏ ବୁଲି ଆସିବାକୁ ଉଠିଲା ସନାତନ । ସବୁଆଡ଼େ ନୂଆ ମୁହଁ । କାହାରି ମୁହଁରେ ହସ ନାହିଁ । ସରାଗ ନାହିଁ । ସନାତନ ଏଣେତେଣେ ବୁଲୁବୁଲୁ ଗୋଟାଏ ଜାଗାରେ ସ୍ଥିର ହୋଇଗଲା । ଅଳ୍ପଦୂରରେ ପୁଅଝିଅ ଦୁଇଜଣ ବସିଛନ୍ତି ଏବଂ ଝିଅଟି ପ୍ରୀତି ପରି ଝାପ୍‌ସା ଝାପ୍‌ସା ତାକୁ ଲାଗିଲା । ସନାତନ ଏକା ଥରକେ ଦୌଡ଼ିଗଲା ସେମାନଙ୍କ ପାଖକୁ । ନିଜକୁ ନିଜେ ବିଶ୍ୱାସ କରିପାରିଲାନି । ତା' ଫୁଙ୍ଗୁଳା ଦେହରେ ଥିଲା ପୁରୁଷ ପିନ୍ଧା ସାତହାତି ଖଦି ଖଣ୍ଡେ । ପାଖରେ ଗାମୁଛା ପିନ୍ଧି ବାଉରୀସାହି ବଳିଆ ଜେନା ପୁଅ ନବଘନ ବସିଛି । ଝିଅକୁ ଏଭଳି ପରିସ୍ଥିତିରେ ଦେଖି ସନାତନ ବେହୋସ ହୋଇ ପଡ଼ିଗଲା ଗଛ କାଟିଲା ପରି । ସେମାନେ ଧାଇଁଆସି ଟେକିନେଲେ ସନାତନକୁ । କିଛି

Source: Author, Digitized by PPRACHIN, SOA

ସମୟ ଉତାରୁ ସେ ଆଖି ଖୋଲିଲା । ବଡ଼ ପାଟିରେ କିଛି କହିପାରୁ ନଥିଲେ ବି ତା' ମନ ଭିତରେ ଆଉଡେଇ ହେଲା ସେଇ ମହାନ୍ ଗାନ୍ଧିଜୀଙ୍କ କଥା ପଦକ–

"ଶେଷରେ ତୁ ଛତରରେ ପଶିଲୁ ।"

ପ୍ରୀତି ବୁଝିଗଲା, ବାପାଙ୍କ ଆଖିର ଭାଷା ଏବଂ ସନାତନ ପ୍ରୀତିଠୁ ଶୁଣିଲା, ଘରର ସମସ୍ତେ ଭାସିଯାଇଛନ୍ତି ଓ ସେ ରହିଯାଇଥିଲା ଗୋଟେ କିଆ ବୁଦାକୁ ଆଶ୍ରୟକରି । ଆଉ ପାଣି କମିବା ପରେ ଦେଖିଲା ତା' ଦେହରେ ଲୁଗା ଖଣ୍ଡିକ ମଧ୍ୟ ନାହିଁ ଉପୁଡ଼ି ପଡ଼ିଥିବା ଗଛକୁ ଧରି ଜୀବନ ବଂଚେଇ ଥିବା ଏଇ ନବଘନ ତା' ପିନ୍ଧାଲୁଗା ମୋତେ ଦେଇ ମୋ ଇଜ୍ଜତ ବଂଚେଇଛି । ଚାରିଦିନ ପରେ ଆମେ ଉଧାର ହୋଇ ଆସିଛୁ ଏଇ ରିଲିଫ୍ କେନ୍ଦ୍ରକୁ ।

ସନାତନ ଆଖିରେ ଲୁହ ନଥିଲା । ମନେ ମନେ ଭାବିଲା, ହେଉପଛେ ବାଉରୀପିଲା– ମଣିଷ ପିଲା ତ ।

■ ■ ■

Source: Author, Digitized by PPRACHIN, SOA

ପଣତ କାନି

ବାଟ ଚାଲୁଚାଲୁ ଝୁଣ୍ଟି ପଡ଼ିଲେ, ଥକ୍‌କା ହୋଇ ବସି ପଡ଼ିଲେ, ଅବଶ କ୍ଳାନ୍ତ ଦେହକୁ ଶେଯରେ ଲୋଟେଇ ଦେବାବେଳେ ଅଥବା ଅସହ୍ୟ କଷ୍ଟ ଯନ୍ତ୍ରଣାରେ ଛଟପଟ ହେଉ ଥିବାବେଳେ ଆପେ ଆପେ ସଭିଙ୍କ ପାଟିରୁ ବାହାରିପଡ଼େ ପୃଥିବୀର ସବୁଠୁ ସେଇ ସହଜ, ସରଳ, ମିଠା ଶବ୍ଦଟି 'ମା' ଅଥବା 'ବୋଉ ଲୋ' । ସେମିତି ଅତି ଦୁଃଖରେ ଅବା ସୁଖରେ ହିଁ ଭାସିଉଠେ ବୋଉର ମୁହଁ । ଆଉ ଦୂର ପ୍ରବାସରେ ଯିଏ ବେଶୀ ମନେପଡ଼େ ସେହିଁ ବୋଉ । ଝରକା ସେପଟେ ସହରର କୋଳାହଳ, ମେଞ୍ଚା ମେଞ୍ଚା ଲୋକ ଓ ଗାଡ଼ି ମଟରର ଧାଁ ଧଉଡ଼ର ଭିଡ଼ ଭିତରେ ବି ଜଳ ଜଳ ଦିଶିଯାଏ ସେଇ ଦୂରପଲ୍ଲୀ ଗାଁର ସେଇ ନୁଖୁରା ମୁହଁଟି । ସତେ ଯେମିତି ନୁଆଁଣିଆ ଚାଳକୁ ଧରି ବୋଉ ଏବେ ବି ନିଘା କରିଛି କାହିଁ କେତେ ଦୂରକୁ ଅଝଟ ପୁଅର ସ୍କୁଲ ଲେଉଟାଣି ବେଳକୁ । ଗାଁ ମୁଣ୍ଡ ବାଙ୍କ ବୁଲିପଡ଼ିବା ବେଳକୁ ବୋଉର ନଜର ପଡ଼ି ଯାଇଥିବ ଓ ସେ ଏକରକମ ଧାଇଁ ଆସି ପୁଅ ହାତରୁ ବସ୍ତାନିଟା ଧରିନେଇ ଝାଳୁଆ ମୁହଁଟାକୁ ପୋଛି ପକେଇବ ତା ପଣତ କାନିରେ । ମୋ ଧନର ପେଟ ପିଠିରେ ଲାଗିଗଲାଣି କହି ଗୋଟେ ଡେଣାକୁ ଧରି ଶୂନ୍ୟେ ଶୂନ୍ୟେ ଘରକୁ ନେଇ ଆସିବ । ସଜ ପଖାଳ ସାଂଗକୁ କଣ କଣ ସବୁ କରି ରଖିଥିବ ଯେ, ବସିବା ବେଳକୁ ବାସ୍ନାରେ ପେଟ ପୂରି ଯାଉଥିବ । ନିଜ ହାତରେ ଖାଇଲେ ପେଟ ପୂରିବନି କହି ତା

Source: Author, Digitized by PPRACHIN, SOA

ହାତରେ ସେ ଖୁଆଇ ଦେବ ପେଟ ଭରି । ସେଇ ପଖାଳ କଂସାରେ ମୁହଁ ଧୋଇ ତା ଲୁଗା କାନିରେ ପୋଛି ଦେବ ମୁହଁ । ବୋଉ କଥାକୁ ଟିକେ ସତାର କରିବାକୁ ନ ଥିବ ସମୟ । ଏକା ଡିଆଁକେ ଗାଁ ଦାଣ୍ଡ କିମ୍ବା ଖେଳ ପଡ଼ିଆରେ ହାଜର । କାହିଁ କେତେଦୂରେ ରହିଲାଣି ପିଲାଦିନ, ଏବେ ମନେପଡ଼ିଲେ ପୁଲକିତ ହୋଇଉଠେ ମନ । ଇଚ୍ଛା ହୁଏ ପୁଣିଥରେ ଲୁଚିଯିବାକୁ ବୋଉ କାନି ତଳେ ।

ଶୈଶବ ଓ କୈଶୋରରେ ବୋଉ ପଣତ କାନି ସହିତ ଘନିଷ୍ଠତା ସବୁଠୁ ବେଶୀ । ସେଇ ପଣତ କାନିରେ ମାଟି ଆଉ ଗୋବରର ଗୋଟେ ଫେଣ୍ଟାଫେଣ୍ଟି ବାସ୍ନା । ଶୁଙ୍ଘିବାକୁ ଏବେ ବି ମନ ବ୍ୟାକୁଳ ହୋଇଉଠେ । ପିଲାଦିନେ ଯାହାର ବାସ୍ନା ଶୁଙ୍ଘୁ ଶୁଙ୍ଘୁ ଆପେ ନିଦ ଚାଲି ଆସୁଥିଲା । ବୋଉର ସେ ପଣତକାନିରେ କଣ ଥାଏ କେଜାଣି, ତା କାନି ଘୋଡ଼େଇ ଦେଲେ, ଲାଗେ ଯେମିତି ପୃଥିବୀଟା ଏଇଠି ଶେଷ । ଏଠି ଥିଲେ ଭୟ କାହାକୁ ନା ଡର କାହାକୁ, କେତେ ନିରାପଦ ସତରେ ? ସେଇ ପଣତ ସାଥିରେ ଆଉ କାହାକୁ ତୁଳନା କରିହେବ ?

ବୋଉର ସେଇ ପଣତ କାନି ଶୈଶବରୁ ଏଯାବତ୍ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଛି । ତାକୁ ଛାଡ଼ିଦେଲେ ଜୀବନରେ କୌଣସି ସ୍ଥିତି ନଥିଲା ପରି ମନେହୁଏ । ଶୈଶବରେ କାଳେ କାହାର ଖରାପ ନଜର ପଡ଼ିଯିବ ବୋଲି ବୋଉ ଢାଙ୍କିଦିଏ ପଣତ କାନି, ପୁଣି ବେଳେ ବେଳେ ସେଇ କାନି ବିଛେଇ ଶୁଆଇ ପକାଏ ଓ ଚାହିଁ ବସିଥାଏ ନିଦ ପାକଳ ହୋଇ ଭାଙ୍ଗିବାଯାଏ । ବୋଉର ହାତ କିମ୍ବା ପଣତ କାନି ଧରି ଠୁକୁ ଠୁକୁ ଚାଲିରୁ ସ୍କୁଲ ଯିବାବେଳକୁ ସେଇ ପଣତ କାନିର କାମ ଦ୍ୱିଗୁଣିତ ହୋଇଯାଏ । ଖାଇ ସାରିବା ପରେ ମୁହଁ ପୋଛା ହୁଏ ସେଇ ପଣତ କାନିରେ, ସ୍କୁଲ ଶିକ୍ଷକ କିମ୍ବା ଅନ୍ୟ କାହାଠାରୁ ଲୁଚିବାକୁ ହେଲେ ଦରକାର ହୁଏ ବୋଉର ପଣତ କାନି । ଖରାଦିନର ଅସହ୍ୟ ଗୁଳୁଗୁଳିରେ ବୋଉ ନିଜେ ନ ଶୋଇ ପଙ୍ଖା କରୁଥାଏ ସେଇ ପଣତ କାନିରେ । ପୁଣି ମାଘ ମାସର ହାଡ଼ଭଙ୍ଗା ଶୀତରେ ବୋଉର ଉଷୁମ କୋଳରେ ତା ପଣତ କାନି ଘୋଡ଼ିହୋଇ ଶୋଇପଡ଼ିବାରେ ଆନନ୍ଦ । ଖରା ଦିନର ଲମ୍ବା ଦ୍ୱିପ୍ରହରରେ ଚଗଲା ପୁଅ ଶୋଇପଡ଼େ ପଣତକାନି ବିଛେଇ ଦେଲେ । ଖେଳ କୁଦରୁ ଧୂଳି ଧୂସର ହୋଇ କିମ୍ବା ବର୍ଷାର ପାଣି କାଦୁଅରେ ଚବର ଚବର ହୋଇ ଫେରିଲେ, ବୋଉ ପୋଛି ପକାଏ ପଣତ କାନିରେ ସାରା ଦେହଟା ଆଉ କଦବା ଯେବେ ଦେହ ଖରାପ ହୋଇଯାଏ, ବୋଉ ମାନସିକ କରିପକାଏ, ପଣତ କାନିକୁ ବେକ ଚାରିପଟେ ଗୁଡ଼େଇ କହେ, ''ମାଆ ଲୋ, ନୂଆ ପଣତ ଦେବି, ମୋ ଛୁଆକୁ ଘଣ୍ଟ ଘୋଡ଼େଇ ରଖ ।''

ସ୍କୁଲ ଯିବାବେଳକୁ ବୋଉ ପଣତ କାନିରେ ଗଣ୍ଠି ପକେଇ ଥିବା ଖୁଚୁରା ପଇସା ଧରେଇ ଦିଏ । ଆଉ ବେଳେ ବେଳେ ପାଖରେ ଶୋଇ ତାକୁ ଟିକେ ଗେଲ କରିଦେଲେ ଦିନସାରାର ଆକ୍ଳାନ୍ତ ପରିଶ୍ରମ ଯୋଗୁଁ ଛାଇନିଦ ମାଡ଼ିଆସେ । ଆଉ ସେଇ ମଉକାରେ ବୋଉ ପଣତ କାନିରେ ବନ୍ଧା ହୋଇଥିବା ବାକି ଖୁଚୁରାତକ ନେଇ ଆଇସ୍‌କ୍ରିମ କିମ୍ବା ଗାଁ ଗୁଡ଼ିଆ ଦୋକାନରେ ହାଜର । ବୋଉର ନିଦ ଭାଙ୍ଗିଲେ ଦେଖେ, ଆଉ ମନକୁ ମନ କୁହେଁ,

Source: Author, Digitized by PPRACHIN, SOA

ଗାନ୍ଧାରୀ ଘରର ପୁଅକୁ ଦେଖ ମ... । ସବୁଠୁ ମଜା ହୁଏ ବୋଉ ପଣତରେ ବନ୍ଧାଥିବା ଚାବିନେନ୍ଥାକୁ ଚୁପ୍ ଚାପ୍ ଖୋଲି ସିନ୍ଦୁକ ଫିଟେଇ ଆଚାର, ମହୁ ଖାଇବା ଆଉ ସାଂଗପିଲାଙ୍କୁ ଖୁଆଇବା, ଧରା ପଡ଼ିଲେ ବୋଉ ମିଛି ମିଛିକା ଧମକାଏ, ''ତୁମ ମାଷ୍ଟରଙ୍କୁ କାଲି କହୁଚି ଗୁହ । ସବୁ ଚଗଲାମି ଛାଡ଼ିଯିବ ।''

କୈଶୋର ଚାଲିଯିବା ପରେ ବୋଉର ପଣତ କାନି ଧୀରେ ଧୀରେ କେମିତି ଦୂରେଇ ଗଲା । ତଥାପି କେବେ କେମିତି କଲେଜ ହଷ୍ଟେଲରୁ ମାସେ ଦୁଇମାସ ଅନ୍ତରରେ ଘରକୁ ଆସି ଯେଉଁ ଦିନ କଲେଜ ଫେରିବାକୁ ତରତରରେ ଖାଇ ହାତ ଧୋଇବା ବେଳକୁ ବୋଉ ବଢ଼େଇ ଦିଏ ପଣତ କାନି ହାତ ମୁହଁ ପୋଛିବାକୁ । ସେଇ ପଣତ କାନିରେ କଣ ଥାଏ କେଜାଣି, ସେଇଠୁ ଭାରି ଦୁଃଖ ଲାଗେ ଘର ଛାଡ଼ି ଯିବାକୁ । ଆଖି ଛଳ ଛଳ ହୋଇଯାଏ । ହଷ୍ଟେଲରେ ମନେପଡ଼େ ବୋଉ ଆଉ ତାର ପଣତ କାନିର ବାସ୍ନା । କାହିଁ କେତେ ଦୂରରେ ଥିଲେ ବି ଆଘ୍ରାଣ କରିହୁଏ ସେଇ ବାସ୍ନା । ସ୍ନେହ, ମମତାର ବାସ୍ନା, ଆଉ ଆମେ ସବୁ ତା ପଣତ କାନିର ଗଣ୍ଠିଧନ ।

ସେଇ କଲେଜ ଜୀବନରେ ଯିଏ ପ୍ରଥମ ଫୁଲର ମହକରେ ଆନ୍ଦୋଳିତ କରୁଥିଲା ପ୍ରତିଟି ମୁହୂର୍ତ୍ତ ସିଏ ସ୍ମୃତି । ସ୍ମୃତିର ସୁରଭିରେ ହଜି ଯାଉଥିଲା ମନ । ବର୍ଷରେ କେବଳ ଗଣେଶ ସରସ୍ୱତୀ ପୂଜାରେ ସେ ଶାଢ଼ି ପିନ୍ଧି କଲେଜ ଆସୁଥିଲା । ଖୁବ୍ ଭଲ ଲାଗୁଥିଲା ସେ ସେଇ ଶାଢ଼ି ଭିତରେ, ତା ଶାଢ଼ି ଦେଖିଲେ ମନେ ପଡ଼ିଯାଏ ବୋଉର ପଣତ କାନି । ଥରେ ଏମିତି ପ୍ରାକ୍ଟିକାଲ୍ କ୍ଲାସ ପରେ କ୍ୟାଣ୍ଟିନରେ ଜଳଖିଆ ଖାଇ ଆମେ ଦୁହେଁ ଅପେକ୍ଷା କରିଥାଉ ଚା ପିଇବାକୁ, ପକେଟରେ ମୋର ରୁମାଲ ନଥିଲା ହାତ ପୋଛିବାକୁ । ଏତିକି ବେଳେ ମନେ ପଡ଼ିଗଲା ବୋଉର ପଣତ କାନି । ଚେୟାର ତଳ ପର୍ଯ୍ୟନ୍ତ ସ୍ମୃତିର ଚୂନୀ ଝୁଲୁଥିବା ଦେଖି ସେ ନ ଜାଣିଲା ପରି ହାତ ପୋଛି ମୁହଁ ଉପରକୁ ବୁଲେଇ ଆଣିବା ବେଳକୁ ସ୍ମୃତି ଗୋଟେ ହାତରେ ମୋ ହାତକୁ ଧରି ପକେଇ ଅନ୍ୟ ହାତରେ ମୋ ନାକ ଚିପିଦେଇ କହିଲା, ''ଧେତ୍, ଭାରି ଅସନା ତମେ, ମଫୁ କୋଉଠିକାର ।'' ଖୋଜୁଥିବା ମୋ ବୋଉର ପଣତ କାନିର ବାସ୍ନା କିଂତୁ ସେଠି ନଥିଲା ।

ଚାକିରି ଜୀବନର ବ୍ୟସ୍ତତା ଯୋଗୁ ମଝିରେ ଅନେକ ଦିନ ହେଲା ଗାଁକୁ ଯାଇପାରି ନଥିଲି । ବୋଉ ଅନେକ ବ୍ୟସ୍ତ ହୋଇ ଚିଠି ଲେଖିଥିଲା ଏ ବର୍ଷ ଖରା ଛୁଟିଟା ଗାଁରେ କଟେଇବାକୁ ମନସ୍ଥ କରି ପିଲାମାନଙ୍କୁ ନେଇ ଗାଁକୁ ଚାଲିଗଲି । ଗାଁରେ ଟ୍ରାନ୍ସଫରମାର ପୋଡ଼ି ଯାଇଥିବାରୁ ବିଜୁଳି ନଥିଲା, ସହଜେ ଖରାଦିନକୁ ଏ ବର୍ଷ ଅସହ୍ୟ ଗରମ । ଅଂଶୁଘାତରେ ଲୋକ ମରୁଥିବା ଖବର ପ୍ରତ୍ୟେକ ଖବର କାଗଜ ପୃଷ୍ଠାରେ ପ୍ରକାଶ ପାଉଛି । ମୋ ସ୍ତ୍ରୀ ପହଞ୍ଚିବା ପରେ ଗୋଟାଏ ଘଣ୍ଟା ରହିବାକୁ ରାଜି ନୁହେଁ, ପହଞ୍ଚିବା ପରେ ଖାଲି ଗରଗର । ଏଠି କିଏ ରହିବ ଲୋ ମା, ମୁଁ ମନା କରୁଥିଲି ଗାଁକୁ ଯିବାନି । ହେଲେ କିଏ ଶୁଣିଲେ ତ ? ଏଠି ଯାହା ପରିବେଶ ସମସ୍ତଙ୍କ ଦେହ ଖରାପ ହୋଇଯିବ । ଝିଅ ସାନୁକୁ ପାଟି କରୁଥିଲେ, ଜିନିଷ କିଛି ଖୋଲା ଖୋଲି କରନା, ବାପାଙ୍କୁ କହ ଆମେ କାଲି

Source: Author, Digitized by PPRACHIN, SOA

ଚାଲିଯିବା, ବୋଉ ଆମକୁ ଦେଖି ତାର ଗୋଡ଼ ତଳେ ଲାଗୁନି । ନଇଁ ଆସୁଥିବା ଅଣ୍ଟା ସଳଖି ଚାଲୁଛି । ବଡ଼ ନାତିକୁ କୋଳରେ ଧରି ବୋହୂକୁ ବୁଝାଉଛି ମୁହଁ ହାତ ପଖାଳି ନେ, ମେଲା ବାରଣ୍ଡାରେ ବସି ତାଳପତ୍ର ପଙ୍ଖାରେ ବିଞ୍ଚି ହୁଅ, ଭଲ ଲାଗିବ, ବସାଦହି ଅଛି, ପଣାକରି ପିଅ, ଏଇନେ ଗଉରା ଆଇଲେ ପଇଡ଼ ବିଛେଇ ଦବ, ସଂଜକୁ ସାଇଁ ସାଇଁ ପବନ ଏଠି ଗରମ ହେବନି । ଏତେ ବାଟରୁ ପିଲାମାନେ ଆସିଲେଣି । ଭୋକ ହେବଣି । ବୋଉ ସଙ୍ଗେ ସଙ୍ଗେ ଚୁଡ଼ା, ନଡ଼ିଆ, ଦହି ଗୋଳେଇ ବଡ଼ ନାତିକୁ କୋଳରେ ଧରି ଖୁଆଇ ଦେଉଥାଏ ଓ ଅନ୍ୟ ହାତରେ ପଙ୍ଖା କରୁଥାଏ । ମଝିରେ ମଝିରେ କହୁଥାଏ, ଜଳଖିଆ ଖାଇ ତୁମେ ଟିକେ ଆରାମ କଲାବେଳକୁ ରୋଷେଇ ସରିଯିବ ।

ବୋଉ କୋଳରେ ଫୁକୁକୁ ଦେଖି ମନେ ପଡ଼ିଗଲା ମୋ ପିଲାଦିନ । ବୋଉ ଚୁଡ଼ା ଚକଟାରୁ ଅଧେ ତାକୁ ଖୁଆଇ ପାଣି ପିଆଇ ତା ପଣତ କାନିରେ ଫୁକୁର ମୁହଁଟାକୁ ପୋଛି ଦେଲା ବେଳକୁ ଅସୀମା ଧୋ ଧୋ ହୋଇ ଆସି ଗଲେଣି । ଏ ଦୃଶ୍ୟ ଦେଖି ଚିହିଙ୍କି ଉଠି କହିଲେ- ‘‘ଏ କଣ କଲ ବୋଉ, ଏବେ ପରା ଫୁକୁ ଟାଇଫଏଡ଼ରୁ ଉଠିଛି । ତାକୁ ଏମିତି ଅସନା ଲୁଗାରେ ପୋଛିଦେଲେ, ଯଦି ଇନ୍‌ଫେକ୍‌ସନ ହୁଏ, କିଏ ବୁଝିବ ? ଏଠି ଡାକ୍ତର ନା ହସପିଟାଲ । କଣ ଅଛି ?’’

ନା... ମ... ବୋହୂ ମୋ ନାତିର କାହିଁକି କଣ ହେବ- ବୋଉ କହିଲା । ମୋ ଦେହରେ ଯେମିତି କରେଣ୍ଟ ଲାଗିଗଲା ଅସୀମାର କଥା ଶୁଣି । ଆଜୀବନ ଭୁବନେଶ୍ୱରରେ ରହି ବାଣୀବିହାର ଯାଏ ପାଠ ପଢ଼ିଥିବା ଅସୀମା କେମିତି ବା ଜାଣିବ ପଣତ କାନିର ମହତ୍ତ୍ୱ ! ଯିଏ ଦିନରାତି ଚବିଶ ଘଣ୍ଟା ଶାଢ଼ି ବଦଳରେ ନାଇଟ (ଆଲଖାଲା) ପିନ୍ଧିଥାଏ, ସେ କେମିତି ଅନୁଭବ କରିବ ପଣତର ବାସ୍ନା । ଗୋଟେ ଛଳନାର ମୁଖା ଭିତରେ ବଞ୍ଚିଥାଆନ୍ତି ଏମାନେ ।

ମୁଁ ଆସିବାର ଖବର ପାଇ ଗାଁର ହରି କକେଇ ଓ ନୁରି ଜେଜେ ଦାଣ୍ଡ ପାହାଚରେ ବସି ଡାକୁଛନ୍ତି, ଏ ବର୍ଷର ଅଂଶୁଘାତ ସେ ପୋଖରନରେ ବୋମା ପରୀକ୍ଷା ଯୋଗୁ ହୋଇଛି ବୋଲି ସେମାନଙ୍କର ମତ । ତେବେ ନୁରୁ ଜେଜେ ମାଳିକାରେ ଏହା ଲେଖାଅଛି କହି ସମସ୍ତଙ୍କୁ ଘାବରେଇ ଦେଉଛନ୍ତି । ମୁଁ ଯେହେତୁ ସହରରୁ ଖୋଦ୍ ରାଜଧାନୀରୁ ଯାଇଛି, ତେଣୁ ଠିକ୍ କଥାଟି ମୋଠୁ ଶୁଣିବାକୁ ସମସ୍ତେ ବ୍ୟଗ୍ର । ମୁଁ ଟିକେ ତରତର ହୋଇ ଉଠିଲା ବେଳକୁ ବୋଉ କହିଲା- ‘ନାରେ, କଣ ଦିଟା କାନ୍ତର ଖାଇ ଦେଇ ଯାଆ ।’ ମୁଁ ମନା କରିବା ସତ୍ତ୍ୱେ, ତୁ କାହିଁକି ହାତ ହେବୁ କହି ସେମିତି ଠିଆରେ ଠିଆରେ ଫୁକୁର ବଳକା ଚୁଡ଼ାରୁ ଦୁଇ ଥର ମୋ ପାଟିରେ ଦେଇଦେଲାଣି । ମୁଁ ଯିବା ବେଳକୁ ବୋଉ ପାଣି ଗ୍ଲାସଟାଏ ପିଆଇ ଦେଇ ସଙ୍ଗେ ସଙ୍ଗେ ତା ପଣତ କାନିରେ ପୋଛି ଆଣିଲା ମୋ ମୁହଁଟା । ମୋ ଝିଅ ସାନୁ ମଝି ଅଗଣାରେ ଠିଆ ହୋଇ କିରିକିରି ହସୁଥିଲା- ତା ବାପାଙ୍କର ପିଲାପଣ ଦେଖି ।

ପ୍ରଥମେ ପ୍ରଥମେ ଖରାପ ଲାଗୁଥିବା ଗାଁ ପରିବେଶ କ୍ରମେ ସମସ୍ତଙ୍କୁ ଭଲ ଲାଗିଲା । ଗାଁର ଖୋଲା ପବନ, ଜହ୍ନରାତି, ଗାଁ ମନ୍ଦିର, ରଜଦୋଳି, ହୋଲି, ଦୋଳ, ବୋଉର

Source: Author, Digitized by PPRACHIN, SOA

ଓଲିଆଗଲା ମୁଗଡାଲି, ବାଡ଼ି ପୋଖରୀର ମାଛ ବେସର, ମୁଗୁରି, ମଣ୍ଡା, ଆରିଷା, ଛେନା, ଦହି, କାଂଜି, ଆମ୍ବୁଲ ରାଇ ପ୍ରଭୃତି ଏତେ ସ୍ୱାଦିଷ୍ଟ ଲାଗିଲା ଯେ, ସହରକୁ ଫେରିବାର କେହି ନାଁ ଧରିଲେନି । ମୋ ଝିଅ କହିଲା- ମୁଁ ଏଇଠି ରହି ପଢ଼ିବି । ଅସୀମା ନିଜକୁ ଦୋଷୀ ଦୋଷୀ ମନେ କରୁଥିଲେ, ଆସିବା ବେଳର ମନୋଭାବକୁ ନେଇ ।

ତେବେ ପିଲାମାନଙ୍କର ପଢ଼ାପଢ଼ି ଯୋଗୁ ଆମେ ପୁଣି ଫେରି ଆସିଲୁ ଏଇ ଗୋଲାମ ନଗରୀକୁ । ଆସିବା ପରେ ଜାଣିଲି ଆମ ମ୍ୟାନେଜରଙ୍କ ଝିଅ ବାହାଘର । ମଝିରେ ଆଠଦିନ ବାକି । ଦିନକ ଆଗରୁ ଯିବାକୁ ତାଙ୍କ ସ୍ତ୍ରୀଙ୍କ ଅନୁରୋଧ । ହେଲେ ବହୁ ଚେଷ୍ଟା କରି ଯାଇ ନ ପାରି ବାହାଘର ଦିନ ଶୀଘ୍ର ଯିବା ନିହାତି ଦରକାର । ଅସୀମା ଓ ଫୁଲୁ ବାହାରି ପଡ଼ିଲେଣି । ଏକ ହାଲ୍‌କା ରଙ୍ଗର ପାଟ ପିନ୍ଧିଛନ୍ତି ଅସୀମା । ତାଙ୍କର ବେଶ ପରିପାଟୀ ଦେଖିଲେ ମନେହେଉଛି, ସଦ୍ୟ ବାଣୀବିହାରୁ ଆସିବା ପରି । ଅନେକ ସମୟ ଧରି ବୋଧେ ନିଜକୁ ସଜେଇଛନ୍ତି । ଏତିକି ବେଳକୁ ଏବେ କେଜି ୱାନ୍‌ରେ ନାମ ଲେଖେଇ ଥିବା ସୁକୁ କୁଆଡ଼େ ଖେଳୁଥିଲା, ଧାଇଁ ଆସି ଅସୀମାଙ୍କ ଓହଳି ପଡ଼ିଥିବା ପଣତ କାନିରେ ମୁହଁଟାକୁ ପୋଛି ପକେଇଲା । ଅସୀମା ଠାଏ କିନା ଚଟକଣିଟାଏ କଷିଦେଲେ ଓ କଞ୍ଚା ଇଂରାଜୀରେ ଗାଳିଦେଇ ମୋ ଆଡ଼କୁ ମୁହଁକରି କହିଲେ "ଦେଖିଲ, ଏ ନାଷ୍ଟି ଟୋକାଟା କଣ କଲା । ଏବେ ଡ୍ରାଏ ୱାସ ହୋଇ ଆସିଥିବା ଶାଢ଼ିଟା ଏକବାର ଅସନା କରିଦେଲା ।"

ମୁଁ କଣ କହିବାକୁ ଯାଉଥିଲି, ଅସୀମା ମୋତେ କିଛି କହିବାକୁ ନଦେଇ କହିଲେ- ତୁମେ ଆଉ ପିଲାଙ୍କୁ ମୁହଁ ଦିଅନା । ଘରୁ ବାହାରିବା ବେଳକୁ ଏମିତି ଏକ ଅଘଟଣ ଯୋଗୁ କିଛି ଭଲ ଲାଗିଲାନି । ମୁଁ କେବଳ ମନେ ମନେ ଭାବୁଥିଲି ଆଧୁନିକ ମମିମାନଙ୍କ କଥା । ଝିଅକୁ ଅପେକ୍ଷା କରି ଏମାନଙ୍କୁ ଆଗ ପଠେଇ ଦେଲି ।

ମନଟା ଆଦୌ ଭଲ ଲାଗିଲାନି । ଖାସ ଅସୀମାଙ୍କର ପିଲାମାନଙ୍କ ଉପରେ ଏପରି ବ୍ୟବହାର ପାଇଁ, ବୋଉକଥା ମନେ ପଡ଼ିଲା ବାରଂବାର । ଆଖି ଛଳ ଛଳ ହୋଇଗଲା, କାନ୍ଥରେ ଟଙ୍ଗା ହୋଇଥିବା ପରିବାର କଲ୍ୟାଣ ବିଭାଗର କ୍ୟାଲେଣ୍ଡରଟିକୁ ମୁଁ ଏକ ଲୟରେ ଚାହିଁଥିଲି । ଛବିରେ ମାଆଟି ତାର କୁନି ପିଲାଟିକୁ ପଣତ କାନିରେ ସମସ୍ତଙ୍କ ନଜର ଉହାଡ଼କରି କ୍ଷୀର ଖାଇବାକୁ ଦେଉଛି । ମାଆ ଓଠରେ ଖୁସିର କ୍ଷୀଣ ରେଖାଟିଏ ଖେଳି ଯାଇଛି । ଏତିକି ବେଳକୁ ସାନୁ କଲେଜରୁ ଫେରି ମୁଁ ନୀରବରେ ବସିଥିବାର ଦେଖି କହିଲା- କଣ ହୋଇଛି, ବାବା । ତୁମେ କାନ୍ଦୁଥିଲ କି ?

ମୁଁ କହିଲି, ନା'ରେ ମାଆ, କାନ୍ଦିବି କାହିଁକି ?

ମୋ ପାଖକୁ ଲାଗିଆସି ତା ଚୁନୀଟିକୁ ମୋ ଝାଲୁଆ ମୁହଁରେ ବୁଲେଇ ଆଣି କହିଲା- ଏଇ ସଙ୍ଗେ ସଙ୍ଗେ ମୁଁ ବାହାରି ପଡୁଛି ।

ଏଇ ବେଳେ ମୋର କାହିଁକି ମନେହେଲା, କାହିଁ କେତେ ଦୂରରୁ ମୋ ବୋଉର ପଣତ କାନି ଯେମିତି ଲମ୍ବି ଆସିଛି ଏପର୍ଯ୍ୟନ୍ତ । ମୋ ବୋଉର ପଣତ କାନିର ବାସ୍ନା ମୋ ଝିଅର ଚୁନୀର ବାସ୍ନା ପ୍ରାୟତଃ ଏକା ପରି ଲାଗୁଥିଲା ।

■ ■ ■

Source: Author, Digitized by PPRACHIN, SOA

ସ୍ୱପ୍ନ ଭାଂଗିବାର ବେଳ



ଦୁଇଦିନ ପୂର୍ବରୁ ଶୁଭଙ୍କର ମାନସିକ ପ୍ରସ୍ତୁତି ହୋଇସାରିଥିବ । କେମିତି ପହଞ୍ଚିବ ସେଇ କୁନି ସହରରେ । କେଉଁ ସମୟରେ ପହଞ୍ଚିବ । ପହଞ୍ଚି ପହଞ୍ଚି କଣ କରିବ । ତାକୁ କୋଳେଇ ନେଇ ଚୁମାଟିଏ ଆଙ୍କିଦେବ ତା ଚିବୁକରେ । ନା ତାକୁ ଶୂନ୍ୟେ ଶୂନ୍ୟେ ଉଠେଇ ନେଇ ଶୋଫାରେ ବସେଇ ଆସିଥିବା ଦୂରଯାତ୍ରାର ଧାରାବିବରଣୀ ଶୁଣେଇବ । ଅଥବା ଚା କରିବାକୁ କହିବ । ଚା କରୁ କରୁ ନିଜେ ଡ୍ରେସ୍ ପାଲଟିବ । ଝାଳୁଆ ଝାଳୁଆ ବାସୁଥିଲେ ବି ସେ ଚା କରିବା ସମୟରେ ହିଁ ତାକୁ କୋଳେଇ ନେଇ ଏକା ନିଃଶ୍ୱାସରେ କେତେ ଦିନର ଷ୍ଟକ୍ ଥିବା ସବୁ ଖୁଚୁରା ଗପ କହିଯିବ । କିଂବା ଶୀତକୁ ସାମ୍ନାକରି ଶୋଇଯିବ ରେଜେଇ ଭିତରେ । ଏମିତି କେତେ କଣ ସବୁ ଭାବୁ ଭାବୁ ଶୁଭଙ୍କର ପହଞ୍ଚିଯିବ ଶ୍ରାବଣୀର ପାଖ ସହରରେ ଓ ସେଇଠୁ ଅଳ୍ପ ରାସ୍ତା ମାତ୍ର ଦଶକିଲୋମିଟର ପାଇଁ ତାକୁ ବସ ବଦଳେଇବାକୁ ପଡ଼ିବ ।

ରାତିର ନିର୍ଜନତା ଭାଂଗି ଗୋଟେ ବିକଟାଳ ଶବ୍ଦକରି ଠିକ୍ ରାତି ଦୁଇଟାରେ ପହଞ୍ଚିବ ବସଟା । ବସରୁ ଏକା ଓହ୍ଲେଇବ ଶୁଭଙ୍କର । ସହଯାତ୍ରୀ ଏ ଷ୍ଟେସନରେ କେହି ନ ଥିବେ । ସେ ଏକା । ଚାରିଆଡ଼କୁ ଚାହିଁବ । ଦୁଇ ଚାରିଟା ବୁଲା କୁକୁର ବ୍ୟତୀତ କେହି କୁଆଡ଼େ ନଥିବେ । ଶୁଭଙ୍କର ଆଟାଚଟା ଧରି ଏପଟ ସେପଟ ହେବ । କେଉଁଠି ଟିକେ ଥାନ ପାଇବନି ବସିବାକୁ । ରାସ୍ତାଟା ଉପରେ ଠିକ୍ ଲାଇଟପୋଷ୍ଟ ପାଖେ ଛିଡ଼ା ହୋଇଯିବ ଶୁଭଙ୍କର ସମାନ ଦୁଇ ଘଣ୍ଟା । ଏତେ ଦୂରରୁ ଏତେ ନିକଟକୁ ଆସିବ ସେ ଶ୍ରାବଣୀ ନିକଟରେ ପହଞ୍ଚି ପାରୁନଥିବା ଦୁଃଖରେ ସାଙ୍କୁରି ଯାଉଥିବ । ସେତିକି ବେଳକୁ ଆସିବ ବାୟାଣୀଟେ । ତା ଛାତିରେ ଲୁଗା ନଥିବ । ମନକୁ ମନ କଣ ଭୁଟୁ ଭୁଟୁ ହେଉଥିବ ।

Source: Author, Digitized by PPRACHIN, SOA

ବାୟାଣୀଟା ହେଲେ ବି ରାତିର ନିର୍ଜ୍ଜନତା ଖାଁ ଖାଁ କଟେଇବାକୁ ତାକୁ ଗୋଟେ ସାଥୀ ମିଳିଗଲା ବୋଲି ମନେ କରିବ । ବାୟାଣୀଟା ଆସିଯିବା ପରେ ତାକୁ ଆଉ ଭୟ ଲାଗୁନଥିବ । ଶୀତ ବି ଲାଗୁନଥିବ । କନକନ ଶୀତରେ ଗୋଟେ ହାପ୍ ସୁଏଟରରେ ଚଳେଇ ନେଉଥିବ ଶ୍ରାବଣୀର ଭାବନାର ଉଷୁମରେ । ଦୀର୍ଘ ଦୁଇଘଣ୍ଟା ଏକା ଏକା ଛିଡ଼ାହେବା ପରେ ଆସିବ । ନାଁ ତାର ହ୍ୱାଇଟ ହର୍ଷ । ଶୁଭଙ୍କର ତରତର ହୋଇ ବସକୁ ଉଠିବ । ବସ୍ ଶୀଘ୍ର ଛାଡୁଥିଲେ ବି ତାକୁ ବିରକ୍ତ ବିରକ୍ତ ଲାଗୁଥିବ । ହାତଘଣ୍ଟାକୁ ବାରଂବାର ଚାହୁଁଥିବ । ତାପରେ ବସ ଯାତ୍ରୀ ଅପେକ୍ଷାରେ ମନ୍ଥର ଗତିରେ ଚାଲିବ ଯେ ସେ ବିରକ୍ତ ହୋଇଯାଉଥିବ ଓ ରାତି ଜାଂଗୁଲୁ ଜାଂଗୁଲୁ ହେଲା ବେଳକୁ ଶୁଭଙ୍କର ଓହ୍ଲେଇ ପଡ଼ିବ ଶ୍ରାବଣୀ ସହରରେ । ସହର ସାରା ଚାରିଆଡ଼େ କୁହୁଡ଼ି ଜମିଯାଇଥିବ ଯେ ସାମ୍ନା ଦେଖା ଯାଉନଥିବ । ଶୁଭଙ୍କର କିଂତୁ ତଗତଗ ହୋଇ ଧପାଲିବ ସେଇ ଜାକସାରିଆ ଗଳି ରାସ୍ତାରେ । ଗଳିମୁଣ୍ଡରେ ଦୁଇ ଚାରିଜଣ ନୂଆ ଭୂଆସୁଣୀ ନଳକୂଅ ପାଖରେ ଜମିଥିବେ । ଜଣେ ଦୁଇଜଣ ଗୁଡ଼ାଖୁ ଘଷୁଥିବାବେଳେ ଅନ୍ୟ ଦୁଇଜଣ ଦେହରୁ ବ୍ଲାଉଜ ଖୋଲି ପାଣି ଢାଳି ଛୋଟ ଟାଓ୍ୱାଲରେ ଦେହ ରଗଡୁ ରଗଡୁ ଶୁଭଙ୍କରକୁ ଏ ଅବସ୍ଥାରେ ଦେଖି ପରସ୍ପର ଠରାଠରି ହେଉଥିବେ । ଏବଂ ଜଣେ ସମସ୍ତଙ୍କୁ ହାତ ଦେଖାଇ କହୁଥିବ, ‘‘ଆହା ବିଚାରା ଟୋକାଟା । ନୂଆ ବାହା ହୋଇଛି । କିଂବା କେଉଁ କୁଆଁରୀ ପ୍ରେମରେ ଉବୁଟୁବୁ ହୋଇ ଧାଇଁଛି ନିଶ୍ଚୟ ।’’ ଶୁଭଙ୍କରକୁ କୌଣସି କଥା ଶୁଣା ଯାଉନଥିଲେ ବି ଏ ସବୁ ସେ ଅନୁମାନ କରି ପାରୁଥିବ ।

ଶେଷଗଳିର ଶେଷ ମୁଣ୍ଡଯାଏ ଯିବା ପରେ ବି ଶ୍ରାବଣୀର ଘର ଦିଶୁନଥିବ । ସେତେ ବେଳକୁ ଶେଷଜହ୍ନର ଶୀତଳ କିରଣ ସମସ୍ତଙ୍କୁ ଛୁଇଁ ଅସ୍ତ ହେବାକୁ ସଜବାଜ ହେଉଥିବ । ବୁଢ଼ାଟାଏ ମନବୋଧ ଚଉତିଶା ପାକୁଆ ପାଟିରେ ଗାଉଥିବ ଏବଂ ସେଥିରୁ ଅଧେ ବୁଝି ହେଉନଥିବ । ଶୁଭଙ୍କର ଅଣନିଃଶ୍ୱାସୀ ହୋଇ ଏକରକମର ଧାଇଁବା ପରି ଚାଲୁଥିବ । ଶ୍ରାବଣୀ ଘରର ପାଖ ପଡୋଶୀ ସମସ୍ତଙ୍କ ଘର ସାମ୍ନା ଏକାପରି ଦେଖା ଯାଉଥିବ ଏବଂ ଶୁଭଙ୍କର ଦ୍ୱଂଦରେ ପଡ଼ି ଗ୍ରିଲରେ ନକ୍ କରୁ କରୁ ହଠାତ୍ ଘର ଭିତର ଲାଇଟ ଜଳିଉଠିବ ଓ ଶ୍ରାବଣୀ ଯାଉଛି ଯାଉଛି କହି ଗେଟ ଗ୍ରୀଲର ଚାବି ଖୋଲିବ । ଶୁଭଙ୍କରର ମନେ ହେବ, ତା ପରି ଶ୍ରାବଣୀ ବି ସାରା ରାତି ଶୋଇନି ଅପେକ୍ଷାରେ । ପଚାରିଲେ ଶ୍ରାବଣୀ କହିବ, ‘‘ଅପେକ୍ଷାର ଫଳ ପରା ମିଠା’’ ?

ଶୁଭଙ୍କର ଡ୍ରେସ ଖୋଲୁ ଖୋଲୁ ଶ୍ରାବଣୀ କହିବ, ‘‘ଚା କରିଦେବି ?’’

ଶୁଭଙ୍କର କହିବ ‘ନା’ ।

ରାତି ସରିସରି ଆସୁଛି ପରା । ଶୁଭଙ୍କର ଦେଖିଥିବା ସବୁ ସ୍ୱପ୍ନ ସକାଳ ପାହିଲା ବେଳକୁ ଉଭେଇଯିବ ମନେକରି ଆଉ ସମୟ ନଷ୍ଟ କରିବନି । ଧୋଇ ଧାଇ ହେବା ବେଳକୁ ଶ୍ରାବଣୀ ସିଙ୍ଗିଲ ଶେଯକୁ ଡବଲ କରିଦେଇ ଥିବ । ଏଥର ଚୁପ୍‌ଚାପ ଶୁଭଙ୍କର ଶୋଇଯିବ ଶ୍ରାବଣୀ କୋଳରେ ଓ କିଛି ସମୟ ପରେ ନାଇଟ ଗାଉନ ଭିତରେ ଦେଖାଯାଉଥିବା ବ୍ର’ର ଷ୍ଟ୍ରାପ୍ ଖୋଲିଦେବ । ସେଇଠୁ ଆକାଶରେ ଅନେକ ସ୍ୱପ୍ନର ରଂଗିନ ବେଲୁନ୍

Source: Author, Digitized by PPRACHIN, SOA

ଉଡ଼ିବୁଲିବ । ଶ୍ରାବଣୀ କହିବ, ''ଏତେ ଦିନ୍‌ଯାଏ କାହିଁକି ଆସୁନଥିଲ ଯେ ? ଦେହମନ ମୋର ଭାରି ଭାରି ଲାଗୁଥିଲା ।''

ସବୁରାତି ପାହିଲେ ସକାଳ । ଶ୍ରାବଣୀ କାନପାତି ଶୁଣିବ ଏଇବେଳେ ପାଣିବାଲୀ ଜୟନ୍ତୀ କବାଟରେ ଠକ୍ ଠକ୍ କରୁଛି । ନିଜକୁ ଚଟାପଟ ସଜାଡ଼ି ନେଇ କବାଟ ଖୋଲିବ । ଜୟନ୍ତୀ ସେଇବାଟେ ଯାଉ ଯାଉ ଥରେ ଲୋଚାକୋଚା ଶେଯକୁ, ତକିଆ ପାଖରେ ଥିବା ଚୂଡ଼ି ଚେନ୍ ଓ ଶୁଭଙ୍କରକୁ ଚାହିଁବ । ମୁରୁକି ମୁରୁକି ହସିବ ଏବଂ ସବୁ ବୁଝିଯିବା ଭଂଗୀରେ ପଚାରିବ, ''ମାଡ଼ାମ୍- ବାବୁ କେତେବେଳେ ଆଇଲେ ?''

ଶ୍ରାବଣୀ ନିଜକୁ ଧରାନପକାଇବା ସୂତ୍ରରେ କହିବ, ''ଏଇତ ପାହାନ୍ତା ବସ୍‌ରେ ।''

ସେଇଠୁ ଶ୍ରାବଣୀ ଆଉ ଶୁଭଙ୍କର ପାଖକୁ ଆସିବନି । ଚା କରି ସାରିବା ପରେ ଜୟନ୍ତୀର ମନ ନେବାକୁ କପେ ଚା ପଢ଼େଇ ଦେବ ଓ ଜୟନ୍ତୀ ଏଇ ମଉକାରେ ତାର ଅତୀତର ଫର୍ଦ୍ଦ ଖୋଲିବ । ''ବୁଝିଲନା ମାଡ଼ାମ, ବାହାହେବାର ଛଅମାସ ପରେ ଗେରସ୍ତ ସେ କାଳୀବୋଲି ତାକୁ ଛାଡ଼ିଦେଇ ଆଗରୁ ଭାବ ଥିବା ଗୋଟେ ଛୋଟ ଜାତିର ଗୋରୀ ଝିଅ ସଂଗେ ସହର ପଳେଇଲା । ତାକୁ ଆଉ ପଚାରୁନି । ଯାଇଛି ଯେ ଯାଇଛି । ଏମିତି ଏଠି ସେଠି ବାରପାଇଟି କରି ଚଳୁଛି । ତେବେ ମାଡ଼ାମ, କାଳୀଝିଅ କଣ ବାହାହେଉ ନାହାଁନ୍ତି । ଝିଅ କାଳୀ ହେଲା ବୋଲି କଣ ଝିଅର ଦୋଷ ?'' ପାଣିବାଲୀ ଜୟନ୍ତୀଠୁ ଏତେ କଥା ଶୁଣିବାର ଇଚ୍ଛାନଥିଲେ ବି ଶ୍ରାବଣୀ ବାଧ ବାଧକତାରେ ଶୁଣିବ । ଏକଥା ଯେ ଶୁଭଙ୍କରଙ୍କୁ ଦେଖି କହୁଛି ଶ୍ରାବଣୀକୁ ଅବୁଝା ରହିବନି । ଶୁଭଙ୍କର ଶୋଇବାର ଛଳନା କରୁ କରୁ ପୁନଃ ଶୋଇଯିବ । ନିଦ ପାକଳ ହେବା ପୂର୍ବରୁ ଶ୍ରାବଣୀ ବେଡ୍‌ଟି କପେଧରି ଶୁଭଙ୍କର ଗାଲରେ ଚୁମାଟିଏ ଦେବ ଓ ଚା ପକ୍‌ଟା ଧରେଇ ଦେବ । ଅଳସ ଭାଂଗୁ ଭାଂଗୁ ଶୁଭଙ୍କର ଶ୍ରାବଣୀ ବେକରେ ଝୁଲି ପଡ଼ିବା ପୂର୍ବରୁ ସେ ''ହେ ଜୟନ୍ତୀ ଆସିଲାଣି'' କହି ଧାଇଁ ପଳେଇବ ।

କେଉଁ ଦୂର ଅତୀତରେ ଏମିତି ଯାହା ହଜେଇ ଦେଇଥିଲା ଶୁଭଙ୍କର ସେ ସବୁ ମିଳିଯାଇଛି ବୋଲି ସେ ମନେ କରିବ । ଏବଂ ବର୍ତ୍ତମାନକୁ ନେଇ ଖୁସିରେ ଅନେକ ସ୍ୱପ୍ନରେ ହଜିଯିବ । ଅସୁମାରି ସ୍ୱପ୍ନର ସହରରେ ନିଜକୁ ହଜଉ ହଜଉ ପୁନଃ ଆଶ୍ଚର୍ଯ୍ୟ ହେବ । ଏମିତି ଗୋଟାଏ ନିଷ୍ଠୁର ସତ୍ୟ ସଂପର୍କ ଛଡ଼ା ସେ ପ୍ରେମିକଟିଏ ହୋଇଯାଇଛି । ତାକୁ ନେଇ ଏମିତି ଅନେକ ଭାବୁ ଭାବୁ ଭାବିବ ଯେ, ସେ ହିଁ ଏକା ତାକୁ ଭଲ ପାଇବ ଯେମିତି ପୃଥିବୀରେ ଆଉ କେହି ତାକୁ ଶୁଭଙ୍କର ପରି ଭଲ ପାଇବେନି । ତାକୁ ନେଇ ସ୍ୱପ୍ନର ଏକ ଲଂବା ଫର୍ଦ୍ଦ ତିଆରି କରିପକେଇବ, ଠିକ୍ ଏତିକିବେଳେ ଦେହରେ ଓଦାଲୁଗା ଜଡ଼େଇ ଶ୍ରାବଣୀ ଆସିବ ଏବଂ ବଖୁରିଆ ଘର ଯୋଗୁ ଶୁଭଙ୍କରକୁ ରାଣ ପକେଇ କହିବ ''ଆଖି ବଂଦ କର । ମୁଁ ନ କହିବା ଯାଏ ଖୋଲିବନି ।''

ସୁନାପିଲାଟିଏ ପରି ଶୁଭଙ୍କର ବଂଦ ଆଖି ସାମ୍ନାରେ ଶ୍ରାବଣୀ ଲୁଗା ପାଲଟିବ ଏବଂ ତାପରେ ଠାକୁରଙ୍କୁ ଧୂପ ଦେଇ ଗୋଟେ ଜବରଦସ୍ତ ଜଳଖିଆ ପର୍ବ ଆରମ୍ଭ ହେବ । ଶ୍ରାବଣୀ ବଳେଇ ବଳେଇ ସବୁ ଖୁଆଇ ଦେବ ଏବଂ ଦୁହେଁ ଗପରେ ମାଡ଼ିଯିବେ ।

Source: Author, Digitized by PPRACHIN, SOA

ପଡ଼ିଶାଘର ମାଆ ଆସିବେ । କହିବେ, ''ଆଲୋ ଝିଅ ରୋଷେଇ କେତେବେଳେ କରିବୁ । ବାବୁ ଖାଇବେ କେତେବେଳେ ? ବେଳ ଆସି କେତେ ହେଲାଣି ଜାଣିଛୁ ?''

ଶ୍ରାବଣୀ କାମର ବାହାନା ଦେଖେଇ ଏଥର ଉଠିବ ଏବଂ ରୋଷେଇର ଉପକ୍ରମ ଆରଂଭ ହେବ । ଶୁଭଙ୍କର ଏକା ଏକା ବସି ବୋର ହେବା ଅପେକ୍ଷା ଶ୍ରାବଣୀକୁ ରୋଷେଇରେ ସାହାଯ୍ୟ କରିବ । ଶ୍ରାବଣୀ ମନେ ମନେ ଏୟା ଚାହୁଁଥିବ । ଦ୍ୱିପ୍ରହର ଖାଇବା ସରିବା ବେଳକୁ ପ୍ଲସ୍‌ଟୁର ଦୁଇ ତିନିଟା ଝିଅ ଆସିଯିବେ ନୋଟ୍ ଲେଖିବାକୁ । ଶ୍ରାବଣୀ ମନେ ମନେ ଗରଗର ହୋଇ ତାଙ୍କୁ ବିଦା କରିବା ବେଳକୁ ଘର ସାମ୍ନାରେ ଟିଂଟିଂ ବାଲା ଆସିବ । ଶ୍ରାବଣୀ କାଳ ବିଳମ୍ବ ନକରି ଦୁଇଟା ମଲେଇ ନେଇ ଆସିବ । ସମୟଟା ଏତେ ଛୋଟ ହୋଇ ଯାଉଥିବ ଯେ ଜଣାପଡୁ ନଥିବ । ଆଲବମ୍‌ରୁ ଫଟୋ ଦେଖୁ ଦେଖୁ ସଂଜ ନଇଁ ଆସିବ ।

ପାନଦୋକାନୀ ଟେପରେ ଅଶ୍ଳୀଳ ଗୀତର କ୍ୟାସେଟ୍ ଫୁଲ୍ ଭଲ୍ୟୁମ ଦେଇ ଏମିତି ବଜେଇବ ଯେ ଶୁଭଙ୍କର ଅଣନିଃଶ୍ୱାସୀ ହୋଇଯିବ । ନିଜ କଥା ନିଜକୁ ଶୁଭିବନି । ଏଇବେଳେ କୁନି ଝିଅଟିଏ ଆସି ଏବଂ ଶ୍ରାବଣୀକୁ କହିବ, ତୁମର ଫୋନ ଆସିଛି । ଶ୍ରାବଣୀ ଏଇ ସଂଗେ ସଂଗେ ଆସୁଛି କହି ପଳେଇବ କୁନିଝିଅ ଘରକୁ । ଶୁଭଙ୍କର ଏକା ହୋଇଯିବ । ଏଇବେଳେ ପାଣିବାଲୀ ଜୟନ୍ତୀ ଆସିବ ଓ ଶୁଭଙ୍କରକୁ ଦେଖି ଲାଜେଇ ହସିବ ଏବଂ କଥା ହେବା ବାହାନାରେ କହିବ, ''ପାଣି ଭରି ଦେଲିଣି । ମାଡ଼ାମ ତ ନାହାଁନ୍ତି । କ୍ଷୋଭ ଲଗେଇ ଚା'କରି ଦେବିକି ?'' ଶୁଭଙ୍କରର ଅନିଚ୍ଛା ସତ୍ତ୍ୱେ ତାକୁ ଦେଖିବ ଏବଂ ପଢ଼ିବ ତା ଆଖିର ଅସୁମାରି ଅନେକ ସ୍ୱପ୍ନକୁ । ଏଗୁଣ୍ଡି ସେପଟେ ଜୟନ୍ତୀ ଏମିତି ଭଂଗୀରେ ଠିଆ ହୋଇଥିବ ଯେମିତି ତା ଦେହର ଭୂଗୋଳ ପଢ଼ିହୋଇଯିବ । ଶୁଭଙ୍କର ଚା ପାଇଁ ମନା କରିବା ବେଳକୁ ଶ୍ରାବଣୀ ଚାଲି ଆସିବ । ଏତେବେଳେ ଜୟନ୍ତୀର ହସ ହସ ମୁହଁ ଗମ୍ଭୀର ହୋଇଯିବ ଏବଂ ମୁଁ ଯାଉଛି ମାଡ଼ାମ କହି ପଳେଇବ । ଶ୍ରାବଣୀ ଶୁଭଙ୍କରକୁ ପଚାରିବ, ''କଣ କହୁଥିଲା ଜୟନ୍ତୀ ?'' ସେ ଚା'କରିବା କଥା ଶୁଣି କହିବ- 'ଧେତ୍ । ତା ସହିତ ମୋଟେ କଥା ହବନି । ବାଜେ ଚରିତ୍ରର ସ୍ତ୍ରୀ ଲୋକଟା ।' ଶୁଭଙ୍କର ମନେ ମନେ ଭାବିବ-ଶ୍ରାବଣୀ ସଂଦେହ କରୁଛି ନା ଈର୍ଷା । ଯାହା ହେଲେ ବି ଭଲପାଇବାର ଲକ୍ଷଣ ଇଏ ।

ପାନ ଦୋକାନୀର ସବୁ ଲଫଙ୍ଗା ଗୀତର କ୍ୟାସେଟ ସରିଯିବ । ପରିବେଶ ଟିକେ ଶାନ୍ତ ପଡ଼ିଯିବ ଏବଂ ଜଣାପଡ଼ିବ ରାତି ବଢୁଛି । ଶୁଭଙ୍କର କହିବ ରୋଷେଇ ନ କରି ହୋଟେଲରେ ଖାଇନିଅନ୍ତେ । ଶ୍ରାବଣୀ କିନ୍ତୁ ରାଜି ହେବନି । ହାତରେ ରାନ୍ଧି ଖୁଆଇବାରେ ତାର ଆନଂଦ । କହିବ, ''ମୁଁ କିଛି ଖାଇବିନି । ତୁମେ ଥିଲେ ଭୋକ ହୁଏନା । କେବଳ ତୁମ ପାଇଁ କିଛି କରି ଦେଉଛି । ଶୁଭଙ୍କର କହିବ- ଅଳ୍ପକେ ଚଳେଇ ଦେବା । ସମୟ ନଷ୍ଟ କରିବାନି । ଆଜି ରାତିସାରା ଗପିବା । ଶ୍ରାବଣୀ ଅଟା ଦଳିବ । ପରିବା ଟୋକେଇ ଟାଣି ଆଣି ଆଳୁ ଭାଜିବ । ରୁଟି, ଆଳୁ ଭଜା ପରଷି ଦେଉଦେଉ ଶୁଭଙ୍କରକୁ କହିବ, ''କେମିତି ହୋଇଛି ?'' ଶୁଭଙ୍କର ଭଲ ହୋଇଛି କହି ମୁଣ୍ଡହଲେଇବ ଓ ଖଣ୍ଡେ ରୁଟି, ଆଳୁ ଭଜା ଶ୍ରାବଣୀକୁ ଖୁଆଇଦେବ । ଶ୍ରାବଣୀ ପାଟିକୁ ନେଉ ନେଉ କହିବ 'ଏ'ମା' କେମିତି ଖାଉଛ ?

Source: Author, Digitized by PPRACHIN, SOA

ଭଜାଟା ଲୁଣରେ ବିଖଣ୍ଡ । ଧେତ୍ ସବୁ ପରିଶ୍ରମ ବୃଥା ହୋଇଗଲା ।’ ଆଉ କିଛି କରିବାକୁ ଶୁଭଙ୍କର ମନା କରୁକରୁ ଶ୍ରାବଣୀ କହିବ, ‘‘ଆଚ୍ଛା ଠିକ୍ ଅଛି ଅମୁଲ କ୍ଷୀର କରି ଦେଉଛି । ଯାହା କଲେ ବି ଏଇବେଳେ ଶ୍ରାବଣୀର ସବୁ ଭୁଲ ହୋଇଯାଉଥିବ । କ୍ଷୀରରେ ଅଧିକ ଚିନି ପଡ଼ିଯାଇଥିବ । ସତେ ଯେମିତି ତଣ୍ଟି ଛିଣ୍ଡିଯିବ । ଶ୍ରାବଣୀ ଜାଣିବାପରେ ମନଦୁଃଖ କରିବ । ଶୁଭଙ୍କର କହିବ, ‘‘ପ୍ରେମରେ ପଡ଼ିଲେ ଏମିତି ହୁଏ ।’’ ଉଭୟ ଉଭୟଙ୍କୁ ସବୁ ଭଲ ଲାଗିବ ।

ଶୁଭଙ୍କର ଅଂଧାରକୁ ଭଲ ପାଏ ବୋଲି ଶ୍ରାବଣୀ ସବୁ ଲାଇଟ ଅଫକରି ଦେବ । ହେଲେ ଅଂଧାରର ସୁଯୋଗ ନେଇ ମୂଷାମାନଙ୍କ ପ୍ରାଦୁର୍ଭାବ ବଢ଼ିଯିବ । ଶ୍ରାବଣୀ ପନିକି, ବେଲଣାପଟା ଇତ୍ୟାଦି କବାଟ ଫାଙ୍କରେ ଦେଇ ସେମାନଙ୍କ ଆସିବା ବାଟକୁ ସିଲ୍ କରିଦେବ ଏବଂ ସେଇଠୁ ଆରମ୍ଭ ହେବ ସବୁ ଗପର ଖିଅ । ଗପ ଆରମ୍ଭ ହେବ ସେଇ ନୁଙ୍ଗୁରା ଅଧ୍ୟାପକଠୁ ମୋଟୀ ଦିଦି ପୁଣି ଗୋପାଳପୁର ସମୁଦ୍ରବେଳାରୁ ଭାଉଜ ଓ ‘ପ’ ଭାଇନାଙ୍କ ପର୍ଯ୍ୟଂତ । ଶୁଭଙ୍କର ଶୁଣୁ ଶୁଣୁ ନଟଖଟ ଆରମ୍ଭ କରିଦେବ ଏବଂ ଶ୍ରାବଣୀକୁ ପ୍ରଶ୍ନଟିଏ ପଚାରିବ ? ଅତୀତ ସଂପର୍କରେ କିଛି କୁହ ? ? ଯଦିଓ ମୁଁ ଜାଣେ କୌଣସି ନାରୀ କେବେ ସତ କହି ବଂଚି ପାରେନା କାରଣ କୌଣସି ପୁରୁଷର ସେଇ ସତ୍ୟକୁ ସାମ୍ନା କରିବାର ସତ୍ ସାହସ ନାହିଁ । ତଥାପି ସେ ସତ୍ୟକୁ ସାମ୍ନାକରିବାକୁ ପ୍ରତିଶ୍ରୁତି ଦେଉଛି । ସବୁ ସତ୍ୟକୁ ସାମ୍ନା କରିବାର ସାହସ ମୋର ଅଛି । ଶ୍ରାବଣୀ କହିଲା, ‘‘ନା ଯେମିତି କିଛି ନାହିଁ ଯାହା ତୁମକୁ ଅଛପା ଅଛି ଏ ଯାବତ୍ ।’’ ତଥାପି କଥା ସରିବନି, କିଂତୁ ରାତି ସରିଯିବ । ଶୁଭଙ୍କରକୁ ସକାଳ ବସରେ ଫେରିବାକୁ ପଡ଼ିବ । ଶ୍ରାବଣୀ କହିବ, ‘‘ଦେଖ, ସବୁଦିନ ଫୋନ କରିବ । ଦିନଟିଏ ଯେମିତି ବାଦ୍ ନଯାଏ । ଶୁଭଙ୍କରର ଦେହରେ କାଖ ତଳେ ପରଫ୍ୟୁମ ସ୍ପ୍ରେ କରୁ କରୁ ଶ୍ରାବଣୀ କହିବ, ‘‘ସାର୍ଟରୁ ଏ ବାସ୍ନା ଚାଲିଗଲା ବେଳକୁ ପୁନଃ ଯେମିତି ତୁମେ ଚାଲି ଆସିବ ।’’

ସକାଳ ବସ ଦ୍ରୁତଗତିରେ ଚାଲିଥିଲା ରାଜଧାନୀ । ହେଲେ ଶୁଭଙ୍କର ଫେରି ପାରୁନଥିଲା ଶ୍ରାବଣୀ ପାଖରୁ । ସବୁ ତାକୁ ଶ୍ରାବଣୀ ଶ୍ରାବଣୀ ଲାଗୁଥିଲା ଏବଂ ସେ ଅନୁଭବ କରୁଥିଲା, ତା ଦେହସାରା ଶ୍ରାବଣୀର ବାସ୍ନା ଲାଗିରହିଛି । ଯେଉଁଠି ହଜେଇ ଥିଲା ସେଇଠୁ ପାଇଥିଲା ସେ ଶ୍ରାବଣୀକୁ । ଶୁଭଙ୍କର ତେଣୁ ଖୁସିରେ ଫାଟିପଡୁଥିଲା । ରୋଜ ଫୋନ୍ କରୁଥିଲା ଶ୍ରାବଣୀ ପାଖକୁ ଓ ଫ୍ଲାଇଙ୍ଗ କିସ୍‌ଟିଏ ପଠେଇ ଦେଉଥିଲା । ଶ୍ରାବଣୀକୁ ନେଇ ସେ ଏମିତି ମଜ୍ଜିଯାଇ ଥିଲା ଯେ, ତାକୁ କେଉଁ ସମୟରେ କଣ କରିବାକୁ ହେବ ଭୁଲି ଯାଉଥିଲା । ସେ ବୁଝି ପାରୁନ ଥିଲା ଶ୍ରାବଣୀ ଜାଲରେ ସେ ଧରାପଡ଼ି ଯାଇଛି ନା ତା ଜାଲରେ ଶ୍ରାବଣୀ । କିଂବା ଉଭୟ ଗୋଟେ ଜାଲରେ ଆପେ ଆପେ ଛଂଦି ହୋଇ ଛଟପଟ ହେଉଛନ୍ତି ।

ସୁଖର ଭରା ନଈରେ ଶ୍ରାବଣୀକୁ ନେଇ ଉବୁଟୁବୁ ହେବାବେଳେ ହଠାତ୍ ଶୁଭଙ୍କରର ମନେ ହେଲା ଶ୍ରାବଣୀ ତାକୁ ମିଛ କହୁଛି । ଭଲପାଇବା ପ୍ରତି ସେତିକି ନିଷ୍ଠା ନାହିଁ କି ଆଗ୍ରହ ନାହିଁ । କେବଳ ଗୋଟେ ଫର୍ମୁଲାରେ ଚାଲିଛି ଭୁଲ୍ ଅଙ୍କର ହିସାବ ପରି । ତା

Source: Author, Digitized by PPRACHIN, SOA

ମନରେ ଉଠିଥିବା ସୁଖର ଘରଟି ଭାଂଗି ପଡ଼ିଲା ଖଂଡ ଖଂଡ ହୋଇ, ଯେତେବେଳେ ସତ କଥାଟି ତା ସାମ୍ନାରେ ଧରାପଡ଼ିଗଲା ।

ଦିନେ ସକାଳୁ ସକାଳୁ ଶ୍ରାବଣୀ ଫୋନ୍‌ରେ କହିଲା- ମୁଁ କାଲି ଗାଁକୁ ଯାଉଛି- ତୁମେ ଫେରିଆସିବା ବେଳେ ଦେଖା ହେବ ।

ଶୁଭଙ୍କର ଖୁସି ହୋଇଗଲା ଏଇଥି ପାଇଁ ଯେ ବହୁଦିନ ପରେ ଦେଖା ହେବ ।

ଶୁଭଙ୍କର ଯେତେବେଳେ ଶ୍ରାବଣୀର ଘରେ ପହଞ୍ଚିଲା ସେତେବେଳକୁ ବୈଶାଖ ଖରାର ଝାଂଜି ପବନ ମରୁଭୂମିର 'ଲୁ' ପରି ମନେ ହେଉଥିଲା । ଚାରିଆଡ଼େ ଗଛ ପତ୍ର ନିସ୍ତେଜ କାକୁସ୍ଥ ପରି ଛିଡ଼ା ହୋଇଥିଲେ । ଡହ ଡହ ଖରାରେ ଦେହ ଯେମିତି ସିଝି ଯାଉଛି । ଶୁଭଙ୍କର ଖରାକୁ ଖାତିର ନକରି ଶ୍ରାବଣୀର ଘରକୁ ଚାଲିଗଲା । କଲିଂ ବେଲରେ ହାତ ମାରିଲା ଏବଂ ହଠାତ୍ ଶ୍ରାବଣୀକୁ ଗୋଟେ ସରପ୍ରାଇଜ ଦେବ ବୋଲି ମନେକଲା । ଘରେ ଅନ୍ୟମାନେ ବୋଧହୁଏ ଖରାବେଳର ନିଦରେ ନିଦେଇ ଯାଇଥିଲେ । ଚାକରାଣୀଟା ଆସି କହିଲା– ''କାଲିଠୁ ସେ ଏରସମା ଗଲେଣି ।'' ଶୁଭଙ୍କରର ପାଦତଳର ମାଟି ଯେମିତି ଖସିଗଲା ଏବଂ ତା ଦେହରେ ଜୀବନ ନଥିବା ପରି ମନେହେଲା । ସେ କଣ କରିବ କିଛି ବୁଝିପାରିଲାନି । ଦୁଇଶହ କିଲୋମିଟରରୁ ଧାଇଁଥିବା ଶୁଭଙ୍କରର ସବୁ ନିଶା ଉତୁରିଗଲା । ସେ ସେଇଠି 'ଥ' ହୋଇ ବସିପଡ଼ିଲା ।

ଶ୍ରାବଣୀ ନିଜେ ଫୋନକରି କହିଥିଲା- ଗାଁରୁ ସଂଧା ବସ୍‌ରେ ଫେରି ଆସିବ । ଅଥଚ ଗାଁକୁ ନଯାଇ ଏମିତି ମିଛ କହିବାର ମାନେ କ'ଣ ? ଶ୍ରାବଣୀ ଜାଣେ-ଶୁଭଙ୍କର ବାରଣ କରୁଛି ସେଇ ସାହିତ୍ୟ ସଭାକୁ ଯିବାପାଇଁ ଏବଂ ଗଲେ ନିଶ୍ଚୟ ତାର ମନକଷ୍ଟ ହେବ । ତଥାପି କେଉଁ ଆକର୍ଷଣରେ ଶୁଭଙ୍କରକୁ ପଛରେ ପକେଇ ଚାଲିଯାଇଛି ଶ୍ରାବଣୀ । କଣ ସାହିତ୍ୟର ଆକର୍ଷଣ ନା' କେଉଁ ଅଜଣା ମନର ? ସେ ବୁଝି ପାରିଲାନି ତାକୁ ଶ୍ରାବଣୀ ମିଛ କହିବାର ମାନେ, ତାକୁ ଏମିତି ନିର୍ଘାତ ଠକିବାର ଅର୍ଥ କଣ ? ଯିଏ ଦିନଟିଏ ଫୋନ୍ ନ ପାଇଲେ ବ୍ୟସ୍ତ ହୋଇ ପଡୁଥିଲା, ସେ ଏମିତି ଛଳନା କଲା କାହିଁକି ? ତାର ଯେମିତି ମନେ ହେଲା, ଗୋଟେ ମିଛ ସଂପର୍କର ବାଲିବନ୍ତରେ ସେ ଠିଆ ହୋଇଛି । ଆସ୍ତେ ଆସ୍ତେ ଗୋଡ଼ ତଳର ବାଲି ଖସି ଯାଉଛି ଓ ସେ ବାଲିର ଗଭୀର ଗର୍ତ୍ତରେ ପଶିଯାଉଛି । ତାର ମନେ ପଡ଼ିଲା ଦିନେ ଶ୍ରାବଣୀକୁ ସେ କହିଥିଲା, 'ମୁଁ ହିଁ ଏକା ଭଲ ପାଇବି ଯେମିତି ପୃଥିବୀରେ କେହି ତୁମକୁ ଏତେ ଭଲ ପାଇବେନି ।'' ତେବେ ତା କଥାଟା ବୋଧେ ଠିକ୍ ନୁହେଁ । କେଉଁ ଅଜଣା ଭଲ ପାଇବାରେ ସେ ମଶ୍‌ଗୁଲ୍ । ଗୋଟେ ଛଳନାର ଚୋରାବାଲିରେ ଶୁଭଙ୍କର । ସେଇଠୁ ସେ ସିଧା ଫେରି ଆସିଲା ଘରକୁ । ସାରା ରାତି ଛଟପଟ ହେଲା । ସେ·ଶୋଇ ପାରିଲାନି । ପ୍ରତିଟି ମୁହୂର୍ତ୍ତରେ ତାକୁ ଦେଖାଗଲା ଶ୍ରାବଣୀ ଯେମିତି ହସୁଛି ଏଇ ରାତିରେ ଆଉ ଗୋଟେ ଶେଯରେ ।

ଶୁଭଙ୍କର ଝର୍କାରେ ଚାହିଁଲି ଆକାଶକୁ । ଶ୍ରାବଣର ଆକାଶରେ ଭସାମେଘ କେମିତି ଧାଇଁଚି ଆଗକୁ ଆଗକୁ...

■ ■ ■

Source: Author, Digitized by PPRACHIN, SOA

ର୍ୟାଲି

ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନରେ ଉଦ୍ଦଣ୍ଡ ନାଚୁଥିବା ଗୋଲିଆ ହଠାତ୍ ସମସ୍ତଙ୍କ ମଝିରେ ଖୁଣ୍ଟଟାଏ ପରି ଠିଆ ହୋଇଗଲା । ଗାଁ ମୁଣ୍ଡ ବରଗଛ ପାଖରେ ଏକାବେଳକେ ଦୁଇ ତିନିଟା ମଟର ଗାଡ଼ି ଦେଖୁ ଦେଖୁ ହାଲ ହୁଲାଳି ପକେଇ ଧାଇଁଲା ଘରକୁ ଓ ଦାଣ୍ଡ ମଝିରୁ ବଡ଼ ପାଟିରେ ଡାକ ଛାଡ଼ିଲା ''ଲୋ ବା'– ବେଏଗି ଧାଇଁଆ । ସେମାନେ ଆଇଲେ ।''

ମଝି ଅଗଣାରେ ପୁଷମାସର ଅଧେ ଖରା ଅଧେ ଛାଇରେ ଚିତ୍ ହୋଇ ଶୋଇଥିବା ମଦନା କିଛି ବୁଝି ପାରିଲାନି । ଗୋଲିଆଟା ହାଉଡ଼ା ନ ହେଲେ ବି ସେମିତିକିଆ ସ୍ୱଭାବ । ତିରିଶ ବର୍ଷର ଯୁଆନ ଟୋକା । ଡଉଲ ଡାଉଲ ଚେହେରା । ଦିଟା ମଣିଷର ଆହାର ଖାଇବ । ହେଲେ ମୁଣ୍ଡରେ ଅକଲ ଟିକେ ନାହିଁ । ତେଣୁ କୋଉ କାମକୁ ନୁହେଁ । ଗୋଟେ ଫମ୍ପା ଢୋଲ । ଯାହାର କେବଳ ଶବ୍ଦ ଅଛି, ମାଧୁର୍ଯ୍ୟ ନାହିଁ ।

ଲଗାତାର ଚାରି ଝିଅ ପରେ ଇଏ । ଗୋଲି ବୋଉ କେତେ ଦିଅଁ ଦେବତା, ଉପାସ, ବ୍ରତ କରିଛି, ତା'ର ହିସାବ ନାହିଁ । ଏବେ ବି ତା' ପାଖରେ ଗୋଲିଆ ପାଞ୍ଚବର୍ଷର କୁନି ପୁଅଟେ । ତା' ବୟସର ପିଲା ବାପକୁ ଅଣ୍ଟେଇ ଦେଲେଣି । ଛୁଆପିଲାର ବାପା ହୋଇ ସଂସାର କଲେଣି । ଅଥଚ ଗୋଲିଆଟା କୋଉ ପାପ କରିଥିଲା ଯେ ଗୋଟେ ମଣିଷ ଘୁଷୁରି ହୋଇ ରହିଗଲା । କେଜାଣି ଠାକୁର ଚାହିଁଲେ ପରିବର୍ତ୍ତନ ହୋଇଯାଆନ୍ତା, ବଂଶ ରକ୍ଷା ହୋଇପାରନ୍ତା ।

ଗୋଲିଆ ଘର ଭିତରକୁ ଆସି ମଦନାକୁ ହଲେଇ ପକେଇ କହିଲା– ''ସେମାନେ ଆଇଛନ୍ତି ଲୋ-ବା' । ଝପ୍ ବାହାରିଆ ଦାଣ୍ଡକୁ । ଦେଖା ହବୁ । ତା ପାଟିରୁ ଏ କଥା ନ ସରୁଣୁ ପୁଣି ଏକା ଡିଆଁରେ ପଳେଇଲା । ଟୋକାଟା ସିନା ସିଆଣା ନୁହେଁ, ହେଲେ ଯୋଉ କାମରେ ଲଗେଇ ଦେବ ଲାଗିଥିବ ନ ସରିବା ଯାଏ । ମେଳା, ମଉଛବ, ବାହା, ପୁଆଣି

Source: Author, Digitized by PPRACHIN, SOA

ଇତ୍ୟାଦିରେ ଯୋଗ ଦେବାକୁ ତା'ର ଭାରି ସଅକ । ସେୟା ହେଲେ, ଭୋକ, ଶୋଷ ସବୁ ଭୁଲି କାମରେ ଲାଗିଥିବ । କେହି ତାକୁ ଡାକନ୍ତୁ ବା ନ ଡାକନ୍ତୁ । ସେ କିନ୍ତୁ ଯିବ ହିଁ ଯିବ ।

କିଛି ସମୟ ପରେ ଗୋଲିଆ ପୁଣି ଚାଲି ଆସିଲା ଏବଂ ମଦନାକୁ କହିଲା ''ଗଲାସନ ଯେମିତି ଆମେ ସବୁ ଗାଡ଼ିରେ ଭୁବନଶର ଯାଇ ନ ଥିଲେ, ଏଥର ସେମିତି ଯିବାକୁ ବାବୁମାନେ ଡାକି ଆଇଛନ୍ତି, ତୁ ବେଏଗି ଚାଲ, ଆମ ନାଁ ନେଖେଇବୁ ।"

ମଦନା ଏଥର କଥାଟା କଣ ବୁଝିଗଲା । ଏବଂ ଜାଣିଲା ଭୋଟ ବେଳ ଏଥର ଆସି ଗଲା । ନହେଲେ ସେମାନେ ଆସନ୍ତେ କାହିଁକି ? ପୁଣି ଲୋକ ଜୁଟେଇ ରାଜଧାନୀରେ ମିଟିଙ୍ଗ କରନ୍ତେ କାହିଁକି ? ଅବଶ୍ୟ ଏବେଳେ ଗଲେ ମୁନାଫା ଅଛି । ଗାଡ଼ିରେ ଯିବ ମୁଫତ । ଖାଇବା ମୁଫତ । ପିଇବ, ପୁଣି ଟଙ୍କା ବି ମିଳିବ । ସବୁ ଭଲ । ହେଲେ ଭାରି ଝିନ୍‌ଝଟ ହେବାକୁ ପଡ଼େ । ଏତେ ବଡ଼ ସହରଟାରେ ମେଳାରୁ ଖସିଗଲେ ହଟହଟା । ଗୋଲିଆ ଆଉ ରଖେଇ ବସେଇ ଦଉନି । ଗାମୁଛା କାନ୍ଧରେ ପକାଇ ଗାଁ ଠାକୁରାଣୀଙ୍କ ଚଉତରା ପାଖକୁ ଗଲା । ହଟ ସରପଞ୍ଚ ଦେଖୁ ଦେଖୁ କହିଲା, 'ଆରେ ମଦନା'ଇ, ତୁ ପରା ତମ ସାହିର ଲିଡର । ଲୋକ ଜୁଟେଇ ତ ନବୁ । ସମସ୍ତେ ଦିକୋଡ଼ି ଦଶ ପାଇବ । ଯିବା, ଆସିବା, ଖାଇବା ମାଗଣା । ବୁଝିଲୁ– ଏଇ ନେ ଟଙ୍କା ଦୁଇ'ଶ ରଖ ଆଡ଼ଭାନ୍‌ସ । କାଲି ସଂଜକୁ ଆସିଲେ କଥା ।"

ମଦନା ଟଙ୍କାଟା ଧରୁ ଧରୁ ସରପଞ୍ଚ ବାବୁମାନଙ୍କ ସହ ଗାଡ଼ିରେ ବସି ଚାଲିଗଲାଣି ।

ଗୋଲିଆ ଆଜି ଭାରି ଖୁସି । ଅଷ୍ଟପ୍ରହରୀ ନ ସରୁଣୁ ପୁଣି ଗୋଟାଏ ମସ୍ତଭୋଜି । ରାତିରେ ନିଦ ନାହିଁ । ଗାଡ଼ିରେ ଭୁବନଶର ଯିବ । ଗଲା ସନ ବା' ସାଥିରେ ଯାଇଥିଲା ଯେ କିଛି ଦେଖି ପାରି ନଥିଲା । ଏଥର ବୁଲିବ । ଗତ ସରପଞ୍ଚ ଭୋଟବେଳେ ମଦନାକୁ ସରପଞ୍ଚ ପ୍ରାର୍ଥୀ ବିଭୀଷଣ ମହାନ୍ତି ଦେଇଥିବା ପୁରୁଣା ପେଣ୍ଟଲୁନ, ପଞ୍ଜାବି ହଳକ ଗୋଲିଆ ପିନ୍ଧି ପକେଇଲା । ମୁଣ୍ଡରେ ଟୋପିଟା ପିନ୍ଧି ପରଖି ନେଲା । ଗତଥରଠୁ ସାଇତି ରଖିଥିବା ବାନାଟାକୁ ନେବାକୁ ଭୁଲିନି । କାରଣ ଧାଡ଼ିରେ ଗଲେ ଏମିତି ବାନା ଧରି ହାତ ହଲେଇ ବଡ଼ପାଟିରେ ଜଇଅ ଜଇଅ କହିବାକୁ ପଡ଼େ । ଗଲାଥର ସେ ଜାଣିଛି । ମନେ ରଖିଛି । ଗୋଲିଆକୁ ତା ବୋଉ ତାଗିଦ୍ କରି କହିଲା, ''ଦେଖ ଗହଳିରେ ବା' ହାତ ଜମାରୁ ଛାଡ଼ିବୁନି । ପାଖେ ପାଖେ ଥିବୁ ।" ଗୌଲିଆ ହାତକୁ ଦୁଇ ଟଙ୍କିଆ ନୋଟ୍‌ଟେ ବଢ଼େଇ ଦେଇ କହିଲା-ରଖିଥା, ଭୋକହେଲେ, ବା' କିଣିଦେବ, ଖାଇବୁ ।

ଗୋଲିଆ ହଁ ହାଁ କରି ଗାଡ଼ିରେ ଆସି ବସିଲା । ଏବେକୁ ମଫସଲରେ ମୂଲପାତି ମିଳିବା କଷ୍ଟ । ମଦନା ତିନି ଦିନ ହେଲା ଠା ହୋଇ ବସି ରହିଛି । ଏ ସୁଯୋଗ ହାତଛଡ଼ା କରିବ କାହିଁକି ? ମନସ୍ଥିର କରି ଗାଡ଼ିରେ ବସିଲା ।

ସରପଞ୍ଚ ହଟ ସାହାଣୀ ଖବର ଦେଇଛି । ସମସ୍ତେ ମଙ୍ଗରାଜପୁର ଛକରେ ପହଞ୍ଚିଲେ, ସେଠୁ ଆଉ କିଛି ଲୋକ ଗାଡ଼ିରେ ଯିବେ । ଜଇପୁରିଆ ସବୁ ଟ୍ରକ ଡାଲାରେ ବସି ପଡ଼ିଲେ । ମଙ୍ଗରାଇପୁର ଛକରେ ଗାଡ଼ି ପହଞ୍ଚିବା କ୍ଷଣି ନଦୀ ସମୁଦ୍ରରେ ମିଶିବା ପରି ଦଳ

Source: Author, Digitized by PPRACHIN, SOA

ଦଳ ଲୋକ ଆସି ଖୁନ୍ଦି ହୋଇଗଲେ । ବାହାରକୁ ସମସ୍ତଙ୍କ ମୁଣ୍ଡଟିମାନ ଦେଖାଯାଉ ଥିଲେ ହେଁ କାହାର ଦେହ ଦେଖାଯାଉନଥିଲା । ସେହି ଗହଳି ଭିତରେ ଜିନ୍ ପ୍ୟାଣ୍ଟ ଓ ହାତରେ ବଳା ଲଗେଇ ଥିବା ଟୋକାଟା କହିଲା– "କାହାର ଯଦି ଚଳିବ, ଭାଇ ପାଖକୁ ଆସ । ମନ୍ଦେ ମନ୍ଦେ ପଡ଼ିଯାଉ । ସରପଞ୍ଚ ସାହାଣୀ ଦୁଇ ଚାରିଟା ବୋତଲ ମାତ୍ର ପଠେଇଛି ।"

ସଙ୍ଗେ ସଙ୍ଗେ ଛୋଟ ଚା ପିଆ ଗ୍ଲାସଟେ ହାତକୁ ହାତ ବୁଲି ଆସିଲା । ଗୋଲିଆ ଆଗରୁ ଶୁଣିଥିଲା- ଏଥିରୁ ଟିକେ ପଡ଼ିଲେ ଥକ୍କା ଲାଗେନି, ମନ ଖୁସି ରହେ । ଟୋପାଏ ଚାଖିବାକୁ ତା ପାଟି ଟକ୍ ଟକ୍ ହେଲା । ସରପଞ୍ଚ ଦେଇଛି ଯେତେବେଳେ ଟିକେ ପାଟିରେ ଦେବ । ଗୋଲିଆ ଆଉ ବିଳମ୍ବ ନ କରି ହାତରେ ଥିବା ଗିଲାସତକ ଢକ ଢକ କରି ପିଇ ଦେଲା । ତଣ୍ଟି ଜଳିଗଲା ପରି ତାକୁ ଲାଗିଲା । ଅଳ୍ପ ସମୟ ପରେ ମୁଣ୍ଡଟା କାହିଁକି ବୁଲେଇ ହେବା ଯୋଗୁ ଟ୍ରକ ଡାଲାରେ ଚକାମାରି ବସି ପଡ଼ିଲା । ଗାଡ଼ି ଚାଲିଥିଲେ ବି ସେ କିଛି ଜାଣିପାରୁନଥିଲା । ମଦନା ବହୁ ଅନିଶା ପରେ ଗୋଲିଆ ବସିଥିବା ଦେଖି ଆଶ୍ୱସ୍ତ ହେଲା । ତାର ଆଶଙ୍କା, କାଳେ ହାତଛଡ଼ା ହୋଇଗଲେ ବାଟବଣା ହୋଇଯିବ ।

ପୁରୀ ରଥଯାତ୍ରା ପରି ଚାରିଆଡ଼େ ଲୋକ । ଦେଖାଯାଉଛି ମଣିଷ ମୁଣ୍ଡର ଏକ ମହାସମୁଦ୍ର । ବସ୍‌ଟା ଗୋଟେ ଖୋଲା ପଡ଼ିଆରେ ରହିବା ପରେ ନିତିଆନି ସରପଞ୍ଚ ସାଥିରେ ବୁଲୁଥିବା ଜଗୁ ସାହୁ ପୁଅ ସପନା ସାହୁ ଓରଫ ସପନ କୁମାର ଆସି ଲୋକ ଗଣତି କରି କହିଲା, "ଚାଲ ସମସ୍ତେ, ଲଞ୍ଚ ବ୍ୟବସ୍ଥା ହୋଇଛି– ସେଇଠୁ ର୍‍ୟାଲିକୁ ବାହାରିବା ।"

ଗୋଲିଆ ତଳେ ବସିଥିବା ଦେଖି ମଦନା ହାତ ଧରି ଉଠେଇ ନେଲା ଏବଂ ନିଜ ଗାମୁଛାରେ ପିଠି, ଦେହ ଝାଡ଼ି ପକେଇଲା । ନାଲି ଗୋଡ଼ିବୁହା ଟ୍ରକ ଡାଲାରେ ବସିପଡ଼ିଥିବା ଯୋଗୁ କିମ୍ଭୂତକିମାକାର ଦେଖାଯାଉଛି ଗୋଲି । ମଦନା ତଳକୁ ଓହ୍ଲାଇ ଜାଣିଲା ଯେ, ଏଇଛୁଣି ଖାଇବାକୁ ମିଳିବ । ଗୋଲିଆକୁ ଧରି ଲୋକଙ୍କ ମେଳରେ ଆଗେଇଲା । ଗୋଲିଆର ଗୋଡ଼ କିନ୍ତୁ ଠିକ୍‌ରେ ପଡୁନଥିଲା । ଏଣିକି ତେଣିକି ବାଁ ଡାହାଣ ପଡୁଥିଲା । ମଦନା ବିରକ୍ତ ହୋଇ କହିଲା, "ଛୋକାର ପିଲା, ସେଗୁରାକ କିଏ କହିଲା ଖାଇବାକୁ ।"

ଗାଁ ଜାକର ମେଳଣ ଭୋଜିଠାରୁ ଏଠାରେ ଲୋକଭିଡ଼ ଟିକିଏ ଅଧିକା । କୌଣସି ପ୍ରକାରେ ଦୁଇଜଣକୁ ଜାଗା କରି ମଦନା ବସିଗଲା । ବସିବା ବେଳେ ସମସ୍ତଙ୍କୁ ଗୋଟେ ଲେଖାଏଁ ଚିହ୍ନଟ କାର୍ଡ ଓ ପଚାଶ ଟଙ୍କା ମୁଣ୍ଡ ପିଛା ଦିଆଗଲା । ଗୋଲିଆ କୁଆଡ଼େ ହଜେଇ ଦେବ ଜାଣି ମଦନା ଦୁଇଜଣଙ୍କର ଟଙ୍କା, କାର୍ଡ ଅଣ୍ଟାରେ ଖୋସିଲା । ଦଳ ଦଳ ଲୋକ ଆସୁଛନ୍ତି, ଖାଉଛନ୍ତି । ଖାଇବା ବେଳେ ଗୋଲିଆ କୁଆଡ଼କୁ ନଜର ନ କରି ତରତରରେ ହାତ ଚଳେଇଛି । ଖାଲି ପେଟରେ ପଡ଼ିଥିବା ନିଶା ପାଣିତକ ତାର ଭୋକକୁ ଦ୍ୱିଗୁଣିତ କରିପକାଉଛି । ଯେତେ ଭାତକୁ ସେ ଦେଖୁଥିଲା, ସେତିକି ଭୋକ ତା'ର ବଢ଼ି ଚାଲିଥିଲା । ଯେମିତି ସବୁ ଖାଦ୍ୟ ସେ ଏକା ଖାଇଦେବ । ତାର ଏପରି ରାକ୍ଷସିଆ ଗିଳା ଦେଖି ମଦନା ଟିକେ ହଡ଼ବଡ଼େଇ ଗଲା । ସମସ୍ତେ ଉଠିଗଲେ ବି ସେ ଖାଇ ଚାଲିଥିଲା । ଯେମିତି ସେ ବର୍ଷ ବର୍ଷ ଧରି ଭୋକିଲା । ମଦନା ଏଥର ଗୋଲିଆକୁ ଉଠେଇ ନେଲା ।

Source: Author, Digitized by PPRACHIN, SOA

ସାନରୁ ବଡ଼ କ୍ରମେ ସମସ୍ତେ ଧାଡ଼ିରେ ଠିଆ ହେବାରୁ ଗୋଲିଟା ମଦନା ପାଖକରୁ ଅଳ୍ପ ଦୂରେଇ ରହିଲା । ମଦନା କିନ୍ତୁ ଆଖି ରଖିଥାଏ । ର୍‍ୟାଲି ବାହାରିଲା । ବାଜା, ମାଇକ୍ ଶବ୍ଦରେ ଚାରିଆଡ଼େ ଉଚ୍ଛୁଳି ପଡୁଛି । ରାସ୍ତା କଡ଼ରେ ଧାଡ଼ିକି ଧାଡ଼ି କୋଠା ଘର ଦେଖି ଗୋଲିଆ ଖୁସି ହେଉଥାଏ । ଯେତେବେଳେ ଲୋକମାନେ ବଡ଼ପାଟିରେ କିଛି କହୁଥିଲେ ସେ ବୁଝୁ ବା ନ ବୁଝୁ ସବୁକଥାରେ କେବଳ ହାତ ହଲେଇ 'ଜଇଅ' 'ଜଇଅ' କହୁଥିଲା । ହଠାତ୍ ତାର ମନେ ପଡ଼ିଲା ସରପଞ୍ଚ କହିଥିଲା - ହାତରେ ବାନାଟା ଧରି ଚାଲିବାକୁ । ଗୋଲିଆ ଆଉ ଡେରି ନ କରି ରାସ୍ତାକଡ଼ରୁ ଗୋଟାଏ ଲମ୍ବା ଡାଙ୍ଗ ଗୋଟେଇ ବାନାଟାରେ ଲଗେଇ ଉପରକୁ ଟେକି ଧରିଲା । ସଭା ହେଉଥିବା ପଡ଼ିଆ ପାଖେଇ ଆସିଲାଣି । ଗେଟ ପାଖରେ ମନ୍ତ୍ରୀ ତାଙ୍କ ଅଞ୍ଚଳରୁ ଆସିଥିବା ସଂଖ୍ୟାଧିକ ଲୋକଙ୍କ ଉପରକୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଷ୍ଟେଜ ଉପରକୁ ଉଠିଗଲେ । ଏବଂ ତାଙ୍କ ଅଞ୍ଚଳରେ ତାଙ୍କର ଭାବମୂର୍ତ୍ତିର ଏକ କ୍ଷୁଦ୍ର ନମୁନା ସଂପର୍କରେ ଅଂଗୁଳି ନିର୍ଦ୍ଦେଶ କଲାବେଳକୁ ମୁଖ୍ୟମନ୍ତ୍ରୀଙ୍କ ହସୁରା ମୁହଁରେ ହଠାତ୍ ପରିବର୍ତ୍ତନ ଦେଖି ସେ ବିବ୍ରତ ହୋଇପଡ଼ିଲେ । ସେ ଭାବିଥିଲେ, ଏମିତି ଗୋଟାଏ ର୍‍ୟାଲି କରିବେ ଯେ, ବିରୋଧୀ ଦଳ କାହିଁକି କେନ୍ଦ୍ରରେ ମଧ୍ୟ ଏକ ଦୃଷ୍ଟାନ୍ତ ତାଙ୍କ ଲୋକପ୍ରିୟତା ସଂପର୍କରେ ରହିଯିବ । ରାଜ୍ୟ ମୁଖ୍ୟମନ୍ତ୍ରୀ ଖୁସି ହେବା ସଂଗେ ସଂଗେ ଆଗାମୀ ମନ୍ତ୍ରୀମଣ୍ଡଳ ସଂପ୍ରସାରଣର ସଂଭାବ୍ୟ ତାଲିକାରେ ସର୍ବାଗ୍ରେ ସ୍ଥାନ ପାଇଯିବେ । ଲୋକମାନେ ସଭାସ୍ଥଳ ଆଡ଼କୁ ମାଡ଼ି ଆସୁଥିବାବେଳେ ମୁଖ୍ୟମନ୍ତ୍ରୀ ଅଂଗୁଳି ଦେଖେଇ କହିଲେ- ‘‘ଇଏ କଣ ଆପଣଙ୍କ ଅଞ୍ଚଳର ଦଳୀୟ ଲୋକ ପରିବର୍ତ୍ତେ ବିରୋଧୀ ଦଳର ଲୋକ ଆସିଛନ୍ତି ?’’ ହଠାତ୍ ତାଙ୍କ ନଜରରେ ମଧ୍ୟ ସେଇ ହାତୀ ଚିହ୍ନ ପତାକାଟା ପଡ଼ିଗଲା । ତାଙ୍କ ଦେହସାରା ଝାଳ କଣ୍ଟେଇ ଗଲା ଏବଂ ତାଙ୍କ ପାଟି ଖନି ବାଜି ଯାଉଥିଲା । ସେ ବୁଝି ପାରିଲେନି ରାଜନୀତିର ଏ ପଶାପାଲିରେ କିଏ ଏମିତି ସାହସ କଲା । ତାଙ୍କଠି କଳା ଦାଗ ଲଗେଇ ଦେଲା ।

ସଂକେତ ପାଇବା ପରେ ଦଳେ ଯୁବକର୍ମୀ ଗୋଲିଆ ପାଖକୁ ମାଡ଼ିଗଲେ ଓ ଧାଡ଼ି ଭାଙ୍ଗି ଭିଡ଼ ଜମେଇ ଥିବା ଲୋକଙ୍କ ଭିତରୁ ତାକୁ ଭିଡ଼ି ଆଣି ଧରିଥିବା ପତାକାକୁ ତଳେ ପକେଇ ଦଳି ପକେଇଲେ । ଗୋଲିଆ କହିଲା- ‘‘ଆରେ ମୋ ବାନାଟା ?’’

ନିଜକୁ ନେତାଙ୍କ ଅଙ୍ଗରକ୍ଷକ କହୁଥିବା ଟୋକାଟା ଫିଲମ୍ ଷ୍ଟାଇଲ୍‌ରେ ଦୁଇ ଚାରିଟା ଘୁଷି ଗୋଲିଆ ପେଟରେ ନାଦି ଦେଇ କହିଲା - ‘‘ଆବେ, କୁହ, କୋଉ ବୋପା ତତେ ଏଠିକି ପଠେଇଛି ? ଶଳା, ସଭା ଭଣ୍ଡୁର କରିବାକୁ ଆସିଛୁ ନୁହେଁ ।’’

ଏତକ ଶୁଣୁ ଶୁଣୁ ଭିଡ଼ ଠେଲି ଆସିଥିବା ଡାହାଳ କୁକୁର ପରି ଦୁଇଟା ଯୁଆନ ଟୋକାଙ୍କୁ ଯେମିତି ବ୍ୟାଟିଙ୍ଗ କରି ଦେଖେଇବାକୁ ପିଚ୍‌ଟାଏ ମିଳିଗଲା । ସଚ୍ଚିନ୍ ଷ୍ଟାଇଲରେ ଆରମ୍ଭ କରିଦେଲେ ଧୁମ୍ ଧଡ଼ାକ୍ । ଚଉକା, ଛକା । ଗୋଲିଆ ତଳେ ପଡ଼ି ସଦ୍ୟ ଖାଇଥିବା ସବୁ ବାନ୍ତି କରି ପକେଇଲା ଓ ତା' ନାକପୁଡ଼ା ଦେଇ ଦୁଇଧାର ରକ୍ତ ବାହାରି ଆସିଲା । କଣ ଘଟଣାଟେ ଘଟିଲା ବୋଲି ମେଞ୍ଚାଏ ଲୋକ ମାଡ଼ି ଆସିଲେ ଓ ସେଇ ଦଳା, ଚକଟା

Source: Author, Digitized by PPRACHIN, SOA

ଭିତରେ ଗୋଲିଆର ଆସ୍ତେ ଆସ୍ତେ ନିସ୍ତେଜ ହୋଇ ଯାଉଥିବା ଶରୀରଟି ପଡ଼ି ରହିଥିଲା । ଚାରିଆଡ଼େ ହୁଲସ୍ଥୁଲ । ପୋଲିସ ସାଇରନ ଓ ପରେ ସବୁ ନିସ୍ତବ୍ଧ ହୋଇଗଲା ।

ଗୋଲିଆ ଶବଟା ପଡ଼ି ରହିଥିଲା । ମନ୍ଦା ମନ୍ଦା ରକ୍ତରେ ଭିଜି ଯାଇ ଥିଲା ମାଟି । ମଦନା ଭିଡ଼ ଠେଲି ଗୋଲିଆକୁ ଯେତେ ଉଠେଇବାକୁ ଚେଷ୍ଟା କଲେ ବି ସେ କିଛି ଶୁଣି ପାରିଲାନି । ମଦନା ପକେଟରେ ଥିବା କାର୍ଡ ଓ ଦୁଇଟି ପଚାଶ ଟଙ୍କିଆ ଗୋଲିଆ ଉପରେ ଥୋଇ ଦେଇ ଜଳ ଜଳ କରି ଚାହିଁଥିଲା ଲୋକମାନଙ୍କୁ ଓ ଆକାଶକୁ । ସତ କଥାଟି ଜଣା ପଡ଼ିବା ପୂର୍ବରୁ ସବୁ ଶେଷ ହୋଇଯାଇଥିଲା ।

ସଭାକାର୍ଯ୍ୟ ସମ୍ଭବ ହେଲା ନାହିଁ । ସଭାସ୍ଥଳରେ ମୁଖ୍ୟମନ୍ତ୍ରୀ ଘୋଷଣା କଲେ ବିରୋଧୀ ଦଳର ଆକ୍ରମଣରେ ମୃତ ଶହୀଦ ଗୋଲକ ବିହାରୀ ଓରଫ ଗୋଲିଆର ପରିବାର ବର୍ଗଙ୍କୁ ଏକଲକ୍ଷ ଟଙ୍କା ଅନୁଦାନ ଦିଆଯିବ । ଏବଂ ପରେ ପରେ ଏକ ଶବ ଶୋଭାଯାତ୍ରା ସହର ପରିକ୍ରମା କଲା ।

ଦିନଯାଇ ରାତି, ରାତିଯାଇ ସକାଳ ହେଲାଣି । ଅଥଚ ବାପ ପୁଅ କାହାର ଦେଖା ନାହିଁ । ଗାଁରୁ ଯାଇଥିବା ଲୋକ କେହି ବି ଏ ଯାଏ ଫେରି ନାହାନ୍ତି । ଗୋଲିଆ ବୋଉ ଚାହିଁ ରହିଥିଲା ରାସ୍ତାକୁ । ଚାହୁଁ ଚାହୁଁ ଆଠ ଦଶ ଖଣ୍ଡ ମଟର ଗାଡ଼ି ଜଇପୁର ଗାଁ ମଝିରେ ଠିଆ ହୋଇଗଲା । ଝିଅ, ବୋହୂ, ବୁଢ଼ା ବୁଢ଼ୀ, ପିଲା ସଭିଏଁ ବାହାରି ଆସିଲେ - କାରଣ ଏତେ ଗୁଡ଼ାଏ ଗାଡ଼ି ଗାଁକୁ ଆସିବା ଏଇ ପ୍ରଥମ । ଗାଁ ମଝିରେ ମନ୍ତ୍ରୀ ମଦନାର ହାତ ଧରି ସାନ୍ତ୍ୱନା ଦେବା ଭଙ୍ଗୀରେ ଠିଆ ହେବା ପରେ ଚକ୍ ଚକ୍ ଫୋଟ ଉଠିଲା । ସେଇଠୁ ଚାଲିଲା ଶବକୁ ଧରି ଗାଁ ପରିକ୍ରମା । ଭଡ଼ାଟିଆ ଟୋକାଗୁଡ଼ାକଙ୍କ ପାଟିରେ ଶହୀଦ ଗୋଲକ ବିହାରୀ କି ଜୟ କହି ଥକି ପଡ଼ିଲେଣି । ଶୋଭାଯାତ୍ରା ଯେତିକି ମଦନା ଘର ଆଡ଼କୁ ଆସୁଥାଏ- ଗୋଲି ବୋଉ କିଛି ବୁଝିପାରୁନଥାଏ । ପଡ଼ିଶା ଘର ଖୁଡ଼ୀଙ୍କୁ ପଚାରିଲା- ହେଲେ କେହି କିଛି କହିପାରୁ ନାହାନ୍ତି ।

ଶୋଭାଯାତ୍ରା ମଦନା ଘର ପାଖେ ପହଞ୍ଚିଲା ବେଳକୁ ସ୍ଲୋଗାନ ନୀରବ ହୋଇଗଲାଣି । ଫୁଲରେ ସଜ୍ଜିତ ଗୋଲିଆର ଶବକୁ ତଳେ ରଖାଯିବା ପରେ ମନ୍ତ୍ରୀ ଯୋଡ଼ ହସ୍ତରେ ଗୋଲିଆ ବୋଉକୁ କଣ କହୁଥିବା ବେଳେ ଦୂରଦର୍ଶନର କ୍ୟାମେରା ଚାରିଆଡ଼େ ଘୂରୁଥିଲା । କେହି ଜଣେ ବଡ଼ ପାଟିରେ ସ୍ଲୋଗାନ ଆରମ୍ଭ କଲା- "ଶହୀଦ ଗୋଲକ ବିହାରୀ- ଅମର ରହେ, ଅମର ରହେ", ଶହୀଦ ଗୋଲକ ବିହାରୀ କି,' ସବୁ-ଆଡ଼େ ନୀରବ, କେବଳ ମଦନା ପାଟିରୁ ଆସ୍ତେ ବାହାରି ଆସିଲା - 'ଜୟ' !

■■■

Source: Author, Digitized by PPRACHIN, SOA

କୌଣସି ଏକ ଘଟଣାର ପୁନରାବୃତ୍ତି

କାହ୍ନା ଶୋଇଛି ନିଘୋଡ଼ ନିଦରେ ।

ଏକା ଜିଦ୍ ଲଗେଇଛି ଆଉ ମୋତେ ଛାଡ଼ି ଆଶ୍ରମକୁ ଯିବନି । ଏଇଠି ରହିବ । ନିଦୁଆ ପିଲାଟା ଦେହରେ ଥରେ ହାତ ବୁଲେଇ ଆଣିଲା ସୁନା । ରାତି ପାହିଲେ, କାହ୍ନା ଚାଲିଯିବ । ସେଇଥିପାଇଁ ତାକୁ ରାତି ସାରା ନିଦ ନାହିଁ । ଖରା ଛୁଟିଟା ପୁଷ ମାସର ଦିନ ପରି କୁଆଡ଼େ କେତେ ଶୀଘ୍ର ସରିଗଲା । ନିଜ ଗର୍ଭରେ ଦଶମାସ ଧରି ଜନ୍ମ ଦେଇଥିବା ପିଲାଟାକୁ ଥରେ ପେଟ ପୂରେଇ ଦେଖିପାରିନି । କ'ଣ ତା' ପାଖରେ ଉପାୟ ଅଛି । ଜନ୍ମ ସିନା ଦେଇଦେଲା, ହେଲେ ମା' ସ୍ତନ ବ୍ୟତୀତ ତା' ପାଖରେ କିଛି ନ ଥିଲା ତାକୁ ବଞ୍ଚେଇବାକୁ । ମଣିଷପରି ଗଢ଼ି ତୋଳିବାକୁ । ସେଇଥିପାଇଁ ଛାତିକୁ ପଥର କରି ଅନାଥ ଆଶ୍ରମରେ ଛାଡ଼ି ଦେଇଛି - କିଛି ନ ହେଲେ ପିଲାଟା ବଞ୍ଚିଯିବ ତ ? ଆଉ ତାକୁ ଚାହିଁ ସେ'ବି ! ସତରେ କେଡେ ବିଚିତ୍ର ଏ ସଂସାର ? ଦିନେ ମାଆ ହେବାର ସ୍ୱପ୍ନରେ ବିଭୋର

Source: Author, Digitized by PPRACHIN, SOA

ହେଉଥିଲା । ଅଥଚ ଆଜି - ମାଆ ହେବା ପରେ ତା' କୋଳରୁ ନିୟତି ଯେମିତି ଜବରଦସ୍ତ ଛଡ଼େଇ ନେଇଛି । ସତେ ଯେମିତି ମାଆ ହେବାରେ ତା'ର ଅଧିକାର ନାହିଁ । ପୁଅର ମାଆ ଡାକରେ ବିଭୋର ହେବାର ନାହିଁ । ମନେ ମନେ ଠାକୁରଙ୍କୁ ହାତଯୋଡ଼ି ଡାକିଲା - ''ପ୍ରଭୁ ଏମିତି କାହାକୁ ମାଆ ହେବାକୁ ଦିଅନି, ଯେ କି ମାଆ ହୋଇବି ସାରା ଜୀବନ ସନ୍ତୁଳି ହେଉଥିବ ।'' ପୁଣି ମନକୁ ଭାବିଲା - ନିଜେ ତ ସେୟା ସେ କାହାକୁ ଅଭୟ ଦେବେ । ନିଜ ମାଆର କୋଳ ପୂର୍ଣ୍ଣ କରୁ କରୁ ପୁଣି ଅପୂର୍ଣ୍ଣତାରେ ଭରିଦେଲେ । ଏନ୍ତୁଡ଼ିଶାଳରୁ ଗଲେ ଯେ ଗଲେ । ଫେରିବାର ନାଁ ମଧ ଧରିଲେନି । କେଡ଼େ ନିଷ୍ଠୁର ସତେ । ଛୁଆଟିଏ ଜନ୍ମ କରି କଣ୍ଠ ଫଟେଇ କହି ପାରିଲାନି ଦେବକୀ, ଏ ମୋର ପୁଅ । ଦାବୀ ମଧ କରିପାରେନି । ଛଡ଼େଇ ଆଣି ପାରିଲେନି ତୁମକୁ । ତୁମକୁ କ'ଣ ଅବା ଅଜଣା ପ୍ରଭୁ ଅନ୍ତର୍ଯ୍ୟାମୀ ! ହେଲେ ମୋ ପାଇଁ କାହିଁକି ଏତେ ନିଷ୍ଠୁର ପ୍ରଭୁ ! କେଉଁ ଜନ୍ମର ପାପରୁ ପଙ୍ଗୁ କଲ ? ପୁଣି ମାଆ ହେବାରୁ ବଞ୍ଚିତ ନ କରି ମାଆ ହେବାର ସୌଭାଗ୍ୟ ଆଣିଦେଲ ମୋ ଅନିଚ୍ଛା ସତ୍ତ୍ୱେ ?

ଆଉ ଏବେ ବାର ହିନସ୍ତା ହେଉଛି । କାହିଁକି ପ୍ରଭୁ ? କ'ଣ ଦୋଷ କଲି ?

ମନକୁ ମନ ଏମିତି ଅନେକ ପ୍ରଶ୍ନ ପଚାରି ଚାଲିଥିଲା ସୁନା । ହେଲେ ଉତ୍ତର ଖୋଜି ପାଉନଥିଲା । କାହ୍ନା ଉପରେ ପଣତକାନି ଫାଳକ ପକେଇ ତାକୁ କୋଳେଇ ନେଲା । ଫି ସାଲ ଛପର କରି ପାରୁନି ବୋଲି ଘର ବଖରାକରେ ଚନ୍ଦ୍ର, ସୂର୍ଯ୍ୟ ସବୁ ଦେଖାଯାଉଛି । ଯେମିତି ଏସନ ଛପର କରିବା ଦରକାର, ନ ହେଲେ କାନ୍ଥର ଅବସ୍ଥା ଯାହା ସବୁ ଶୋଇପଡ଼ିବ । ବାହରେ ରଣିଫୁଲିଆ ଜହ୍ନ ସୋରିଷ କ୍ଷେତରେ ଦୋଳି ଖେଳୁଛି । ବେଳେ ବେଳେ ଦକ୍ଷିଣା ପବନ ମେଞ୍ଚାଏ ଝିଡ଼ିକି ଫାଙ୍କରେ ପଶି ଆସୁଛି ଘର ଭିତରକୁ । କିଏ ଜଣେ କବାଟ ଠକ୍ ଠକ୍ କଲା । ବୋଧେ ମଦନା ହୋଇଥିବ । କେତେଥର ସେ ମନା କରିଛି । ପୁଅଟା ଥିବାବେଳେ ଏମିତି ରାତି ଅଧରେ ଆସିବୁନି । ହେଲେ କିଛି ଶୁଣିବନି ସେ । ବିରକ୍ତ ହେଲେ କହିବ, ''ହଁ ଲୋ ଯାଉଛି, ମନ ହେଲା ଟିକିଏ ଚାଲି ଆସିଲି ।''

ଏଥର କବାଟ ଠକ୍ ଠକ୍ ଜୋର୍‌ରେ ହେଲା । ସୁନା ରାଗ ପଞ୍ଚମକୁ ଉଠିଗଲା ଓ ସେ ବିରକ୍ତରେ କବାଟ ଖୋଲିଲା । ସତକୁ ସତ ମଦନା ପେଟେ ଦେଶୀ ମଦ ପିଇଚି । ଗୋଡ଼ ଠିକ୍‌ରେ ପଡୁନି । ଉତ୍କଟ ଗନ୍ଧରେ ମୁଣ୍ଡ ବୁଲେଇ ହୋଇଯାଉଛି । କବାଟ ଖୋଲୁ ଖୋଲୁ ମଦନା ଭିଡ଼ି ଧରିଲା ସୁନାକୁ, ସୁନା ତାକୁ ଠେଲି ଦେଇ ଏକ ପ୍ରକାର ମୁକୁଳି ଗଲା । ମଦନା କହିଲା, 'ଆଲୋ ଏମିତି କାହିଁକି ହେଉଛୁ, ମୁଁ ତୋତେ ଗୋଟେ କଥା କହିବାକୁ ଆସିଛି ପରା ।''

ସୁନା ଜାଣେ, ମଦନା ସବୁବେଳେ ଏମିତି ସାକୁଳା ସାକୁଳି କରିବ । ବାଜେକଥା ସବୁ ଗପିବ, ସୁନା ଆଉ ସମ୍ଭାଳି ପାରିଲାନି । କହିଲା, ''ହଇରେ କେତେଥର ତୋତେ ମନା କରିଛି- ତା' ଛଡ଼ା ତୁ ପରା କହୁଥିଲୁ ତୋ ସ୍ତ୍ରୀ କମଳୀର କଣ ପିଲାପିଲି ହେବ ବୋଲି ଡାକ୍ତରଖାନାରେ ଅଛି । ତାକୁ ଛାଡ଼ି ତୁ ଶଳା ନାଗର ସାଜି ଏଠିକି ଚାଲି ଆସିଲୁ । ମୁଁ ଜାଣେ ପରା- ତୁମେ ଶଳା ପୁରୁଷ ଗୁଡାକ ସେୟା । ନିଜର ଥିଲେ ବି ପରର ବାସେ ।

Source: Author, Digitized by PPRACHIN, SOA

ନିଜଟା ଗନ୍ଧାଏ । ଏଇବେଳେ ତା' ପାଖରେ ନ ରହି ଧାଇଁ ଆସିଛୁ । କ'ଣ ନା କଥାଟେ କହିବୁ । ହଇରେ କୋଉଟା ଜରୁରୀ କହିଲୁ ?''

ସୁନା ଜାଣେ, ଯାହା କହିଲେ ବି ମଦନା ଏ କାନରେ ଶୁଣି ସେ କାନରେ ବାହାର କରିଦେବ, ଏଥର ଜବରଦସ୍ତ କବାଟ ବନ୍ଦ କରି ଦେଲା ସୁନା । ମଦ ନିଶାରେ ଇଆଡୁ ସିଆଡୁ ମନକୁ ମନ କ'ଣ କହି କହି ମଦନା ଚାଲିଗଲାଣି ।

ସୁନା ଆଉ ଶୋଇ ପାରିଲାନି । ମନେ ମନେ ଭାବିଲା, ମଦନାଟା ମଦୁଆ ହେଲେ କ'ଣ ହେବ ବେଳେ ବେଳେ ଦୁଃଖ ବୁଝେ । ଅସମୟରେ ସାହାଯ୍ୟ କରେ । ଭଲମନ୍ଦ ବୁଝେ । କାହ୍ନାକୁ ନେଇ ଆଶ୍ରମରେ ଛାଡ଼େ । ଅଭାବ ଅନାଟନରେ ହାତ ବଢ଼ାଏ, ଏମିତି ତାକୁ ଗାଳିଦେଇ ଘଉଡ଼େଇ ଦେଇଥିବାରୁ ତାକୁ ଆଉ କିଛି ଭଲ ଲାଗିଲାନି, ହେଲେ କେମିତି ବିରକ୍ତ ହୁଅନ୍ତାନି । କାହ୍ନା ଆସ୍ତେ ଆସ୍ତେ ବଡ଼ ହେଲାଣି । ତା' ଛଡ଼ା ଏ ବେଳରେ ମଦନା, କମଳି ପାଖେ ନ ରହି ଚାଲି ଆସିବା କ'ଣ ଠିକ୍ ? ସେ ଠିକ୍ ବୁଝିଛି ଏ ସମୟର ଆବଶ୍ୟକତା । ମାଆଟିଏ ହୋଇ ଅନ୍ୟ ମାଆଟିଏ ହେବାର ଦୁଃଖକୁ ବୁଝିପାରିବନି କେମିତି ? ବେଳେ ବେଳେ ଅବୁଝା ହୋଇଯାଏ ସୁନା, ପୁଣି ଭାବେ ଯଦି ପ୍ରକୃତରେ ପ୍ରେମ, ଭଲ ପାଇବା ତାକୁ ଘରେ ମିଳୁଥାନ୍ତା ତେବେ ପୁରୁଷଟିଏ ଏଣେ ତେଣେ ଦୌଡ଼ି ବୁଲୁଥାନ୍ତା କାହିଁକି ? ଏ କଥାର ଆଂଶିକ ସତ୍ୟତାକୁ ସୁନା ଅନୁଭବ କରୁଥିଲେ ହେଁ, ସେ ପୁରୁଷର ପ୍ରକୃତିକୁ ହାଡ଼େ ହାଡ଼େ ଚିହ୍ନେ । ନୂଆ ମୁହଁ ଦେଖିଲେ ଏମାନଙ୍କ ପାଟିରୁ ନାଳ ଗଡ଼େ । ମନ ଖୁଚୁବୁଚୁ ହୁଏ ପାଇବାକୁ । କେତେଥର ସେ ମଦନାକୁ ବୁଝେଇଛି । ହେଲେ ମଦନା ବଦଳିନି । ପୁରୁଷଗୁଡ଼ାକ ଏମିତି ଅଦ୍ଭୁତ ଖିଆଲର ଫୁଲାଫାଙ୍କିଆ ସବୁ କାଳେ ।

ମଦନାଟା ସବୁବେଳେ ଏମିତି ପ୍ରଚୁର ପିଇଦେଇ ଆସେ ବୋଲି ଅସଲ କଥାଟା ତା'କୁ କହିବାକୁ ସୁଯୋଗ ପାଇନି ସୁନା । ତା'ଛଡ଼ା ମଦୁଆ ଲୋକଙ୍କୁ କଣ ବା ବିଶ୍ୱାସ ? କଥାଟା କାନକୁ ଦି'କାନ ହେବା ସହଜ ଏମାନଙ୍କ ପାଖରେ । ସୁନା ତଥାପି ସବୁ ଚାପି ରଖିଲା ନିଜ ଭିତରେ । କେମିତି କହିବ ମଦନାକୁ, କିମ୍ବା କେଉଁଠି ପ୍ରକାଶ କରିବ ? କେମିତି ? କହିଦେବ କି ମଦନାକୁ ବ୍ଲକ ବାବୁଟା ତାକୁ ଲୋଭିଲା ଆଖିରେ ଚାହୁଁଥିଲା । କଥାଟା କିଏ ବା ବିଶ୍ୱାସ କରିବ ? ତଥାପି ସେ ବିକଳାଙ୍ଗ ବୋଲି ତା' ଦେହ ମନରେ କ'ଣ ଭୋକର ନିଆଁ ଲାଗେନି ? ପୁରୁଷକୁ ଭୁଲେଇବାର ରୂପଲାବଣ୍ୟ ନ ଥିଲେ ବି ପୁରୁଷର ମନକୁ କ'ଣ ଅନୁଭବ କରିପାରେନି ? ପଙ୍ଗୁ ହେଲେ ବି ସେ ନାରୀଟିଏ, ପୁରୁଷର ଇଶାରା ବୁଝିବାକୁ ତା'ର ସାମର୍ଥ୍ୟ ଅଛି । ହେଲେ କଥାଟା କେହି ବିଶ୍ୱାସ କରିବେନି ବୋଲି ସେ କାହା ଆଗରେ ପ୍ରକାଶ କରିପାରୁନି । ତା' ଛଡ଼ା ତା' ମନର ଭୁଲ ଧାରଣା ବି ହୋଇପାରେ । କାରଣ ବ୍ଲକ୍ ବାବୁର କ'ଣ ବା ଅଭାବ ଯେ, ସେ ସୁନା ପରି ନାରୀଟିଏ ଉପରେ ନଜର ପକେଇବ ? କେଡ଼େ ଶିକ୍ଷିତ ବାବୁଟା ! ତା'ର ଆସନ କେଉଁଠି ଆଉ ନିଜର ଆସନ କେଉଁଠି, ଏତେ କଥା କେମିତି ସେ ଭାବିପାରିବ ? ପ୍ରକାଶ କରି କ'ଣ ବା ହେବ ? ବରଂ ମିଳିଥିବା ପ୍ରତିଶ୍ରୁତିରୁ ବଞ୍ଚିତ ହେବା ଛଡ଼ା ଅନ୍ୟ କିଛି ନୁହେଁ । ତା ଛଡ଼ା

Source: Author, Digitized by PPRACHIN, SOA

ସେମିତି କିଛି ଘଟଣା ଘଟିନଥିଲା, ଯାହା ସମସ୍ତଙ୍କ ନିକଟରେ ପ୍ରକାଶ ଉପଯୋଗୀ । ପୁନଃ, ସେ ଭାବିଲା, ହୁଏତ ସେ ଯାହା ଭାବୁଛି- କଥାଟା ଠିକ୍ ସେ'ଯା ନ ହୋଇପାରେ, ତା'ର ଭାବିବା ଭୁଲ । ମନକୁ ମନ ବୁଝେଇଲା, ପୁଣି ଥରେ ଯାଇ ଦୁଃଖ ଜଣେଇବ । ସରକାରଙ୍କଠୁ ମିଳୁଥିବା ଇନ୍ଦିରା ଘର ଖଣ୍ଡିଏ ପାଇଁ କହିବ । ଆଉ ଘର ଖଣ୍ଡିକ ମିଳିଯିବା ପରେ ମଦନାକୁ ଚମକେଇ ଦେବ । ସୁନା ସଅଳ ସଅଳ ବାହାରିପଡ଼ିଲା । ଗତଥର ଡେରିରେ ପହଞ୍ଚିବା ଯୋଗୁ ଦେଖାକରି ପାରିନଥିଲା । କାହ୍ନାକୁ ପଡ଼ିଶା ଘର ନାନୀ ଜିମାରେ ଦେଇ ବସ୍ ଧରିଲା । ଯେମିତି ହେଲେ ଆଜି ତା'ର ଦୁଃଖ କହିବ । ମୁଣ୍ଡ ଗୁଞ୍ଜିବା ପାଇଁ ଘର ଖଣ୍ଡେ ଦରକାର ସେଇଥିପାଇଁ ଅଳି କରିବ ।

ବ୍ଲକ ଅଫିସରେ ସେ'ଦିନ ପହଞ୍ଚିବା ବେଳକୁ ଆଗ ପରି ଲୋକ ଗହଳି ହୋଇ ଗଲାଣି । ସୁନା ଚେଷ୍ଟା କରିବି ଦେଖା କରି ପାରିଲାନି । ଢେର୍ ସମୟ ଚେଷ୍ଟା କଲା, ହେଲେ ଟିକେ ଫାଙ୍କା ସମୟ ପାଇଲାନି, ସବୁ ଆଶା ମଉଳିଗଲା । କୁଆଡୁ ଗୋଟେ ନାଲିବତି ଲଗା ଗାଡ଼ି ଆସିଯିବାରୁ ବ୍ଲକ ବାବୁ ସେଇ ଗାଡ଼ିରେ ପଳେଇଲେ । କାହା କଥା ଶୁଣିବାକୁ ତାଙ୍କୁ ତର ନଥିଲା । ଗାଡ଼ି ପାଖକୁ ଯାଉ ଯାଉ ଗାଡ଼ି ଛାଡ଼ିଦେଲା । ନିରାଶ ହୋଇ ଫେରିଆସିଲା । ସୁନା କେତେ ଆଶା କରି ଆସିଥିଲା । ସବୁ ପାଣି ଫୋଟକା ପରି ମିଳେଇଗଲା । ତାକୁ ଆଉ ବିଶ୍ୱାସ ହେଲାନି, ସେ ଏଇ ଭିଡ଼ ଭିତରୁ ଘର ଖଣ୍ଡିଏ ମାଗଣାରେ ପାଇବ । ଅଭାବ ଅନାଟନ ଭିତରେ ଘର ଖଣ୍ଡିଏ କରିବା ତା' ପାଇଁ ସ୍ୱପ୍ନ ବୋଲି ସେ ଧାଇଁ ଆସିଥିଲା । ସରକାରଙ୍କୁ ଦୁଃଖ ଜଣେଇବ । ମନେ ମନେ ଭାବିଲା, ସତରେ କ'ଣ ତା'ର ସବୁ ସ୍ୱପ୍ନ କେବଳ ସ୍ୱପ୍ନରେ ରହିଯିବ ?

ସଞ୍ଜ ନଇଁ ଆସିଲାଣି । କାହ୍ନାଟା କୁଆଡ଼େ ଖେଳୁଛି ଯେ ଏ'ଯାଏଁ ଫେରିନି । ସୁନା ଖୋଜିବାକୁ ବାହାରିଗଲା । ଗାଁ' ମୁଣ୍ଡ ବରଗଛରେ ଦଳେ ପିଲା ଡାଳମାଙ୍କୁଡ଼ି ଖେଳୁଛନ୍ତି । ସୁନା ଖଣ୍ଡେ ଦୂରରୁ ଡାକିଲା : କାହ୍ନା... କାହ୍ନା... କାହ୍ନା....ରେ ।

ପିଲାଙ୍କ ହୋ ହାଲ୍ଲାରେ ସୁନାର ଡାକ ପହଞ୍ଚି ପାରୁନଥିଲା ପୁଅ ପାଖରେ । ସେଇ ବାଟ ଦେଇ ଖଡ଼ି ମିଶ୍ରେ ଆସୁଥିଲେ । ସୁନାକୁ ଦେଖି କହିଲେ- ''ଆଲୋ ସୁନା, କଥା କ'ଣକି ? ଆଜିକାଲି କ'ଣ ରୋଜରୋଜ୍ ବ୍ଲକ ଅଫିସ ଧାଇଁଛୁ ବୋଲି ତେଲି ସାହି କୁବେର କହୁଥିଲା ।''

ସୁନା କିଛି ନ ଶୁଣିଲା ପରି ଏଥର ଜୋରରେ ଡାକ ଦେଲା : କା...ହ୍ନା...ରେ ।

ଖଡ଼ି ମିଶ୍ରେ ସୁନାଠୁ କୌଣସି ଉତ୍ତର ନ ପାଇ ଏବଂ ତା'ର ବେଖାତିର ଢଙ୍ଗ ଦେଖି ମନେମନେ ଗାରୁ ଗାରୁ ହେଲେ- ''ଶାଳୀ ଛୋଟୀକୁ ଶ୍ରୀମତୀ କହିଲେ ଗୋଡ଼ ବଙ୍କେଇ ବଙ୍କେଇ ପକଉଚି ! ବଜ୍ଜାତ୍ ମାଇକିନିଆ କ'ଣ ଗୋଟେ ନୂଆ ଧନ୍ଦା କରୁଚି ନିଶ୍ଚେ ।

ସୁନା କିନ୍ତୁ ଏଇ ଖଡ଼ି ମିଶ୍ରେଙ୍କୁ ଠିକ୍ ଚିହ୍ନେ । ପଦେ କଥାକୁ ସାତ ପଦ କଥା ଲଗେଇ କହିବେ । ସଜମାଛରେ ପୋକ ପକେଇ ଦେବେ । ସେଥର ମନ୍ଦିରରେ ଠାକୁର ଭୋଗ ଦେଉ ଦେଉ ହାତ ଧରିପକେଇ କ'ଣ କ'ଣ ସବୁ କହିଗଲେ- ସୁନା କିଛି ବୁଝି

Source: Author, Digitized by PPRACHIN, SOA

ପାରିଲାନି । ଆଉ ବାପର ଶ୍ରାଦ୍ଧ ବେଳକୁ ଏଇ ମିଶ୍ରେ ଘରେ ଏକୁଟିଆ ପାଇ କୁଣ୍ଢେଇ ପକେଇବା ବେଳେ ମଦନାଟା ଠିକ୍ ସମୟରେ ଆସିଯିବାରୁ ସେରକ୍ଷା ପାଇଗଲା । ସେବେଠୁ ଏ ଲୋକଟାକୁ ଦେଖିଲେ ସୁନା ଛେପ ପକାଏ । ବାଟ ଭାଙ୍ଗି ଚାଲିଯାଏ । ଯୌତୁକ ପାଇଁ ନିଜ ସ୍ତ୍ରୀକୁ ପୋଡ଼ି ମାରିଦେଲା । ଲାଞ୍ଚ ଦେଇ ଖଲାସ ହୋଇଗଲା । ଲୋକଟାର ହାବଭାବ ଗାଁ'ରେ ସମସ୍ତେ ଜାଣନ୍ତି । ଖଡ଼ି ମିଶ୍ରେଙ୍କୁ ଦେଖିଲେ ଶିକ୍ଷିତ ଲୋକମାନଙ୍କଠୁ ତା'ର କେମିତି ଗୋଟେ ଆସ୍ଥା ତୁଟି ଯାଏ । ଏମାନେ ସବୁ ମୁଖା ପିନ୍ଧା ମଣିଷ ବୋଲି ଭାବେ ।

ପିଲାଟା ଖେଳି ଖେଳି ହାଲିଆ ହୋଇ ଶୋଇ ପଡ଼ିଛି । ସୁନା କୋଳେଇ ନେଲା କାହ୍ନାକୁ । ଆଖିରେ ତା'ର ନିଦ ନାହିଁ । କାହ୍ନାଟା ପାଇଁ ଯାହା ବଞ୍ଚି ରହିବା କଥା । ଏତେ ବଡ଼ ଦୁନିଆଁରେ କିଏ ବା ତାର ନିଜର ଅଛି ? ଜନ୍ମରୁ ଛୋଟୀ ବୋଲି ବାପ, ମାଆ ଅନ୍ତେ ତା'ର ଦାୟିତ୍ୱ କିଏ ନେବ ବୋଲି ତାକୁ ବାହା କରେଇ ଦେଇଥିଲେ । ହେଲେ ଦିନ କେଇଟା ନ ଯାଉଣୁ ଅରକ୍ଷିତ ତାକୁ ଧୋକା ଦେଇ ଚାଲିଗଲା । ହଁ, କେଉଁ ମୋହରେ ସେ ରହିଥା'ନ୍ତା, ଘର ଜୋଇଁ ହୋଇ ଗୋଟେ ଗରିବ ପଙ୍ଗୁ ଝିଅକୁ ସାରା ଜୀବନ କାହିଁକି ବେକରେ ବାନ୍ଧିଥା'ନ୍ତା । କ'ଣ ବା ଥିଲା ଏ'ଠି ? ନା ଥିଲା ଧନ ସଂପତ୍ତିର ମୋହ, ନା ତା'ର ଆକର୍ଷଣ । ତାକୁ ଅଧା ନଈରେ ଛାଡ଼ି ସୁରାଟ ଯାଉଛି କହିଗଲା ଯେ ଗଲା ଆଉ ଫେରିଲାନି । ପରେ ଜଣା ପଡ଼ିଲା ଅରକ୍ଷିତ କୁଆଡ଼େ ଗୋଟେ ବାହାହୋଇ ସିଆଡ଼େ ରହିଛି । ଆଖି ଲୁହ ଆଖବରେ ମାରି ପଡ଼ି ରହିଛି । କୁଆଡ଼େ ଯିବ ? କ'ଣ ବା ତା'ର ଯୁ ଅଛି । ମରଦାଟା ଗଲା ଯେ ଥରେ ହେଲେ ଫେରି ଚାହିଁଲାନି । ଗଲାବେଳେ ତା' ପେଟରେ ଦେଇ ଯାଇଥିଲା କାହ୍ନାକୁ । କ'ଣ ବା ଦୋଷ ଥିଲା ତା'ର । ପ୍ରଥମରୁ ମନା କଲାନି କାହିଁକି ? ସେ ନିଜେ ବଞ୍ଚିବା ଯେଉଁଠି ଅସମ୍ଭବ, ନିଜ ପେଟକୁ ଦାନା ଯୋଗାଡ଼ କରିବା ଅସମ୍ଭବ ଆଉ ଗୋଟେ ପେଟ ସମ୍ଭାଳିବ କେମିତି ? ଥରଟିଏ ଚିନ୍ତା କଲାନି ଅରକ୍ଷିତ । ସେଇଥିପାଇଁ କାହ୍ନାକୁ ଅନାଥ ଆଶ୍ରମରେ ଛାଡ଼ି ଦେଇଛି - ଅନ୍ତତଃ ବଞ୍ଚିଯିବ ପିଲାଟା । ହଁ ତା'ର ବା ଦୋଷ କ'ଣ ? କେଉଁ ଆକର୍ଷଣରେ ସାରାଜୀବନ ପଡ଼ି ରହିଥା'ନ୍ତା । ଏଣୁ ତେଣୁ ଅନେକ ଭାବନା ଭିତରେ ହଜିଗଲା ସୁନା । ରାତି ପାହିଲେ ପୁଣିଥରେ ବ୍ଲକ ବାବୁଙ୍କୁ ଦେଖା କରିବ । ଏଇ ଭାବନାରେ ଶୋଇପଡ଼ିଲା ସୁନା ।

କାଉ କାଆ କଲାବେଳକୁ ଫାଷ୍ଟ ବସ୍‌ରେ ଉଠିଗଲା ସୁନା । କାହ୍ନା ଏକାଜିଦ୍ କରି ସୁନା ସାଥୀରେ ମଧ୍ୟ ବାହାରି ପଡ଼ିଲା ବ୍ଲକ ଅଫିସ୍ । ଖୁବ୍ ସଅଳ ସଅଳ ସୁନା ପହଞ୍ଚିଗଲା । ଅଫିସ୍‌ରେ ତାଲା ଝୁଲୁଥିଲା - ବୋଧେ ଅଫିସ୍ ଖୋଲିବା ସମୟ ହୋଇନି । ସୁନା ଭାବିଲା ଏଇବେଳେ ଲୋକ ଗହଳି ନାହିଁ । ବ୍ଲକ ବାବୁଙ୍କୁ ଘରେ ଦେଖାକରି ତା'ର ହାଲ ହଇକତ କହିବ । ଘର ଖଣ୍ଡେ ମିଳିଗଲେ ନିଆଶ୍ରୀକୁ ଆଶ୍ରା ମିଳିଯିବ । ସୁନା ବ୍ଲକ କଲୋନୀକୁ ଗଲା । ଉଚା ଉଚା ପାଚେରୀ ଭିତରେ ଘର । ସାମ୍ନାରେ ଲୁହା ଗ୍ରୀଲ ଗେଟ୍ । ସାହସ କରି ଡାକି ପାରୁନଥିଲା ସୁନା । କିଛି ସମୟ ଅପେକ୍ଷା କଲାପରେ ଗେଟ୍ ଠକ୍ ଠକ୍ କଲା । ଲୁଙ୍ଗି ଉପରେ ଢିଲା ପିନ୍ଧିଥିବା ବ୍ଲକ ବାବୁ ଜଣକ କବାଟ ଖୋଲିଲେ । ଏତେ ସକାଳୁ କୋଳାହଳ

Source: Author, Digitized by PPRACHIN, SOA

ନଥିଲା । ଦୁଇ ଚାରିଜଣ ସ୍ତ୍ରୀ ଲୋକ ଡିଙ୍କିଆକଳରୁ ପାଣି ନେଉଥିଲେ । ବ୍ଲକ ବାବୁ ହସ ହସ ମୁହଁରେ କହିଲେ, "ଆରେ ଏତେ ସକାଳୁ ସକାଳୁ କୁଆଡ଼େ ।"

ସୁନା ଟିକେ ଦମ୍ଭ ପାଇଗଲା- କହିଲା- "ଆଜ୍ଞା କାଲି ଦେଖା କରିବାକୁ ଆସିଥିଲି । ଭିଡ଼ରେ ଦେଖା କରି ପାରିଲିନି । ଆଜି ତେଣୁ ଶୀଘ୍ର ଆସିଛି । ମୋତେ ଖଣ୍ଡେ ଇନ୍ଦିରା ଘର ଦୟା କରନ୍ତୁ । ବାପର ଘରଡିହ ଖଣ୍ଡକ ବ୍ୟତୀତ ଆଉ କିଛି ନାହିଁ । ପିଲାର ବାପ ଚାଲିଗଲା ପରେ ତାକୁ ପୋଶି ପାରିଲିନି ବୋଲି ଅନାଥ ଆଶ୍ରମରେ ଛାଡ଼ି ଦେଇଛି ।"

ବ୍ଲକ ବାବୁଙ୍କୁ ଯେମିତି କଥାଟା ଛୁଇଁଲା । ସୁନା ସାହସ କରି ଦରଖାସ୍ତ ଖଣ୍ଡିକ ବଢ଼େଇ ଦେଲା ବାବୁଙ୍କ ହାତକୁ । ବାବୁ ଦରଖାସ୍ତ ପଢ଼ିଲେ - କହିଲେ, "ଆରେ ତୁ ବ୍ୟସ୍ତ ହୁଅନା । ସମୟ ସୁବିଧା ଦେଖି ନିଶ୍ଚୟ କରିଦେବି । ତେବେ ଆଉ ଗୋଟେ କାଗଜରେ ଟିପ ଦେଇ ଯାଇଥା । ପରେ ମୁଁ ତୋତେ ଡକେଇବି ।"

ବାବୁ ଘର ଭିତରକୁ ଡାକିଲେ, ଆ- ଆସ- ଏଇ କାଗଜରେ ଟିପ ଦେଇଯା ।"

ସୁନାକୁ ଡର ଡର ଲାଗୁଥିଲା । କାହ୍ନଟା ଡରରେ ପଣତକାନି ଜାବୁଡ଼ି ଧରିଛି । ବ୍ଲକ ବାବୁଙ୍କର ଆଶ୍ୱାସନା ପାଇ ବି ଘର ଭିତରକୁ ସାହସ ବାନ୍ଧି ପାରୁନଥିଲା । ବ୍ଲକ ବାବୁ ପୁଣି ଡାକିଲେ ସୁନାକୁ । ଆରେ... ଆସ... ଆସୁନୁ... ଆ... ଡର କ'ଣ । ଘର ଭିତରକୁ ନ ଆସିଲେ ଘର ମିଳିବ କେମିତି ।"

ଏତକ କହିଲା ବେଳକୁ ସୁନାକୁ ଏକରକମ ଟାଣିନେଲା ବାବୁଜଣକ । ଏବଂ କବାଟ ବନ୍ଦ କରିଦେଲା । କାହ୍ନା ଠିଆ ହୋଇଛି ଗ୍ରୀଲ ଗେଟକୁ ଧରି ।

ସୁନା କହିଲା - ଇଏ କ'ଣ ? ଆରେ ଇଏ ପରା ଘର । ଅସୁବିଧା କ'ଣ ?

ସୁନା ନିଜକୁ ମୁକୁଳାଇ ପାରିଲାନି । ସେଇ ଚାରିକାନ୍ଥର କ୍ଷେତ୍ରଫଳ ଭିତରେ ସୁନାର ସମସ୍ତ ସୁନା ଚୋରି ହୋଇଗଲା । ଲୁଗା ସଜାଡ଼ି ବାହାରି ଆସିଲା ବାହାରକୁ କାହ୍ନା ଠିଆହୋଇ ପାଚେରୀ କାନ୍ଥରେ ଛବି ଆଙ୍କୁ ଥିଲା ଛବି ବହିର ଘର ପରି ଏବଂ ତାକୁ ଲାଗିଲା ସକାଳର ସୂର୍ଯ୍ୟ ଏଯାଏ ବୋଧେ ଉଦୟ ହୋଇନାହିଁ । ଚାରିଆଡ଼େ ଅନ୍ଧାର ହିଁ ଅନ୍ଧାର । କାହ୍ନା ଧାଇଁ ଆସିଲା ପାଖକୁ । ସେ ବା କ'ଣ ବୁଝୁଛି ? ସୁନାର ହାତ ଥରୁଥିଲା କାହ୍ନାକୁ ଧରିବାକୁ । ଛୁଇଁବାକୁ । ଭାବୁଥିଲା କଣ କହିବ ମଦନାକୁ । କ'ଣ ଘଟିଗଲା କେହି ନ ଜାଣିଲେ ବି ସେ ତ ଜାଣେ । କାହ୍ନାକୁ ଧରି ଫେରିବା ବେଳେ - କାହ୍ନା କହୁଥିଲା, "ମାଆ ଘର ଆମକୁ ମିଳିବ ? କ'ଣ ଲୁଲୁ, ବାବୁଲଙ୍କ ପରି ପକ୍କା ଘର । ନା କେମିତିକା ?

ସୁନା କିଛି କହିପାରୁ ନଥିଲା । ବଲ ବଲ କରି ଚାହୁଁଥିଲା ଆକାଶକୁ ଏବଂ କାହ୍ନାକୁ । କେତେବେଳେ ଘରେ ପହଞ୍ଚିଯାଇଥିଲା ସେ ନିଜେ ଜାଣି ପାରୁନଥିଲା । କବାଟ ବନ୍ଦ କରି ଲୁହ ଗଡ଼େଇଲା । କ'ଣ ପାଇଁ ପ୍ରଭୁ ଏଭଳି ଶାସ୍ତି ପରେ ଶାସ୍ତି ଦେଉଛ । ଏବେ ସେ କ'ଣ କରିବ । କିଛି ବୁଝି ପାରିଲାନି । ଏଥର ସେ ଅନୁଭବ କଲା ସେ ନିଶ୍ଚୟ ହାରିଯାଇଛି । ସମାଜରେ ସେ କାହାକୁ ବିଶ୍ୱାସ କରିବ ? ଏଇ ସଭ୍ୟ ଶିକ୍ଷିତ ମଣିଷଙ୍କୁ, କିମ୍ୱା ଖଡ଼ି ମିଶ୍ରଙ୍କ ଭଳି ଅଳ୍ପ ଶିକ୍ଷିତ ବଡ଼ପଣ୍ଡାଙ୍କୁ ନା ମୂର୍ଖ ଅରକ୍ଷିତକୁ । ଅଥବା ଦିନରାତି ମଦରେ ବୁଡ଼ି

Source: Author, Digitized by PPRACHIN, SOA

ରହୁଥିବା ମଦନାକୁ । କାହାକୁ ??? ଏଠି ମଣିଷଙ୍କ ଭିତରେ ମଣିଷ ସୁରକ୍ଷିତ ନୁହେଁ । ଏ କଥା ଆଉ ସୁନାକୁ ଅବିଶ୍ୱାସ ଲାଗିଲାନି । ତେବେ କେଉଁ ବିଶ୍ୱାସ ଟିକକ ନେଇ ବଞ୍ଚିବ ? କାହା ପାଇଁ ? ନା' ।

ତହିଁଆରଦିନ ସକାଳୁ ବ୍ଲକ ଗାଡ଼ି ଯାଇ ପହଞ୍ଚିଲା ତେଙ୍ଗପଦର ଗାଁ'ରେ । ବ୍ଲକ ବାବୁ ସୁନା କହଁର ଘର ଖୋଜି ଖୋଜି ପହଞ୍ଚିଲା ବେଳକୁ ଲୋକ ଗୁଡ଼ାଏ ଜମା ହୋଇଯାଇଥିଲେ ସୁନା ଘର ସାମ୍ନାରେ । ମୃତ ଲୋକଟିର ଶବ ଉପରେ ସଫେଦ ଶାଢ଼ି ଘୋଡ଼େଇ ଦିଆଯାଇଥିଲା ଏବଂ ଗୋଟେ ଆଠ ଦଶ ବର୍ଷର ବାଳକ ଶବର ଛାତି ଉପରେ ମୁହଁ ରଖି କଇଁ କଇଁ କାନ୍ଦୁଥିଲା । ବ୍ଲକ ବାବୁ ଗାଁ'ର ଜଣେ ଲୋକକୁ ଡାକି କହିଲେ- ସୁନା କହଁର ଘର କେଉଁଟା ? ଟିକେ ଡାକି ଦେବେ କି ? ସରକାରଙ୍କ ଇନ୍ଦିରା ଘର ତାକୁ ମିଳିଛି ।

ଲୋକଟି ଶବ ଆଡ଼କୁ ହାତ ଠାରି କହିଲା, ''ହେଇ ସୁନା ଶୋଇଛି ଧଳା ଚଦର ଭିତରେ ।

ବ୍ଲକ ବାବୁ ନିରବ ହୋଇଗଲେ - ଡ୍ରାଇଭରକୁ କହିଲେ : ଶୀଘ୍ର ଗାଡ଼ି ବୁଲା । ଗାଁ' ଲୋକେ ଚାହିଁଥିଲେ - ଗାଡ଼ି ଧୂଳି ଉଡ଼େଇ ଚାଲିଗଲା ଦ୍ରୁତଗତିରେ ଆଗକୁ.... ।

■ ■ ■

Source: Author, Digitized by PPRACHIN, SOA

ହରିବୋଲ

ପହିଲି ଆଷାଢ଼ର ପହିଲି ବର୍ଷା ସାଙ୍ଗକୁ ଭିଜାମାଟିର ଗନ୍ଧରେ ଭିଜିବାର ଅନୁଭବ ପହିଲି ପ୍ରେମ ପରି ବେଶ୍ ରୋମାଞ୍ଚକର । ଏ ବର୍ଷ ମୌସୁମୀ ଶିଘ୍ର ଆସିଯାଇଛି । ଆକାଶଭର୍ତ୍ତି ମେଘ । କାଳୀ ଗାଈ ପହ୍ଲା ପରି ଓହଳି ପଡ଼ିଥିଲା ପାହାଡ଼ ଆଉ ନଦୀକୂଳିଆ ଗାଁ ଉପରେ । ବର୍ଷିବ ବର୍ଷିବ ବୋଲି ଫୁଲେଇ ଝିଅପରି ଉଚ୍ଛନ୍ନ ହୋଇ ପଡୁଥିଲା । ଭସାବାଦଲ ସବୁକୁ ଛୁଇଁ ଯିବାକୁ ଖୁବ୍ ଇଚ୍ଛା ହେଉଥିଲା । ଆନମନା କରି ପକାଉଥିଲା ଥରକୁ ଥର ।

ଏମିତି ଏକ ଅନୁଭବ ଲମ୍ବି ଲମ୍ବି ଯିବାବେଳକୁ ସହସା ପୂର୍ଣ୍ଣଚ୍ଛେଦ ପଡ଼ିଲା ଦଳେ ସଂକୀର୍ତ୍ତନିଆଙ୍କ ଉଦଣ୍ଡ ନାଚରେ । ଗାଡ଼ି ଅଟକିଲା ସେଇଠି । ସେମାନେ ପାଛୋଟି ନେଲେ ଗାଁ ଆଡ଼କୁ । ସଭାସ୍ଥଳକୁ ନେତାଙ୍କ ପଛରେ ସରକାରୀ, ବେସରକାରୀ ଲୋକଙ୍କ ଭିଡ଼। ପଛକୁ ପଛ ଯୋଡ଼ି ଶଙ୍ଖ, ଝାଞ୍ଜି, ଖୋଳ, ଢୋଲିଆ, ଗୋଟିପୁଅ ନାଚ ସାମିଲ ହୋଇଗଲେ କ୍ଷଣିକେ । ତାଙ୍କ ସହିତ ତାଳଦେଇ କେବେ ନାଚିବାକୁ ସୁଯୋଗ ପାଉନଥିବା ଗାଉଁଲି ଟୋକାଦଳ ଅକ୍ଷୟ, ଗୋବିନ୍ଦାଙ୍କୁ ନକଲ କରିବାକୁ ଆପ୍ରାଣ ଚେଷ୍ଟା ଚଳେଇ ଥିଲେ । ନେତାଙ୍କ ବେକରେ ଲମ୍ୱା ଫୁଲହାର ଦେବାପରେ ହିଁ ପ୍ରଶେସନ ଆରମ୍ଭ ହେଲା । ନେତାଙ୍କ ହାତରେ ଆଜି ପାଇପ୍ ପାଣି ଯୋଗାଣର ଶୁଭ ଉଦ୍‌ଘାଟନ । ବସ୍ ରହୁଥିବା ଛକରୁ ରଣଝାଲି ଗାଁ ପ୍ରାୟ ମାଇଲ୍‌ଏ ରାସ୍ତାରୁ ଅଧିକ । ଏଇଠୁ ବାଜା, ନାଚର ଆସରରେ ଲମ୍ୱା ପ୍ରଶେସନ ଗାଁ ଆଡ଼କୁ ଚାଲିଲେ ।

Source: Author, Digitized by PPRACHIN, SOA

ଗାଁର ଏମିତି ଏକ ଉତ୍ସବମୁଖର ସମୟରେ କାରଗିଲର ସମ୍ବାଦକୁ ବିଶ୍ୱକପ୍‌ର ତାଜା ଖବର ଗୋଡ଼େଇ ଦେବାପରି ଆଗାମୀ ନିର୍ବାଚନ ବୈତରଣୀ ପାରିହେବାକୁ ନେତାଙ୍କ ପାର୍ଟି ସଂଗଠନର ଆୟୋଜନ ଟାଇଗର, ହ୍ରାସ ସେକ୍ସରର ଖବର ସଂପୂର୍ଣ୍ଣ ଫିକା ପଡ଼ି ଯାଇଥିବା ମନେହେଲା । ସୀମାନ୍ତର ତାଜା ଖବର ଏଠି ଲୋକଙ୍କ ନିକଟରେ ପହଞ୍ଚିପାରୁ ନଥିଲା ।

ଅନୁପ୍ରବେଶକାରୀଙ୍କ ପରି ହଠାତ୍ ଅସରାଏ ବର୍ଷା ସମସ୍ତଙ୍କ ଖୁସିକୁ ଭିଜେଇ ଦେଉଥିଲେ ହେଁ କେହି ଭୃକ୍ଷେପ କରୁନଥିବଲେ । ବରଂ ପହିଲି ବର୍ଷାର ତାଳେ ତାଳେ ସେମାନଙ୍କ ନାଚ ଦ୍ୱିଗୁଣିତ ହୋଇଯାଉଥିଲା । ପାଇପ୍ ଜଳଯୋଗାଣ ପୂର୍ବରୁ ଆକାଶରୁ ଜଳ ବର୍ଷିବା ଯେମିତି ଗାଁକୁ ଶୁଭଙ୍କର ବୋଲି ସମସ୍ତେ ବିଚାର କରୁଥିଲେ । ବର୍ଷାରେ ଅଟକିଲାନି ପ୍ରଶେସନ, ବରଂ ଅଧିକରୁ ଅଧିକ ଗାଁ ଲୋକ ସାମିଲ ହେଉଥିଲେ । ଏକ ଅଜଣା ଉତ୍ସାହ ଘେରି ରହିଥିଲା ସମସ୍ତଙ୍କୁ । ଗାଁର ସ୍ତ୍ରୀ ଲୋକମାନେ ହୁଳାହୁଳି ପକେଇ ନାଚୁଆ ଟୋକାଙ୍କୁ ଆହୁରି ଉତ୍ସାହିତ କରୁଥିଲେ । ହେଲେ ହୁଳହୁଳି ସାଂଗକୁ ହରିବୋଲ ଶବ୍ଦ ନ ଥିବାରୁ କେମିତି ବେଖାପ ବେଖାପ ଲାଗୁଥିଲା । ଏତିକିବେଳେ ମଝି ସାହିରୁ ଲୋକଟାଏ ଧାଇଁ ଆସିଲା ନେତାଙ୍କ ପାଖକୁ ଓ ସାଷ୍ଟାମ ପ୍ରଣାମ କରି ବଡ଼ପାଟିରେ କହିଲା– ପକାଅ ହରିବୋଲ । ହୁଳୁହୁଳି ଭିତରେ ତା' ହରିବୋଲ କୁଆଡ଼େ ମିଳେଇ ଯାଉଥିଲା ଯେ ବିଲ୍‌କୁଲ ଜଣାପଡୁନଥିଲା । ଲୋକଟା ଏକା ଏକା ହରିବୋଲ ପକେଇ ଥକିପଡ଼ିଲା ଓ ତା କଥାକୁ କେହି ଖାତିର ନ କରି ହରିବୋଲ ସାଥିରେ ହରିବୋଲ ନ ମିଶେଇବାରୁ ସେ ଆପେ ଆପେ ଚୁପ୍ ରହିଗଲା । ପ୍ରଶେସନ ସହିତ ସେ ଚାଲିଥିଲା ସଭାସ୍ଥଳକୁ । ପିନ୍ଧିଥିବା ଅଣଓସାରିଆ ଧୋତିକୁ ଜଙ୍ଘ ଉପରକୁ ଟେକି ଗାମୁଛା କାଖତଳେ ଜାକି ଧରିଥିଲା କାଳେ ବର୍ଷାରେ ସେ ଖଣ୍ଡିକ ଓଦା ହୋଇଯିବ । କାହାର ଛତା ତଳକୁ ଚାଲିଯିବା ବେଳେ ଛତା ଧରିଥିବା ଲୋକଟା ଆଗକୁ ଆଗକୁ ଧପାଳି ଯାଉଥିଲା ଏବଂ ହରିବୋଲ କୌଣସି ପ୍ରକାରେ ବର୍ଷାରୁ ନିଜକୁ ରକ୍ଷାକରି ପାରୁନଥିଲା । ଗାମୁଛା ଖଣ୍ଡିକ ଆସ୍ତେ ଆସ୍ତେ ଓଦା ହେବାକୁ ଆଉ ଡେରି ନଥିଲା । ବେଣ୍ଡି ପଡ଼ିଯାଇଥିବା ଗୋଇଠି ଓ ତାର ନୁଖୁରା ଫୁଙ୍ଗୁଳା ଦେହ, ମୁହଁରେ ଅଧାଇଞ୍ଚର ଦାଢ଼ି ଏ ଧୋବଧାଉଳିଆ ଲୋକମାନଙ୍କ ଗହଣରେ ବେଶ୍ ବାରି ହୋଇ ପଡୁଥିଲା । ନୀରବ ମୁହଁଟିରେ ତା'ର ଅଭାବ, ଅନଟନର ସ୍ପଷ୍ଟ ଛାପ, ସେ ବୁଝି ନଥିଲା ପାଇପ୍ ଜଳ ଯୋଗାଣ କଥା । ସେ ଜାଣିଥିଲା, ଏମିତି ପ୍ରଶେସନ ମାନେ ଶେଷ ବେଳକୁ ଭଲ ଖାଇବାକୁ ମିଳିବ । ବାସ୍ ।

ସଭାସ୍ଥଳରେ ପହଞ୍ଚିବା ବେଳକୁ ବର୍ଷା ତଥାପି ସଂପୂର୍ଣ୍ଣ ଛାଡ଼ି ନଥିଲା । ଗାଁଟିରେ ଅଶିକ୍ଷିତ ଥୋକାଏ ଲୋକ ବ୍ୟତୀତ ସବୁ ଶିକ୍ଷିତ ବ୍ୟକ୍ତି ଗାଁ ଛାଡ଼ି ଦେଇଥିବା ବେଶ୍ ଅନୁମାନ କରିଦେଉଥିଲା ଗାଁର ଭୂଗୋଳରୁ । ସେଇ ଶିକ୍ଷିତ ଏବେ ବିଦେଶୀ ଲୋକମାନଙ୍କ ଘର ଚୂନ ରଙ୍ଗରେ ଧୋବ ଧାଉଳିଆ କରିଦେଇ ସେମାନଙ୍କ କର୍ତ୍ତବ୍ୟ ଶେଷ କରି ଦେଇଥିବାବେଳେ ପ୍ରିୟ ଭିଟାମାଟିକୁ ଛାଡ଼ିନଥିବା ସେଇ ବୁଢ଼ାବୁଢ଼ୀଙ୍କ ଭିତରୁ କେହି କେହି ବାରଣ୍ଡାରେ ବସିଥିବାର ଦେଖାଯାଏ ଏବଂ ଦେଖି ହେଉଥିଲା ସେମାନଙ୍କର ଅସହାୟତା । ଗାଁ ଲୋକେ

Source: Author, Digitized by PPRACHIN, SOA

ସେଇ ତଥାକଥିତ ଶିକ୍ଷିତମାନଙ୍କୁ ନେଇ ଗର୍ବ କରୁଥିଲେ ହେଁ ମଫସଲରେ ଚଳି ହେବନି ବାହାନାରେ କେହି କେବେ ଗାଁକୁ ଆସୁନଥିଲେ କିମ୍ୱା ଦୃଷ୍ଟି ଦେଉନଥିଲେ ।

ଅବିରାମ ଗତିରେ ଚାଲିଥିଲା ଝିପିଝିପି ବର୍ଷା । ହେଲେ ମଞ୍ଚର କୌଣସି କ୍ଷତି ହୋଇନଥିଲା । ସଭାକାର୍ଯ୍ୟ ଆରଂଭ ହେଲା । ବିନା ମାଇକ୍‌ରେ ନେତା, ଅଣନେତାଙ୍କ ଭାଷଣ ଲୋକମାନଙ୍କ ଭିତରେ ସେମିତି କିଛି ହଟଚମଟ ସୃଷ୍ଟି କରିପାରିନଥିଲା । ତେବେ ବହୁଦିନ ପରେ ଗାଁ ଲୋକଙ୍କ ସ୍ୱପ୍ନ ସାକାର ହେଉଛି ଜାଣି ଖୁସିର ଲହରୀ ଖେଳିଯାଉଥିଲା ସଭିଙ୍କ ମନରେ ।

ହରିବୋଲ ଠିଆ ହୋଇଥିଲା ଝିପି ଝିପି ବର୍ଷାରୁ ନିଜକୁ ବଞ୍ଚେଇ ହନୁମାନଙ୍କ ମନ୍ଦିର ବେଢ଼ା ନିକଟରେ । ମନ୍ଦିର ଭିତରୁ ରନ୍ଧା ଖାଦ୍ୟର ମହ ମହ ବାସ୍ନାରେ ତା' ଭୋକ ଦ୍ୱିଗୁଣିତ ହୋଇଯାଉଥିଲା । ମନେ ମନେ ଭାବିଲା ଏଇବେଳେ ବାସନ୍ତୀଟା ଆସନ୍ତା ହେଲେ ତାକୁ ବି ଏଇ ସୁଆଦିଆ ଖାଦ୍ୟରୁ ମୁଠାଏ ମିଳିଯାଆନ୍ତା । ଗାଁ ଗୋଟାକର ଗାଈ, ଛେଳି ଗୋଠରେ କେବେ କେମିତି ପଖାଳ, ମାଣ୍ଡିଆ ଜାଉ ନ ହେଲେ ପେଜ ଖାଇ ପାଟିରେ ଛତୁ ଫୁଟିଗଲାଣି । ସ୍ତ୍ରୀ ମରିଯିବା ବେଳକୁ ବାସନ୍ତୀ ଆଠ ବର୍ଷର ପିଲା । ୟା ଭିତରେ ଦଶବର୍ଷ ବିତି ଗଲାରି । ହରିବୋଲର ସଂସାର ବୋଇଲେ ସେ ଆଉ ଝିଅ । ଗାଁ ଗୋଠିଆ ଜଗାରଖା କରି କଷ୍ଟରେ ଚଳନ୍ତି । ସବୁ ସଂଜରେ ଫେରିବା ପେର ଝିଅଟା କଣ ଗଣ୍ଡାଏ ଫୁଟେଇ ଦିଏ ଯେ ଆର ସଂଜ ଯାଏ ଚଳିଯାଆନ୍ତି ଦୁହେଁ । କିଏ ଅଛି ଯେ, ଦୁହିଁଙ୍କୁ ଦେଖିବ । ପଡ଼ିଶା ଘର ଖୁଡ଼ି କହୁଥିଲେ–

"ହରିବୋଲ, ଝିଅ ବଡ଼ ହୋଇଗଲାଣି । ତାକୁ ଏଥର ବାହାଘର କରିଦିଅ ।"

ସେଦିନ ହିଁ ହରିବୋଲ ବୁଝିଲା – ଆଠ ବର୍ଷର ବାସନ୍ତୀ ଆଉ ଏକ ବାସନ୍ତୀରେ ରୂପାନ୍ତର ହୋଇଯାଇଛି ।

ସଂଜ ନଇଁ ଗଲାଣି । ସଭାକାର୍ଯ୍ୟ ଅନେକ ବେଳୁ ଶେଷ । ମଫସଲ ବିଜୁଳି ଆଲୁଅର ଲୁଚକାଳି ଖେଳ ସାଂଗକୁ ବାଁର ଚପର ଚପର ପାଗଟା ଭାରି ସିକିସିକା ଲାଗୁଛି । ମନ୍ଦିର ଭିତରେ ଖଳି ପଡ଼ିଗଲାଣି । ହେଲେ ହରିବୋଲ ଭିତରକୁ ଯାଇପାରୁନି । ଏପଟ ସେପଟ ଖୁଜୁବୁଜୁ ହୋଇ ବୁଲୁଛି ବାହାରେ । ସେତିକିବେଳେ ଦେଖିଲା ବାସନ୍ତୀ ଗାଈ, ଛେଳି ସବୁକୁ ଘରମୁହାଁ କରି ଦେଇଛି । ହରିବୋଲ ଝପଟିଗଲା ବାସନ୍ତୀ ପାଖକୁ ଓ କାନ ପାଖେ କଣ ଫୁସ୍ ଫୁସ୍ କହିଲା । ବାସନ୍ତୀ ଓଠରେ ହସର ଧାରଟିଏ ଖେଳିଗଲା । ଏଥର ବାସନ୍ତୀ ବାପ ପାଖରେ ବସିପଡ଼ିଲା । ଭିତରେ ଖିଆପିଆ ବୋଧେ ସରିଗଲାଣି । ଅଧାଅଧି ଲୋକ ଚାଲିଗଲେଣି ନେତାଙ୍କ ପଛେ ପଛେ । କେବଳ ଦଳର ଅସନ୍ତୁଷ୍ଟ ଗୋଷ୍ଠୀର ଦଳେ ଟିକେ ଅଣଆଡ଼ିଆ ଠିଆ ହୋଇ ଶୁଖିଲା ମନ୍ତବ୍ୟ ଦେଉଥିଲେ । ସେମାନଙ୍କ ଭିତରୁ ଅଛ ଦାଢ଼ୀ ଥିବା ଟୋକାଟାର ନଜର ପଡ଼ିଲା ବାସନ୍ତୀ ଉପରେ । କସ୍ତା ଶାଢ଼ି ଭିତରେ ତାର ଖୁନ୍ଦିଲା ଯୌବନ ଫୁଟି ପଡୁଥିଲା । ଝିପି ଝିପିବର୍ଷା ମୁଖର ସଂଜରେ ଏ ଯେ କମାଲ ସଂଯୋଗ ମନେକରି ଓଠ ଉପରେ ଜିଭ ବୁଲେଇ ଆଣି ବାସନ୍ତୀ ପାଖକୁ ଚାଲି ଆସିଲା । କହିଲା–

Source: Author, Digitized by PPRACHIN, SOA

‘‘ଖାଇବୁ କି ? ଭିତରକୁ ଆସୁନୁ... ଆ.... ।’’

ବାସନ୍ତୀ ଟିକେ ଥତମତ ହେଲା । ତା ଆଖିର ଅଶ୍ଳୀଳ ଚାହାଣି ଦେଖି ବାସନ୍ତୀ ଥରକୁ ଥର ଲୋକଟାକୁ ଓ ବାପକୁ ଚାହିଁଲା । ଏଥର ସେ ବୁଝିଗଲା କି କଣ ? କହିଲା–

‘‘ଆରେ ଦିହେଁଯାକ ଆସ... ଆସୁନ... ଆସ ।

ମେଘ ଘୋଟେଇଛି । ପୁଣି ବର୍ଷିବ ଶିଘ୍ରକାମ ବଢ଼େଇଦେବା । ଆସ ... ଆସ ।’’

ବାପ ଝିଅ ଖାଇବାକୁ ବସିପଡ଼ିଲେ । କିଏ ଜଣେ ହରିବୋଲକୁ ଆଡୁଆଳକୁ ଡାକିନେଇ ବୋତଲଟା ଦେଖେଇ କହିଲା–

‘‘କିରେ ହଉ ଟିକେ ।’’

ହରିଆ ନିଜକୁ ବିଶ୍ୱାସ କରିପାରିଲାନି । ବୟସ ଖସିଯାଉଥିବା ଦେହଟା କେବେ କେମିତି କଷ କଷ ଲାଗିଲେ ସେ ଦି’ଟଙ୍କାର ପକେଇ ଖାଡ଼ା ହୋଇଯାଏ । ହେଲେ ଏ ବୋତଲ ମାଲ ସେ ଦେଖିନ ଥିଲା ଆଗରୁ । ଲୋକଟା କହିଲା–

‘‘କିରେ ଡରୁଛୁ କି ? ମରଦପୁଅଟି । ନେ... ନେ... ଟିକେ ପକା ।’’

ହରିବୋଲ ଆଉ ମନା କଲାନି । ଦୁଇ, ତିନି, ଗ୍ଲାସ ଏକା ଥରକେ ନେଇ ଗଲା । ଭୋକରେ ଆଉଣ୍ଡି ହେଉଥିବା ପେଟରେ ଏ ବିଦେଶୀ ପଡ଼ିଯିବା ପରେ ତାକୁ ଚାରିଆଡ଼େ ଅନ୍ଧାର ଦିଶିଲା ଓ ସେ ସେଇଠି କାନ୍ଥକୁ ଆଉଜି ଶୋଇଗଲା ଗଭୀର ନିଶାରେ ।

ରାତି ପାହିଲା ବେଳକୁ ହରିବୋଲ ନିଜକୁ ଦେଖିଲା ମନ୍ଦିର ବେଢ଼ାରେ । ସେ ଘରକୁ ଫେରିପାରିଲାନି । ବାସନ୍ତୀ... ଚାଲିଯାଇଛି । ଝିଅ ପାଖରେ ତାର ମଦ ପିଇବା ଘଟଣା ଧରାପଡ଼ିଯାଇଛି ଜାଣି ଭାରି ପସ୍ତେଇ ହେଲା । ହରିବୋଲ ଏଥର ଉଠିଲା ଘରକୁ । ଘରେ ବାସନ୍ତୀ ନାହିଁ । ପାଖ ପଡ଼ିଶା ଖୋଜିଲା । ଧାଇଁଲା ଗାଁ ଭିତରକୁ । ହେଲେ ବାସନ୍ତୀ କେଉଁଠି ନାହିଁ । କିଏ ଜଣେ ଖବର ଦେଲା ବାସନ୍ତୀ ମନ୍ଦିରରେ ଅଛି । ହରିବୋଲ ଅଣନିଃଶ୍ୱାସୀ ହୋଇ ପୁଣି ମନ୍ଦିରକୁ ଚାଲିଲା । ସେତେବେଳକୁ ଅଳ୍ପ କେତେକ ଲୋକ ଗୁଣ୍ଡ ହୋଇ ଦୃଶ୍ୟଟିକୁ ଦେଖୁଥିଲେ । ବାସନ୍ତୀ ଝୁଲୁଥିଲା ମନ୍ଦିର ଫୁଲ ଗଛରେ । ନିଜ ପିନ୍ଧା ଶାଢ଼ିରେ ଫାଶ ଲଗେଇ ଝୁଲୁଛି । ହରିବୋଲ କିଛି ବୁଝିପାରିଲାନି । ସେ ସେଇଠି ମୂକଟିଏ ପରି ଆକାଶକୁ ଚାହିଁ ଠିଆ ହୋଇ ରହିଲା ।

ପୋଲିସ ଅନୁସନ୍ଧାନ ଓ ପୋଷ୍ଟମର୍ଟମ ରିପୋର୍ଟ ଅନୁଯାୟୀ ଏହା ଗତ ରାତିରେ ଗଣଧର୍ଷଣ ଓ ମର୍ଡର ବୋଲି ଜଣାଗଲା । ମନ୍ଦିର ବେଢ଼ାରେ ଧର୍ଷଣ କରିଥିବା ସ୍ଥାନରୁ ମିଳିଥିବା ଘଣ୍ଟା, ଚପଲ ପୂର୍ବତନ ଅଧ୍ୟକ୍ଷ ଓ ଅନ୍ୟ ସ୍ଥାନୀୟ ନେତାଙ୍କର ବୋଲି ମତ ଦେଉଥିବା ବେଳେ ଅନ୍ୟ କେତେକ ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ନେତାଙ୍କୁ ବଦନାମ କରିବାକୁ ଏହା ଏକ ଷଡ଼ଯନ୍ତ୍ର ବୋଲି କହୁଥିଲେ ।

ପୋଲିସ ହରିବୋଲଠୁ ଷ୍ଟେଟମେଣ୍ଟ ନେବାବେଳେ ସେ କେବଳ ଏତିକି କହୁଥିଲା –

‘‘ମୋ ଝିଅ ‘ହରିବୋଲ ହୋଇଗଲା ବାବୁ ।’’

■■■

Source: Author, Digitized by PPRACHIN, SOA

ଚପା ଚପା ଚରଖା ଚଲେ

[illegible] ରଡ ହେବାବେଳକୁ ନୂଆ ଟା[illegible] [illegible]ମୋ [illegible] ଉଛକି ଧରିଲାଣି । ଏଇଠୁ ବାମକୁ ପାଞ୍ଚମାଇଲେ ଗଲେ ପଡ଼ିବ ନରହରିପୁର ଗାଁ । ଯେଉଁଠି ଆଜିକୁ ଛଅସ୍ତରୀ ବର୍ଷ ପୂର୍ବେ ସେ ଜନ୍ମ ହୋଇଥିଲେ । କାହିଁ କେତେଦୂରରେ ରହିଲାଣି ସେଇ ଶୈଶବ, କୈଶୋରର ଦିନସବୁ । ଚାହିଁଲେ ଆଖି ପାଉନି । ଗାଁ ରଜଦୋଳି, ହୋଲି, ଝୁଲଣ, ବଣଭୋଜି, କବାଡ଼ି, ଗିଲିଦଣ୍ଡା, ପୁଣି ଝଙ୍କାଳିଆ ଆମ୍ବଗଛ ତଳେ ଗାଁ ଅବଧାନେଙ୍କ ପାଖେ ପାଠପଢ଼ା । ନଈ ପହଁରା ଗାଈଆଳ ପିଲାର ବଂଶୀ ଆଉ ସଂଜ ଗଡ଼ିଗଲା ପରେ ଓଲେଇ ଗାଈ ବେକରେ ଝୁଲୁଥିବା ଟିପାର ଟିପ୍ ଟିପ୍ ଶବ୍ଦ ସାଂଗକୁ ଦୂର ପାହାଡ଼ ତଳୁ ଗଉଡ଼ ପିଲାର ୟାହାଁ... ଲୋ... ଲୋ ଡାକ ସମସ୍ତ ନିସ୍ତବ୍ଧତାକୁ ଭାଂଗି, ଖେଳି ଯାଉଥିବ କାହିଁ କେତେଦୂରକୁ । ବୁଢ଼ୀମାର ଗପ ସାଂଗକୁ ଗଉଡ଼ପିଲାର ଗାଈଖୋଜା ଡାକ, ଭୈରବୀ ଡାକୁଛି ବୋଲି କହି ଅତର୍ଛ କରି ପକାଏ ଶିଘ୍ର ଶିଘ୍ର ଖାଇ ଆଖି ବଂଦ କରି ଶୋଇଯିବାକୁ । ଭାଦ୍ରବ ମାସର ଭାଲୁକୁଣୀ ଓଷା ସାଂଗକୁ ପଦ୍ମା ସାଥିରେ ପୋଖରୀ ପହଁରା, କଇଁଫୁଲ ତୋଳା, ତା' ଓଦା ସରସର କିଶୋରୀ ଦେହକୁ ପାଣିରେ ଜାବୁଡ଼ି ଧରିବାର ଉନ୍ମାଦନା କ୍ରମେ ଅସ୍ପଷ୍ଟ ହୋଇ ଆସୁଛି, ବେଳକୁ ବେଳ ଉତ୍ତୀର୍ଣ୍ଣ ବୟସ ସାଥିରେ । ଗାଡ଼ି ରହୁ ରହୁ ଡ୍ରାଉଭର ଚାଲିଗଲାଣି ଚା' ପିଇବାକୁ । ସଂଗ୍ରାମ କହିଲା– [illegible]

Source: Author, Digitized by PPRACHIN, SOA

‘‘ବାବା, ଆପଣ ବସିଥାନ୍ତୁ ପିଣ୍ଟୁ ସହିତ, କିଛି କଞ୍ଚାପରିବା ଏଇଠୁ ନେଇଯିବା ଘରକୁ ।’’

ହେଲେ ଢେର ସମୟ ବିତିଗଲାଣି - ଅଥଚ ନା ଡ୍ରାଇଭର, ନା ସଂଗ୍ରାମ କେହି ଆସୁ ନାହାଁନ୍ତି । ଭରି ବିତାପର ଲାଗିଲାଣି ତାଙ୍କୁ । ଏତିକି ବେଳେ ପିଣ୍ଟୁ କହିଲା-

‘‘ଜେଜେ, ତୁମ ଗାଁ ଆଉ କେତେବାଟ ଯେ ?’’

ଶକ୍ତିସୁମନ ତାକୁ ବୁଝେଇବା ଢଙ୍ଗରେ ହାତଠାରି କହିଲେ-

‘‘ଏଇ ଯେଉଁ ପାହାଡ଼ ଦିଶୁନି, ଠିକ୍ ତାର ତଳେ ଆମ ଗାଁ । ଆଉ ଅଳ୍ପ ସମୟ ପରେ ଆମେ ପହଞ୍ଚିବା ।’’

ପିଣ୍ଟୁ ପୁଣି ପଚାରିଲା- ‘‘ଜେଜେ, ତୁମ ଗାଁଟା କ’ଣ ସହର ନୁହେଁ ? ତେବେ ଗାଁଟା କ’ଣ ଯେ ??’’

ଗାଁର ଭୂଗୋଳ ସହିତ ଫରକଟା କଣ ବୁଝେଉ ବୁଝେଉ ଡ୍ରାଇଭର ଆସି ଯାଇଥିଲା । ଶକ୍ତିସୁମନ ଦେଖିଲେ ପିଲାଦିନେ ଯେଉଁ ଛକରେ ସଂଧ୍ୟାବେଳେ ଯିବାକୁ ଡର ଲାଗୁଥିଲା, ସେଠି ଏବେ ଗୋଟେ ଛୋଟମୋଟର ବଜାର ଗଢ଼ିଉଠିଛି । ସେଇ ନିମଗଛ, ବରଗଛ ସେମିତି ଛିଡ଼ା ହୋଇଛି ଆକାଶକୁ ଚାହିଁ । ଚାରିଆଡ଼କୁ ଉଠା କ୍ୟାବିନ ସାଂଗକୁ ଆଣ୍ଟୁଆଣି ପିଲାର ଉପରେ ଦୋକାନ ଘର ବଢ଼ି ଚାଲିଛି । ସବୁ ବେଳେ ଗହଳ ଚହଳ ଲାଗି ରହିଛି ।

ସଂଗ୍ରାମ ଆସିବାପରେ ପିଣ୍ଟୁକୁ ଧରି ଗାଡ଼ିରେ ବସି ପଡ଼ିଲେ ସେ । ରାସ୍ତାର ଦୁଇ ପାର୍ଶ୍ୱରେ ସବୁଜଧାନ କ୍ଷେତ । ସବୁଜପତ୍ର ଉପରେ ଅସ୍ତଗାମୀ ସୂର୍ଯ୍ୟର ଆଉଟା ସୁନାରଂଗର କିରଣ ଲହଡ଼ି ଭାଂଗୁଥିଲା । ଦୂରପାହାଡ଼ ଆଡ଼କୁ ଘର ବାହୁଡ଼ା ପକ୍ଷୀ ଦେଖୁ ଦେଖୁ କୁଆଡ଼େ ହଜିଯାଉଥିଲେ ଆକାଶରେ ଆଖିପାଉନଥିଲା । ଗାଡ଼ି ଯାଉଥିଲା ଅଠରବାଙ୍କ ଦେଇ । ଯା ଭିତେର ଗାଁକୁ ରାସ୍ତା ପିଚୁ ହୋଇଯାଇଛି ଦେଖି ତାଙ୍କୁ ଭାରି ଖୁସି ଲାଗିଲା । ଗାଁ ମୁଣ୍ଡରେ ଏତେ ବଡ଼ ଛାତଘର ଦଖେି ପଚାରିଲେ ସଂଗ୍ରାମକୁ । ସଂଗ୍ରାମ ହାତ ଦେଖେଇ କହିଲା–

‘‘ବାବା, ଏଇଟା ହାଇସ୍କୁଲ । ଏ ବର୍ଷକୁ ଲଗେଇ ଦୁଇଟି ବ୍ୟାଚ ପରୀକ୍ଷା ଦେଲେଣି । ତା’ ଆଗକୁ ଯେଉଁ ନିଅଁଖୋଳା ହୋଇଛି ସେଇଟା କଲେଜ ହେବ । ସେପଟ ଛୋଟିଆ ଘରଟା ଆମ ଗାଁ ପୋଷ୍ଟ ଅଫିସ୍ ।’’

ଗାଁମୁଣ୍ଡ ଧରିବା ବେଳକୁ ମୁହଁସଂଜ । ଚାରିଆଡ଼େ ବିଜୁଳିବତି । ଗାଁର ଦୁଇପଟ ସାଆଲାର୍ ଅଧିକ ଘର ଚାଳ ଛପର ପରିବର୍ତ୍ତେ ବେଶ ଧେବ ଧାଉଳିଆ ଦେଖାଯାଉଛି । ଶକ୍ତିସୁମନ ମନେ ମନେ ଖୁସିହେଲେ– ତାଙ୍କର ମନେ ପଡ଼ିଲା – ବାପୁଙ୍କ କଥା । ସତରେ କ’ଣ ସେ ସବୁ ଏବେ ସଫଳ ହେବାକୁ ଯାଉଛି ? ଗାଁର ଏଭଳି ପରିବର୍ତ୍ତନ କଥା ଭାବୁ ଭାବୁ ଗାଡ଼ି ଯେଉଁଠି ରହିଲା, ସଂଗ୍ରାମ କହିଲା–

‘‘ବାବା, ଏଥର ଓହ୍ଲେଇ ପଡ଼ନ୍ତୁ ।’’

ପିଣ୍ଟୁର ଗୋଟେ ହାତ ଧରି ସେ ଏଥର ନିଘା କଲେ ତାଙ୍କର ପୈତୃକ ଘର ଏଥିରୁ କେଉଁଟି ? ହେଲେ ଯା ଭିତରେ ଏତେ ପରିବର୍ତ୍ତନ ହୋଇଯାଇଥିଲା, ଯେ ଚିହ୍ନିବା ଏତେ ସହଜ ନଥିଲା । ତାଙ୍କର ସେଇ ଛଚା ଛପର ଘର, ଉଚ୍ଚା ପିଣ୍ଡା, ଘର ସାମ୍ନା ବଉଳ ଗଛ

Source: Author, Digitized by PPRACHIN, SOA

ଓ ପାଖକୁ ଲାଗି ମାଙ୍କଡ଼ା ପଥରର ଚଉତରା ଏସବୁର ଚିହ୍ନ ନଥିଲା ବରଂ ଏ ସବୁ ବଦଳରେ ଏକ ପ୍ରକାଣ୍ଡ କୋଠା ଘରକୁ ସଂଗ୍ରାମ ତାଙ୍କୁ ଦେଇଯାଉଥିଲା । ଶକ୍ତିସୁମନ ପ୍ରଥମ ପାହାଚରେ ଗୋଡ଼ ରଖୁ ରଖୁ ଆପେ ଆପେ ଅନ୍ୟମନସ୍କ ହୋଇଗଲେ । ପଛକୁ ଘୁରିପଡ଼ି ଚାହିଁଲେ ତାଙ୍କ ସାମ୍ନା ଘରକୁ । ଯେଉଁ ଘର ଭିତରୁ ଦିନେ ରୁଣୁଝୁଣୁ ପାଉଁଜି ଶବ୍ଦ ପଢ଼ାଘରୁ ତାଙ୍କୁ ବାହାରକୁ ଟାଣି ଆଣୁଥିଲା । ସେ ଘରର ରୂପ ପରିବର୍ତ୍ତନ ହୋଇଯାଇଥିଲେ ହେଁ ସାମ୍ନା ନଡ଼ିଆଗଛ ଚିହ୍ନେଇ ଦେଉଛି । ପଦ୍ମାର ଘର । ପଦ୍ମା କେବେଠୁ ଏ ଗାଁ ଛାଡ଼ି ଗଲାଣି । ହେଲେ କାଲିପରି ଲାଗୁଚି ସବୁ । ସ୍ମୃତି ହୋଇ ରହିଯାଇଛି ଯାହା ।

କାର୍ତ୍ତିକ ପୂର୍ଣ୍ଣମୀ ବୋଧେ ପାଖେଇ ଆସିଲାଣି । ରଣିଫୁଲିଆ ତୋଫା ଜହ୍ନ କିରଣରେ ବୁଡ଼ିଯାଇଛି ଗାଁ । ହେଲେ ବିଜୁଳି ଆଲୁଅ ଓ ସହରୀ ଢଂଗରେ ଏ ଧୋବ ଧାଉଳିଆ ଘର ଯୋଗୁ ଜହ୍ନରାତି କେମିତି ପାଣିଚିଆ ମନେ ହେଉଥିଲା । କୌଣସି ଆତ୍ମୀୟତା ନଥିଲା ପରି । ଏମିତି ଏକ ପରିବର୍ତ୍ତନ ଶକ୍ତିସୁମନଙ୍କ ମୋଟା ଲେନ୍ସରେ ଝାପ୍‌ସା, ଝାପ୍‌ସା ଦେଖାଯାଉଥିଲା ଓ ସେ ହଜିଯାଉଥିଲେ ହଜିଲା ଦିନମାନଙ୍କରେ । ପିଣ୍ଟୁ କେତେବେଳୁ 'ଜେଜେ, ଘରକୁ ଚାଲିଯିବା' କହୁଥିଲେ ହେଁ, ସେ କିଛି ଶୁଣିପାରୁ ନଥିଲେ ।

ଅଗତ୍ୟା ବୋହୂ ସୁରଭି ଆସି ପାଦ ତଳେ ପ୍ରଣାମ କଲାବେଳେ ସେ ପ୍ରକୃତିସ୍ଥ ହୋଇ ପଡ଼ିଲେ । ଏବଂ ଘର ଭିତରକୁ ଗଲେ । ମଝି ଅଗଣାରେ ବୋଉର ତୁଳସୀ ଚଉରା, ଠାକୁର ଘର, ହାଣ୍ଡିଶାଳ, ତାଙ୍କ ପଢ଼ାଘର, କାନ୍ଥ ଠଣାରେ ତୀର୍ଥସ୍ଥାନରେ ପଡ଼ି ନଥିବା ଦି ପୁରୁଷ ଅସ୍ଥି, ଢିଙ୍କିଶାଳ, ଏ ସବୁ କିଛିର ଚିହ୍ନବର୍ଣ୍ଣ ନଥିଲା । ଯେମିତି ବନ୍ୟା କିମ୍ବା ବାତ୍ୟା ପରେ ସେଇ ଶାବଳ ଘର ଖଣ୍ଡିକ ବଦଳରେ ଏକ ନୂଆଘର ଠିଆ ହୋଇଛି । ସେ ସବୁ ଆଡ଼କୁ ନିଘା କଲେ । ହେଲେ କାହିଁକି କେଜାଣି ଘରଟା ଏତେ ଆପଣାର ଆପଣାର ଲାଗୁନଥିଲା । କାହିଁ କେଉଁଠି ଦେଖା ଯାଉନି ବୋଉର ମୁହଁ । ବାରଣ୍ଡାରେ ଜେଜେଙ୍କ ଚକଲଗା ପାନବଟା କିମ୍ବା ବାପାଙ୍କ ଗମ୍ଭୀର ଚାହାଣି କେଉଁଠି ଶୁଭୁନି । କାହିଁ ଇଂଦୁନାନୀର କଅଁଳ ଡାକ ଅବା ସବାସାନ ଭଉଣୀ ମାନିର ଦୁମ୍ ଦୁମ୍ ଚାଲି ? ଅସ୍ପଷ୍ଟ ଭାବେ ବି କାହିଁ ଦିଶୁନି ଶେଫାଳୀଙ୍କ ସରୁ ଅଳତାଲଗା ଛୋଟ ଲକ୍ଷ୍ମୀପାଦ ଦୁଇଟି, କିଂବା ଶୁଭୁନି କାହିଁ ଲାଂଜ ଟେକି ଶଂଙ୍କି ବିଲେଇର ମିଆଉଁ ମିଆଉଁ ଶବ୍ଦ । କେମିତି ଗୋଟାଏ ବେଖାପିଆ ଲାଗୁଛି । ପୁରୁଣା ଘର ଜନ୍ମ ନେଇଛି ଏକ ନୂଆ ରୂପରେ । ଅତ୍ୟାଧୁନିକ ଢଙ୍ଗରେ ତିଆରି ହୋଇଥିଲା କୋଠରିଟିମାନ । ଏବଂ ତାରି ତଳେ ଚାପି ହୋଇ ଯାଇଥିଲା ତାଙ୍କ ଶୈଶବ, କୈଶୋର ଓ ଆହୁରି ଅନେକ ।

ଶକ୍ତିସୁମନ ବାରଣ୍ଡା ଚେୟାରରେ ବସିପଡ଼ିଲେ ଓ ସବୁ କୋଠରି ଆଡ଼କୁ ନଜର କରି ଖୋଜିଲେ ତାଙ୍କ ପ୍ରିୟ ବସ୍ତୁଟିକୁ । ହେଲେ କେଉଁଠି ସେ ଦେଖିପାରୁ ନଥିଲେ । ମନରେ ଆଶଙ୍କା ହେଲା କାହିଁ ପୁଅ ବୋହୂ ଅଦରକାରୀ ଜିନିଷ ମନେକରି ଫିଙ୍ଗି ଦେଇ ନାହାନ୍ତି ତ ? କାହାକୁ ପଚାରିବେ । କିଏ ବା ତା'ର କାହିଁକି ହିସାବ ରଖିବ ? ଏମିତି ଏପଟ ସେପଟ ହେଉଥିବା ବେଳେ ପିଣ୍ଟୁ ଚମକେଇ ଦେଇ କହିଲା-

''ଜେଜେ, ଏଇ ଦେଖ ମୁଁ ଗୋଟେ ଛୋଟ ବଲ୍ ପାଇଛି । ତୁମେ ବ୍ୟାଟ୍‌ଟେ ଖୋଜ । ସକାଳ ହେଲେ କ୍ରିକେଟ ଖେଳ ଖେଳିବା ଅଗଣାରେ ।''

Source: Author, Digitized by PPRACHIN, SOA

ବହୁଦିନ ପରେ ଗାଁକୁ ଫେରିବା ପାଇଁ ମନରେ ଯେଉଁ ଆନନ୍ଦ ଟିକକ ଲହଡ଼ି ଭାଂଗୁଥିଲା, ହଠାତ୍ ସେଥିରେ ଭଟ୍ଟା ପଡ଼ିଗଲା । ଗୋଡ଼ହାତ ଧୋଇ ଏଥର ସେ ଛାତ ଉପରେ ଜହ୍ନ ଆଉ ଗାଁ ଦେଖିବାକୁ ବାହାରିଲେ । ଦେଖିଲେ ସିଡ଼ି ତଳେ କିଛି ଅଦରକାରୀ ଜିନିଷ ଜମା ହୋଇଛି । ଶକ୍ତିସୁମନ ଆଉ କାଳ ବିଳମ୍ବ ନକରି ଡଗଡଗ ହୋଇ ଚାଲି ଆସିଲେ ସିଡ଼ି ତଳକୁ । ଯାହାକୁ ସେ ଏତେ ସମୟ ଧରି ଧୁନ୍ଦାଳି ହେଉଥିଲେ । ତାକୁ ଅଦରକାରୀ ମନେକରି ସେମିତି ଫିଙ୍ଗି ଦିଆଯାଇଥିଲା । ସମସ୍ତ ଶକ୍ତି ଖଟେଇ ତାକୁ ଉଧାର କଲେ ଏବଂ ବାରଣ୍ଡାରେ ଥୋଇ ନିଜ ହାତରେ ଧୂଳି ଝାଡ଼ି ଦେଲେ । ଜେଲ ଭିତରେ ଓ ବାହାରେ ଏଇ 'ଚରଖା'ଟି କେତେ ଆପଣାର ଥିଲା ତାଙ୍କର ।

ମନୋବଳ ଦୁର୍ବଳ ହୋଇପଡୁଥିବା ବେଳେ କେତେ ଉତ୍ସାହ, ଉନ୍ମାଦନା ସୂତାକଟା ସଂଗୀତ ସହିତ ସବୁ ସଂଗ୍ରାମୀଙ୍କ ମନରେ ଅନେକ ଆଶା ଆକାଂକ୍ଷା ଭରି ଦେଉଥିଲେ । କୁଟିଖାଅ କାଟି ପିନ୍ଧର ମୂଳମନ୍ତ୍ର ଥିଲା ଏଇ 'ଚରଖା' । ସେଇ ଦୁର୍ଦ୍ଦିନର ସାଥୀ । ଆଜି କିଭଳି ଅବସ୍ଥାରେ ପଡ଼ିଛି ଦେଖି ଦୁଃଖିତ ହେଲେ । ସେ ବୁଢ଼ା ହୋଇ ଯିବା ପରେ ଘର ପାଇଁ ଦେଶ ପାଇଁ ଅଦରକାରୀ ହୋଇ ଯିବାପରି ଦେଶ ସ୍ୱାଧୀନତା ପାଇବାପରେ ଏ ଚରଖାଟି ସେମିତି ଅଦରକାରୀ ହୋଇପଡ଼ିଛି । ଏକଥା ଭାବିବା ବେଳକୁ ତାକୁଡ଼ିର ସୂତା ଅତୁଆ ତତୁଆ ହେବାପରି ତାଙ୍କର ମନେହେଲା । ସେ ଅଦରକାରୀ ବୋଲି କେହି ତାଂକୁ ଫିଙ୍ଗି ଦେଉ ନଥିଲେ ହେଁ ଆଗପରି କେହି ଗୁରୁତ୍ୱ ନଦେବା ସେ ବେଶ ଅନୁମାନ କରିପାରୁଥିଲେ । ଏବଂ ଠିକ୍ ସେହିପରି ବାପାଙ୍କର ଅତିପ୍ରିୟ ବୋଲି କେହି ଫିଙ୍ଗୁ ନଥିଲେ ହେଁ, ତା ଉପରେ ଏକ ପ୍ରକାର ଅତ୍ୟାଚାର କରୁଥିଲେ । ଯାହା ତାଙ୍କୁ ଖୁବ୍ ବାଧୁଥିଲା । ହେଲେ ସେ କ'ଣ ଆଉ କରିପାରିବେ । ଧୂଳିତକ ସଫାକରି ଖଣ୍ଡେ ଛିଣ୍ଡା ଖଦଡ଼ ଧୋତି ଗୁଡ଼େଇ ତାଙ୍କ ପାଇଁ ଉଦ୍ଦିଷ୍ଟ ଖଟ ତଳେ ନେଇ ରଖିଲେ । ଏବଂ ମନସ୍ଥ କଲେ, ଗଲାବେଳେ ଏଇଟିକୁ ଏଥର ସଂଗରେ ନେଇଯିବେ । ରାତିରେ ତାଙ୍କୁ ଆଉ ନିଦ ଭଲ ହେଲାନି । ମନେ ହେଲା ଚରଖାଟି ଯେମିତି ତାଙ୍କ ଛାତି ତଳେ ଚାପି ହୋଇ ଯାଇଛି ।

ସ୍ୱାଧୀନତା ପରେ ଅନେକ ସ୍ୱପ୍ନ ଦେଖିଥିଲେ, ଗାଁରେ ରହି ନିଜ ଗାଁ, ନିଜ ଲୋକଙ୍କ ପାଇଁ କାମ କରିବେ । ହେଲେ ଶକ୍ତିସୁମନଙ୍କ ସବୁ ସ୍ୱପ୍ନ ଅଙ୍କୁରୋଦ୍‌ଗମ ଅବସ୍ଥାରେ ହିଁ ଶୁଖି ଝଡ଼ି ପଡ଼ିଲା । ଆଗେ ଗାଁ ଗାଁରେ ଥିବା ଭାଇଚାରିଆ ସ୍ନେହ, ମମତାର ପବିତ୍ରବନ୍ଧନ କ୍ରମେ ଗୋଷ୍ଠୀ ରାଜନୀତି, ହିଂସା, ପରଶ୍ରୀକାତରତାରେ ରୂପାନ୍ତରିତ ହୋଇ ଗାଁରେ ଲାଗି ରହିଲା ଗଣ୍ଡଗୋଳ, ମାଲିମକଦ୍ଦମା ଏବଂ ସବୁକୁ ତୁଟେଇ ଗାଁରେ ଶାନ୍ତିର ବାତାବରଣ ଆଣିବାକୁ ଚାହୁଁଥିବା ସଂଗ୍ରାମ ଶକ୍ତିସୁମନ ହିଁ ପ୍ରଥମେ ଗାଁ ଟାଉଟର, ବଦମାସ, ଗୁଣ୍ଡାମାନଙ୍କର ଶିକାର ହେଲେ । ଦୁଇ ଦୁଇଥର ବିନା ପ୍ରତିଦ୍ୱଂଦ୍ୱୀରେ ନିର୍ବାଚିତ ହୋଇ ଆଂଚଳିକ ଅନେକ ସମସ୍ୟାର କିଛି ଉନ୍ନତି କରିଥିଲେ ହେଁ, ତାଙ୍କ ଭିତରେ ଥିବା ସତ୍ୟତାକୁ କେହି ବୁଝିଲେନି । ଏବଂ ନିର୍ବାଚିତ ପ୍ରତିନିଧିର ସେବାକୁ ଆତ୍ମସେବାର ଏକ ସହଜ ସରଳ ଉପାୟ ରୂପେ ହସ୍ତଗତ କରିବାକୁ, ସେମାନେ ନାନା ଉପାୟରେ ତାଙ୍କୁ ବିରୋଧ କଲେ । ଶେଷକୁ ବଡ଼ପୁଅ ସ୍ୱରାଜ୍ୟ ଗାଁରେ ଖୋଲି ଦେଇଥିଲା ଏକ ସରକାର ସ୍ୱୀକୃତ ମଦ·ଦୋକାନ । ସେଇଠୁ ତାଙ୍କ ମେରୁଦଣ୍ଡ

Source: Author, Digitized by PPRACHIN, SOA

ଭାଂଗିପଡ଼ିଲା । ତାଙ୍କୁ ଦୁର୍ବଳ କରିପକାଇଲା । ଯେଉଁ ମଦ ଦୋକାନ ବିରୁଦ୍ଧରେ ଦିନେ ସେ ସଂଗ୍ରାମ କରି ଜେଲ ଯାଇଥିଲେ, ଶେଷରେ ତାଙ୍କରି ପୁଅ ତାଙ୍କର ସରଳତାର ସୁଯୋଗ ନେଇ ମଦ ଦୋକାନ ଖୋଲିବା ତାଙ୍କୁ ଖୁବ୍ ବାଧିଲା । ଏମିତିକି ତାଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ବିରୋଧର ସାମ୍ନା କରିବାକୁ ପଡ଼ିଲା । ରାତି ଅଧରେ ତାଙ୍କ ଉପରେ ଆକ୍ରମଣ ମଧ୍ୟ ହେଲା । ଅନ୍ୟାୟ ବିରୁଦ୍ଧରେ ସେ ସଂଗ୍ରାମ କରିବାକୁ ଭୟ କରୁନଥିଲେ ହେଁ ସ୍ୱରାଜ୍ୟର କାର୍ଯ୍ୟକଳାପ ତାଙ୍କୁ ଅଧିକ ଭୟଭୀତ କରି ପକାଇଲା । ଘରେ ଅଭାବ, ଅନଟନ ଲାଗିରହିଥିବା ଯୋଗୁଁ ବଡ଼ପୁଅ ସ୍ୱରାଜ୍ୟ ଉତ୍ତ୍ୟକ୍ତ ହୋଇପଡ଼ିଥିଲା ଓ ଏଭଳି ଏକ ପଦକ୍ଷେପ ନେବାକୁ ପଛେଇ ନଥିଲା । ରୋକ୍‌ଠୋକ୍ କହିଲା–

‘‘ଯଦି ବାବା ଜାଣିଶୁଣି ତାଙ୍କ ପିଲାଙ୍କ ମୁହଁରୁ ଦୁଧଗ୍ଲାସଟା ଛଡ଼େଇ ନେଲେ, ତେବେ ଦୁଧ ବଦଳରେ ମଦ ପିଇଲେ କ୍ଷତି କ’ଣ ?’’ ହେଲେ ସେ ବୁଝିଲାନି ଏମିତି କୌଣସି ଲକ୍ଷ୍ୟ ରଖି ସେ ଇଂରେଜଙ୍କ ବିରୁଦ୍ଧରେ ସଂଗ୍ରାମ କରି ନଥିଲେ ।

ଜେଲ୍‌ରେ ଥିବାବେଳେ ହିଁ ଶେଫାଳୀ ସବୁଦିନ ପାଇଁ ଚାଲିଯାଇଥିଲେ, ଅତଏବ ପିଲାମାନଙ୍କୁ ଠିକ୍ ଭାବେ ଗଢ଼ିବାରେ କେଉଁଠି ତ୍ରୁଟି ରହିଯାଇଛି ବୋଲି ସେ ଅନୁମାନ କଲେ । ସ୍ୱରାଜ୍ୟ ଠାରୁ ସଂଗ୍ରାମ କିନ୍ତୁ ଥିଲା ସଂପୂର୍ଣ୍ଣ ନିଆରା । ସ୍ୱରାଜ୍ୟ ଏବେ ପାଖ ସହରରେ ବେପାର ବଣିଜ କରି କୁଆଡ଼େ ବହୁତ ଉପରକୁ ଉଠିଗଲାଣି । ଗାଁର ସମସ୍ତ ସଂପତ୍ତି ଏବେ ସାନପୁଅ ସଂଗ୍ରାମ ମାର୍ଫତରେ ।

ଗାଁର ଲୋକ ଏବଂ ଏ ଅଂଚଳର ଅନ୍ୟାନ୍ୟ ଭଦ୍ରଲୋକମାନେ ବାରମ୍ବାର ଅନୁରୋଧ କରିବା ଯୋଗୁଁ ବାଧ ବାଧକତାରେ ସେ ଆସିଛନ୍ତି । ଆସନ୍ତାକାଲି ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ଅବସରରେ ତାଙ୍କୁ ଏଠି ସଂବର୍ଦ୍ଧନା ଦିଆଯିବ । ଅବଶ୍ୟ ଏ ସବୁର ସପକ୍ଷରେ ସେ ନ ଥିଲେ ହେଁ ଲୋକମାନଙ୍କର ଆଗ୍ରହ, ସର୍ବୋପରି ଗାଁର ମୋହ ତାଙ୍କୁ ଟାଣି ଆଣିଲା । ଆଉ ବା କେତେଦିନ । ସମୟ ଆଖର ହେଲାଣି । ସେଇ ଯେ ଗାଁ ଛାଡ଼ିଥିଲେ, ସେବେଠୁ ବଡ଼ପୁଅ ସହିତ ଦେଖା ହୋଇନି । ସେ ବି କେବେ ଆଗ୍ରହ ପ୍ରକାଶ କରିନାହିଁ ।

ସ୍ୱରାଜ୍ୟକୁ ବାଟକୁ ଆଣିବାକୁ ଶକ୍ତିସୁମନ ଅନେକ ଚେଷ୍ଟା ଯେ କରିନାହାନ୍ତି, ସେ କଥା ନୁହେଁ । ଏମିତି କି ଘରେ ସେ ସତ୍ୟାଗ୍ରହ କଲେ, କାରଣ କିଛି ଦାବି ହାସଲ କରିବାକୁ ହେଲେ ଘରେ ସତ୍ୟାଗ୍ରହ କରାଯାଉଥିଲା । ବାପୁଙ୍କ ପୂର୍ବରୁ ଏ ସତ୍ୟାଗ୍ରହ ପରିବାର ଭିତରେ ପ୍ରଚଳିତ ଥିଲା । ଅବଶ୍ୟ ଏହାକୁ ନିଷ୍ଠାରେ କେହି ପାଳନ କରୁନଥିଲେ । ବାପୁଙ୍କ ପାଖରେ ଯେ କୌଣସି କାମକୁ ନିଷ୍ଠାର ସହ ପାଳନ କରିବାର କର୍ତ୍ତବ୍ୟବୋଧ ତାଙ୍କୁ ସଫଳତା ଦେଉଥିଲା ଓ ଏଇ ସତ୍ୟାଗ୍ରହ ମାଧ୍ୟମରେ ଅନେକ ସମସ୍ୟାର ସମାଧାନ କରି ପାରୁଥିଲେ । ଘରେ ଶକ୍ତିସୁମନଙ୍କ ସତ୍ୟାଗ୍ରହ ଯୋଗୁଁ ସ୍ୱରାଜ୍ୟର ମଦ ଦୋକାନ ସିନା ବନ୍ଦ ହୋଇଗଲା, ହେଲେ ଲୁଚିଛପି ଜଂଗଲରେ ମଦ ରାନ୍ଧିବା ଭଳି ଅପରାଧମୂଳକ କାମ ତାଙ୍କୁ ଅଧିକ ମ୍ରିୟମାଣ କରିପକାଉଥିଲା ।

ମାଛି ଅନ୍ଧାରକୁ ଶକ୍ତିସୁମନ ବାହାରିପଡ଼ିଲେ ଗାଁ ଭିତରୁ ଟିକେ ବୁଲି ଆସିବେ । ସବୁ ଚିହ୍ନା ଚିହ୍ନା ଭିତରେ ଅନେକ ଅଚିହ୍ନା ରୂପ । ପିଲାବେଳେ ଖୁଦୁରୁକୁଣୀ, ଗଣେଶପୂଜା,

Source: Author, Digitized by PPRACHIN, SOA

ସରସ୍ୱତୀପୂଜା ବେଳେ ଏମିତି ସମୟରେ ପଦ୍ମା ସହିତ ଦେଖା ହେଉଥିଲା । ଲୁଚି ଛପି କଥା ହେବା ପାଇଁ କେତେ ଅପେକ୍ଷା, ତା ଭଲପାଇବାର ନିଷ୍ଠା କଳନା କରିହେବନି । କଲେଜ ଛାଡ଼ି ଶକ୍ତିସୁମନ ଯେବେ ସଂଗ୍ରାମୀଟିଏ ପାଲଟିଗଲେ ଏବଂ ଇଂରେଜମାନେ ତାଙ୍କୁ ଧରିବାକୁ ଅନେକ ଫନ୍ଦି କରୁଥିଲେ । ସେଇ ଘଡ଼ିସଂଧି ମୁହୂର୍ତ୍ତରେ ଲୁଚି ଲୁଚି ଦିନେ ପଦ୍ମା ଆସି କୁଣ୍ଢେଇ ପକେଇ କହିଲା- ''ଶକ୍ତି, ତୁମକୁ ନ ପାଇବାରେ ମୋର ଦୁଃଖ ନାହିଁ । ତେବେ ଗୋଟିଏ କାମ ମୋ ପାଇଁ ଅନ୍ତତଃ କରିଦିଅ ।''

ପଦ୍ମାର ଅନୁରୋଧରେ ଶକ୍ତିସୁମନ ଥମ୍ ହୋଇଗଲେ । କାରଣ ସେ ଯେଉଁ ବାଟରେ ଗୋଡ଼ ଦେଇଛନ୍ତି ତା'ର ପରିସମାପ୍ତି ତାଙ୍କୁ ଯେତେବେଳେ ଜଣାନାହିଁ, ସେ କେମିତି, କି ପ୍ରକାର ପ୍ରତିଶ୍ରୁତି ଦେବେ । ପଦ୍ମାକୁ ବୁଝେଇ କହିଲେ–

''ଦେଖ ପଦ୍ମା, ଆମ ଭଲପାଇବା କେବଳ ବିବାହ ବଂଧନରେ ଆବଦ୍ଧ କରିଦିଅନି । ମୁଁ ଯେଉଁ କ୍ରାନ୍ତିର ଶପଥ ନେଇଛି, ଏଠୁ ଆଉ ଫେରିବା ସମ୍ଭବ ନୁହେଁ- ଯେ ପର୍ଯ୍ୟନ୍ତ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରୁ ନାହିଁ । ତୁମେ କୁହ ପଦ୍ମା- ମାଆର ହାତ, ପାଦରେ ବେଡ଼ି ପଡ଼ିଥିବାବେଳେ; ଆମେ ତାରି ସନ୍ତାନ ହୋଇ ତା ଆଖିର ଲୁହ ଟିକେ ପୋଛି ପାରିବାନି ?''

ଶକ୍ତିସୁମନଙ୍କୁ ପଦ୍ମା ଟିକେ ହଲେଇ ଦେବାପରେ ତାଙ୍କ ଅନ୍ୟମନସ୍କତା କଟିଗଲା । ପଦ୍ମା କହିଲା–

''କ'ଣ ଏତେ ଭାବୁଛ ? କ'ଣ କହୁନ ଯେ ? ଯାହା କହିବ ଶିଘ୍ର କୁହ । ପୋଲିସ ଏବେ ତୁମ ଘର ଖାନତଲାସ କରୁଛି । ମୋତେ ଶିଘ୍ର ଫେରିବାକୁ ପଡ଼ିବ ।''

ପଦ୍ମାର ସ୍ପର୍ଶରେ ଶକ୍ତିସୁମନ କେମିତି ଦୁର୍ବଳ ଅନୁଭବ କଲେ । କହିଲେ– ''କ'ଣ ତେବେ କହୁଛ ? କୁହ ?''

ପଦ୍ମା କହିଲା– ''ଶକ୍ତି, ତୁମେ ଏତିକି କେବଳ ମୋ ପାଇଁ କର, ମୋତେ ତୁମ କ୍ରାନ୍ତି ଦଳରେ ସାମିଲ କରିନିଅ । ମୋର ଆଉ କିଛି ଦରକାର ନାହିଁ । ମୁଁ ତୁମ ସହିତ କିଛି ହେଲେ କାମ ମିଳିମିଶି କରିପାରିଲେ ମୋ ସ୍ୱପ୍ନ ସାକାର ହୋଇପାରନ୍ତା । ତୁମକୁ ନ ପାଇବାର ଦୁଃଖ ଲାଘବ ହୋଇଯାଆନ୍ତା ।''

ଶକ୍ତିସୁମନ ଅନେକ ବୁଝାଇବା ପରେ ପଦ୍ମା ତା' ଜିଦ୍‌ରେ ଅଟଳ ଏବଂ ପରେ ପଦ୍ମା ସାମିଲ ହୋଇଗଲା ଓ ଶେଷକୁ ପାଖ ଗାଁ ମାନଙ୍କରେ ଖବର ପହଞ୍ଚାଇବା, ଗାଁ ସଫେଇ, ନିରକ୍ଷରତା, ସ୍ୱାଧୀନତାର ବାର୍ତ୍ତା ପ୍ରଚାର କରିବା ଇତ୍ୟାଦି କାମରେ ଲାଗିପଡ଼ିଲା । ହେଲେ ବେଶି ଦିନ ଏକ ରକ୍ଷଣଶୀଳ ପରିବାର ବାରଣ ଯୋଗୁଁ ସେ ତିଷ୍ଠି ପାରିଲାନି । ଦିନେ ଜେଲ୍‌ରେ ଶକ୍ତିସୁମନ ଖବର ପାଇଲେ ପଦ୍ମାର ଅନିଚ୍ଛା ସତ୍ତ୍ୱେ ତାକୁ ବାହା କରାଇ ଦିଆଯାଇଛି ।

ବାହା ହେଲା ପରେ ବି ପଦ୍ମାର ସଂଗ୍ରାମ ଶେଷ ହେଲାନି ବରଂ ଏକ ନୂତନ ମୋଡ଼ ନେଲା । ହଠାତ୍ ଦିନେ ଜେଲରେ ଦେଖାହେଲେ ଜଣେ ସୌମ୍ୟକାନ୍ତ ଯୁବକ, ଦେଖୁ ଦେଖୁ ସାଥୀ ପାଦଛୁଇଁ ତାଙ୍କୁ କୁଣ୍ଢେଇ ପକେଇଲେ ଏବଂ କହିଲେ–

''ପଦ୍ମାର ଉତ୍ସାହ ଓ ପ୍ରେରଣା ହିଁ ମୋତେ ଏଭଳି ଏକ ପବିତ୍ର ପଥକୁ ଟାଣି ଆଣିଛି । ଆପଣଙ୍କ ସଂପର୍କରେ ପଦ୍ମା ପାଖରୁ ସବୁ ଶୁଣିଥିଲି । ଆଜି ମୋର ପରମ

Source: Author, Digitized by PPRACHIN, SOA

ସୌଭାଗ୍ୟ । ଆପଣଙ୍କ ସାକ୍ଷାତ ମିଳିଲା କାରଣ ଆଉ ମାତ୍ର କେତୋଟି ଦିନର ଅତିଥି ମୁଁ । ଆସନ୍ତା କାଲି ମୁଁ ଜବଲପୁର ଜେଲକୁ ସ୍ଥାନାନ୍ତରିତ ହେଉଛି । ଏବଂ ସେଇଠି ମୋତେ ଫାଶି ଦିଆଯିବ । ସେଥିପାଇଁ ମୋର ଦୁଃଖ ନାହିଁ । ହେଲେ ବଂଧୁ, ଖୁବ୍ ଶିଘ୍ର ଏ ସଂଗ୍ରାମର ଏକ ଶୁଭ ସକାଳ ଆସୁଛି ।''

ଶକ୍ତିସୁମନ ଆଶ୍ଚର୍ଯ୍ୟ ହୋଇଗଲେ । ଯୁବକଙ୍କ ଦୃଢ଼ମନୋବଳ, ଆତ୍ମୋତ୍ସର୍ଗ, ଦେଶପ୍ରେମ ଓ ପଦ୍ମାର କଥା ଶୁଣି । ଏ ସଂଗ୍ରାମ ପାଇଁ ସେ ମନେ ମନେ ପଦ୍ମାକୁ ଧନ୍ୟବାଦ ଦେଲେ ଏବଂ ତାଙ୍କ ଦୁଇହାତ ପଦ୍ମାଙ୍କ ପାଇଁ ଯୋଡ଼ି ହୋଇଗଲା ପରେ ତାଙ୍କ ପାଟିରୁ ଆପେ ଆପେ ବାହାରିଆସିଲା–

''ତୁମେ ମହୀୟସୀ ପଦ୍ମା ।''

ବିଦାୟୀ ବଂଧୁଙ୍କ ଉଦ୍ଦେଶ୍ୟରେ ସେ ଦିନ ଜେଲ୍‌ରେ ସମସ୍ତେ ଖାଇବା ବର୍ଜନ କରି ଈଶ୍ୱରଙ୍କୁ ପ୍ରାର୍ଥନା କରିଥିଲେ । ବଂଦ କୋଠରି ଭିତରେ ସେଦିନ ଶକ୍ତିସୁମନ ସ୍ପଷ୍ଟ ଦେଖିପାରୁଥିଲେ ଜଣେ ବିପ୍ଳବୀ ନାରୀର ଶୂନ୍ୟ କପାଳ ଓ ଫୁଙ୍ଗୁଳା ହାତ ।

ଏଣିକି ସେ ଆଉ ଆଗକୁ ଯାଇପାରିଲେନି । ଫେରି ଆସିଲେ ଘରକୁ । ମନେ ମନେ ଭାବିଲେ, ପଦ୍ମା ପାଇଁ ସେ ପ୍ରକୃତରେ ବହୁତ ଅନ୍ୟାୟ କରିଛନ୍ତି ?

ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ଅବସରରେ ସରକାରଙ୍କ ନିର୍ଦ୍ଦେଶାନୁସାରେ ସଂଗ୍ରାମୀମାନେ ଜନ୍ମଗ୍ରହଣ କରିଥିବା ଗାଁମାନଙ୍କରେ ଉତ୍ସବ କରାଯାଇ ତାଙ୍କୁ ସଂବର୍ଦ୍ଧିତ କରାଯିବ । ଏଣୁ ସକାଳୁ ସକାଳୁ ସରକାରୀ ବେସରକାରୀ ସଂସ୍ଥାର କର୍ମଚାରୀ ତତ୍ପର ହୋଇ ଉଠିଛନ୍ତି । ସମସ୍ତ ଆୟୋଜନ ପରେ ସଂଧ୍ୟାବେଳକୁ ନରହରିପୁର ଗାଁ ବେଶ୍ ଉତ୍ସାହ ମୁଖର । ମାନ୍ୟବର ମନ୍ତ୍ରୀ ଆସିବା ପରେ ତାଙ୍କୁ ସଭାସ୍ଥଳକୁ ପାଛୋଟି ନିଆଗଲା । ମଂଚରେ ଅପେରାରେ ରାଜା ବସୁଥିବା ସୁସଜ୍ଜିତ ଚୌକି ଧାଡ଼ିଏ କାନ୍ତର ପଡ଼ିଥିଲା । ମଂଚରେ ସଜାଯାଇଥିବା ଧାଡ଼ିକି ଧାଡ଼ି ଗଜରା ଫୁଲର ବାସ୍ନା ଉଡ଼ାରେ ଅଣାଯାଇଥିବା ଲୋକମାନଙ୍କୁ ବେଶ୍ ସତେଜ ରଖିଥିଲା ଓ ସଭାସ୍ଥଳରେ ଯୁବ ପିଢ଼ିର ଭିଡ଼ ବ୍ୟତୀତ ଆଉ କେତେ ଗାଡ଼ିରେ ବୁହାହୋଇ ଆସିଥିବା ମଳିମୁଣ୍ଡିଆ ଗାଉଁଲି ଲୋକଙ୍କୁ ମଂଚ ସାମ୍ନାରେ ବସାଇ ଦିଆଯାଇଥିଲା । ମଝିରେ ମଝିରେ ଖାଦ୍ୟ ପ୍ରସ୍ତୁତିର ସ୍ୱାଦିଷ୍ଟ ବାସ୍ନାରେ ସେମାନଙ୍କ ନାକପୁଡ଼ା ଫୁଲି ଉଠୁଥିଲା ମାନ୍ୟବର ମନ୍ତ୍ରୀ ଶକ୍ତିସୁମନଙ୍କୁ ଆସୁଥିବା ଦେଖିବ ତଡ଼ିତ ବେଗରେ ସଭା ମଂଚରୁ ଓହ୍ଲେଇ ଆସି ତାଙ୍କ ପାଦ ସ୍ପର୍ଶ କରନ୍ତେ, କରତାଳିରେ ଉଛୁଳି ପଡ଼ିଲା ସଭାସ୍ଥଳ । ଚକ୍ ଚାକ୍ ଫଟୋ ସାଂଗକୁ ଭିଡ଼ିଓ ରେକର୍ଡ଼ିଂର ଉଜ୍ଜ୍ୱଳ ଆଲୋକରେ ତାଙ୍କୁ ଝାପ୍‌ସା, ଝାପ୍‌ସା ଲାଗୁଥିଲା । ଏସବୁ ଦେଖି ତାଙ୍କ ମନରେ ପ୍ରଶ୍ନଟିଏ ଉଙ୍କିମାରିଲା, 'କ'ଣ ହେଉଛି ଏଠି ? ସରକାରଙ୍କ ତହବିଲ୍‌ରୁ ଏତେ ଟଙ୍କା ଖର୍ଚ୍ଚ କରି ଏମିତି ଗୁଡ଼ାଏ ଆୟୋଜନର ମାନେ କ'ଣ ?' ଅନେକ ପ୍ରଶ୍ନ ତାଙ୍କ ମନକୁ ଆସୁଥିଲେ ହେଁ କିଛି କରିବାର 'ଯୁ' ତାଙ୍କର ନଥିଲା ।

Source: Author, Digitized by PPRACHIN, SOA

ସଭା ଆରଂଭ ହେଲା । ମାନ୍ୟବର ମନ୍ତ୍ରୀ ମାଇକ୍ ସାମ୍ନାରେ ଗଳା ଖଙ୍କାରି ଏଥର ଆରଂଭ କଲେ ଏକ ନିର୍ବାଚନିଆ ଭାଷଣ, ଆଉ ସେଇ ଭାଷଣରେ କେବଳ ଶକ୍ତିସୁମନଙ୍କ ପ୍ରଶଂସା ହିଁ ଶହେ ଭାଗ ଭରି ରହିଥିଲା । ସେ ଏକ ମହାନ ସଂଗ୍ରାମୀ । ଏମିତିକି ସେ ସରକାରଙ୍କ ପ୍ରଦତ୍ତ ସଂଗ୍ରାମୀ ଭତ୍ତା ମଧ୍ୟ ଗ୍ରହଣ କରିନାହାନ୍ତି । ଆଜି ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ଅବସରରେ ମୁଁ ଘୋଷଣା କରୁଛି ଯେ, ନୂଆକରି ଆରମ୍ଭ ହୋଇଥିବା କଲେଜର ନାମ ଶକ୍ତିସୁମନ ମହାବିଦ୍ୟାଳୟ ରଖାଯାଉ । କଲେଜ ପାଇଁ ସମସ୍ତ ଅନୁଦାନ ମୁଁ ଏଇ ଅଳ୍ପଦିନ ମଧ୍ୟରେ ବ୍ୟବସ୍ଥା କରିଦେଉଛି ।

ଏତିକିରେ ସଭାସ୍ଥଳ କରତାଳିରେ ଉଚ୍ଛୁଳି ପଡ଼ିଲା । ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଭାଷଣ ପରେ ଶକ୍ତିସୁମନଙ୍କୁ ଉପଢୌକନ, ତାମ୍ରଫଳକ ଦେଇ ସମ୍ବର୍ଦ୍ଧନା ଦିଆଗଲା । ଏସବୁ ଶକ୍ତିସୁମନଙ୍କୁ ଆଦୌ ଭଲ ଲାଗୁନଥିଲା । କଷ୍ଟଲବ୍ଧ ସ୍ୱାଧୀନତାର ଫଳ କ'ଣ ଏୟା ? ଏଇଥିପାଇଁ କ'ଣ ତାଙ୍କ ଭଳି ଅନେକ ଯୁବକ ଡେଇଁ ପଡ଼ିଥିଲେ ସଂଗ୍ରାମକୁ ? ଠିକ୍ ଏଇବେଳକୁ ଦଳେ ଟୋକା ହୋ-ହାଲ୍ଲା କଲେଣି ଓ ମନ୍ତ୍ରୀଙ୍କ ସପ୍ତପୁରୁଷଙ୍କୁ ପୂଜା କରିବା ଆରମ୍ଭ କଲେଣି । କାରଣ ମନ୍ତ୍ରୀ କାହିଁକି ତାଙ୍କ ନୂଆ କ୍ଲବ ପାଇଁ କିଛି ଅନୁଦାନ ଘୋଷଣା କଲେନି । କେହି ଜଣେ ତାଙ୍କୁ ବୁଝେଇବାକୁ ଚେଷ୍ଟା କରୁଛି–

''ଆରେ କାହିଁକି ବ୍ୟସ୍ତ ହେଉଛ, ବଙ୍ଗଳାରେ କ୍ଲବର ସେକ୍ରେଟାରୀ ଓ ଆଉ ଦୁଇ ଚାରିଜଣ ଯାଇ ମନ୍ତ୍ରୀଙ୍କୁ ଭେଟି ତାଙ୍କର ଏଠାକୁ ଆସିବାବେଳର ପ୍ରତିଶ୍ରୁତି କଥା ମନେ ପକାଇଦେବା । ଶଳାଃ... ନ ହେଲେ ଅନ୍ୟ ମନ୍ତ୍ରୀଙ୍କୁ ଆମେ ଆଣିଥାନ୍ତେ । ଅପେକ୍ଷା କର । ସଭା ସରୁ । କିଏ କିଏ ମୋ ସହିତ ଯିବ ତାଙ୍କୁ ଠିକ୍ କର । ମନ୍ତ୍ରୀ ଏଠୁ ବାହାରିଲେ ସିଧା ବଂଗଳାକୁ ।''

କିଛି ସମୟ ପରେ ମନ୍ତ୍ରୀ ଓ ସଭା ମଧ୍ୟରୁ ଅନୁରୋଧ କରାଗଲା ଶକ୍ତି ସୁମନଙ୍କୁ ସଂବର୍ଦ୍ଧନାର ଉତ୍ତରରେ କିଛି କୁହନ୍ତୁ । କ'ଣ ସେ କହିବେ ? କିଛି ସମୟ ନୀରବରେ କଟିଗଲା ପରେ ତାଙ୍କର ମନେ ପଡ଼ିଲା ସେଇ କ୍ରାନ୍ତି ସମୟର କଥା । ସ୍ୱାଧୀନତା ସଂଗ୍ରାମର ସେଇ ସଂଗ୍ରାମୀ ଜୀବନର କଥା କହିବା ବେଳକୁ ମନ୍ତ୍ରୀ ମହୋଦୟ ନିଜ ଚୌକିରେ ଢୁଳେଇ ପଡ଼ିଲେଣି । ତାଙ୍କ ଭାଷଣ ଶୁଣିବାକୁ କାହାର ଇଚ୍ଛା ନାହିଁ । ଦଳେ ଟୋକା ସଭାପଛରେ ଗଣ୍ଡଗୋଳ ଆରଂଭ କରିଦେଲେଣି । ସରକାରୀ ରାଜକୋଷରୁ ଏମିତି ଅଯଥା ଅର୍ଥ ବରାଦ କରି ମଉଜ ମଜଲିସ୍‌ରେ ଆଜିର ନେତା ନିଜକୁ ଉତ୍ସର୍ଗ କରିବା ପରି ମନେ ହେଉଛି । ଏତିକି କହିବା ବେଳକୁ ସଭାପଛରୁ ଶୁଭୁଥିଲା–

''ଆବେ କହବେ, ଏତିକିରେ ବୁଢ଼ା ବସୁ । ପରେ ନୀତିଶିକ୍ଷା ଦେବ । ଶଳା ଗୋଟେ ବେକାର ଭାଷଣ ଚଲେଇଛି ।''

ଶକ୍ତିସୁମନ ଥରେ କହିବା ଆରଂଭ କଲେ ଆଉ ଶେଷ ହୁଏନା । ବିରକ୍ତ ହୋଇ ଦଳେ ଟୋକା ଆରଂଭ କଲେ ପାଟି । ଖୁବ୍ ଜୋର୍‌ରେ ଶୁଭୁଥିଲା– ''ଏମିତି ଭାଷଣ ଚାଲିଲେ ଖାଇବା, ପିଇବା ସବୁ ଭଣ୍ଡୁର ହୋଇଯିବ । ତା'ଛଡ଼ା ମନ୍ତ୍ରୀଙ୍କୁ ଭୁବନେଶ୍ୱର ଫେରିବାକୁ ପଡ଼ିବ । ଅନ୍ୟ ସବୁ ପ୍ରୋଗ୍ରାମ ଅଛି ।''

Source: Author, Digitized by PPRACHIN, SOA

ଯା ଭିତରେ ହଠାତ୍ କିଏ ମାଇକ୍‌ର ଲାଇନଟାକୁ କାଟିଦେଲା । ଶକ୍ତିସୁମନ ନିଜକୁ ଆୟତ୍ତ କରି ବସି ପଡ଼ିଲେ ।

ପରବର୍ତ୍ତୀ କାର୍ଯ୍ୟକ୍ରମ ଥିଲା ମନ୍ତ୍ରୀଙ୍କ ଜମିପଟ୍ଟା ବଣ୍ଟନ ଓ ଇନ୍ଦିରା ଆବାସ ଘର ବଣ୍ଟନ । ମନ୍ତ୍ରୀ ସ୍ଥାନୀୟ ତହସିଲଦାର ଦେଇଥିବା ନାମଗୁଡ଼ିକ ଡାକି ଜମିପଟ୍ଟା ବଣ୍ଟନ କରିବା ପରେ ଶକ୍ତିସୁମନଙ୍କୁ ଇନ୍ଦିରା ଆବାସ ଯୋଜନାର ଘର ଗୁଡ଼ିକ ବାଣ୍ଟିବାକୁ ଅନୁରୋଧ କଲେ । ପ୍ରଥମେ ଜଣେ ନିଃସହାୟ ମହିଳାଙ୍କୁ ଡକାଗଲା- 'ଶ୍ରୀମତୀ ପଦି ସାମଲ ।'

ଲୋକଗହଳି ଭିତରୁ ପତଳୀ, ଡେଙ୍ଗୀ, ସଫେଦ ଶାଢ଼ି ପିନ୍ଧା ସ୍ତ୍ରୀ ଲୋକଟିଏ ଉଠି ଆସିଲା । ସ୍ତ୍ରୀ ଲୋକଟିର ଲଂଗଳା ହାତଦୁଇଟା ବଢ଼ି ଆସିଲା ଶକ୍ତି ସୁମନଙ୍କ ଆଡ଼କୁ ହେଲେ କୌଣସି କାଗଜପତ୍ର ସେ ନଧରି ତାଙ୍କୁ ଏମିତି ଚାହିଁ ରହିଥିଲା ଯେ ଆଖିରେ ପଲକ ପଡୁ ନଥିଲା । ଶକ୍ତି ସୁମନ କହିଲେ–

''ନିଅ ମା' !''

ସ୍ତ୍ରୀ ଲୋକଟି ଶୁଣି ନ ଶୁଣିବା ପରି ଚାହିଁ ରହିଲା ଏବଂ କହିଲା–

''ମୋ ଆଖିରେ ପରଳ ପଡ଼ିଯାଇଥିଲେ ବି କେବେ ଫାଙ୍କି ପାରିବନି । ତୁମେ... ତୁମେ ଶକ୍ତି ତ ? ମୋତେ ଚିହ୍ନିପାରୁନ ?''

ଶକ୍ତିସୁମନ କିଛି ବୁଝିପାରିଲେନି । ମନ୍ତ୍ରୀଙ୍କ ଦେହରକ୍ଷୀ ଟିକେ ଆଗକୁ ମାଡ଼ିଆସି କହିଲା–

''ଆରେ ବୁଢ଼ୀ, ଠିଆଟା କାହିଁକି ହେଉଚୁ । ନେଇଯା ।''

ଶକ୍ତିସୁମନ କିଛିଟା ସଂଦେହରେ କହିଲେ–

''ତୁମେ.... ?

- ହଁ, ମୁଁ ପଦ୍ମା । ତୁମରି ପଦ୍ମା ।''

ଶକ୍ତିସୁମନ ନିଜକୁ ବିଶ୍ୱାସ କରି ପାରିଲେନି । ସ୍ୱାଧୀନତା ପାଇଁ ସେ କେବଳ ସିନା ଜେଲ ଭୋଗିଥିଲେ, ହେଲେ ପଦ୍ମା ସଂଗ୍ରାମର ଅନ୍ତ ନାହିଁ । ନିଜକୁ ଫାଶୀ ଖୁଣ୍ଟରେ ଝୁଲେଇ ଦେଇଥିବା ପଦ୍ମା ଆଜି ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀରେ ଇନ୍ଦିରା ଆବାସ ଘର ଖଣ୍ଡିଏ ପାଇଁ ହାତ ବଢ଼େଇ ଠିଆ ହୋଇଛି । କେମିତି ସେ ବିଶ୍ୱାସ କରିବେ ବର୍ତ୍ତମାନ ହିଁ ସତ୍ୟ । ଶକ୍ତିସୁମନ କାଗଜ ଖଣ୍ଡିକ ଟୁକୁରା ଟୁକୁରା କରି ଚିରି ପକେଇ ଦୁଃଖ ଓ ଖୁସିର ଏକ ଫେଣ୍ଟାଫେଣ୍ଟି ମୁହୂର୍ତ୍ତରେ ପଦ୍ମାକୁ କୁଣ୍ଢେଇ ପକେଇଲେ । ତାଙ୍କୁ ଲାଗିଲା ତାଙ୍କ ସଂଗ୍ରାମର ମୂକସାକ୍ଷୀ ଚରଖାଟି ତାଙ୍କ ଛାତି ଭିତରେ ଯେମିତି ଟିକ୍ ଟିକ୍ ହୋଇ ଚାଲିଛି । ହଠାତ୍ ତାଙ୍କ ଛାତିରେ କଣ ଗୋଟାଏ ଅଟକିଗଲା ଓ ସେ ସେଇଠି ଟଳି ପଡ଼ିଲେ । ପଦ୍ମା ଅପରାଧିନୀଟିଏ ପରି ଠିଆ ହୋଇଥିଲା ଆକାଶକୁ ଚାହିଁ ।

ସଂଗେ ସଂଗେ ସଭାସ୍ଥଳରୁ ଲୋକମାନେ ଛିନ୍ନଛତ୍ର ଦୌଡ଼ିବା ଆରଂଭ କଲେ । କାରଣ ମନ୍ତ୍ରୀଙ୍କ ନିରାପତ୍ତା ଦୃଷ୍ଟିରୁ ପୋଲିସ ସାଇରନ୍ ସହ ସତର୍କ କରି ଦିଆଗଲା ଯେ କେତେଜଣ ଉଗ୍ରପନ୍ଥୀ ଏଇ ଲୋକମାନଙ୍କ ଭିତରେ ସଭା ଭଣ୍ଡୁର କରିବାକୁ ରହିଯାଇଛନ୍ତି ।....

■■■

Source: Author, Digitized by PPRACHIN, SOA

ସବୁଜ ପତ୍ର ଓ ସବୁଜ ସ୍ୱପ୍ନ

ଅରବିନ୍ଦଙ୍କ ଆଖି ଛଳ ଛଳ ହୋଇଗଲା । ଯେତେବେଳେ ବୋହୂ ସ୍ନେହସୁଧା ସକାଳର ଚା' କପ୍‌ଟା ଥୋଇଦେଇ ମୁଣ୍ଡତଳକୁ କରି ଠିଆ ହୋଇ ରହିଲା, କିଛି କହିବା ଭଂଗୀରେ । ଅରବିନ୍ଦ ଚା କପ୍‌ଟା ଓଠ ପାଖକୁ ନେଉ ନେଉ କହିଲେ– ''କିଛି କହିବୁ କି ମା' ?''

ବୋହୂ ଏଥର ଅରବିନ୍ଦଙ୍କୁ ନ ଚାହିଁ କହିଲା–

''ବାବା ଉପରେ ରହୁଥିବା ମିଶ୍ର ବାବୁଙ୍କର ସମସ୍ତେ କାଲି ଗାଁକୁ ଚାଲିଯାଇଛନ୍ତି ।''

କଥା କ'ଣ ଅରବିନ୍ଦ କିଛି ବୁଝି ନ ପାରି କହିଲେ– ''ଏଥିରେ ବ୍ୟସ୍ତ ହେବାର କ'ଣ ଅଛି ମା' ? ଆମେ ଅଛେ । ଜାଫ୍ରିଜ୍ ଚାବି ପକେଇ ଦେଲେ ଚୋରୀ ହେବାର ପ୍ରଶ୍ନ ନାହିଁ । ତା' ଛଡ଼ା ଏ ଘରର ଉପର ମହଲାରେ ସେ ସବୁ ହବନି । ହଁ, କେବଳ ଉପରକୁ ଯିବା ପାଇଁ ଘରର ସିଡ଼ିଟା ଯାହା ବାହାରେ ରହିଯାଇଛି । ସେଇଥିପାଇଁ ଯାହା ଭୟ । ଉପର ମହଲାଟି ଭଡ଼ା ଦେବାକୁ ଆଗରୁ ଚିନ୍ତା କରି ସିଡ଼ିକୁ ବାହାରେ ରଖାଯାଇଛି । ନ ହେଲେ ତଳ ମହଲା ଲୋକଙ୍କର ଗୋଟେ ପ୍ରାଇଭେସି ରହିବନି ।''

ସ୍ନେହସୁଧାଙ୍କୁ ଏ ସବୁ କିଛି ଶୁଭୁ ନଥିଲା । ସେ ପୁଣି ମୁହଁ ଉଠେଇ କହିଲେ, ''ବାବା, ସେ କଥା ନୁହେଁ । ତାଙ୍କ ଘର ଚାବି ପଡ଼ିଯାଇଛି । ହକରଟା କବାଟ ତଳ ଫାଙ୍କରେ ଆଜିର କାଗଜ ଗଳେଇ ଦେଇଛି ତ ! ସେଥିପାଇଁ ଖବର କାଗଜ ଆଣି ନାହିଁ ।''

Source: Author, Digitized by PPRACHIN, SOA

ଅରବିନ୍ଦ କହିଲେ, ''ସେ ପାଇଁ ଏତେ ବ୍ୟସ୍ତ କାହିଁକି ? ଆମ କାଗଜ କଣ ଆଜି ଦେଇନି ?''

ସାହସ ସଞ୍ଚୟ କରି ସ୍ନେହସୁଧା କହିଲେ, ''ଏ ମାସ ଆରଂଭରୁ ବଂଦ କରିଦେଇଛନ୍ତି । ଘରେ ତ ଟି.ଭି. ଅଛି । ଦିନରେ ପାଞ୍ଚସାତଥର ସଂବାଦ ଦେଉଛି । ଅଯଥା କାଗଜ ମଗେଇ ଖର୍ଚ୍ଚାନ୍ତ ହେବା କାହିଁକି ? ବରଂ ପପୁଲି, ଗୁଗୁଲିର ସେଇ ପଇସାରେ ସ୍କୁଲ ଟିଫିନ୍‌ଟା ଚଳିଯିବ ।'' ଅଧେକ କଥା ପାଟିରୁ ନ ସରୁଣୁ ବୋହୂ ଟିଭି ପରଦା ଘୋଷିକା ପରି ତାଙ୍କ ସାମ୍ନାରୁ ଅପସରି ଗଲା ।

ସେ ଆଉ ଗରମ ଚା'ର ଢୋକ ଗିଳି ପାରିଲେନି । ଟି'ପୟ ଉପରେ ଚା' କପଟା ଥୋଇ ଚାହିଁ ରହିଲେ କାକଟସ୍ ଭର୍ତ୍ତି କୁଣ୍ଡକୁ । ଗୁଣ୍ଡୁଚି ମୂଷାଟେ କୁଣ୍ଡ ଭିତରକୁ ଯାଇ ଡେଇଁ ପଡ଼ିଲା ତଳକୁ । ସକାଳର ଦଳେ କାଉ କା, କା କରି ଉଡ଼ିଆସି ପଡ଼ିଶା ଘର ଛାତ ଉପରେ ଆଣ୍ଟିନା ଉପରେ ବସି ପଡ଼ିଲେ । ରାଘବ ମହାନ୍ତିଙ୍କ ସବାସାନ ପୁଅଟା ଗେଟ୍ ଖୋଲି ଭିତରକୁ ଆସିଲା ଏବଂ ଅରବିନ୍ଦଙ୍କୁ କହିଲା– ''ଜେଜେ, ଆଣ୍ଟି ଘରେ ଅଛନ୍ତି ? ବାପା ପଠାଇଥିଲେ ଦୁଧ ପଇସା ଦେବେ ।''

ମାସ ଅଧାଟାରେ ଦୁଧ ପଇସା ମାଗିବାର ଅର୍ଥ ସେ ବୁଝିପାରିଲେନି । ରାଘବ ମହାନ୍ତି ଏବେ ସେକସନ ଅଫିସର ପାହ୍ୟାକୁ ଯିବେଣି । ଏକା ଅଫିସରେ ଥିଲେ । ଅବଶ୍ୟ ମେଞ୍ଚାଏ ଛୁଆଯୋଗୁ ରାଘବ ମହାନ୍ତିଙ୍କ ଅଭାବର ଫର୍ଦ୍ଦ ଲଂବା । ଚାକେରୀ ସାଂଗକୁ ଦୁଇ ଚାରିଟା ଜର୍ସିଗାଇ ରଖିଛନ୍ତି । ଅନ୍ତତଃ ବାହାର ଖର୍ଚ୍ଚଟା ସେଇଥିରୁ ମେଣ୍ଟିଯାଏ । ନ ହେଲେ ରାଜଧାନୀରେ ଅମଲା ଚାକେରୀ କରି ଏତେ ବଡ଼ କୁଟୁମ୍ବକୁ ସମ୍ଭାଳି ପାରନ୍ତେନି । ସବୁବେଳେ କହନ୍ତି–

''ଅରବିନ୍ଦବାବୁ, ଆପଣଙ୍କର ସୁଖୀ ପରିବାର । ପୁଅଟେ, ଝିଅଟେ । ଝିଅଟେ ଗଲେ ଝିଅଟେ ଆସିବ । ପ୍ଲସ୍ ମାଇନସ୍ କ୍ୟାନ୍‌ସେଲ । ମୁଁ କେମିତି ଧନ୍ଦି ହେଉଛି ଦେଖୁନା । ଉପର ଦୁଇଟା ଝିଅ ବାହାହେବାକୁ ହୋଇଗଲେଣି । ପୁଅ ବେକାର । ପୁଣି, ତିନିଟା ମିଶି ଏବେ କଲେଜ ହାଇସ୍କୁଲରେ ଅଛନ୍ତି । ଚାକିରି ଆଉ ହାତଗଣତି କେତୁଟା ବର୍ଷ । ନା' ପୁଅ ନା' ଝିଅ କେହି ଗୋଟେ କୂଳରେ ଲାଗି ପାରିଲେନି ।''

ଦେଖାହେଲେ ରାଘବ ମହାନ୍ତି ଏୟା ହିଁ କୁହନ୍ତି । ଅରବିନ୍ଦ କିଛି କହି ପାରନ୍ତିନି । ବୋହୂ ପିଲାଟାକୁ ଟଙ୍କା ହିସାବ କରିଦେଲା ଏବଂ କହିଲା–

''କାଲି ଠୁ ଦୁଧ ଦେବନି । ପିଲାମାନେ କେହି ଜର୍ସିଗାଈକ୍ଷୀର ଖାଇବାକୁ ମଙ୍ଗୁ ନାହାନ୍ତି । ତା'ଛଡ଼ା ବାବାଙ୍କର ଅମୁଲ ଚା'ଟା ପ୍ରିୟ । ତାଙ୍କ କଥା ଚଳିଯିବ ।''

ଅରବିନ୍ଦ ଏସବୁ କଥା ଶୁଣି ଏହାର ଅସଲ ରହସ୍ୟ କଣ ବୁଝିପାରିଲେନି । ଏକ ଅଚିହ୍ନା ଅଙ୍କ ପରି ତାଙ୍କୁ ଅଡୁଆ ତଡୁଆ ଲାଗୁଥିଲା । ସେ ସବୁଆଡ଼କୁ ଚାହିଁଲେ– ତାଙ୍କୁ ସବୁ ଖାଁ ଖାଁ ଲାଗୁଥିଲା ।

କିଛି ସମୟ ପରେ କ୍ଷଣପ୍ରଭା ପଣତ କାନିରେ ବେକ ଚାରିପାଖ ଝାଳ ପୋଛି ଥକ୍କା ହୋଇ ପାଖ ଚେୟାରରେ ବସି ପଡ଼ିଲେ । ନିଜକୁ ଟିକେ ରିଲାକ୍ସ କରୁ କରୁ ଦେଖିଲେ

Source: Author, Digitized by PPRACHIN, SOA

ଅରବିନ୍ଦଙ୍କର ଗୁମ୍‌ସୁମ୍ ମୁହଁ । ବୋହୂ ଦେଇଯାଇଥିବା ଚା' ଥଣ୍ଡା ହୋଇ ସରବତ ହୋଇଗଲାଣି, ତାଙ୍କ ଛାତିରେ ଯେମିତି ଛନକା ପଶିଗଲା । ଅରବିନ୍ଦଙ୍କ ଡେଣାକୁ ହଲେଇ ଦେଇ କହିଲେ–

''ହଇ ହେ, କ'ଣ ଦେହ ଭଲ ନାହିଁ କି ? ଚା'ଥଣ୍ଡା ହୋଇଗଲାଣି ।'' ଗରମ କରି ଆଣିବି ??''

ଅରବିନ୍ଦ କୌଣସି ଉତ୍ତର ନ ଦେଇ ଥଣ୍ଡା ଚା'କୁ ଢକଢକ କରି ପି' ଦେଲେ । ସଜ ସକାଳରେ ତାଙ୍କର ଏ ଭଳି ମୁଡ୍ ଦେଖି କ୍ଷଣପ୍ରଭା ବୁଝିଗଲେ, କାରଣଟା କଣ ହୋଇପାରେ । ବେତ ଚେୟାରଟା ପାଖକୁ ଟାଣିଆଣି ଅରବିନ୍ଦଙ୍କୁ କହିଲେ, ''କାହିଁକି ମନ ଖରାପ କରୁଛ ଯେ ? କଣ ଆଉ କରିବ ସେ ? ଟୋକାଟା ଭାରି ଧଂଦି ହେଉଛି । ଏତେ ପାଠପଢ଼ି ଚାକେରୀ ଖଣ୍ଡିଏ ପାଇବନି ବୋଲି କିଏ ଜାଣିଥିଲା । ବଣିଜ ବେପାର ତା ଦେଇ ହଉନି । ଏକୁଟିଆ ପିଲାଟା କଣ ଆଉ କରିବ । ସେତେବେଳେ ବୋହୂକୁ ମନା କରି ନଥିଲେ, ହୁଏତ କେଉଁ ସ୍କୁଲରେ ମାଷ୍ଟ୍ରାଣୀ ଚାକିରୀଟେ ହୋଇଯାଇଥିଲେ କଷ୍ଟେମଷ୍ଟେ ଚଳିଯାଇଥାଆନ୍ତେ । ଉଭୟେ ଉଚ୍ଚଶିକ୍ଷିତ । ହେଲେ କଣ ହେବ । ସବୁ ଭାଗ୍ୟର ଫଳ । ସମୟର ଖେଳ । କେବଳ ତୁମ ପେନସନ୍ ଆଉ ଉପର ମହଲା ଘରଭଡ଼ା ଟଙ୍କା କେତେ ଯେ, ରାଜଧାନୀ ପରି ମହରଗ ସହରରେ ଚଳି ହେବ । ତୁମେ ନିଜେ କହୁନ । ସରକାରୀ କ୍ୱାଟର । ସରକାରୀ ପିଅନ, ପୁଜାରୀରେ ତୁମ ଅଫିସରିଆ ଦରମା ମାତ୍ର ପୁଅ, ଝିଅ ଓ ଆମ ଦୁହିଁଙ୍କୁ ମିଶେଇ ଚାରିଜଣ କୁଟୁମ୍ବଙ୍କୁ ଅକୁଳାଣ ଯେଉଁଠି ଦେଉଥିଲା, ସେଠି ତୁମ ପେନସନ୍, ଭଡ଼ାଟଙ୍କା, ନାତିନାତୁଣୀ ଚାରିଟାଙ୍କର ପାଠପଢ଼ା ଟ୍ୟୁସନକୁ ନିଅଣ୍ଟ । ଚଳିବାକୁ କଷ୍ଟ ହେବନି ? ତୁମେ ମନ ଦୁଃଖ କଲେ କଣ ହେବ । ଆମେ ଯାହା କରିବା କଥା କଲେ । ହେଲେ, ଭାଗ୍ୟରେ ନାହିଁ । କପାଳେ ଯାହା ଲେଖାଅଛି ଅଙ୍ଗେ ନିଭେଇବାକୁ ପଡ଼ିବ ।''

ଅଭାବ ଶବ୍ଦଟି କେବେ ଛୁଇଁ ନଥିବା ଅରବିନ୍ଦଙ୍କୁ ଏ ସବୁର ହିସାବ କ୍ଷଣପ୍ରଭାଙ୍କ ଠାରୁ ଶୁଣିବା ପରେ ତାଙ୍କ ମୁହଁ ବିକୃତ ହୋଇଗଲା । ଓ ସେ ଆସ୍ତେ କହିଲେ–

''ପ୍ରଭା ! ଏ ଯାଏ ଏସବୁ କାହିଁ ମୋତେ କହିନ ?''

କ୍ଷଣପ୍ରଭା କହିଲେ– ''ମୁଁ ଜାଣେ ପରା ବିବାହିତ କି ଅବିବାହିତ ହେଉ ସବୁ ପୁରୁଷଗୁଡ଼ାକ ଉଦାରିଆ । ଘର ଭିତର କଥା ଜାଣିବେ କ'ଣ ? ତୁମେ ତ ଅବସର ନେବା ପରେ ବି ସେହି ସାହିତ୍ୟ, ପଢ଼ାପଢ଼ି ଭିତରେ ବୁଡ଼ି ରହିଲ । କେବେ ପଚାରିଛ ଘର କେମିତି ଚାଲିଛି ? କେମିତି ଚଳୁଛେ ? ବରଂ ଏବେ ବାପିଠୁ ଶୁଣିଲି ତା' ଶଶୁର ମଝିରେ ମଝିରେ କିଛି ସାହାଯ୍ୟ କରୁଛି ବୋଲି ଏ ଯାଏ ସୁରୁଖୁରୁରେ ଚାଲିଛି । ମୁଁ ଜାଣିବା ପରେ ତାଙ୍କୁ ମନା କରିବାକୁ କହିଦେଇଛି ।''

ଖବରକାଗଜ ପୃଷ୍ଠାର ସଂବାଦ ପରି ଏତେ ସଂବାଦ ନିଜ ଘର ଭିତରେ ଘଟିଚାଲିଛି, ସେ ଜାଣିପାରି ନାହାନ୍ତି । ତାଙ୍କୁ ଆଶ୍ଚର୍ଯ୍ୟ ଲାଗିଲା । ସେ ଭାରି ଚିନ୍ତିତ ହୋଇ ପଡ଼ିଲେ । ଆଜୀବନ ପ୍ରେମ ପ୍ରାଚୁର୍ଯ୍ୟ ଭିତରେ ସମୟ କଟେଇ ଥିବା ଅରବିନ୍ଦଙ୍କ ପରିଣତ ବୟସରେ ଏଭଳି ଏକ ଧକ୍କା ଆସିବ, ସେ ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନ ଥିଲେ । କ୍ଷଣପ୍ରଭା

Source: Author, Digitized by PPRACHIN, SOA

ଦେଖିଲେ ଆସ୍ତେ ଆସ୍ତେ ଅରବିନ୍ଦ କେମିତି ସହଜ ହୋଇଯାଉଛନ୍ତି ଏବଂ ଏଇ ମଉକାରେ ପାଖକୁ ଲାଗି ଆସି କହିଲେ–

''ଗୋଟାଏ କଥା କହିବି କହିବି ବୋଲି କହିପାରୁନି । ଯେତେ ଯାହା ହେଲେ ବି ବାପି କେବେ ତା' କଥା ତୁମକୁ କହୁଛି । ତା ଜିଭ ଲେଉଟିବନି । ତେଣୁ ମୁଁ କହିବି ବୋଲି ଭାବୁଛି । ସବୁ ତ ଶୁଣିଲ ଗୋଟେ କାମ କଲେ ହୁଅନ୍ତାନି ?''

ଅରବିନ୍ଦ ବୁଝିପାରିଲେ ଆଉ କଣ ଖବର ଅଛି ? କ୍ଷଣପ୍ରଭା କଣ କହିବାକୁ ଚାହୁଁଛନ୍ତି ? ସେ କେବଳ ବଲବଲ କରି ଚାହିଁ ରହିଲେ ତାଙ୍କ ମୁହଁକୁ । କ୍ଷଣପ୍ରଭା ଛେପ ଢୋକି କହିଲେ–

''ଉପର ମହଲା ପରି ଏ ତଳ ଘରଟା ଭଡ଼ା ଦେଇଦେଲେ ଚଳନ୍ତାନି ? ଅନ୍ତତଃ ଏ ଘର ହଜାରେ ଦିଅନ୍ତା । ଚଳିଯାଇ ହୁଅନ୍ତା । ତେବେ.... ।''

ଅରବିନ୍ଦ କହିଲେ–

''ତୁମ ମୁଣ୍ଡ ଠିକ୍ ଅଛି ତ ପ୍ରଭା ? କିଓ ଆମେ ସବୁ କେଉଁଠି ରହିବା ? ଯାକୁ ଭଡ଼ାଦେଇ ଗାଁକୁ ଯାଇ ମୁଁ ଚଳିପାରିବିନି । ତମେ ଜାଣ ।''

କ୍ଷଣପ୍ରଭା ଏଥର ସ୍ନେହମିଶା କଣ୍ଠରେ କହିଲେ–

''ନା' ମ– ଆମେ ବି ଏଇଠି ରହିବା । ଆମ ସେଇ ବାହାଲି ଘର (ଆଉଟ ହାଉସ)ଟା ଗାଡ଼ିଟା ବିକ୍ରି ହେବାପରେ ଏବେ ଖାଲି ପଡ଼ିଛି । ଏ ଘର ପାଇଁ ଆଡ଼ଭାନ୍ସ ଟଙ୍କା ମିଳିଲେ ଆଉ ଦୁଇ ବଖରା ଆଜବେଷ୍ଟସ ପାଚେରୀକୁ ଲଗେଇ ପକେଇ ଦେଲେ ଆଉ ଅସୁବିଧା ହୁଅନ୍ତାନି । ଗାଧୁଆ ଘର ପାଇଖାନା ତ ଆଗରୁ ଅଛି । ତମେ ଖାଲି ହଁ କଲେ ସବୁର ସମାଧାନ ହୋଇଯାଆନ୍ତା ।''

କ୍ଷଣପ୍ରଭାଙ୍କ ଠାରୁ ଏ ସବୁ ଶୁଣିବା ବେଳେ ସେ ଅନୁଭବ କଲେ, ସତେ ଯେମିତି ଆକାଶଟା ଭାଂଗି ପଡୁଛି ତାଙ୍କ ଉପରେ ଖଣ୍ଡ ଖଣ୍ଡ ହୋଇ । ନିଜ ଦେହରେ ହାତମାରି ଦେଖିଲେ, ଜୀବନ ଅଛି କି ନାହିଁ ? କ୍ଷଣପ୍ରଭା ସାନ ନାତିକୁ ଛାତିରେ ଧରି ବୋକ ଦେଉଥିଲେ । ଆଉଟ ହାଉସରେ ରହିବାଟାକୁ ଅତି ସହଜ ଭାବେ ବୋଧେ ଗ୍ରହଣ କରି ନେଇଥିଲେ କ୍ଷଣପ୍ରଭା । ତେଣୁ କୌଣସି ଭାବାନ୍ତର ତାଙ୍କଠି ଦେଖାଯାଉନଥିଲା । ସେ ବେଶ୍ ସ୍ୱାଭାବିକ ଜଣାପଡୁଥିଲେ ।

ଯେଉଁମାନେ ସହରରେ ଖୁବ୍ ସୁଂଦର ଘର ତିଆରି କରନ୍ତି, ସେମାନେ ପ୍ରକୃତରେ ବୋକା । ଆରେ ଭଡ଼ାଟିଆମାନେ ପ୍ରକୃତରେ ଚତୁର । ଯେଉଁମାନେ କିଛି ଟଙ୍କା ଦେଇ ସେଇ ଭଲ ଘର ଗୁଡ଼ିକ ଉପଭୋଗ କରନ୍ତି, ଆରାମରେ ରୁହନ୍ତି । କେତେ ଆଶା ସେତେବେଳେ ଦାନା ବାଂଧିଥିଲା, ଯେତେ ବେଳେ ରାଜଧାନୀରେ ନିଜ ମନ ମୁତାବକ ଘର ଖଣ୍ଡିଏ କରିବାର ସ୍ୱପ୍ନ ଦେଖିଥିଲେ ଆଉ କ୍ଷଣପ୍ରଭା କେମିତି ବିଭୋର ହୋଇଯାଇଥିଲେ ସେଇ ଈପ୍‌ସିତ ଘରଟି ପାଇଁ । ଅଥଚ ଆଜି ? ଅରବିନ୍ଦ ମନେ ପକେଇଲେ, ସହରରୁ ବେଶ୍ ଦୂର ଥିଲା ତାଙ୍କ ଗାଁ, ପାଠ ପଢ଼ିବାକୁ ଗାଁ ଛାଡ଼ିଲେ ମାଇନର ବେଳୁ । ହଷ୍ଟେଲ ଜୀବନ ସରିବାବେଳକୁ ସରକାରୀ ଚାକେରୀ ଓ ସରକାରୀ ଘର । ଅତଏବ ନିଜ ପୈତୃକ

Source: Author, Digitized by PPRACHIN, SOA

ଅଥବା ନିଜେ ଘର ତିଆରି କରି ରହିବାର ଅବସର ତାଙ୍କୁ ମିଳିଲା ନାହିଁ ? ଘରେ ଶୈଶବର କିଛି ସମୟ ବିତିବା ପରେ ନିଜ ଘରେ ରିଟାୟାର ହେବାର କେଇଟି ବର୍ଷ ପରେ ପୁନଃ ତାଙ୍କୁ ଗୁଂଜି ହେବାକୁ ପଡୁଛି ଅନ୍ୟତ୍ର ।

ଆଉ ପିଲାମାନେ କେବେ ଅନୁଭବ କରି ନାହାନ୍ତି ନିଜସ୍ୱ ଘରର ସ୍ୱାଦ । ସରକାରୀ ଘରେ ଜନ୍ମ, ପୁଣି ସେଇଘରେ ବାହାଘର । ପୁଅ ଜନ୍ମ ହୋଇଥିଲା ବାରିପଦାରେ ଆଉ ଝିଅ ଭଂଜନଗରରେ । ଚାକେରୀ ପରି ଏଠିସେଠି ଯାଯାବର ପରି ଜୀବନରେ ପିଲାମାନେ ନିଜ ଘର କଥା କେବେ ଚିନ୍ତା କରି ନାହାନ୍ତି ।

ଅରବିନ୍ଦ ପଛକୁ ଚାହିଁଲେ । ମନେ ପଡ଼ିଲା ହଜିଲା ଅତୀତର ସ୍ମୃତି । କ୍ଷଣପ୍ରଭାଙ୍କ ସହିତ ପ୍ରଥମ ଦେଖା ଏବଂ ସେଇଠୁ ଭଲ ପାଇବାର ଅଙ୍କୁରୋଦ୍‌ଗମ । ବସ୍‌ରେ ଆସୁ ଆସୁ ହାତ ଦେଖି ଭବିଷ୍ୟତ କହିବାର ନଖରାମି କରୁ କରୁ ସେ ଅନୁଭବ କଲେ ଏକ ଅଜଣା ଶିହରଣ ଉଭୟଙ୍କ ଦେହରେ ଖେଳି ଯାଉଛି । ସେଇଠୁ ସଂପର୍କ, ଆତ୍ମୀୟତା, ଭଲ ପାଇବା । ସେତେବେଳେ କ୍ଷଣପ୍ରଭା ଅନେକ ସ୍ୱପ୍ନ ଦେଖିଥିଲେ । ସେ ସବୁ ସ୍ୱପ୍ନ ଥିଲା ଏମିତି- ନିଜସ୍ୱ ଘରଟିଏ ହେବ । ତାଙ୍କ ମନମୁତାବକ । ଘରେ କେବଳ ପୁଅଟିଏ ଝିଅଟିଏ । ଗୋଟେ ସବୁଜ ପତ୍ରିକା କରିବା, ବାସ୍ ଏତିକି । ତେବେ କ୍ଷଣପ୍ରଭା ଏତିକି ସ୍ୱପ୍ନ କାହିଁକି ଦେଖିଲେ କେଜାଣି ଆଉ କିଛି ସ୍ୱପ୍ନ ଦେଖିଥିଲେ ବୋଧେ ବର୍ତ୍ତମାନର ଅବସ୍ଥା ନଥାନ୍ତା । ସବୁ ସ୍ୱପ୍ନ ତାଙ୍କର ସଫଳ ହୋଇଛି ବୋଲି । ସେ କଣ ତେବେ ଖୁସି ଅଛନ୍ତି ? କିନ୍ତୁ ସଫଳତା ଯେ ଏବେ ଅସଫଳତାର ସିଡ଼ିରେ ଓହ୍ଲେଇ ଆସୁଛି ତଳକୁ ତଳକୁ ଫୁଲ ଫଳରେ ଭର୍ତ୍ତି ଗଛରୁ ଅକାଳରେ ଖସି ପଡୁଛି ସବୁ । ତେବେ ତ୍ରୁଟି ରହିଲା କେଉଁଠି ?

ଗୋଟେ ଛୋଟିଆ ସଂସାରର ସ୍ୱପ୍ନରେ ପୁଅ ଏବଂ ଝିଅର ପାଠପଢ଼ାର ସମସ୍ତ ଯତ୍ନ ସାଂଗକୁ ପୁଅକୁ ଅନ୍ୟତ୍ର ପଢ଼ାଇବାରେ ସେ ହେଳା କରି ନାହାନ୍ତି । ହେଲେ କୌଣସି କର୍ମ ଯୋଗାଣ ସଂସ୍ଥାରେ ଚାକେରୀ ନ କରି ପାରିବା ଯୋଗୁଁ କ୍ଷଣପ୍ରଭା ସବୁଜ ପତ୍ରିକାଟିଏ କରି ପକେଇଲେ, କାଳେ ପୁଅର ଯୋଗ୍ୟତା ଅନୁଯାଇ ସରକାରଙ୍କର ସଂରକ୍ଷଣ ନୀତିରେ ଚାକେରୀଟିଏ ମିଳିଯିବ । ହେଲେ ଏଇ ସବୁଜ ପତ୍ର ସଂଖ୍ୟା ଏତେ ହୋଇଗଲାଣି ଯେ, ଶତକଡ଼ା ପାଞ୍ଚଭାଗ ସମୁଦ୍ରକୁ ଶଙ୍ଖେ ପରି ଲାଗୁଛି ।

ସେତେବେଳେ କ୍ଷଣପ୍ରଭାଙ୍କ ମନରେ କେତେ ଉତ୍କଣ୍ଠା । ରାଜଧାନୀରେ ପ୍ଲଟଟିଏ ଯୋଗାଡ଼ ହୋଇଯିବା ପରେ ଘରଟିଏ ଠିଆ କରେଇବାରେ ସେ ହିଁ ସବୁ ଦାୟିତ୍ୱ ନେଇ ଘରଟିଏ କଲେ । ନିଜ ଇଚ୍ଛାରେ ଶୋଇବା ଘର, ଠାକୁର ଘର, ରୋଷେଇଘର ଓ ତାକୁ ଲାଗି ଖାଇବା ଟେବୁଲ ପାଇଁ ପ୍ରଶସ୍ତ ବାରଣ୍ଡା । ପିଲାଙ୍କ ପଢ଼ାଘର । ପୁଣି ପୁଅ ବୋହୂଙ୍କ ଲାଗି ଅଲଗା କୋଠରି, ପୋର୍ଟିକଟା କେମିତି ହେବ ଇତ୍ୟାଦି ନିଜେ ତଦାରଖ କରୁଥିଲେ । ଭବିଷ୍ୟନିଧି ପାଣ୍ଠିରୁ କିଛି ଟଙ୍କା ଆଣି ଉପରେ ଗୋଟାଏ ମହଲା ମଧ୍ୟ ଉଠେଇ ଦେଲେ । ଭବିଷ୍ୟତରେ ଭଡ଼ା ଲାଗି ଦୁଇ ପଇସା ଆସିବ ଏବଂ ସେୟା ହିଁ ହେଲା ।

ଝିଅ ବାହାଘର ବେଶ୍ ଧୁମ୍‌ଧାମରେ ହୋଇଗଲା ବେଳକୁ ଚାକେରୀ ମାତ୍ର ଦୁଇଟି ବର୍ଷ ଥିଲା । ସବୁଜ ପତ୍ରିକାର ସାହାଯ୍ୟ ନେଇ ବି ପୁଅ ବେକାର ହୋଇଯିବା ସମସ୍ତଙ୍କ ସ୍ୱପ୍ନ

Source: Author, Digitized by PPRACHIN, SOA

ଉପରେ ଏକ ଶକ୍ତ ଆଘାତ ଲାଗିଲା । ଅବସର ପରର ପ୍ରାପ୍ୟରୁ କିଛି ଋଣ ପରିଶୋଧ କରିବା ଏବଂ ପୁଅ ବ୍ୟବସାୟ କରିବାର ଅନେକ ଆଶା ଆରମ୍ଭ କରିଥିବା ସଂସ୍ଥା ତା ଅପାରଗପଣିଆ ଯୋଗୁ ଅଦିନ ଝଡ଼ ବତାସରେ ସମୁଦ୍ର ମଝିରେ ବୁଡ଼ିଗଲା । ପରେ ଗାଡ଼ି ଖଣ୍ଡିକ ବିକ୍ରି କରି ବକେୟା ପରିଶୋଧ କରିବାକୁ ପଡ଼ିଲା । ଆଉ ଏବେ ଚୁମ୍ବକୀୟ ଭାବେ ତା'ରି ଭିତରକୁ ଟାଣି ନେଉଛି । ପୁଅବୋହୂଙ୍କର ସଂସାର ବଢ଼ି ଚାଲିଛି । ଏମିତି ଏକ ବୋଝେଇକରା ପରିବାର ଆଗକୁ ଯାଇପାରିବ କି ନାହିଁ, ସେଇ ଆଶଙ୍କାରେ ସେ ବୁଡ଼ିଗଲେ ।

ଆଜି ଆଉଟ ହାଉସକୁ ସବୁ ଜିନିଷପତ୍ର ବୁହା ଚାଲିଛି । କ୍ଷଣପ୍ରଭା କୌଣସି ପ୍ରତିବାଦ କରିବା ଦୂରେ ଥାଉ ବରଂ ସକାଳୁ ଗାଧୋଇ ଠାକୁର ମୂର୍ତ୍ତିଗୁଡ଼ିକ ସ୍ଥାନାନ୍ତରିତ କରିବାରେ ଲାଗିପଡ଼ିଛନ୍ତି । ଅରବିନ୍ଦଙ୍କୁ ଏ ଦୃଶ୍ୟ କୋଷ୍ଟାଲ ବେଲ୍ଟରୁ କେ.ବି.କେ. ଜିଲ୍ଲାକୁ ବଦଳି ହେବା ପରି ମନେ ହେଲା । ଦୁଇ ଦିନ ପରେ ଜଣେ ନୂଆ ଭଡ଼ାଟିଆ ଟ୍ରକ ବୋଝେଇ ସଂସାରଟିଏ ଧରି ପହଞ୍ଚିଲେ । ଗୁଲୁଗୁଲୁଆ ପୁଅଝିଅ ଦୁଇଟି । ଜିନିଷପତ୍ର ଖୁନ୍ଦି ହୋଇଯାଇଛି ଘରସାରା । ଛୋଟ ପରିବାର । ଉଭୟେ ମେଳାପି । ଉପରେ ରହୁଥିବା ମିଶ୍ରବାବୁଙ୍କର ଅଡ଼ିଟ ଚାକେରୀ ଯୋଗୁ ମାସର ଅଧିକାଂଶ ଦିନ ରହୁଥିଲେ ବାହାରେ । ତେବେ ନୂଆ ମହାନନ୍ଦିଆ ବାବୁ ତାଙ୍କ ପରି ଜଣେ ପ୍ରଶାସନିକ ଅଫିସର । ତେବେ ଅରବିନ୍ଦ ସତୀର୍ଥ ବଂଧୁଟିଏ ପାଇ କିଛି ଭୁଲିଗଲେ ହେଁ, କ୍ଷଣପ୍ରଭା କିନ୍ତୁ ତାଙ୍କର ମନର ଅବସ୍ଥା ଠିକ୍ ପଢ଼ିପାରୁଥିଲେ । ସେ କଣ କେବେ ଭାବିଥିଲେ, ଘରଟିଏ ଯାହାପାଇଁ କରୁଛନ୍ତି, ସେ ଘରଟିରେ ସେ ନିଜେ ରହିବା ଦୂରେ ଥାଉ, ବରଂ ତା'ର ବାର୍ଷିକ ରକ୍ଷଣାବେକ୍ଷଣା ଖର୍ଚ୍ଚ କରିବାକୁ ସେ ଅସମର୍ଥ ହେବ ବୋଲି ଏବଂ ନିଜ ଘରଟି ଅନ୍ୟକୁ ଦେଇ ନିଜେ କେଉଁ ଅପନ୍ତରାରେ ପଡ଼ିବ ବୋଲି ? କେତେ ମର୍ମାନ୍ତକ, ଦୁଃଖଦାୟକ ଏ ଘଟଣା । ଏ ସବୁ ତାଙ୍କୁ କଣ ଅନେକ ଆଗରୁ ଚିନ୍ତା କରିବାକୁ ଥିଲା ? ଅରବିନ୍ଦଙ୍କ ମନରେ ଏଇ କଥାଟି ବାରମ୍ବାର ଆଉଡେଇ ହେଉଥିଲା । ଆଜୀବନ ସରକାରୀ କ୍ୱାଟର୍, ଚାକର, ପୂଜାରୀ ନେଇ ଅଯସରେ ସମୟ ବିତେଇଥିବା ଅରବିନ୍ଦ ନୂଆ ଘରର ସନ୍ତସନ୍ତିଆ, ପାରାଭାଡ଼ି ପରି କୋଠରି ଭିତରେ ଅଣ ନିଶ୍ୱାସୀ ହୋଇ ପଡୁଥିଲେ । ବାରଣ୍ଡା ତଳକୁ ଚୌକିଟା ପକେଇ ସେ ଅପଲକ ନେତ୍ରରେ ଚାହିଁ ରହିଥିଲେ । ନିଜ ଘର ଆଡ଼କୁ ।

ନିଜର ଝାଳ, ରକ୍ତ ମିଶା ହାତରେ ତିଆରି କରିଥିବା ମନ୍ଦିରଟିରେ ବିଗ୍ରହ ପ୍ରତିଷ୍ଠା ହୋଇଯିବା ପରେ ତାଙ୍କୁ ହିଁ ଅଛୁଆଁ କହି ଭିତରକୁ ପ୍ରବେଶ ନିଷେଧ କରାଯାଏ । ବିନା ପ୍ରତିବାଦରେ ଦେଉଳ ଚୂଡ଼ାକୁ ଦେଖି ସେଇ ମଣିଷ ଅଦୃଶ୍ୟ ଦେବତାଙ୍କ ଉଦ୍ଦେଶ୍ୟରେ ହାତ ଉଠେଇ ଖୁସି ହୋଇଯିବା ପରି ଏବେ ଅରବିନ୍ଦଙ୍କ ଅବସ୍ଥା । ସେ ଚାହିଁଥିଲେ ଘରଆଡ଼କୁ ଓ ଘରଟି କେବଳ ଅରବିନ୍ଦ ରାୟଙ୍କର ବୋଲି ଠିଆ ହୋଇଥିଲା ଏବଂ ଅରବିନ୍ଦ ପିଟିକି ପଡ଼ିଥିଲେ ପାଚେରୀ କଡ଼କୁ ।

ସଂଜ ନଇଁ ଆସିଲାଣି । ମିଷ୍ଟର ଏବଂ ମିସେସ ମହାନନ୍ଦିଆ ପୋର୍ଟିକ ତଳେ ଚେୟାର ପକେଇ ବସିଛନ୍ତି । ପିଲା ଦୁଇଟା ଖେଳରେ ମାତିଛନ୍ତି । ତାଙ୍କୁ ମନେହେଲା– କ୍ଷଣପ୍ରଭା

Source: Author, Digitized by PPRACHIN, SOA

ପରି ଏମାନେ ବି ଏମିତି ଅନେକ ସ୍ୱପ୍ନ ଦେଖୁଥିବେ ନିଶ୍ଚୟ । ଏତିକି ବେଳେ ଷ୍ଟାଣ୍ଡାର୍ଡ୍ ଥ୍ରୀରେ ପଢୁଥିବା ନାତି କହିଲା–

"ଜେଜେ, ଆମେ ଏଠି ରହିବାନି । ଏ ଘରେ ଝରକା ନାହିଁ । ପଙ୍ଖାଟା ବୁଲୁଛି ଯେ ଖଟ ଉପରେ ଠିଆ ହେଲେ ମୁଣ୍ଡ କାଟି ଦେବ । ଦେଖୁନ ପ୍ରଭାଦି (କ୍ଷଣପ୍ରଭାଙ୍କୁ ଦିଦି ଡାକନ୍ତି)ଙ୍କର ସବୁବେଳେ ଦେହ ଖରାପ ରହୁଛି । ଆଚ୍ଛା ଜେଜେ, ଆମର କ'ଣ ସିଟୁ, ମଣ୍ଟୁଙ୍କ ପରି ଘର ନାହିଁ ?"

ଅରବିନ୍ଦ କଣ କହିବେ କେମିତି ବୁଝେଇବେ । ସେ ତାକୁ କୋଳେଇ ନେଇ ହାତଠାରି କହିଲେ–

"ଏଇଟା ପରା ଆମ ଘର ।"

ପିକୁନ୍ (ନାତି) କହିଲା–

"ତେବେ ଏଠି କାହିଁକି ରହିବା । ଚାଲ ଚାଲ ଆମ ଘରକୁ ।"

ଫାଟକ ଖୋଲିବା ଶବ୍ଦରେ ପିକୁନ ଏଥର ଧାଇଁଗଲା ଏବଂ ବଡ଼ ପୁଅ ଧରିଥିବା ପରିବା ଝୁଲାରୁ ପାଉଁରୁଟିଟା ଧରିନେଲା । ଶୀତସକାଳର କୁହୁଡ଼ି ଉର୍ଣ୍ଣି ହୋଇ ଯାଇଛି ଚାରିଆଡ଼େ । ବଗିଚା ସାରା ଫୁଲ । କ୍ଷଣପ୍ରଭାଙ୍କ ହାତଲଗା ନଡ଼ିଆଗଛ ଠାରୁ ଫୁଲକୁଣ୍ଡ ପର୍ଯ୍ୟନ୍ତ ସବୁରେ ଫୁଲଙ୍କ ମେଳା । ଡାଲିଆ ଫୁଲଟା ତାଙ୍କର ସବୁଠୁ ବେଶୀ ପ୍ରିୟ ବୋଲି ଅଧିକ ଯତ୍ନ ନିଅନ୍ତି । ଏବେ ବୋଧେ ଫୁଲ ଫୁଟିବ । ସପ୍ତାହଟେ କଟିଗଲାଣି । କ୍ଷଣପ୍ରଭା ଶେଯରୁ ଉଠୁନାହାନ୍ତି । ପାଖରେ ବସୁ ବସୁ କ୍ଷୀଣ କଣ୍ଠରେ କହିଲେ–

"ସମୟ ପାଖେଇ ଆସିଲାଣି । ଏ ପଡ଼ନ୍ତିକାଳରେ ତୁମେ ଥାଉ ଥାଉ ମୁଁ ଆଗେ ଚାଲିଯିବା ଭଲ ।"

ଅରବିନ୍ଦ ଆଉ କିଛି ନ ଶୁଣି ଚାଲି ଆସିଲେ ବାହାରକୁ । ମନେହେଲା, ସବୁ ଫୁଲ ଯେମିତି କ୍ଷଣପ୍ରଭାଙ୍କ ଶୋଇବା ଘର ଆଡ଼କୁ ତାଙ୍କର ହାତର ସ୍ପର୍ଶ ପାଇଁ ଚାହିଁ ରହିଛନ୍ତି । ଟିକିଏ ପରେ ବୋହୂ ଡାକ ପକେଇଲେ–

"ବାବା, ସବୁ ସରିଗଲା ।"

ଏବେ କ୍ଷଣପ୍ରଭା ଚାଲିଗଲେ ।

କୁହୁଡ଼ି ସବୁ ସଫା ହୋଇଗଲା । ପ୍ରଭାଙ୍କ ଶବ ଉଠିବ । ଅଥଚ ନିଜ ଘରୁ ନୁହେଁ । ଅରବିନ୍ଦ ମୂକଟିଏ ପରି ଛିଡ଼ା ହୋଇଥିଲେ । ମନକୁ ମନ କହିଲେ – ଘର ଭିତରକୁ ନ ହେଲେ ନାଇଁ, ଅନ୍ତତଃ ପୋର୍ଟିକ ତଳୁ ତାଙ୍କୁ ବୁଲେଇ ଆଣରେ । ସେ କଣ କହୁଥିଲେ, କାହାକୁ କିଛି ଶୁଭୁନଥିଲା । ଅରବିନ୍ଦ କ୍ଷଣପ୍ରଭାଙ୍କ ଶବକୁ ଫାଟକ ଯାଏ ବାଟେଇ ଦେଇ ଆସିଲେ । ମିସେସ୍ ମହାନନ୍ଦିଆ ମୁଣ୍ଡ ଅଧାଯାଏ ଲୁଗାଦେଇ ପୋର୍ଟିକ ତଳେ ଠିଆ ହୋଇଥିଲେ । ତାଙ୍କୁ ଲାଗିଲା, କ୍ଷଣପ୍ରଭା ଯେମିତି ତାଙ୍କରି ଅପେକ୍ଷାରେ ଆସିବା ବାଟକୁ ଚାହିଁ ଠିଆ ହୋଇଛନ୍ତି । ସାନ ନାତିକୁ କୋଳକୁ ଉଠେଇ ନେବା ବେଳକୁ ପିକୁନ୍ କହିଲା–

"ଜେଜେ, ହେଇ ଦେଖ ଦେଖ ଡାଲିଆ ଫୁଲଟେ ଫୁଟିଛି ।"

■■■

Source: Author, Digitized by PPRACHIN, SOA

ଆଧୁନିକୋତ୍ତର ଓଡ଼ିଆ ଗଳ୍ପକାରିତାର ଗବାକ୍ଷପଥରେ ଏକ ସ୍ବୟଂ-ପ୍ରତୀତ ଅଭିଜିତ୍-ନକ୍ଷତ୍ର : ସୁରେଶ ଛୋଟରାୟ ।

ଏକପ୍ରକାର କାବିକ୍ୟ କାରୁଣ୍ୟ ସହିତ ତାଙ୍କ ଗଳ୍ପଗୁଡ଼ିକରେ ଅଛି ଫେରାର୍ ଫୁଲର ଫରିଯାଦ୍... ନିଖୋଜ୍ ସ୍ୱପ୍ନର ନାନାବାୟା ଏବଂ ରକ୍ତାକ୍ତ ଋତୁର ରବାୟତ୍ । ସ୍ୱପ୍ନ ପାଖକୁ ମୁହାଁଇ ଯାଉ ଯାଉ ନିଷ୍ଠୁର ନିର୍ଘାତ ବାସ୍ତବତା ସହିତ ଦୁର୍ଘଟଣାଗ୍ରସ୍ତ ହୁଅନ୍ତି ତାଙ୍କ ଚରିତ୍ରମାନେ ଏବଂ ସୁନେଲି ଡେଣା ପିଟିପିଟି ସୁଖ-ସମୁଦ୍ରରେ ପହଁରୁ ପହଁରୁ ଦୁଃଖର ଦାରୁଚିନି ଦ୍ୱୀପରେ ପହଂଚିଯାଏ ତାଙ୍କ କଥା-କପୋତ । ଅତୀତାୟମାନ ବର୍ତ୍ତମାନର ସ୍ମୃତି-ରୋମନ୍ଥନ ମଧ୍ୟରେ ପ୍ରତିଭାତ ହୁଏ ଏକ ପୃଥକ୍ ପ୍ରେମର ପୁଷ୍ପୋଦ୍ୟାନ, ଯାହା ଆରପଟେ ଏକର ଏକରବ୍ୟାପୀ ଏକାନ୍ତ ଏରକାର ଐତରେୟ ଐତିହ୍ୟ !

ସୁରେଶ ଛୋଟରାୟ ସୂକ୍ଷ୍ମ ସୌକୁମାର୍ଯ୍ୟର ଶିଳ୍ପୀ । ତାଙ୍କ କଥାଶିଳ୍ପ– କାଗଜ-କଳିକାର କୃଚ୍ଛ୍ର କାରୁକାର୍ଯ୍ୟ ନୁହେଁ, ବରଂ ଅଂତର୍ନିହିତ ଆତ୍ମିକତାର ଅନ୍ତରୀଣ ଅଭିବ୍ୟକ୍ତିରେ ଅନବଦ୍ୟ । ପ୍ରଥମେ ହୁଏତ ଦୃଶ୍ୟସ୍ଥ ହୋଇ ଥାଇପାରେ କେଉଁ ଭଗ୍ନ ମୁଖଶାଳାର ନଗ୍ନ ମୈଥୁନଚିତ୍ର, ମାତ୍ର ଅନତିଦୂର ଅଭ୍ୟନ୍ତରରେ ଉପଲବ୍ଧ ହୁଏ ସେଇ ଅନ୍ତରଙ୍ଗ ଅନ୍ତର୍ଦୃଷ୍ଟିର ଈଷତ୍ ଈଶ୍ୱରୀ – ଯାହାକୁ ନେଇ ତାଙ୍କ ଗଳ୍ପ ଆମକୁ ମନେପକାଇଦିଏ ଏକ ମନୋଜ୍ଞ ମନ୍ଦିରର ମହିମାନ୍ୱିତ ମାହାତ୍ମ୍ୟ ।

ତିନି ଦଶନ୍ଧିରୁ ଊର୍ଦ୍ଧ୍ୱକାଳବ୍ୟାପୀ ସର୍ଜନଶୀଳତାର ପ୍ରାଂଜଳ ପୃଷ୍ଠଭୂମିରେ ଶ୍ରୀ ଛୋଟରାୟଙ୍କ ଗଳ୍ପପୁରୁଷ ନିଜ ପାଇଁ ସୃଷ୍ଟି କରିପାରିଛି ସଂଶୟମୁକ୍ତ ସ୍ଥିତିଟିଏ । 'ମୋ ଶବ ଓ ଅନ୍ୟାନ୍ୟ ଗଳ୍ପ', 'ସମୟ ସ୍ୱପ୍ନ' ଏବଂ 'ନିଜ ନିଜ ସାମ୍ନାରେ' ପରେ 'ନୀଳ ଆଖିର ମାୟା' ତାଙ୍କର ଚତୁର୍ଥ କଥାକୃତି ।

Source: Author, Digitized by PPRACHIN, SOA